R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୫୯
ତିଥି : ତ୍ରୟୋଦଶୀ
୦୩ ଡିସେମ୍ବର ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 59
03 December 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଏସ୍ଆଇଆର ପ୍ରସଙ୍ଗରେ ସରକାର ଆଲୋଚନା ଲାଗି ରାଜି

ନୂଆଦିଲ୍ଲୀ, ୨ ।୧୨ : ସଂସଦର ଶୀତ ଅଧିବେଶନ ଆରମ୍ଭରୁ ବିରୋଧୀ ସଦସ୍ୟମାନେ ୧୨ ରାଜ୍ୟରେ ହେଉଥିବା ସ୍ୱେଶାଲ ଇଣ୍ଟେନ୍ସିଭ୍ ରିଭିଜନ (ଏସ୍ଆଇଆର) ସମ୍ପର୍କରେ ଆଲୋଚନା କରିବାକୁ ଦାବି କରିଛନ୍ତି। ଦୁଇଦିନ ହେଲା ଗୃହ କାର୍ଯ୍ୟ ଚାଲିପାରୁନାହିଁ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ସଂସଦରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସରକାର ଏସ୍ଆଇଆର ପ୍ରସଙ୍ଗରେ ଆଲୋଚନା କରିବାକୁ ରାଜି ହୋଇଛନ୍ତି ।

ସରକାରଙ୍କ ପକ୍ଷରୁ ନିର୍ବାଚନ ସଂସ୍କାର ନେଇ ଏକ ବିସ୍ତୃତ ଆଲୋଚନା ପାଇଁ ଯୋଜନା କରାଯାଉଛି। ତେବେ ବିରୋଧୀ ସଦସ୍ୟମାନେ ଯଦି ହଟ୍ଟଗୋଳ ଜାରି ରଖନ୍ତି ତେବେ ସରକାର ସେ ଆଣିଥିବା ବିଲ୍‌ଗୁଡ଼ିକୁ




ପାରିତ କରିବାକୁ ଚେଷ୍ଟା କରିବେ। ଭୋଟର ତାଲିକା ଶୁଦ୍ଧିକରଣ ଉପରେ ସବୁ ପ୍ରକାର ଆଲୋଚନାକୁ ସରକାର ରାଜି ଥିବା କହିଛନ୍ତି। ତେବେ ଏହା ଚଳିତ ସପ୍ତାହରେ ନୁହେଁ, ବରଂ ଡିସେମ୍ବର ୧୦ରେ ସରକାର ଏହି ପ୍ରସଙ୍ଗରେ ବିତର୍କ କରିବାକୁ ଚାହୁଁଥିବା ଜଣାପଡ଼ିଛି। ଏଥିରେ ବିରୋଧୀ ରାଜି ହେଉଛନ୍ତି କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରମନ୍ତ୍ରୀ କିରଣ ରିଜ୍‌ଜୁ କହିଛନ୍ତି ଯେ ସରକାର ପ୍ରଥମେ ୧୫୦ ବର୍ଷ ପୂରଣ ହେଉଥିବା ବନ୍ଦେ ମାତରମ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଛନ୍ତି। ପ୍ରଥମେ ଏହାକୁ ଗୁରୁତ୍ୱ ଦିଆଯିବ। ନଭେମ୍ବର ୭ରୁ ବନ୍ଦେ ମାତରମକୁ ୧୫୦ ବର୍ଷ ପୂର୍ତ୍ତି ହୋଇସାରିଛି। ଏହି ଆଲୋଚନାକୁ ପ୍ରାଧାନ୍ୟ ଦିଆଯିବା ଦରକାର। ଆଜି ଶୀତ ଅଧିବେଶନର ଦ୍ୱିତୀୟ ଦିନରେ ବି ବିରୋଧୀମାନେ ଏହି ପ୍ରସଙ୍ଗ ଉଠାଇ ଗୃହକୁ ଅଚଳ କରିଛନ୍ତି। ରାଜ୍ୟସଭାରେ ଏହା ଉପରେ ଆଲୋଚନା ଲାଗି ବିରୋଧୀ ସଦସ୍ୟମାନେ ଦାବି କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜ୍‌ଜୁ ବିଭିନ୍ନ ଦଳର ନେତାଙ୍କ ସହ ଆଲୋଚନା କରିଛନ୍ତି। ଅଧିକାଂଶ ବିରୋଧୀ ସାଂସଦ ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଉଛନ୍ତି। ଅପରପକ୍ଷରେ ସରକାର ଆଲୋଚନା ମାଧ୍ୟମରେ କେତେ ସମୟ ଆଲୋଚନା ହେବ ସ୍ଥିର କରାଯାଉ। ଦେଶରେ ଅନେକ ସମସ୍ୟା ରହିଛି। କେଉଁ ପ୍ରସଙ୍ଗକୁ ପ୍ରଥମେ ନିଆଯିବ ତାହା ବିଚାର କରିବା ଆବଶ୍ୟକ। ସବୁ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ। ବିରୋଧୀ ଦଳକୁ ମନ୍ତ୍ରୀ ସମାଲୋଚନା କରି କହିଛନ୍ତି ଯେ ଆପଣମାନେ ନିର୍ବାଚନ ଜିତିପାରୁନାହାନ୍ତି, (୯ ପୃଷ୍ଠାରେ)

- ୮ରେ ହେବ ବନ୍ଦେ ମା'ତମର ବିତର୍କ
- ବିରୋଧୀଙ୍କ ପକ୍ଷରୁ ଏସ୍ଆଇଆର ବିରୋଧରେ ପ୍ରତିବାଦ ଜାରି
- ଆସନ୍ତା ସପ୍ତାହରେ ହୋଇପାରେ ଆଲୋଚନା

## ପିଏମ୍ଓର ନୂଆ ନାଁ 'ସେବାତୀର୍ଥ'



ନୂଆଦିଲ୍ଲୀ, ୨।୧୨ : ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ନାମ ବଦଳି ଯାଇଛି। ଏଣିକି ପିଏମଓ ସେବାତୀର୍ଥ ନାଁରେ ପରିଚିତ ହେବ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସେବାତୀର୍ଥ ନାମରେ ନାମିତ ହେବା ସହ ବିଚାର ମଧ୍ୟ ବଦଳି ଯାଇଛି । ପରିବର୍ତ୍ତିତ ନାମରେ ରହିଛି ଜନକଲ୍ୟାଣ ବାର୍ତ୍ତା ।

ଏହିକ୍ରମରେ କେନ୍ଦ୍ର ସଚିବାଳୟ ନାମ ହେଲା କର୍ତ୍ତବ୍ୟ ଭବନ। ପିଏମଓର କାର୍ଯ୍ୟଶୈଳୀ ଏବଂ ସାର୍ବଜନୀନ ସେବା ପ୍ରତି ସମର୍ପଣ ଭାବକୁ ସ୍ୱୀକୃତି ଦେଇ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଏହି ପରିବର୍ତ୍ତନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପିଏମଓକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଲଭ କରିବା, ଯାହାଦ୍ୱାରା ଲୋକମାନେ ସେମାନଙ୍କର ସମସ୍ୟା (୯ ପୃଷ୍ଠାରେ)

### ଚନ୍ଦନପୁର ଜାତୀୟ ରାଜପଥ ସୁନା ଅଳଙ୍କାର ଲୁଟ ଘଟଣାର ପର୍ଦ୍ଦାଫାଶ

## ୪ ଗିରଫ : ସୁନା ଚେନ, ରୂପା ଜବତ

ପୁରୀ, ୨ ।୧୨ (ସବ୍ୟୁ) : କିଛି ଦିନ ତଳେ ଚନ୍ଦନପୁର ଥାନା ଅଧୀନରେ ଲୁଟ ହୋଇ ଥିବା ସୁନା ଅଳଙ୍କାର ଡକାୟତି ଘଟଣାକୁ ନେଇ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଯାହାକୁ ପୁରୀ ଜିଲ୍ଲା ପୋଲିସ ଗମ୍ଭିରତାର ସହ ନେଇ ଥିଲା। ଲୁଟ ଘଟଣାର ସାମିଲ ଥିବା ଦାକାୟତଙ୍କୁ ଧରିବା ପାଇଁ ଛାନ ଭିନ ଆରମ୍ଭ କରି ଥିଲା। ଏହି ଘଟଣାରେ ଆଜି ପୁରୀ ଜିଲ୍ଲା ପୋଲିସ ପ୍ରଶାସନକୁ ବଡ ସଫଳତା ମିଳିଛି। ଏହି ସ୍ୱର୍ଣ୍ଣ ଅଳଙ୍କାର ଲୁଟ ଘଟଣାର ଖୁଲାସା କରିଛି ପୋଲିସ। ଡକାୟତି ଗ୍ୟାଙ୍ଗର ୭ ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ଗିରଫ କରିଛି ପୋଲିସ। ତେବେ ଏହି ଘଟଣାରେ ୩ ଜଣ ଏବେ ବି ଫେରାର ଅଛନ୍ତି। ଅପରେସନ ହ୍ୱାଇଟ ମେଟାଲ ନାମରେ ପୋଲିସର ଏହି ସ୍ୱତନ୍ତ୍ର ଅପରେସନ ଆରମ୍ଭ ହୋଇଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଡକାୟତି ଘଟଣାରେ ଜଣେ ଛାତ୍ରଙ୍କ ସହ ରାଜ୍ୟ ବାହାରର ଜଣଙ୍କ ସଂପୃକ୍ତି ରହିଛି। ଚନ୍ଦନପୁର ସୁନା ଦୋକାନୀ ସଞ୍ଜୟ ଦାସଙ୍କ ଠାରୁ ୫୦ ଲକ୍ଷ ଲୁଟ ଘଟଣାରେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଓ ପୁରୀ ଏସପି ପ୍ରତୀକ ସିଂହ ମଙ୍ଗଳବାର ମଧ୍ୟାହ୍ନରେ ମିଳିତ ପ୍ରେସ ମିଟ କରି ଏହି ସୂଚନା ଦେଇଛନ୍ତି। ଗିରଫ ହୋଇ ଥିବା ଡ଼କାୟତଙ୍କ ଠାରୁ ପୋଲିସ ୧୩୨ ଗ୍ରାମର ୮ଟି ସୁନା ଚେନ୍ ,୩୧ କେଜି ରୂପା ,୬ ଲକ୍ଷ ଟଙ୍କା ,ଗୋଟିଏ କାର ,୬ ଟି ମୋବାଇଲ ଫୋନ୍, (୯ ପୃଷ୍ଠାରେ)



## ଓଡ଼ିଶା ଜନ ବିଶ୍ୱାସ ବିଲ୍ ପାରିତ

ଭୁବନେଶ୍ୱର, ୨ ।୧୨ (ସବ୍ୟୁ) : ବିଧାନସଭାରେ ଓଡ଼ିଶା ଜନ ବିଶ୍ୱାସ ବିଲ୍ ୨୦୨୫ ପାରିତ ହୋଇଛି। ବିଲ୍‌କୁ ବିରୋଧୀ ସଦସ୍ୟମାନେ ବିରୋଧ କରି କେତେକ ସଂଶୋଧନ ପ୍ରସ୍ତାବ ଦେଇଥିଲେ। ମାତ୍ର ଏହାକୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ଦାବି ରଖିଥିଲେ। ତେବେ ସରକାରଙ୍କ ପକ୍ଷରୁ ଏହି ବିଲ୍‌କୁ ପାରିତ କରାଯାଇଛି। ବିରୋଧୀଙ୍କ ଦାବି ଅଗ୍ରାହ୍ୟ ହୋଇଥିବାରୁ ସେମାନେ ପ୍ରତିବାଦରେ କକ୍ଷ ତ୍ୟାଗ ମଧ୍ୟ କରିଛନ୍ତି।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗତକାଲି ଏହି ବିଲ୍‌କୁ ଆଗତ କରିଥିଲେ। ଏହା ଉପରେ ଆଜି ବିସ୍ତୃତ ଆଲୋଚନା କରାଯାଇଥିଲା। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଏହା ଜନବିଶ୍ୱାସ ନୁହେଁ, ଅବିଶ୍ୱାସର ବିଲ୍। ଦଣ୍ଡକୁ ବଦଳାଇ ଜରିମାନାରେ ପରିବର୍ତ୍ତନ କରାଯାଇଛି। ନାଗରିକମାନଙ୍କୁ ଅଗ୍ରାଧିକାର ନ ଦେଇ ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଛି। ୧୬ଟି ବିଲ୍‌କୁ ସରକାର ସଂଶୋଧନ କରିବେ। ଏହାକୁ ଅଧିକ ବିଚାର ବିମର୍ଷ ପାଇଁ ସିଲେକ୍ଟ କମିଟିକୁ ପଠାଯାଉ। କଂଗ୍ରେସ ବିଧାୟକ ରାଜନ୍ ଏକ୍କା ଜରିମାନାକୁ ଦଣ୍ଡ ଓ ଦଣ୍ଡକୁ ଜରିମାନା କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ। ବିଧାୟକ ଧ୍ରୁବଚରଣ ସାହୁ ବିଦ୍ୟୁତ୍ କର ସଂଶୋଧନ ଉପରେ ବ୍ୟାପକ ଆଲୋଚନା କରାଯାଉ। ବିଧାୟକ ଗୌତମ ବୁଦ୍ଧ ଦାସ କହିଥିଲେ ଯେ ଏହା କର୍ପୋରେଟ୍ ସପକ୍ଷ ବିଲ୍ ବୋଲି ମତ ଦେଇଥିଲେ। ୨୦୨୩ରେ ଏହି ଜନ ବିଶ୍ୱାସ ବିଲ୍ ସଂସଦରେ ଲୋକସଭାରେ ଉପସ୍ଥାପିତ ହୋଇଥିଲା ଓ ଏହାକୁ ସିଲେକ୍ଟ କମିଟିକୁ ପଠାଯାଇଛି। ଏଥିପାଇଁ ଏତେ ତରବର କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ବିଲ୍ ଆଗତ କରି ମନ୍ତ୍ରୀ କହିଥିଲେ ଯେ ଭାରତ ସରକାର ନାଗରିକମାନଙ୍କ ପାଇଁ ଏକ ବିଶ୍ୱସନୀୟ ଶାସନ ପଦ୍ଧତି ପ୍ରଣୟନ ନିମନ୍ତେ ପଦକ୍ଷେପ ନେଉଛନ୍ତି। ଯେଉଁଥିରେ ମାତ୍ରାଧିକ ନିୟନ୍ତ୍ରଣ ଏବଂ ଛୋଟ ଅପରାଧର କାରାଦଣ୍ଡ ବିଧାନ ଦ୍ୱାରା ବ୍ୟବସାୟ, ନାଗରିକ ଓ ପ୍ରତିଷ୍ଠାନ ଉପରେ ହେଉଥିବା (୯ ପୃଷ୍ଠାରେ)



- ବିଲ୍‌ରେ ରହିଛି ୧୬ଟି ଆଇନ୍
- ଜୁଆ ରୋକିବାକୁ ଆସିବ ଆଇନ୍
- ୧୬୧ ଆଇନ୍‌ଗତ ବ୍ୟବସ୍ଥାରେ ସଂସ୍କାର
- ୫୦ କାରାଦଣ୍ଡ ବ୍ୟବସ୍ଥା ସରଳ
- ୧୧୧ ଜରିମାନା ଧାର୍ଯ୍ୟ ବ୍ୟବସ୍ଥାକୁ ଆର୍ଥିକ ଦଣ୍ଡ
- କାରାଦଣ୍ଡ ଧାରାକୁ ଜରିମାନାରେ ପରିବର୍ତ୍ତନ
- ୪ ପ୍ରମୁଖ ସଂଶୋଧନ ପ୍ରସ୍ତାବ
- ବିଲ୍‌କୁ ବିରୋଧ କରି ବିରୋଧୀଙ୍କ କକ୍ଷତ୍ୟାଗ

## ଟଙ୍କା ପରିଶୋଧ ପରେ ଟାଣିଲେ ଗାଡି, ରିକଭରୀ ଏଜେଣ୍ଟ ଗିରଫ



ଭୁବନେଶ୍ୱର, ୨ ।୧୨ (ସବ୍ୟୁ) : ଲୋନ ଟଙ୍କା ପରିଶୋଧ ପରେ ଡାକ୍ତର ପରିବାରକୁ ରାସ୍ତାରେ ନିର୍ଯାତନା ଦେଇ ଗାଡି ଟାଣିଥିବା ରିକଭରି ଏଜେଣ୍ଟ ଦୀପକ କୁମାର ବଳିଆର ସିଂ(୪୫)କୁ ଗିରଫ କରିଛି ସହିଦନଗର ଥାନା ପୋଲିସ । ଅଭିଯୁକ୍ତ ଦୀପକ ରେପୋ ଗ୍ୟାଙ୍ଗ୍‌ର ମୁଖ୍ୟ ଭାବେ କାମ କରୁଥିଲା । କାରଣ ଯେଉଁ ମା'ଭଗବତୀ ଆସୋସିଏଟ ବ୍ୟାଙ୍କମାନଙ୍କରୁ ରିକଭରି ପାଇଁ ଅନୁମତି ପାଇଥିଲା ସେ ସେହି ସଂସ୍ଥାର ମାଲିକ ।

ଅଭିଯୋଗକାରୀ କୁଲଦୀପ ମାର୍ଣ୍ଡି (୩୦) ଜଣେ ଡ୍ରାଇଭର। ତ୍ରିନାଥ ଦାସଙ୍କ ମାଲିକାନାରେ ଥିବା (୯ ପୃଷ୍ଠାରେ)

## ୪ ବର୍ଷରେ ୧୬୮ ନକଲି ଔଷଧ ଚିହ୍ନଟ

ଭୁବନେଶ୍ୱର, ୨ ।୧୨ (ସବ୍ୟୁ) : ରାଜ୍ୟରେ ନକଲି ଔଷଧ ମିଳୁଛି। ୪ ବର୍ଷରେ ୧୬୮ ନକଲି ଔଷଧ ଓ ୩୮୮ଟି ନିମ୍ନମାନର ଔଷଧ ଚିହ୍ନଟ ହୋଇଛି। ଗତ ୪ ବର୍ଷରେ ୨.୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନକଲି ଔଷଧ ଜବତ କଲେଣି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କର ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ ୧୬୮ଟି ସନ୍ଦେହଜନକ ଔଷଧ ଚିହ୍ନଟ କରାଯାଇ ଜବତ କରାଯାଇଛି। ୪ ବର୍ଷରେ ଏହା ହୋଇଛି। ୩୮୮ଟି ନିମ୍ନମାନର ଔଷଧ ମଧ୍ୟ ଚିହ୍ନଟ କରାଯାଇଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ପାନ୍-୪୦, ପାନ୍‌ଟପ୍, (୯ ପୃଷ୍ଠାରେ)



## ଇତିହାସ

୧୮୨୯– ଭାଇସ୍‌ରଏ ଲର୍ଡ଼ ୱିଲିଅମ୍ ବେଣ୍ଟିକ୍ ଭାରତରେ ସତୀପ୍ରଥା ଉପରେ ପ୍ରତିବନ୍ଧକ ଲଗାଇଲେ ।

୧୮୮୪– ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ଜନ୍ମ ।

୧୮୮୯– ସ୍ୱତନ୍ତ୍ରତା ସେନାନୀ ଖୁଦୀରାମ ବୋଷଙ୍କ ଜନ୍ମ ।

୧୯୭୧– ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ଦେଶରେ ଆପାତକାଳୀନ ସ୍ଥିତି ଲାଗୁ ହେଲା ।

୧୯୭୯– ପ୍ରଖ୍ୟାତ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦଙ୍କ ପରଲୋକ ।

୧୯୮୨– ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ଦୁଇଟି ଶତକ କରିଥିବା ପ୍ରଥମ ମହିଳା ଭାରତୀୟ କ୍ରିକେଟର ମିତାଲୀ ରାଜ୍‌ଙ୍କ ଜନ୍ମ ।

୧୯୮୪– ଭୋପାଳସ୍ଥିତ ୟୁନିୟନ୍ ଫ୍ୟାକ୍ଟ୍ରିରେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୩,୭୮୭ ଜଣ ଲୋକଙ୍କ ମୃତ୍ୟୁ ।

୨୦୧୧– ଫିଲ୍ମ ଅଭିନେତା ତଥା ନିର୍ମାତା ଦେବ ଆନନ୍ଦଙ୍କ ଦେହାନ୍ତ ।

୨୦୧୨– ଫିଲିପିନ୍ସରେ ବାତ୍ୟା 'ଭୁଫା' କାରଣରୁ ୪୭୫ ଲୋକଙ୍କର ମୃତ୍ୟୁ ।

## ଆଜି ୧୨୬ତମ ଜନ୍ମଦିନ

# ରମାଦେବୀ



କୁହାଯାଏ–ପରିବାର ଜାଗିଲେ ଦେଶ ଜାଗିବ । ଇତିହାସ ପୃଷ୍ଠା ଲେଉଟାଇଲେ ଓଡିଶାର ଏମିତି କତିପୟ ପରିବାର ରହିଛି ଯେଉଁ ପରିବାରର ସ୍ୱତନ୍ତ୍ରତା ସ୍ପଷ୍ଟ ବାରି ହୋଇପଡେ । ଏସବୁ ପରିବାରର ପ୍ରତ୍ୟେକ ସଦସ୍ୟ ଭିନ୍ନ ଭିନ୍ନ କ୍ଷେତ୍ରରେ ବା ବିଶେଷ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲିଟିଛନ୍ତି । ସେମାନଙ୍କର ତ୍ୟାଗ, ତିତିକ୍ଷା ଓ ବଳିଦାନ ଏବେବି ଅନତିକ୍ରମଣୀୟ ହୋଇରହିଛି ଓ କାଳ କାଳକୁ ରହିଥିବ ମଧ୍ୟ । ବିସ୍ମୃତିର ପାଣିକନା ସେମାନଙ୍କ କଥା ଓ ଗାଥାକୁ ପୋଛି ଦେଇପାରିବ ନାହିଁ । ଏହା ଅନସ୍ୱୀକାର୍ଯ୍ୟ । ଏମିତି ଏକ ପରିବାର ହେଉଛି ଓଡିଶାର ଚୌଧୁରୀ ପରିବାର । ଚୌଧୁରୀ ପରିବାରର ମୁଖିଆ ଥିଲେ ଗୋକୁଳାନନ୍ଦ ଚୌଧୁରୀ, ସେତେବେଳର ପ୍ରତିଷ୍ଠିତ ଆଇନଜୀବୀ ଓ ଜଗତସିଂହପୁରର ବିଶିଷ୍ଟ ଜମିଦାର । ଏହି ପରିବାରର ପ୍ରତ୍ୟେକ ସଦସ୍ୟ ଦେଶର ସ୍ୱରାଜ୍ୟ ପାଇଁ ନିଜକୁ ସମର୍ପି ଦେଇଥିଲେ, ଦେଶ ପାଇଁ ସେହିଭଳି ଅନନ୍ୟ ଉଦାହରଣ ମଧ୍ୟ ସେମାନେ ସୃଷ୍ଟି କରିଯାଇଛନ୍ତି । ତନ୍ମଧ୍ୟରୁ ରମାଦେବୀ ଚୌଧୁରୀ ଥିଲେ ଏହି ପରିବାରର ବଡବୋହୂ ଓ ଧୂଳିମାଟିର ସନ୍ଥ ଭାବେ ପରିଚିତ ଗୋପବନ୍ଧୁ ଚୌଧୁରୀଙ୍କ ସହଧର୍ମିଣୀ । ସେ ହେଉଛନ୍ତି ଗୋପାଳ ବଲ୍ଲଭ ଦାସଙ୍କ ଝିଅ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ ।

ଏହି ମହୀୟସୀ ନାରୀନେତ୍ରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଞ୍ଚଳର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ୧୯୨୧ ମସିହା ମାର୍ଚ୍ଚ ମାସ ୨୧ ତାରିଖର କଥା । ରମାଦେବୀଙ୍କୁ ସେତେବେଳେ ମାତ୍ର ୨୨ ବର୍ଷ । ନାରୀମାନଙ୍କୁ ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ କଂଗ୍ରେସ ପକ୍ଷରୁ କଟକରେ ଏକ ମହିଳା ସଭାର ଆୟୋଜନ କରାଯାଇଥିଲା । ରମାଦେବୀ ଶାଶୁଙ୍କ ସହିତ ସେ ସଭାକୁ ଯାଇଥିଲେ । ସେହି ସଭାରେ ଗାନ୍ଧିଜୀ ଯୋଗଦେଇ ସମବେତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଆପଣମାନେ ସୌଖିନ ଜୀବନଯାପନ କରିବାକୁ ବଡ଼ କରନ୍ତୁ ନାହିଁ । ଏହି ସ୍ମରଣୀୟ ଘଟଣା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ତାପରେ ରମାଦେବୀ ଦେଶ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହ ଓ ୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ଯାତ୍ରା ଏହି ପଦଯାତ୍ରାରେ ଥିଲେ ମୀରାବେନ୍, ଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ । ଗାନ୍ଧିଜୀ ରମାଦେବୀଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ହରିଜନ ଯାତ୍ରା କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ ।

ହିମାଂଶୁ ଶେଖର ଆଚାର୍ଯ୍ୟ
ମୋ: ୯୩୩୭୨୨୧୯୨୪



## ଅନ୍ତଃରାଷ୍ଟ୍ରୀୟ ଦିବ୍ୟାଙ୍ଗ ଦିବସ

୧୯୯୨ ମସିହାରୁ ପ୍ରତିବର୍ଷ ୩ରେ ମିଳିତ ଜାତିସଂଘଦ୍ୱାରା ଅନ୍ତଃରାଷ୍ଟ୍ରୀୟ ଭିନ୍ନକ୍ଷମ ଦିବସ ପାଳିତ ହେଉଛି । ଏହି ଦିବସ ପାଳନର ଲକ୍ଷ୍ୟ ହେଉଛି ଦିବ୍ୟାଙ୍ଗଙ୍କ ସମସ୍ୟା ବିଷୟରେ ଆଲୋକପାତ କରି ସେମାନଙ୍କୁ ସମ୍ମାନ, ଅଧିକାର ପ୍ରଦାନ କରିବା । ଏହା ସହିତ ରାଜନୈତିକ, ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଦିବ୍ୟାଙ୍ଗଙ୍କ ନିମନ୍ତେ ଥିବା ସମସ୍ତ ଲାଭ ବିଷୟରେ ସଚେତନତା ସୃଷ୍ଟି କରିବା । ପ୍ରତିବର୍ଷ ଏହି ଦିନରେ ଦିବ୍ୟାଙ୍ଗଙ୍କ ଏକ ଭିନ୍ନ ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯାଇଥାଏ । ଏହା ପଛରେ ଇତିହାସ ମଧ୍ୟ ରହିଛି । ମାର୍ଚ୍ଚ ୧୯୫୬ରେ ବେଲଜିୟମରେ ଏକ ମର୍ମନ୍ତୁଦ ଖଣି ଦୁର୍ଘଟଣାରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥିଲା । ୫୦୦୦ରୁ ଅଧିକ ଆହତ ଅଥବା ସ୍ଥାୟୀ ଭାବରେ ଦିବ୍ୟାଙ୍ଗ ହୋଇଯାଇଥିଲେ । ଏହାର ପରବର୍ତ୍ତୀ ବର୍ଷ ଜୁରିଚରେ, ବିଶ୍ୱର ଅନେକ ସଂଗଠନ ମିଳିତ ଭାବରେ ଏକ ବିଶାଳ ଆନ୍ତର୍ଜାତୀୟ ସମ୍ମିଳନୀ ଡାକିଥିଲେ । ସେଠାରୁ, ଦିବ୍ୟାଙ୍ଗ ଲୋକଙ୍କ ବିଭିନ୍ନ ସମସ୍ୟା ବିଷୟରେ ସମସ୍ତ ବିବରଣୀଗୁଡିକର ସବିଶେଷ ତଥ୍ୟ ଉପରେ ଆଲୋଚନା ହୁଏ । ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ଅନେକ ପ୍ରସ୍ତାବ ଏବଂ କାର୍ଯ୍ୟକ୍ରମ ସେଠାରେ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । ସେହି ଦିନଠାରୁ, ସମଗ୍ର ବିଶ୍ୱରେ ଏହ ଦିନଟି ଭିନ୍ନକ୍ଷମଙ୍କ ପାଇଁ ଏକ ସାହାଯ୍ୟର ହାତ ବଢାଇବାର ଦିନରେ ପରିଣତ ହୋଇଥିଲା ।



ବିବାହ ବନ୍ଧନରେ ସାମନ୍ଥା


## ଖାଲି ବସିବାକୁ ଅର୍ଥ

ସାଧାରଣତଃ ଖାଲିରେ ବସି ରହିଲେ ସମସ୍ତେ କୁହନ୍ତି ପଇସା କେଉଁଠୁ ଆସିବ, ସେଥିପାଇଁ ସମସ୍ତେ କର୍ମ କରିବାକୁ ପରାମର୍ଶ ଦେଇଥାଆନ୍ତି । ହେଲେ ପଞ୍ଜାବରେ ଏକ ସ୍ୱତନ୍ତ୍ର ପ୍ରତିଯୋଗିତାର ଆୟୋଜନ କରାଯାଉଛି, ଯେଉଁଥିରେ ଖାଲିରେ ବସିବାକୁ ପଇସା ମିଳୁଛି । ଏହି ପ୍ରତିଯୋଗିତାରେ ବିଜେତାଙ୍କୁ ସାଇକେଲ ସହିତ ୪୫୦୦ ଟଙ୍କା ମିଳୁଥିବାବେଳେ ଯିଏ ରନର୍ସଅପ ହେବା ତାଙ୍କୁ ୨୫୦୦ ଓ ଥାର୍ଡ ରନର୍ସଅପଙ୍କୁ ୧୫୦୦ ଟଙ୍କା ପ୍ରଦାନ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଯୋଗିତାରେ ୫୫ରୁ ଅଧିକ ଲୋକ ଭାଗନେଇସାରିଲେଣି । ପ୍ରତିଯୋଗିତାରେ ଭାଗ ନେବା ପାଇଁ କୌଣସି ଏଣ୍ଟ୍ରି ଫି ନାହିଁ କି ଫିସ୍ ମଧ୍ୟ ନାହିଁ । ଏହି ପ୍ରତିଯୋଗିତାରେ ଭାଗନେବାକୁ ହେଲେ ମୋବଇଲ ସାଙ୍ଗରେ ରଖିବ ନାହିଁ, ପ୍ରତିଯୋଗିତା ମଝିରେ ଶୌଚାଳୟ ଯାଇପାରିବ ନାହିଁ , ଶୋଇ ପାରିବ ନାହିଁ, ଖାଇବ ନାହିଁ କି କୌଣସି ଖେଳ ମଧ୍ୟ ଖେଳିବ ନାହିଁ । ତେବେ ଏଭଳି ପ୍ରତିଯୋଗିତା ପଛର କାରଣ ଲୋକଙ୍କୁ ମୋବାଇଲ ଠାରୁ ଦୂରରେ ରଖିବା ।



## ବହି ପଢିଲେ କମିବ ଦଣ୍ଡ

ବ୍ରାଜିଲର ଜେଲରେ ଥିବା କଏଦୀମାନଙ୍କୁ ନିଜ ଦଣ୍ଡ କମ କରିବାକୁ ଏକ ଭିନ୍ନ ସୁଯୋଗ ପ୍ରଦାନ କରାଯାଉଛି । ଏହି ନିୟମ ଅନୁସାରେ ଯଦି ଜଣେ କଏଦୀ ଜେଲରେ ରହିବା ସମୟରେ ବହି ପଢୁଛନ୍ତି ତେବେ ତାଙ୍କର ଦଣ୍ଡ କମିବ । ବର୍ତ୍ତମାନ ଏହାର ଖୁବ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି । ୨୦୧୨ରେ ବ୍ରାଜିଲ ସରକାର ଏକ ନୁଆ ନିୟମ ତିଆରି କରିଛନ୍ତି ଯେଉଁଥିରେ କଏଦୀମାନେ ବର୍ଷକୁ ଅଧିକରୁ ଅଧିକ ୧୨ଟି ବହି ପଢିପାରିବେ । ଗୋଟିଏ ବହି ପଢିବା ପରେ ୪ଦିନର ଦଣ୍ଡ କମିଯାଇଥାଏ । ଅର୍ଥାତ ଗୋଟିଏ ବର୍ଷରେ ସର୍ବମୋଟ ୪୮ ଦିନର ଦଣ୍ଡ କମ ହେବ । ତେବେ କେବଳ ବହି ପଢିବା ନୁହେଁ ସମସ୍ତ କଏଦୀଙ୍କୁ ପଢୁଥିବା ବହି ଉପରେ ନିବନ୍ଧ ମଧ୍ୟ ଲେଖିବାକୁ ହୋଇଥାଏ । ଜେଲ ଅଧିକାରୀ ଏହି ନିବନ୍ଧଙ୍କୁ ଚେକ କରିଥାଆନ୍ତି । ସୋସିଆଲ ମିଡିଆରେ ଏହି ନିୟମର ଖୁବ ପ୍ରଶଂସା ହେଉଥିବା ଦେଖିବାକୁ ମିଳୁଛି । ଜେଲରେ ଶାନ୍ତି ଶୃଙ୍ଖଳା ରଖିବାକୁ ଏହି ନିୟମ ଖୁବ କାମରେ ଆସିବ ବୋଲି ଚର୍ଚ୍ଚା ହେଉଛି ।



## କାହାକୁ କରୁଛନ୍ତି ଡେଟ୍



ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଡେଟିଂ ଲାଇଫକୁ ନେଇ ଅନେକ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି । ତେବେ ମୃଣାଳଙ୍କ ନାଁକୁ ଜଣେ ନୁହେଁ ବରଂ ଦୁଇଜଣଙ୍କ ସହିତ ଯୋଡା ଯାଉଛି । ତାଙ୍କ ନାଁକୁ କ୍ରିକେଟର ଶ୍ରେୟସ ଆୟର ଓ ଅଭିନେତା ଧନୁଷ ଉଭୟଙ୍କ ସହିତ ଯୋଡା ଯାଉଛି । ସୋସିଆଲ ମିଡିଆରେ ଏନେଇ ଅନେକ ଫଟୋ, ମିମ୍‌ସ ଓ ପୋଷ୍ଟ ଦେଖିବାକୁ ମିଳୁଛି । ଅନେକ ସମୟରେ ମୃଣାଳଙ୍କ ପୋଷ୍ଟରେ ମଧ୍ୟ ଫ୍ୟାନମାନେ ମଧ୍ୟ କମେଣ୍ଟ ଦେଉଥିବାର ଦେଖିବାକୁ ମିଳୁଛି । ହେଲେ ମୃଣାଳ ଏହାର ଉତ୍ତର ଗମ୍ଭୀର ନୁହେଁ ବରଂ ମଜାକିଆ ଅନ୍ଦାଜରେ ଦେଉଛନ୍ତି । ତେଣୁ ମୃଣାଳ ନିଜ ଲାଇଫକୁ ସମସ୍ତଙ୍କ ଠାରୁ ଲୁଚେଇ ରଖିବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି । ମୃଣାଳଙ୍କୁ ଶେଷଥର ପାଇଁ ସନ୍‌ଅଫ ସର୍ଦାର ୨ରେ ଅଜୟ ଦେବଗନଙ୍କ ସହିତ ଦେଖିବାକୁ ମିଳିଥିଲା । ଆଗକୁ ତାଙ୍କୁ ଦୋ ଦିୱାନେ ସେହେର ମେରେ ଦେଖିବାକୁ ମିଳିବ, ଯାହା ଏକ ରୋମାଣ୍ଟିକ ଡ୍ରାମା ।



## କୁକୁର ରଖିବାକୁ ପରୀକ୍ଷା

ସାଧାରଣତଃ ଯେ କୌଣସି ପଶୁ ରଖିବାକୁ ହେଲେ ଏହାକୁ ରଖିବାକୁ ଚାହୁଁଥିବା ବ୍ୟକ୍ତିଙ୍କର ଆଗ୍ରହର ଆବଶ୍ୟକତା ହୋଇଥାଏ । ହେଲେ ଜର୍ମାନର ସରକାର ଏଥିପାଇଁ ଏକ ସ୍ୱତନ୍ତ୍ର ନିୟମର ବ୍ୟବସ୍ଥା କରିଛନ୍ତି । ବର୍ତ୍ତମାନ କୁକୁର ପାଳନ କରିବା ପାଇଁ ଲିଖିତ ସହିତ ପ୍ରାକ୍ଟିକାଲ ପରୀକ୍ଷା ମଧ୍ୟ ଦେବାକୁ ହେବ । ଏହି ପରୀକ୍ଷାରେ ଆପଣଙ୍କୁ ସାବସ୍ତ୍ୟ କରିବାକୁ ହେବ କି ଆପଣ ସଠିକ ଢଙ୍ଗରେ କୁକୁରର ପାଳନ କରିପାରିବେ । କୁକୁରଙ୍କ ସମ୍ବନ୍ଧିତ ସମସ୍ତ ତଥ୍ୟ ଆପଣଙ୍କୁ ଜଣାଥିବାର ଆବଶ୍ୟକତା ରହୁଛି । ଏହି ପରୀକ୍ଷାର ୮୦ ପ୍ରତିଶତରୁ ଜବାବ ଦେବା ପାଇଁ ହେବ । ଏହି ପରୀକ୍ଷାରେ ଖାଦ୍ୟ, ସ୍ୱାସ୍ଥ୍ୟ, ଟ୍ରେନିଂ ଓ ବ୍ୟବହାରକୁ ନେଇ ପ୍ରଶ୍ନ ପଚରାଯିବ । ଏହି ପରୀକ୍ଷା ଦେବା ପାଇଁ ୪ ହଜାର ଟଙ୍କାର ଫିସ ଦେବାକୁ ହେବ । ସେହିଭଳି ଲିଖିତ ପରୀକ୍ଷା ସରିଲେ ପ୍ରାକ୍ଟିକାଲ ପରୀକ୍ଷା ହେବ, ଯେଉଁଥିରେ ଗ୍ରାଉଣ୍ଡ, କ୍ରାଉଡ ଓ ମାର୍କେଟ ସହିତ ଟେଷ୍ଟ ହେବ । ସେହିଭଳି ଏହି ସମୟରେ କୁକୁରଟି ସମ୍ପୂର୍ଣ୍ଣଭାବେ ମାଲିକଙ୍କ ନିୟନ୍ତ୍ରଣରେ ରହିବା ଦରକାର । ଏହି ପରୀକ୍ଷା ଏକ ଘଣ୍ଟାରୁ ୨ ଘଣ୍ଟା ପର୍ଯ୍ୟନ୍ତ ଚାଲିବାନେଇ ସୂଚନା ରହିଛି । ଏହି ଲାଇସେନ୍ସ ଯେଉଁମାନେ ପ୍ରାପ୍ତ କରିବେ ସେମାନଙ୍କୁ ଇନ୍ସୁରାଂସ କମ୍ପାନୀ ରିହାତି ପ୍ରଦାନ କରିଥାଆନ୍ତି । ଏପରିକି କିଛି ସ୍ଥାନରେ କୁକୁରଙ୍କୁ ବିନା ଚେନ୍‌ରେ ମଧ୍ୟ ବୁଲାଇବା ପାଇଁ ଅନୁମତି ମଧ୍ୟ ମିଳିଥାଏ ।

## ସୋସିଆଲ କୋଟ୍ସ



"ବାପା ମୋ ପାଇଁ ସବୁବେଳେ ପ୍ରେରଣାର ଉତ୍ସ । ତାଙ୍କ ବ୍ୟକ୍ତିତ୍ୱ ଠାରୁ ଅନେକ କିଛି ଶିଖିଛି । କେବଳ ମୋତେ ନୁହେଁ ତାଙ୍କ ପ୍ରତିବଦ୍ଧତା ସମସ୍ତଙ୍କୁ ପ୍ରେରିତ କରିଥାଏ ।

ରାଘବ ରଷି, ଅଭିନେତା



"ମୋର ଦେବୀଙ୍କର ଅପମାନ କରିବା କୌଣସି ଇରାଦା ନଥିଲା । ଜଣେ ଅଭିନେତା ଭାବେ ଜାଣିଛି ସେହି ସିନ୍ ପାଇଁ ଋଷଭ ଅନେକ ପରିଶ୍ରମ କରିଛନ୍ତି । ମୁଁ ସବୁବେଳେ ଆମ ସଂସ୍କୃତିର ସମ୍ମାନ କରିଛି ।

ରଣବୀର ସିଂ, ଅଭିନେତା



"ପାପାଙ୍କର କୌଣସି ଫିଲ୍ମକୁ ରି– କ୍ରିଏଟ କରିବାର ଇଚ୍ଛା ନାହିଁ । ସବୁ ଚରିତ୍ରରେ ତାଙ୍କଠାରୁ ଭଲ ଅଭିନୟ କେହି କରିପାରିବେ ନାହିଁ ।

ଅଭିଷେକ ବଚ୍ଚନ, ଅଭିନେତା

# କଟକରେ ମାଟିରେ ମିଶିବ ବିପଦସଙ୍କୁଳ କୋଠା

ଭୁବନେଶ୍ୱର(ସବ୍ୟୁ): କଟକରେ ଭଙ୍ଗା ହେବ ବିପଦସଙ୍କୁଳ କୋଠା । କୋଠା ମାଲିକମାନଙ୍କୁ ପ୍ରଥମେ ନୋଟିସ ଦିଆଯିବ ଓ ପରେ ଭଙ୍ଗାଯିବ । ଏନେଇ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ।

କିଛିଦିନ ତଳେ କଟକରେ ଏକ ପୁରୁଣା କୋଠା ଭାଙ୍ଗି କିଛି ଲୋକଙ୍କ ମୃତ୍ୟୁ ହେବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଥିଲା । ଏନେଇ ଏବେ ବିଭାଗୀୟ ମନ୍ତ୍ରୀ ବିଧାନସଭାରେ ଏକ ବଡ଼ ସୂଚନା ଦେଇଛନ୍ତି । ଏକ ପ୍ରଶ୍ନର ଉତ୍ତରରେ ନଗର ଉନ୍ନୟନ ମନ୍ତ୍ରୀ ମହାପାତ୍ର ଦର୍ଶାଇଚନ୍ତି, କଟକରେ ଥିବା ସମସ୍ତ ବିପଦସଙ୍କୁଳ କୋଠା ଚିହ୍ନଟ କରାଯାଇ ଖୁବଶୀଘ୍ର ଭଙ୍ଗାଯିବ । ଏନେଇ କୋଠାଗୁଡିକୁ ଚିହ୍ନଟ କରିବାକୁ ଏକ ବିଶେଷ କମିଟିର ଗଠନ କରାଯାଇଛି । ଏହି କମିଟି କଟକ ମହାନଗର ନିଗମ ଅଧୀନରେ ଥିବା ସମସ୍ତ ବିପଦ ସଙ୍କୁଳ କୋଠାଗୁଡିକୁ ଚିହ୍ନଟ କରିବ । ଏବେ କମିଟିର ସଦସ୍ୟମାନେ ଓ୍ୱାର୍ଡରୁ ଓ୍ୱାର୍ଡ ବୁଲି ସର୍ଭେ କରୁଛନ୍ତି । ସର୍ଭେ କାମ ଶେଷ ହେଲେ ଚିହ୍ନଟ କରାଯାଇଥିବା କୋଠାଗୁଡିକର ମାଲିକମାନଙ୍କୁ ପ୍ରଥମେ ନୋଟିସ ଦିଆଯିବ ଓ ପରେ ଭଙ୍ଗାଯିବ ବୋଲି ଗୃହକୁ ସୁଚନା ଦେଇଛନ୍ତି ମନ୍ତ୍ରୀ ଶ୍ରୀ ମହାପାତ୍ର ।

# ରାଜ୍ୟର ୧୬ ନଦୀ ଜଳ ପ୍ରଦୂଷିତ

ଭୁବନେଶ୍ୱର(ସବ୍ୟୁ): କଟକରେ କାଠଯୋଡି, ଭୁବନେଶ୍ୱରରେ ଦୟାନଦୀ, ଗଙ୍ଗୁଆ ନାଳ, ଗୋପ ଭିଙ୍ଗାରପୁରର କୁଶଭଦ୍ରା, ରାଉରକେଲାର ବ୍ରାହ୍ମଣୀ ଓ ଗୁରାଡ଼ି ନାଳ ପ୍ରଦୂଷଣ ଥିବା ରିପୋର୍ଟ ହୋଇଛି । ଏହା ମୁଖ୍ୟତଃ ସହରାଞ୍ଚଳ ବର୍ଜ୍ୟଜଳ ନିଷ୍କାସନ, ନଦୀ ଜଳର ଅତ୍ୟଧିକ ବ୍ୟବହାର ଯୋଗୁଁ ପ୍ରଦୂଷିତ ହେଉଛି । ଏସବୁ ଅବବାହିକାରେ ଜଳ ପ୍ରଦୂଷଣ ରୋକିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ସହରାଞ୍ଚଳ ଅଧିକାରୀମାନଙ୍କୁ ପ୍ରଦୂଷଣ ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଜିଲ୍ଲା ପ୍ରଶାସନ, ନଗର ଉନ୍ନୟନ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଜଳ ଯୋଗାଣ ଓ ପରିମଳ ପରିଷଦକୁ ପଦକ୍ଷେପ ନେବାକୁ କୁହାଯାଇଛି । ନଦୀ ପ୍ରଭାବ ବୃଦ୍ଧି, ନଦୀ ସାମ୍ମୁଖ୍ୟ ବିକାଶ, ଶୌଚାଳୟ ନିର୍ମାଣ, ବାହ୍ୟ ମଳମୂତ୍ର ରୋକିବାକୁ ପଦକ୍ଷେପ ନିଆଯାଉଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ସୂଚନା ଦେଇଛନ୍ତି ।

## ୨୦୨୭ ସୁଦ୍ଧା ୭୫% ମେଗା ପାଇପ ଜଳ ଯୋଗାଣ

# ୧୭ ମାସରେ ୨୨ ମେଗା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି

ଭୁବନେଶ୍ୱର(ସବ୍ୟୁ): ପୂର୍ବ ସରକାରରେ ନଳ ଥିଲା ହେଲେ ଜଳ ନଥିଲା । ଏବେ ନଳ ଆଉ ଜଳ ବି ଅଛି । ୨୦୨୪ ଜୁନ୍ ସୁଦ୍ଧା ବିଜେଡ଼ି ସରକାର ୩ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କରିଥିଲେ ଆମେ ୧୭ ମାସରେ ୨୨ ଟି ମେଗା ପ୍ରକଳ୍ପ ସମ୍ପୂର୍ଣ୍ଣ କରିଛୁ । ୨୦୨୭ ସୁଦ୍ଧା ୭୫ ପ୍ରତିଶତ ପାଇପ ଯୋଗେ ଜଳ ଯୋଗାଣ କାର୍ଯ୍ୟ ଶେଷ ହେବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାଏକ ଗୃହକୁ ସୂଚନା ଦେଇଛନ୍ତି । ତଥ୍ୟ ଦେଇ ତତ୍କାଳୀନ ସରକାରର ସ୍ଥାଣୁତା ବିଷୟରେ ସେ କହିଥିଲେ ।



ପ୍ରଶ୍ନକାଳରେ ବିଜେଡି ବିଧାୟକ ଅରବିନ୍ଦ ମହାପାତ୍ର କହିଥିଲେ, ପୂର୍ବ ସରକାରକୁ ଦୋଷ ଲଦୁଛନ୍ତି, ହେଲେ ୩୫୦୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଜଣେ ନିର୍ଦ୍ଦେଶକ ଓ ଦୁଇ ଜଣ ଯନ୍ତ୍ରୀ ପରିଚାଳନା କରୁଛନ୍ତି । ଫଳରେ ମେଗା ପାଇପ ଜଳ ଯୋଗାଣ ଅଧପନ୍ତରିଆ କାର୍ଯ୍ୟ ସହିତ ନିମ୍ନମାନର କାର୍ଯ୍ୟ ହେଉଛି । ଉତ୍ତରରେ ପୂର୍ବ ସରକାରକୁ ଟାର୍ଗେଟ କରି ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ, ସେମାନେ ୧୬ ଟି ସିଭିଲ ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିଲେ । ଆମେ ୧୭ ମାସରେ ୬୬ ଟି ସମ୍ପୂର୍ଣ୍ଣ କରିଛୁ । ସେମାନେ ୩୭୩୩ ଟି ସୋଲାର ପ୍ରକଳ୍ପ ଶେଷ କଲେ, ଆମେ ୧୭ ମାସରେ ୨୭୦୨ ପ୍ରକଳ୍ପ ସାରିଛୁ । ହର ଘର ଜଳ ଯୋଜନାରେ ୬୦୩୨ ପ୍ରକଳ୍ପ ସାରିଥିବା ବେଳେ ଆମେ ୪୭ ୯୧ କରିଛୁ । ୨୮ ୩୫୦ ନଳକୂପ ସେମାନେ କରିଥିଲେ ଏବଂ ଆମେ ୨୨୯୬୪ ନଳକୂପ ଖନନ କରିଛୁ । ପିଏମ ଗତି ଶକ୍ତିରେ ଆମେ ୭୧ ହଜାର କିମି ପାଇପ୍ ଲାଇନ ବିଛାଯାଇଛି । ବିଜେଡ଼ି ସରକାର ପାଣି ଦେଇନଥାନ୍ତେ । ପାଇପ୍ କିଣି ଖାଲି ବିଛେଇ ଥାନ୍ତେ । ଇନଟେକ ଓ୍ୱେଲ କଲେନି । ଏହା ହେଉଛି ୨୪ ବର୍ଷର ନମୁନା । ସମସ୍ତେ ସହଯୋଗ କରନ୍ତୁ । ମେଗା ପାନୀୟ ଜଳ ପ୍ରକଳ୍ପ ଦୁର୍ନୀତିର ହୋଇପାରେ ତଦନ୍ତ ।

ହଜାର କୋଟର ପ୍ରକଳ୍ପ କାହିଁକି ନିର୍ଦ୍ଦିଷ୍ଟ ୧୭ ତାମିଲ ଠିକାଦାରଙ୍କୁ ଦିଆଗଲା, ଏ ନେଇ ହୋଇପାରେ ତଦନ୍ତ । ପୂର୍ବ ସରକାର ୩୫ ହଜାର କୋଟି ଟଙ୍କାରେ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା କରିଥିଲେ । ହେଲେ କାମ ଆରମ୍ଭ ନହେଉଣୁ କାହିଁକି ଠିକାଦାର ମାନଙ୍କୁ ଆଗୁଆ ପେମେଣ୍ଟ ଦିଆଗଲା, ତା'ର ଭିଜିଲାନ୍ସ ତଦନ୍ତ ପାଇଁ ବିଧାନସଭାରେ ବାଚସ୍ପତିଙ୍କ ରୁଲିଂ ଦାବି କଲେ କଂଗ୍ରେସ ବିଧାୟିକା ସୋଫିଆ ଫିରଦୋସ । ଉତ୍ତରରେ ମନ୍ତ୍ରୀ କହିଲେ, ବର୍ତ୍ତମାନ ସୁଦ୍ଧା ନୂଆ ସରକାର ୨୫ଟି ମେଗା ପ୍ରକଳ୍ପ ଶେଷ କରିଥିବା ବେଳେ ୬୬ ପ୍ରକଳ୍ପ ୯୦ ପ୍ରତିଶତ ଶେଷ ହୋଇଛି । ହେଲେ ସବୁଠାରୁ ବଡ଼ କଥା, ବିଜେଡ଼ି ସରକାର ସମୟରେ ଠିକା ଦିଆଯାଇଥିବା ୧୭ଟି ଠିକାଦାର ତାମିଲନାଡୁର ବୋଲି କହି ପୂର୍ବ ସରକାରକୁ କଟାକ୍ଷ କରିଥିଲେ ମନ୍ତ୍ରୀ । ଓଡ଼ିଆ ଲୋକଙ୍କୁ ଠିକା ଦେଇଥିଲେ କାମ ଭଲ ହୋଇଥାନ୍ତା । ତେବେ କିଛି ସ୍ଥାନରେ ସ୍ଥାନୀୟ ଲୋକେ ଟଙ୍କା ମାଗୁଛନ୍ତି । ଏହାସହ ମେଗା ପ୍ରକଳ୍ପରେ ହୋଇଥିବା ଦୁର୍ନୀତି ଉପରେ ଆଗକୁ ତଦନ୍ତ ହେବ ବୋଲି ସଂକେତ ଦେଲେ ମନ୍ତ୍ରୀ । ଅତିରିକ୍ତ ପଶ୍ନକର୍ତ୍ତା ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସୁନିଲ ମହାନ୍ତି, ପ୍ରତାପ ଚନ୍ଦ୍ର ନାୟକ ଅଂଶ ଗ୍ରହଣ କରିଥିଲେ ।

# ସମୁଦ୍ର ଆଁରେ ୪୬ ଗାଁ

ଭୁବନେଶ୍ୱର(ସବ୍ୟୁ): ଉପକୂଳବର୍ତ୍ତୀ ଗାଁ ଗୁଡିକୁ ଗିଳି ଆସୁଛି ସମୁଦ୍ର । ବିଗତ କିଛି ବର୍ଷରେ ଓଡ଼ିଶାର ଅନେକ ଗାଁ ସମୁଦ୍ରରେ ବିଲୀନ ହୋଇ ପରିଚୟ ହରାଇଛି । ବିଧାନସଭାରେ ଅଶାନ୍ତ ସମୁଦ୍ରର ଭୟାବହତା ବଖାଣିଛନ୍ତି ସରକାର । ସଙ୍କଟ ଟାଳିବାକୁ ଅଣ୍ଟା ଭିଡ଼ିବା ଭିତରେ ଶାସକ ଦଳକୁ ଘେରିଛି ବିରୋଧୀ ।

ବିଧାନସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯେଉଁ ତଥ୍ୟ ରଖିଛନ୍ତି, ତାହା ଯେତିକି ଉଦବେଗଜନକ ସେତିକି ଭୟାବହ । ୧୯ ୯୦ରୁ ୨୦୧୮ ମଧ୍ୟରେ ଅଧିକ କୋପ ଦେଖାଇଛି ସମୁଦ୍ର । ଏହି ସମୟରେ ୬ ଉପକୂଳବର୍ତ୍ତୀ ଜିଲ୍ଲାର ଗାଁ ସମୁଦ୍ର ଗର୍ଭରେ ସମାଧି ନେଇଛନ୍ତି । କେନ୍ଦ୍ରାପଡ଼ାର ୨୬, ଗଞ୍ଜାମର ୧୪ ଓ ପୁରୀର ୬ ଗାଁ ସମୁଦ୍ରରେ ବିଲୀନ ହୋଇ ସାରିଛି । ୧୪୦.୭୩ ହେକଟର ଜମି ସମୁଦ୍ର ଆଁକୁ ସବୁଦିନ ପାଇଁ ଚାଲି ଯାଇଛି । ତଥାପି ଶାନ୍ତ ହେଉନି ସମୁଦ୍ର । ଜନବସତି ଆଡକୁ ମାଡ଼ି ଆସୁଛି । ପ୍ରଭାବିତ ଗାଁ ଗୁଡିକୁ ଥଇଥାନ କରାଯାଇଛି । ସୁରକ୍ଷାକବଚ ଭାବେ ନୂଆ ହେନ୍ତାଳ ବଣ ସୃଷ୍ଟି କରାଯାଉଛି । ବିରୋଧୀଙ୍କ ପ୍ରଶ୍ନ, ହେନ୍ତାଳ ବଣ ସୃଷ୍ଟି ହୋଇଥିଲେ ଏମିତି ଅବସ୍ଥା ହୋଇନଥାନ୍ତା । ଗଛ ଲଗାଇ ଭୁଲି ଯାଉଛନ୍ତି ସରକାର ।

କେନ୍ଦ୍ରାପଡାର ସାତଭାୟାରେ ଗାଁ ପଡା ଥିବା ଏହି ସ୍ଥାନରେ ଏବେ ସମୁଦ୍ରର ରାଜୁତି । କେବଳ ସ୍ମୃତିରେ ଅଟକିଯାଇଛି ସାତଭାୟା ଭଳି ଅନେକ ଗାଁ । ସେହିଭଳି ୨ କିଲୋମିଟର ଦୂରରେ ସମୁଦ୍ର ଏବେ ୧୦୦ ମିଟର ପାଖକୁ ଆସିବା ଗଞ୍ଜାମ ଆର୍ଯ୍ୟପଲ୍ଲୀବାସୀଙ୍କୁ ଭୟଭୀତ କରିଛି । ସମୁଦ୍ର ନିକଟସ୍ଥ ଅଞ୍ଚଳର ସୁରକ୍ଷା ପାଇଁ ଅନେକ ଯୋଜନା ହେଉଛି । ହେଲେ କାର୍ଯ୍ୟକାରିତା କେବଳ କାଗଜ କଲମରେ ସୀମିତ ।

# ଶାସକ-ବିରୋଧୀ ବାକ୍‌ଯୁଦ୍ଧ

ଭୁବନେଶ୍ୱର(ସବ୍ୟୁ): ବିରୋଧୀ ଦଳ ବିଧାୟକଙ୍କୁ କହିବା ପାଇଁ ସୁଯୋଗ ଦିଆଯାଉନାହିଁ । ବାଚସ୍ପତି ପାତରଅନ୍ତର କରି ବିଜେପି ବିଧାୟକଙ୍କୁ ଅଧିକ ସମୟ ଦେଉଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ । ଯାହାକୁ ନେଇ କିଛି ସମୟ ବିଧାନସଭାରେ ହୋହାଲ୍ଲା ହୋଇଥିଲା । ବାଚସ୍ପତି ସମସ୍ତ ବିଧାୟକଙ୍କୁ ଶାନ୍ତ ରହିବାକୁ ଅନୁରୋଧ କରିଥିଲେ ବି କେହି ଶୁଣି ନଥିଲେ । କିଛି ସମୟ ପରେ ସମସ୍ତ ବିଧାୟକଙ୍କୁ ନିଜ ମତ ଉପସ୍ଥାପନା କରିବାକୁ ସୁଯୋଗ ଦିଆ ଯାଉଥିବା ବେଳେ ନିର୍ଦ୍ଧାରିତ ସମୟ ଭିତରେ ସମସ୍ତେ ନିଜ ମତ ରଖନ୍ତୁ ବୋଲି ଅନୁରୋଧ କରିଥିଲେ ବାଚସ୍ପତି । ଏହାପରେ ଗୃହ ସ୍ୱାଭାବିକ ଚାଲିଥିଲା ।

# ଶୂନ୍ୟକାଳରେ ଓଇଆରସି ବିରୋଧରେ ଗର୍ଜିଲେ ବିରୋଧୀ

ଭୁବନେଶ୍ୱର(ସବ୍ୟୁ): ଓଇଆରସି ଧାର୍ଯ୍ୟ ଦର୍ ଠାରୁ ବିଦ୍ୟୁତ ବିତରକ କମ୍ପାନୀୟୁନିଟ୍ ପିଛା ଅଧିକ ଅର୍ଥ ଲୋକଙ୍କ ଠାରୁ ଆଦାୟ କରୁଛି । ବିଗତ ୮ ବର୍ଷ ଧରି ଖାଉଟିମାନଙ୍କ ଠାରୁ ଅର୍ଥ ଲୁଟି କରି ଚାଲିଛି ବିଦ୍ୟୁତ ବିତରକ କମ୍ପାନୀ । ଏହି ସମୟ ଭିତରେ ୭ହଜାର ୧୪୫କୋଟି ଟଙ୍କା ଲୋକଙ୍କ ଠାରୁ ନେଇଛନ୍ତି । କିନ୍ତୁ କାହିଁକି ସ୍ଥାଣୁ ପାଲଟି ନୀରବ ବସିଛି ଓଇଆରସି । ତାହା ଏବେ ତଦନ୍ତ ସପେକ୍ଷ । ଯେହେତୁ ଓଇଆରସିର ଧାର୍ଯ୍ୟ ଅର୍ଥ ଠାରୁ ଅଧିକ ଟଙ୍କା ଆଦାୟ କରିବାରେ ଲାଗିଛନ୍ତି ବିଦ୍ୟୁତ ବିତରକ କମ୍ପାନୀ । ଯାହା ନିୟମ ରହିଛି ଯଦି ସେମାନେ ଓଇଆରସିର ନିୟମ ଅନୁପାଳନ ନକରି ଏତେ ଅର୍ଥ ନେଇଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା କାହିଁକି ବିଦ୍ୟୁତ ବିତରଣ କମ୍ପାନୀ ଠାରୁ ଆଦାୟ କରାଯାଇ ନାହିଁ । ଆମ ରାଜ୍ୟର ୧କୋଟି ଖାଉଟିଙ୍କ ଉପରେ ଜୁଲମ କରିଛନ୍ତି । କମିଶନ ଆଉ ନୀରବ ନବସି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ପଡୋଶୀ ଆନ୍ଧ୍ର ତାଙ୍କ ରାଜ୍ୟରେ ବିଦ୍ୟୁତ ବିତରକ କମ୍ପାନୀ ଠାରୁ ଅର୍ଥ ଆଦାୟ କରିବାରେ ଲାଗିଛି । ଉପଭୋକ୍ତାଙ୍କୁ ସୁଧ ସହ ପଇସା ଫେରସ୍ତ କରୁଛି । ଓଡିଶାର ଓଇଆରସି କାହିଁକି ଖାଉଟିଙ୍କୁ ଆଶ୍ୱସ୍ତି ଦେଉ ନାହାନ୍ତି । ଓଡିଶାବାସୀ ଅପେକ୍ଷା କରିଛନ୍ତି ଆନ୍ଧ୍ର ଭଳି ଓଡ଼ିଶାରେ ଉପଭୋକ୍ତାଙ୍କୁ ସୁଧ ସହ ଅର୍ଥ ଫେରସ୍ତ କରାଯାଉ ବୋଲି ଶୂନ୍ୟକାଳରେ ବିଜେଡି ବିଧାୟକ ବିଧାୟକ ଗଣେଶ୍ୱର ବେହେରା ଓ ବ୍ୟୋମକେଶ ରାୟ ଦାବି କରିଛନ୍ତି ।

# ଅନ୍ୱେଷାରେ ନାମଲେଖା ନହେବା ପ୍ରସଙ୍ଗରେ ଉଦ୍‌ବେଗ

ଭୁବନେଶ୍ୱର(ସବ୍ୟୁ): ଚଳିତ ଶିକ୍ଷା ବର୍ଷରେ ଅନ୍ୱେଷା ଯୋଜନାରେ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନାମଲେଖା ନହେବା ପ୍ରସଙ୍ଗରେ ବିରୋଧୀ ଦଳ ସରକାରଙ୍କୁ ଘେରିଛନ୍ତି । ଡବଲ୍ ଇଞ୍ଜିନ ସରକାର ଆଦିବାସୀ ପିଲାଙ୍କୁ ଶିକ୍ଷାରୁ ବଞ୍ଚିତ କରିଛନ୍ତି । ଅନ୍ୱେଷା ଯୋଜନାକୁ ବନ୍ଦ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ଶାସକ ଦଳ ପାଲଟା ଜବାବ ଦେଇ କହିଛି, ବିରୋଧୀ ଦଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ବିଜେପି ସରକାରରେ ଆଦିବାସୀଙ୍କ ବିକାଶକୁ ଗୁରୁତ୍ୱଦିଆଯାଉଛି ।

ଅନ୍ୱେଷା ଯୋଜନା ଅଧୀନରେ ଛାତ୍ରଛାତ୍ରୀଙ୍କ ନାମଲେଖା ନହେବାରୁ ବହୁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହେବା ସରକାରଙ୍କ ଷଡ଼ଯନ୍ତ୍ର ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି । ଏ ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଲେ, ଆଦିବାସୀ ଓ ଦଳିତ ପିଲାଙ୍କୁ ଶିକ୍ଷାରୁ ବଞ୍ଚିତ କରି ସରକାର ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛନ୍ତି । ଆଦିବାସୀ, ଦଳିତଙ୍କ ଉପରେ ସରକାର ପ୍ରହାର କରୁଛନ୍ତି । ଚଳିତବର୍ଷ ୨୫ ହଜାର ପିଲା ଶିକ୍ଷାରୁ ବଞ୍ଚିତ ହେଲେ । ଗୋଟିଏ ସମାଜକୁ ତଳକୁ ଟାଣିବା ପାଇଁ ଏଭଳି ଷଡ଼ଯନ୍ତ୍ର କରାଯାଇଛି । କଂଗ୍ରେସ ବିଧାୟକ ଦାଶରଥୀ ଗମାଙ୍ଗ କହିଥିଲେ, ଏହା ପ୍ରଶାସନିକ ତ୍ରୁଟି ନୁହେଁ ଗରିବ, ଦଳିତ, ଆଦିବାସୀ ପିଲାଙ୍କ ପ୍ରତି ଅନ୍ୟାୟ ହୋଇଛି ।

**ଯୋଜନା ବନ୍ଦ ପାଇଁ ଷଡ଼ଯନ୍ତ୍ର କରୁଛନ୍ତି ସରକାର : ବିରୋଧୀ ଦଳ**

**୫ ବର୍ଷିଆ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି : ମନ୍ତ୍ରୀ**

ବିଜେଡି ବିଧାୟକ ରମେଶ ବେହେରା କହିଥିଲେ, ଅନ୍ୱେଷା ଭଳି ଐତିହାସିକ ଯୋଜନାର ସମ୍ପ୍ରସାରଣ ପ୍ରସ୍ତାବ ବିଚାରାଧୀନ ଥିବା ମନ୍ତ୍ରୀ କହୁଛନ୍ତି । ସରକାର ଏନେଇ କେବେ ବିଚାର କରିବେ? ଏ ବର୍ଷ କାହିଁକି ପିଲାଙ୍କ ନାମଲେଖା କରାଗଲାନି? ଯଦି ଚଳିତବର୍ଷ ଏହାକୁ କାର୍ଯ୍ୟକାରୀ କରାଯିବନି, ଏହା ସରକାରଙ୍କ ଷଡ଼ଯନ୍ତ୍ର ବୋଲି ପ୍ରମାଣିତ ହେବ । ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ସରକାର ସନ୍ଦେହ ଦୂର କରନ୍ତୁ । ୨୦୨୯-୩୦ ପର୍ଯ୍ୟନ୍ତ ଏହି ଯୋଜନା ବଳବତ୍ତର ରହିବ ବୋଲି କହି ମନ୍ତ୍ରୀ ଏ ଗୃହର ବେଦନାକୁ ପ୍ରଶମିତ କରନ୍ତୁ । ବିଧାୟକ ପ୍ରଦୀପ ଦିଶାରୀ କହିଲେ, ବିଜେପି ସରକାର ଆସିବା ପରେ ଏ ଯୋଜନାକୁ ବନ୍ଦ କରିବାକୁ ବସିଛନ୍ତି ଏହା ଏକ ଷଡ଼ଯନ୍ତ୍ର ।

ଶାସକ ଦଳ ପକ୍ଷରୁ ବିଧାୟକ ରଘୁରାମ ମାଛ କହିଲେ, ବିରୋଧୀ ଦଳ ଆଜି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଡବଲ୍ ଇଞ୍ଜିନ ସରକାର ସମୟରେ ହଷ୍ଟେଲ ସଂଖ୍ୟା ବଢ଼ିଛ । ଏସ୍‌ସି/ଏସଟି ପିଲାଙ୍କ ପାଇଁ ପାଇଁ ପ୍ରଦାନ କରାଯାଉଥିବା ସହାୟତା ରାଶି ବଢ଼ିଛି । ଅନ୍ୱେଷା ଯୋଜନା ବନ୍ଦ କରାଯାଇନି । ନରସିଂହ ଭାତ୍ରା କହିଲେ, ବିରୋଧୀ ଦଳର ଅଭିଯୋଗ ଆଧାର ବିହୀନ । ଡବଲ୍ ଇଞ୍ଜିନ ସରକାରରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସଂଖ୍ୟା ବଢ଼ିବା ବ୍ୟବସ୍ଥା କରାଯାଇଛି । ବିଧାୟକ ରୁପୁ ଭାତ୍ର କହିଲେ, ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଆଦିବାସୀଙ୍କ ବିକାଶ ହେଉଛି । ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଭଳି ଯୋଜନା ଅଣାଯାଇଛି । ବିଧାୟକ ଭାଦବ ହାଁସଦା ମଧ୍ୟ ବିରୋଧୀ ଦଳର ଅଭିଯୋଗକୁ ଖଣ୍ଡନ କରିଥିଲେ ।

ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତରରେ କହିଲେ, ଅନ୍ୱେଷା ଯୋଜନାକୁ ପ୍ରତି ୫ ବର୍ଷ ବ୍ୟବଧାନରେ ତର୍ଜମା ଓ ମୂଲ୍ୟାୟନ କରାଯାଏ । ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ରେ ଏହି ଯୋଜନାରେ ପ୍ରଥମ ଶ୍ରେଣୀରେ ଛାତ୍ରଛାତ୍ରୀ ଗ୍ରହଣ କରାଯାଇନଥିଲେ ମଧ୍ୟ ଯୋଜନାଟିକୁ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ (୨୦୨୯-୩୦ ପର୍ଯ୍ୟନ୍ତ) ଚାଲୁ ରଖିବା ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି । ମନ୍ତ୍ରୀ ଶ୍ରୀ ଗଣ୍ଡ ଉତ୍ତର ରଖିବାବେଳେ ବିଜେଡି ଓ କଂଗ୍ରେସ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରି କକ୍ଷତ୍ୟାଗ କରିଥିଲେ ।

ମନ୍ତ୍ରୀ କହିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିବାସୀ ଛାତ୍ରଛାତ୍ରୀଙ୍କ ମେଧାବୃତ୍ତି ସହାୟତା ରାଶି ବୃଦ୍ଧି କରିଛନ୍ତି । ଆଦିବାସୀ ଛାତ୍ରଛାତ୍ରୀଙ୍କ ନାମଲେଖା ସଂଖ୍ୟା ପୂର୍ବାପେକ୍ଷା ବଢ଼ିଛି । ଏକଲବ୍ୟ ମଡେଲ୍ ଆବାସିକ ସ୍କୁଲ ସଂଖ୍ୟା ବୃଦ୍ଧି ପାଇଛି । ଆଦିବାସୀ ପିଲାଙ୍କ ଡ୍ରପ ଆଉଟ ରୋକିବାକୁ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ଅଣାଯାଇଛି । ସିଏମ ପୋଷଣ ଯୋଜନାରେ ନବମ, ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଛି ।

## ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ବୈଠକରେ ସମୀକ୍ଷା

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ : ପ୍ରତ୍ୟେକ ଡିଏମ୍ଏଫ୍‌ର ବାର୍ଷିକ ରିପୋର୍ଟ ଦାଖଲ କରନ୍ତୁ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ମାନଙ୍କ ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଆଲୋଚନାରୁ ଜଣାପଡିଛିଯେ, ଚଳିତ ବର୍ଷ ଅକ୍ଟୋବର ମାସ ଶେଷ ସୁଦ୍ଧା ରାଜ୍ୟର ୧୧ ଟି ଡ଼ି.ଏମ.ଏଫ ଜିଲ୍ଲା ମାନଙ୍କରୁ ସମୁଦାୟ ୩୪,୦୫୨ କୋଟି ଟଙ୍କା ଆଦାୟ ହୋଇଛି ଏବଂ ପ୍ରାୟ ୫୫ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇଛି । ଏହି ଖର୍ଚ୍ଚକୁ ବୃଦ୍ଧି କରି ଲୋକଙ୍କୁ ମୌଳିକ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହା ସହିତ, ୧୦ ଟି ଜିଲ୍ଲାରେ ଡ଼ି.ଏମ.ଏଫ ପୁନଃ ଗଠନ ହେବା ପରେ ଟ୍ରଷ୍ଟ ବୋର୍ଡ ମିଟିଂ ହୋଇସାରିଛି ବୋଲି ବୈଠକରୁ ଜଣାଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବଙ୍କୁ ପ୍ରତ୍ୟେକ ଡିଏମ୍ଏଫ୍ ଅଡିଟ୍ ରିପୋର୍ଟ ସହିତ ବାର୍ଷିକ ରିପୋର୍ଟ ଦାଖଲ କରିବାକୁ ଏବଂ ଲଘୁ ଖଣିଜ ପଦାର୍ଥ (ମାଇନର ମିନେରାଲ୍ସ) ରୁ ସଂଗୃହୀତ ଡିଏମ୍ଏଫ୍ ପାଣ୍ଠିକୁ ସେହି ଜିଲ୍ଲାର ଯେକୌଣସି ସ୍ଥାନରେ ବ୍ୟବହାର କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଏହି ପାଣ୍ଠିକୁ ସେହି ସ୍ଥାନର ମୌଳିକ ଆବଶ୍ୟକତା ଯଥା - ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଯୋଗାଣ, ଗମନାଗମନ ଆଦି ବ୍ୟବସ୍ଥା ରେ ଖର୍ଚ୍ଚ କରିବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଖଣି ଅଞ୍ଚଳର ନିକଟବର୍ତ୍ତୀ ସ୍ଥାନ ଗୁଡ଼ିକରେ ଲୋକଙ୍କୁ ସମ୍ପୂର୍ଣ୍ଣ ମୌଳିକ ସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରୁ ଜଣାଯାଇଛି ଯେ,



ଡିଏମ୍ଏଫ୍ ଟ୍ରଷ୍ଟବୋର୍ଡ ବୈଠକ ଡକାଯାଇ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରାଯିବ। ଉଗର୍ ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ଗ୍ରାମଗୁଡ଼ିକୁ ଚିହ୍ନଟ କରାଯିବ। ଖଣି ଅଂଚଳର ପାର୍ଶ୍ୱବର୍ତ୍ତୀ ଜାଗା ଗୁଡିକରେ ଥିବା ଜନବସତି ଗୁଡିକରେ ହେଉଥିବା ପ୍ରଦୂଷଣକୁ ରୋକିବା ପାଇଁ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଜିଲ୍ଲାଗୁଡ଼ିକରେ ବାର୍ଷିକ ଉଗର୍ ପାଣ୍ଠି ୧୦ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ସଂଗ୍ରହ ହେଉଛି, ସେମାନେ ଏକ ଏଣ୍ଡାଓମେଣ୍ଟ ପାଣ୍ଠି ଗଠନ କରିବେ। ଏହି ଏଣ୍ଡାଓମେଣ୍ଟ ପାଣ୍ଠିକୁ ସରକାରୀ ସିକ୍ୟୁରିଟି କିମ୍ବା ଅନୁସୂଚିତ ବ୍ୟାଙ୍କଗୁଡ଼ିକର ବଣ୍ଡ ଏବଂ ଏଫଡିରେ ବିନିଯୋଗ କରାଯିବ । ଖଣିଜ ପଦାର୍ଥ ଶେଷ ହେବା ପରେ କିମ୍ବା କୌଣସି କାରଣରୁ ଖଣି କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିବା ଅଞ୍ଚଳରେ ଭବିଷ୍ୟତ ପିଢ଼ିଙ୍କ ପାଇଁ ଜୀବିକା ସୃଷ୍ଟି ପାଇଁ ଏହି ପାଣ୍ଠି ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ବ୍ୟବସାୟ ସଂସ୍କାର କାର୍ଯ୍ୟ ଯୋଜନା କର୍ମଶାଳା ଅନୁଷ୍ଠିତ

କଟକ, (ସବ୍ୟୁ): ଭାରତବର୍ଷକୁ ୨୦୪୭ ମସିହାସୁଦ୍ଧା ସଂପୂର୍ଣ୍ଣ ଆତ୍ମନିର୍ଭର ତଥା ବିକଶିତ ରାଷ୍ଟ୍ରଭାବେ ଗଢି ତୋଳିବା ନିମନ୍ତେ ଭାରତ ସରକାର ବିଭିନ୍ନ ଯୋଜନାମାନ ରୂପାୟନ କରୁଛନ୍ତି। ଆତ୍ମନିର୍ଭର ଭାରତର ଏକ ଅଂଶ ବିଶେଷ ଭାବେ ବ୍ୟବସାୟର ସରଳୀକରଣ ଉପରେ ଅଧିକ ଧ୍ୟାନ ଦିଆଯାଉଛି। ବିଭିନ୍ନ ବ୍ୟବସାୟ ସେବା ତଥା ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶକାରୀଙ୍କ ନିମନ୍ତେ ଆବଶ୍ୟକ ହେଉଥିବା ଅନୁମତି, ଲାଇସେନ୍ସ ବା ଅନାପତ୍ତି ପ୍ରମାଣପତ୍ର କିପରି ସହଜ, ସରଳ, ଶୀଘ୍ର ଏବଂ ଅନଲାଇନ ମାଧ୍ୟମରେ ହାସଲ ହୋଇପାରିବ ଏବଂ ପୁଞ୍ଜିନିବେଶକାରୀମାନଙ୍କୁ ପ୍ରୋତ୍ସାହନ ମିଳିପାରିବ ଯଦ୍ୱାରା ସେମାନେ ସଫଳ ଉଦ୍ୟୋଗୀ ଭାବରେ ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହୋଇପାରିବେ ସେ ଦିଗରେ ଭାରତ ସରକାର ଗୁରୁତ୍ୱାରୋପ କରି ଜିଲ୍ଲା ସ୍ତରରେ ବ୍ୟବସାୟ ସଂସ୍କାର ଉପରେ କାର୍ଯ୍ୟାଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଓଡିଶାର ୩ଟି ଜିଲ୍ଲା ଗଞ୍ଜାମ, ଖୋର୍ଦ୍ଧା ଓ କଟକ ଏହି ଯୋଜନାରେ ସାମିଲ ହୋଇଛନ୍ତି।

ଏହି ଯୋଜନା କଟକ ଜିଲ୍ଲାରେ ସଫଳଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାର ଉଦ୍ଦେଶ୍ୟ, ବ୍ୟବସାୟ ସରଳୀକରଣର ଉପାୟ, ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଭୂମିକା, ପ୍ରଚଳିତ ବ୍ୟବସ୍ଥାରେ ଥିବା ସମସ୍ୟାର ସମାଧାନ ଆଦି ଉପରେ ପାୱାର ପଏଣ୍ଟ ମାଧ୍ୟମରେ ଇପିକଲର ଅଧିକାରୀ ତେଜସ କୁଲକର୍ଣ୍ଣୀ ଉପସ୍ଥାପନା କରିଥିଲେ। ଜିଲ୍ଲା ସଂସ୍କାର କାର୍ଯ୍ୟଯୋଜନା ମାଧ୍ୟମରେ ସମୁଦାୟ ୧୫୫ଟି ବିଷୟରେ ବ୍ୟବସାୟ ସଂସ୍କାର ମୂଳକ ପଦକ୍ଷେପ ନିଆଯିବ ଯେଉଁଥିରେ ଜିଲ୍ଲାସ୍ତରରେ ମିଳୁଥିବା ଅନୁମତି, ଲାଇସେନ୍ସ, ଆଦି ୪୬ ଟି ବିଷୟ, ସମୟାନୁବର୍ତ୍ତୀ ଯାଞ୍ଚ ବ୍ୟବସ୍ଥାରେ ୮୬ଟି ବିଷୟ, ଜିଲ୍ଲାସ୍ତରୀୟ ପୁଞ୍ଜିନିବେଶ ସହଜୀକରଣ ର ୧୧ଟି ବିଷୟ, ଷ୍ଟାର୍ଟ ଅପ ବୃଦ୍ଧିକୁ ପ୍ରୋତ୍ସାହନ ଉପରେ ୪ଟି ବିଷୟ ସମ୍ପତ୍ତି ରେକର୍ଡ ମ୍ୟୁଟେସନ ଓ ଡିଜିଟାଇଜେସନ ଆଦି ୫ଟି ବିଷୟ, ଔଦ୍ୟୋଗିକ କ୍ଷେତ୍ରରେ ୨ଟି ବିଷୟ ଅନ୍ତର୍ଭୁକ୍ତ। ଜିଲ୍ଲାସ୍ତରରେ ହେବାକୁ ଥିବା ଏହି ସଂସ୍କାରମୂଳକ କାର୍ଯ୍ୟଯୋଜନାରେ ଅନ୍ତର୍ଭୁକ୍ତ ଜିଲ୍ଲାମାନଙ୍କର ପ୍ରତିଯୋଗୀତା ଭିତ୍ତିରେ ଜାତୀୟ ସ୍ତରରେ ସଫଳତା ମୂଲ୍ୟାୟନ କରାଯିବ। ଏହି କର୍ମଶାଳାରେ ଯୋଗଦେଇ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ଜିଲ୍ଲାରେ ଅନେକ ବିଷୟର ଅନୁମତି ଅନଲାଇନ ମାଧ୍ୟମରେ ଦିଆଯାଉଥିବା ଉଲ୍ଲେଖ କରି ଅନ୍ୟ ବିଷୟ ଗୁଡିକ ଉପରେ ଯଥାଶୀଘ୍ର ଅନଲାଇନ ବ୍ୟବସ୍ଥା କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଲାଇସେନ୍ସ ବା ଅନୁମତି ପ୍ରଦାନ ପୂର୍ବରୁ କରାଯାଇଥିବା ଯାଞ୍ଚ ସମୟରେ ଅଧିକାରୀମାନେ ଅଧିକ ଯତ୍ନଶୀଳ ହୋଇ ତାଙ୍କର ରିପୋର୍ଟର ଉଦ୍ୟୋଗୀ ନିମନ୍ତେ ହେଉଥିବା ପ୍ରଭାବକୁ ଧ୍ୟାନରେ ରଖିବା ପାଇଁ ଶ୍ରୀମତୀ ନରୱଣେ ପରାମର୍ଶ ଦେଇଥିଲେ। ଉଦ୍ୟୋଗୀ, ବ୍ୟବସାୟୀମାନଙ୍କ ନିମନ୍ତେ ଏକ ୱେବ ପୋର୍ଟାଲ ଗଠନ କରାଯାଇ ବ୍ୟବସାୟ ସରଳୀକରଣର ବ୍ୟବସ୍ଥା କରାଯିବ ବୋଲି ଇପିକଲର ଅଧିକାରୀ କୁଲକର୍ଣ୍ଣୀ ପ୍ରକାଶ କରିଥିଲେ। କର୍ମଶାଳାରେ କଟକ ପୌରନିଗମଆୟୁକ୍ତ ସୁଶ୍ରୀ କିରଣଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପୁଞ୍ଜିନିବେଶ ପ୍ରୋତ୍ସାହନ ସଂସ୍ଥା (ଡିଆଇପିଏ) ଟିମ ଲିଡର ଶ୍ରୀମତୀ ସୁସ୍ନାତା ମହାନ୍ତି ଏହି କର୍ମଶାଳା ଆୟୋଜନାରେ ସହାୟତା କରିଥିଲେ।

# ହସ୍ପିଟାଲର ସୁପର ସ୍ପେସିଆଲିଟି ପଦରେ ସଂରକ୍ଷଣ ମିଳିପାରିବ ନାହିଁ:ହାଇକୋର୍ଟ

କଟକ,(ସବ୍ୟୁ): ବିଭିନ୍ନ ମେଡିକାଲ କଲେଜ୍ ଏବଂ ହସ୍ପିଟାଲରେ ସୁପର ସ୍ପେସିଆଲିଟି ପଦରେ ସଂରକ୍ଷଣ ଲାଗୁ ହୋଇପାରିବ ନାହିଁ ହାଇକୋର୍ଟ ଆଜି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ଏ ସଂକ୍ରାନ୍ତରେ ଓପିଏସସିର ବିଜ୍ଞପ୍ତି ଓ ନିଯୁକ୍ତି ପ୍ରକ୍ରିୟା ଆଇନସମ୍ମତ । ଏହି ବିଜ୍ଞପ୍ତିରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ ମତଦେବା ସହ ଏନେଇ ରୁଜୁ ଦୁଇଟି ମାମଲାକୁ ଖାରଜ କରି ଦେଇଛନ୍ତି। ଆବେଦନକାରୀ ଡା. ନିହାର ରଞ୍ଜନ ବିଶ୍ୱାଳ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକାର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ଆଦେଶ ଦେଇଛନ୍ତି। ବିଭିନ୍ନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ସୁପର ସ୍ପେସିଆଲିଟି ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ୧୯ଟି ପଦ ନିମନ୍ତେ ଓପିଏସସି ବିଜ୍ଞପ୍ତି ପ୍ରକାଶ କରିଥିଲା । ନ୍ୟୁରୋଲାଜି, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲାଜି, ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲାଜି ପ୍ରଭୃତି ଏକାଧିକ ପଦ ଥିଲା। ତେବେ ଏହି ପଦଗୁଡ଼ିକ ଗ୍ରୁପ୍-ଏ ସୁପର ସ୍ପେସିଆଲିଟି ଟ୍ରେନିଂ ପଦ ହୋଇଥିବାରୁ ୧୮ ପ୍ରତିଶତ ସଂରକ୍ଷଣ ଲାଗୁ କରାଯିବା ଆବଶ୍ୟକ ବୋଲି ଦର୍ଶାଇ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଓପିଏସସି ଏହି ସମସ୍ତ ପଦକୁ ଅସଂରକ୍ଷିତ ଭାବେ ଦର୍ଶାଇଥିଲା। ଏହା ବେଆଇନ ବୋଲି ଆବେଦନକାରୀମାନେ ଦର୍ଶାଇବା ସହ ଏହି ବିଜ୍ଞପ୍ତିକୁ ବାତିଲ୍ ପାଇଁ ପ୍ରାର୍ଥନା କରାଯାଇଥିଲା । ରାଜ୍ୟ ସରକାର ଏବଂ ଓପିଏସ୍‌ସି ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ସୁପର ସ୍ପେସିଆଲିଟି ସ୍ତରରେ ସଂରକ୍ଷଣ ବ୍ୟବସ୍ଥା ପାଇଁ ସରକାର କୌଣସି ନୀତି କରିନାହାନ୍ତି । ମେରିଟ୍ ଫାଷ୍ଟ ଆଧାରରେ ନିଯୁକ୍ତି କରାଯାଇଥାଏ । ଅଧିକାଂଶ ପଦରେ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଯାଇଛି। ତେଣୁ ଏହାକୁ ବାତିଲ କଲେ ବଡ଼ ସମସ୍ୟା ହେବ ବୋଲି ଦର୍ଶାଯାଇଥିଲା।

### ସିଡ୍ୟୁଲ ଏରିଆରେ ଗ୍ରାମସଭାର ଅନୁମତି ବିନା ମଦ ଦୋକାନ ଖୋଲିବା ମାମଲା

# ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଲେ ହାଇକୋର୍ଟ

କଟକ,(ସବ୍ୟୁ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବା ସିଡ୍ୟୁଲ ଏରିଆରେ ଗ୍ରାମସଭାର ଅନୁମତି ବିନା ମଦ ଦୋକାନ ଖୋଲି ପାରିବ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ହେଲେ ଏହି ନିର୍ଦ୍ଦେଶ ବିରୋଧରେ ଜିଲ୍ଲାପାଳ କେନ୍ଦୁଝର ଜିଲ୍ଲା ବସନ୍ତପୁର ଗ୍ରାମପଞ୍ଚାୟତରେ ମଦ ଦୋକାନ ଖୋଲିବା ପାଇଁ ଆଦେଶନାମା ଜାରି କରିଥିଲାବେଳେ ଏହାକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି । ଗୋଟେ ସିଡ୍ୟୁଲ ଅଞ୍ଚଳରେ ମଦ ଦୋକାନ ଖୋଲିବା ଆଇନ ଦୃଷ୍ଟିରୁ କେତେଦୂର ଗ୍ରହଣୀୟ ଏବଂ ଏଥିରେ ରାଜ୍ୟ ସରକାରଙ୍କ ଭୂମିକା କ'ଣ ରହିଛି ସେ ସଂକ୍ରାନ୍ତରେ ଜବାବ ରଖିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ବସନ୍ତପୁର ପଞ୍ଚାୟତର ସରପଞ୍ଚ ପ୍ରହଲ୍ଲାଦ ଚନ୍ଦ୍ର ଫାଡୁକରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। କୌଣସି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମଦ ଦୋକାନ ଖୋଲିବାକୁ ହେଲେ ଏଥିପାଇଁ ଗ୍ରାମସଭାର ଅନୁମତି ନେବା ବାଧ୍ୟତାମୂଳକ । କିନ୍ତୁ ବସନ୍ତପୁର ପଞ୍ଚାୟତରେ ମଦ ଦୋକାନ ଖୋଲିବା ପାଇଁ କେନ୍ଦୁଝର ଜିଲ୍ଲାପାଳ ଅନୁମତି ପ୍ରଦାନ କରିଥିଲାବେଳେ ଗ୍ରାମସଭାର କୌଣସି ପ୍ରକାର ଅନୁମତି ନିଆଯାଇ ନାହିଁ । ଏହି ମଦ ଦୋକାନ ଖୋଲିବାକୁ ବିରୋଧ କରି ସରପଞ୍ଚ ଶ୍ରୀ ଫାଡୁକର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତିରେ ଦର୍ଶାଯାଇଥିଲା ଯେ, ଯଦିଓ ମଦ ଦୋକାନ ଖୋଲିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି କିନ୍ତୁ ସରପଞ୍ଚଙ୍କ ମଧ୍ଯ ଏକ ସ୍ୱତନ୍ତ୍ର କ୍ଷମତା ରହିଛି। ସରପଞ୍ଚ ଚାହିଁଲେ ଉକ୍ତ ଦୋକାନକୁ ବନ୍ଦ ପାଇଁ ମଧ ନିର୍ଦ୍ଦେଶ ଦେଇପାରିବେ। ଏହା ଉପରେ ସରପଞ୍ଚଙ୍କ ପକ୍ଷରୁ ଯୁକ୍ତିରେ ଦର୍ଶାଯାଇଥିଲା ଯେ, ଏନ୍‌ଫୋର୍ସମେଣ୍ଟ କ୍ଷମତା ସରପଞ୍ଚଙ୍କର ନାହିଁ । ସରପଞ୍ଚ କେବଳ ନିର୍ଦ୍ଦେଶ ଦେଇଦେଲେ ମଦ ଦୋକାନ ବନ୍ଦ ହୋଇଯିବ ନାହିଁ । କାରଣ ପୁଲିସ୍ ସରପଞ୍ଚଙ୍କ ଅପେକ୍ଷା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଗୁରୁତ୍ୱ ଦେବେ। ତେଣୁ ସରପଞ୍ଚଙ୍କ ଆଦେଶ ଅପେକ୍ଷା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ଉଭୟ ପକ୍ଷଙ୍କ ଯୁକ୍ତିକୁ ଶୁଣିବା ପରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। ଏ କ୍ଷେତ୍ରରେ ଆଇନ ଅନୁଯାୟୀ କି' ପଦକ୍ଷେପ ଗ୍ରହଣ କରାଯାଇ ପାରିବ ସେ ସଂକ୍ରାନ୍ତରେ ରାଗଜ୍ୟ ସରକାର ପରବର୍ତ୍ତୀ ଶୁଣାଣିରେ ଅଦାଲତଙ୍କୁ ଅବଗତ କରିବେ।

### ସମ୍ବଲପୁରରେ 'ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ୍'

# 'ଫିଟ୍ ଇଣ୍ଡିଆ' ଲକ୍ଷ୍ୟ ହାସଲ ଦିଗରେ ସାଇକେଲିଂ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ' ଆରମ୍ଭ କରି ଦେଶର ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ ରହିବା ପାଇଁ ପ୍ରେରଣା ଦେଇ ଆସୁଛନ୍ତି । ଏହି 'ଫିଟ୍ ଇଣ୍ଡିଆ' ଲକ୍ଷ୍ୟ ହାସଲ ଦିଗରେ ସାଇକେଲିଂ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ସମ୍ବଲପୁରରେ "୩୦ତମ ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ - ୨୦୨୫"ର ଉଦଘାଟନୀ ସମାରୋହରେ ଭିଡ଼ିଓ ବାର୍ତ୍ତା ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି, କଳା ଓ ସଂସ୍କୃତିର ସହର ସମ୍ବଲପୁରରେ ଆୟୋଜିତ "୩୦ତମ ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ - ୨୦୨୫" କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ହେଉଛି ଭାରତର ଶ୍ରେଷ୍ଠ ସାଇକେଲ ଚାଳକମାନଙ୍କ ପ୍ରତିଭାକୁ ଗୋଟିଏ ମଞ୍ଚରେ ଏକାଠି କରିବାର ମହାନ ଅବସର । ଏହି ଚାମ୍ପିଅନସିପ୍ ଚଳିତ



ଡିସେମ୍ବର ୨ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୬ ପର୍ଯ୍ୟନ୍ତ ଚାଲିବ । ସମ୍ବଲପୁରର ନକ୍ସାପାଲିରୁ ଝାଙ୍କରପାଲି ପର୍ଯ୍ୟନ୍ତ ଏହି ସାଇକେଲ୍ ଯାତ୍ରା ଅନୁଷ୍ଠିତ ହେବ । ଓଡ଼ିଶା ସମେତ ସାରା ଭାରତବର୍ଷରୁ ଏହି ପ୍ରତିଯୋଗିତାରେ ପ୍ରାୟ ୮୫୦ରୁ ଅଧିକ ଚାଳକ ଏବଂ ୧୨୨ ଜଣ ଟିମ୍ ଅଧିକାରୀ ଅଂଶଗ୍ରହଣ କରିଛନ୍ତି, ଯାହା ଏକ ଶୁଭ ସଙ୍କେତ । ଏହି ଚାମ୍ପିଅନସିପ୍‌ର ମୁଖ୍ୟ ଲକ୍ଷ୍ୟ ହେଉଛି - ଯୁବପିଢିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଫିଟ୍‌ନେସ୍ ପାଇଁ ଉତ୍ସାହିତ କରିବା ।

ଖେଳାଳିମାନେ ହେଉଛନ୍ତି ଦେଶର ବ୍ରାଣ୍ଡ ଆମ୍ବାସାଡର୍ । ସେମାନଙ୍କର କଠିନ ପରିଶ୍ରମ ଓ ଦୃଢ଼ ସଂକଳ୍ପ ଦେଶକୁ ଅନେକ ସଫଳତା ଦେଇଛି । ଜୀବନରେ କାର୍ଯ୍ୟ କରିବା ଯେପରି ଜରୁରୀ, ସେହିପରି ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଖେଳ ଏବଂ ଫିଟନେସ୍ ମଧ୍ୟ ଜରୁରୀ । ଏହି ଚାମ୍ପିୟନସିପରେ ଭାଗ ନେଇଥିବା ପ୍ରତିଯୋଗୀମାନେ କେବଳ ପ୍ରତିଯୋଗିତା କରନ୍ତୁ ନାହିଁ, ବରଂ ନିଜ ନିଜ ମଧ୍ୟରେ କ୍ରୀଡ଼ା ମନୋଭାବ ମଧ୍ୟ ବଜାୟ ରଖନ୍ତୁ । ଆଜି ଜାତୀୟ ଶିକ୍ଷା ନୀତି -୨୦୨୦ରେ ଖେଳ; ପାଠପଢାର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି । ଏହି ଶିକ୍ଷା ନୀତିର ନୀତିର ଲକ୍ଷ୍ୟ ହେଉଛି, ପିଲାମାନଙ୍କୁ ତୃଣମୂଳ ସ୍ତରରୁ ଆରମ୍ଭ କରି ଅଲିମ୍ପିକ୍ସ ପର୍ଯ୍ୟନ୍ତ ଏକ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମି ଯୋଗାଇଦେବା । ମା'ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ସମ୍ବଲପୁରରୁ ଆରମ୍ଭ ହେଉଥିବା ଏହି ଯାତ୍ରା ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଭାରତର ସ୍ଥାନକୁ ମଜବୁତ୍ କରିବ । ଏହି ପ୍ରତିଯୋଗିତା କେବଳ ସମ୍ବଲପୁରର ପରିଚୟ ବଢାଇବ ନାହିଁ, ବରଂ ଆମର 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପକୁ ମଧ୍ୟ ସୁଦୃଢ଼ କରିବ ଏବଂ ଅନ୍ୟମାନଙ୍କୁ ସାଇକେଲିଂ ଓ ଫିଟ୍‌ନେସ୍ ଆଡ଼କୁ ଆକର୍ଷିତ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଏହି ଆୟୋଜନ ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ପ୍ରଶାସନ, ସାଇକେଲିଂ ଫେଡେରେସନ ଅଫ୍ ଇଣ୍ଡିଆ (ସିଏଫଆଇ), ଓଡ଼ିଶା ସାଇକେଲିଂ ଆସୋସିଏସନ ତଥା ଏଥିରେ ନିୟୋଜିତ ସମସ୍ତ ଆୟୋଜକ ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ହାଇୱା ଧକ୍କାରେ କଲେଜ ଛାତ୍ରଙ୍କ ମୃତ୍ୟୁ

# ଦୁର୍ବୃତ୍ତଙ୍କ ଆତଙ୍କରାଜ, ପୋଲିସ ଉପସ୍ଥିତରେ ଜାଳିଦେଲେ ୪ ହାଇୱା

ଚଣ୍ଡିଖୋଲ/ଚଡେଇଧରା, (ସବ୍ୟୁ) ଯାଜପୁର ଜିଲ୍ଲାର ଜେନାପୁର ଥାନା ଅନ୍ତର୍ଗତ ଉଙ୍କାରୀ ଛକ ନିକଟରେ ଏକ ହାଇୱା ଟ୍ରକ ଧକ୍କାରେ ସ୍ଥାନୀୟ ଚଡେଇଧରା କଲେଜର ଜଣେ ଛାତ୍ରର ମୃତ୍ୟୁ ହୋଇଯିବା ପରେ ଅଭାବନୀୟ ଘଟଣା ଘଟିଯାଇଛି। କେତେକ ଦୁର୍ବୃତ୍ତ ଘଟଣା ସ୍ଥଳରେ ଆତଙ୍କରାଜ ଖେଳାଇଛନ୍ତି! ପୋଲିସ ଉପସ୍ଥିତିରେ ସେହି ରାସ୍ତାରେ ଆସୁଥିବା ଗୋଟିଏ ପରେ ଗୋଟିଏ କରି ୪ଟି ହାଇଉଆ ଟ୍ରକରେ ନିଆଁ ଲଗାଇ ଜାଳି ଦେଇଛନ୍ତି । ଏଥିସହ ନିଆଁ ଲିଭାଇବାକୁ ଘଟଣା ସ୍ଥଳରେ ପହଞ୍ଚିଥିବା ଦମକଳ ଗାଡିକୁ ମଧ୍ୟ ଭଙ୍ଗାରୁଜା କରିବା ସହ ପାଖରେଥିବା ଜଣେ ବ୍ୟକ୍ତିଙ୍କ ଷ୍ଟୋନକ୍ରସରରେ ପସି ଭଙ୍ଗାରୁଜା କରିଥିବା ଜଣାପଡ଼ିଛି । ଏପରିକି ଖବର ସଂଗ୍ରହ କରିବାକୁ ଯାଇଥିବା କେତେକ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଠେଲାପେଲା କରି ଘଟଣା ସ୍ଥଳରୁ ବିଦାକରି ଦେଇଥିବା ଦେଖାଯାଉଛି । ଘଟଣା ସ୍ଥଳରେ ଦୀର୍ଘ ସମୟଧରି ସଂଘବଦ୍ଧ ଦୃବୃତଙ୍କ ଏପରି ଆତଙ୍କରାଜକୁ ସ୍ଥାନୀୟ ଲୋକେ ନାପସନ୍ଦ କରିବା ସହ ଏପରି ଅଶାନ୍ତି ସୃଷ୍ଟି କରିଥିବା ବ୍ୟକ୍ତିଙ୍କୁ ଠାବକରି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୋଲିସ ନିକଟରେ ଦାବି ହୋଇଛି । ପୋଲିସର ସୂଚନା ଅନୁଯାୟୀ ମୃତକ ଛାତ୍ର ଜଣଙ୍କ ହେଲେ ଜେନାପୁର ଥାନା ଅନ୍ତର୍ଗତ ରମ୍ଭେଇ ଗ୍ରାମର ଶତ୍ରୁଘ୍ନ ନାୟକଙ୍କ ପୁଅ ସଞ୍ଜିବ ନାୟକ(୧୭) । ମଙ୍ଗଳବାର ସକାଳୁ ଛାତ୍ର ଜଣକ ଅନ୍ୟ ସାଙ୍ଗଙ୍କ ସହ ବାଇକରେ କଲେଜ ଯାଉଥିବା ବେଳେ ଉଙ୍କାରୀ ଛକ ପାଖରେ ଥିବା ହମ୍ପସରେ ପଡି ରାସ୍ତା ମଝିକୁ ଛିଟିକି ପଡିଥିଲେ । ସେହି ସମୟରେ ପଛପଟୁ ଆସୁଥିବା ଏକ କଳାପଥର ବୋଝେଇ ହାଇଉଆ ଟ୍ରକ ସଞ୍ଜିବଙ୍କ ମୁଣ୍ଡ ଉପରେ ଚଢି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ କିଛି ଲୋକ ଘଟଣା ସ୍ଥଳରେ ପହଞ୍ଚି ଉତ୍ତେଜନା ଆରମ୍ଭ କରି ଆତଙ୍କରାଜ ଚଳାଇଥିଲେ! ଛାତ୍ରଙ୍କ ମୃତଦେହ ରଖି ରାସ୍ତା ଅବରୋଧ କରିବା ସହ ଦୁର୍ଘଟଣା ଘଟାଇ ଥିବା ଗାଡ଼ିକୁ ନିଆଁ ଲଗାଇ ଦେଇଥିଲେ ଓ ପରେ ସେହି ରାସ୍ତାରେ ଆସୁଥିବା ଗୋଟିକ ପରେ ଗୋଟିଏ କରି ୪ଟି ଟ୍ରକରେ ନିଆଁ ଲଗାଇ ଦେଇଥିଲେ! ତେବେ ପୂର୍ବରୁ ଚାନ୍ଦା କାରବାରକୁ ନେଇ ଏକ ନିର୍ଦ୍ଦିଷ୍ଟ କମ୍ପାନୀ ଉପରେ ରହିଥିବା ଆକ୍ରୋଶକୁ ସୁଝାଇବାକୁ ଯାଇ କେତେକ ଦୁର୍ବୃତ୍ତ ସେହି କମ୍ପାନୀର ଗାଡି ଓ କ୍ରସରରେ ବ୍ୟାପକ ଭଙ୍ଗାରୁଜା କରିଥିଲେ! ଜେନାପୁର ଥାନା ପୋଲିସର ଉପସ୍ଥିତରେ ଦୁର୍ବୃତ୍ତ ମାନେ ଦୀର୍ଘ ସମୟ ରାସ୍ତାକୁ ନିଜ ଆୟତକୁ ନେଇ ଉତ୍ପାତ ଚଳାଇଇବା ସହ ଯେଉଁମାନେ ଘଟଣାର ଫଟୋ ଉଠାଉଥିଲେ ସେମାନଙ୍କ ସହ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ମୋବାଇଲ ଛଡାଇନେଇ ଭାଙ୍ଗିଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ସବୁ ଦେଖୁଥିଲେ ମଧ୍ୟ ଦେଖଣାହାରି ସାଜି ଚୁପ ରହିବାରୁ ତାହା ସାଧାରଣ ଲୋକଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା । ଦୀର୍ଘ ସମୟ ପରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଦୁର୍ବୃତ୍ତମାନେ କୋଟି ଟଙ୍କାର ସମ୍ପତ୍ତି ଦୁର୍ବୃତ୍ତ ନଷ୍ଟଭ୍ରଷ୍ଟ କରି ସାରିଥିଲେ! ତେବେ ଛାତ୍ରଙ୍କ ମୃତ୍ୟୁରେ ସମବେଦନା ବା ତାଙ୍କ ପରିବାରକୁ ସହାୟତା କରିବା ନେଇ ଦୁର୍ବୃତ୍ତ ମାନଙ୍କ ମଧ୍ୟରେ ସେପରି ପ୍ରତିକ୍ରିୟା ଦେଖାଯାଉ ନଥିବା ବେଳେ କେବଳ ଆତଙ୍କରାଜ ସୃଷ୍ଟିକରି ସାଧାରଣରେ ଭୟ ସୃଷ୍ଟି କରିବା ସେମାନଙ୍କର ମୁଖ୍ୟ କାର୍ଯ୍ୟଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି।

### ଗଞ୍ଜେଇ ଚାଷ ପ୍ରବଣ ଜିଲ୍ଲାର ସ୍ଥିତି ସମୀକ୍ଷା କଲେ ଉନ୍ନୟନ କମିଶନର

# ଗଞ୍ଜେଇ ଚାଷର ମୂଳୋତ୍ପାଟନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ



ଭୁବନେଶ୍ୱର, (ସବ୍ୟୁ): ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଦଶଟି ଗଞ୍ଜେଇ ଚାଷ ପ୍ରବଣ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ବନ ଅଧିକାରୀ ଏବଂ ଅବକାରୀ ଅଧିକ୍ଷକମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ ରେ ଅଧକ୍ଷତା କରି ଶ୍ରୀମତୀ ଗର୍ଗ ନିଜ ଜିଲ୍ଲାରେ ଗଞ୍ଜେଇ ଚାଷପ୍ରବଣ ଅଞ୍ଚଳକୁ ଚିହ୍ନଟ କରି ଏହାର ମୂଳୋତ୍ପାଟନ ନିମିତ୍ତ ମିଳିତ ଭାବେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ । ଏଥି ସହିତ ନିଜ ନିଜ ଅଞ୍ଚଳରେ ଗଞ୍ଜେଇ ଚାଷର ଅବସ୍ଥିତି ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ନିୟମିତ ସୂଚନା ପ୍ରଦାନ କରିବାକୁ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ବନ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅବକାରୀ କମିଶନର ପି. ଅନ୍ୱେଶା ରେଡ୍ଡି, ଏକ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ଅଂଶ ଗ୍ରହଣ କରିଥିବା ସମସ୍ତ ଅଧିକାରୀମାନଙ୍କୁ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଆୟୋଜିତ ଏହି ବୈଠକରେ ଓଏ, ଝଞ୍ଜର ସାର୍ଥକ ଷଡ଼ଙ୍ଗୀ, ଅତିରିକ୍ତ ଶାସନ ସଚିବ, ଦେବାଶିଷ ପଟ୍ଟନାୟକଙ୍କ ସମେତ ଅବକାରୀ ବିଭାଗ ଏବଂ ଓଆରଏସ୍ଏସିର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ଏବଂ ଆଭାସୀ ମାଧ୍ୟମରେ ଜିଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ବନ ଅଧିକାରୀ ଏବଂ ଅବକାରୀ ଅଧିକ୍ଷକମାନ ଯୋଗ ଦେଇଥିଲେ ।

### ୬୫ଲକ୍ଷ ମୂଲ୍ୟର ବ୍ରାଉନସୁଗର ଜବତ

# ମା ପୁଅଙ୍କ ସମେତ ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଆଦର୍ଶ ଥାନା ଅନ୍ତର୍ଗତ ନୂଆ ସୁନ୍ଦରାସାହି ଅଂଚଳ ରେ ପୋଲିସ ଟିମ୍ ଏକ ବଡ଼ ଧରଣ ର ଚଢ଼ାଉ କରି ୬୫୦ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି। ଯାହାର ମୂଲ୍ୟ ୬୫ଲକ୍ଷ ଟଙ୍କା ହେବ। ଏଥିସହିତ ୧୭୫ ବୋତଲ କଫ୍‌ସିରପ୍, ପ୍ୟାକିଂ ଜରି ଓ ଯନ୍ତ୍ର, ଓଜନ ମେସିନ୍, ତିନୋଟି ମୋବାଇଲ୍ ଜବତ କରିଛି। ଏହି ଘଟଣାରେ ମାଆ ପୁଅଙ୍କ ସମେତ ତିନି ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୂଆ ସୁନ୍ଦରାସାହି ଅଭିଜିତ୍ ଜେନା (୨୦) ଓ ତାଙ୍କ ମାଆ ବିଷ୍ଣୁପ୍ରିୟା ଜେନା (୪୨) ଏବଂ ଉପରସାହି ର ଦେବାଶିଷ ପଟ୍ଟନାୟକ (୨୩) ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଂଚଳ ଡିଆଇଜି ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି।

ବିପୁଳ ପରିମାଣର ଧଳା ଜହର ଆଣି ଗୋଟେ ପରିବାର ଲୋକ ଖୋର୍ଦ୍ଧାର ବିଭିନ୍ନ ସ୍ଥାନ ରେ କାରବାର କରି ଆସୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ସେମାନଙ୍କୁ ଧରିବା ଲାଗି ସ୍ୱତନ୍ତ୍ର ପୋଲିସ୍ ଟିମ୍ ଏ ସମ୍ପର୍କ ରେ ସୂଚନା ପାଇ ତିକ୍ଷ୍ଣ ନଜର ରଖିଥିଲେ। ଅଭିଜିତ୍ ଓ ଦେବାଶିଷ ଉପରେ ପୁଲିସ ନଜର ରଖିଥିବାବେଳେ ସୋମବାର ରାତିରେ ବ୍ରାଉନସୁଗର ବିକ୍ରି କରିବାକୁ ଯୋଜନା କରିଥିବା ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବାକୁ ଏସଡିପିଓ ନାହାର ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସ୍ଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ଏହି ଟିମ୍ ଓ ପୁଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡ ସହ ଚଢଉ କରିଥିଲା। ଚଢଉ ବେଳେ ମା ଓ ପୁଅକୁ ଗିରଫ କରିବା ସହ ସେମାନଙ୍କ ଠାରୁ ବ୍ରାଉନସୁଗର ଓ ଅନ୍ୟ ସାମଗ୍ରୀ ଜବତ କରିଥିଲା। ତାଙ୍କ ବୟାନ ମୁତାବକ ଦେବାଶିଷ କୁ ଗିରଫ କରିଥିଲା।

ଗତ ବର୍ଷକ ମଧ୍ୟ ରେ ୫କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟ ର ଧଳା ଜହର ଜବତ ହୋଇଛି। ଏହା ରାଜ୍ୟ ରେ ପ୍ରଥମ ବୋଲି ଡିଆଜି ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟରେ ଅପରେସନ୍ ଥଣ୍ଡର ନଭେମ୍ବର ୧୫ ରୁ ୩୦ଚାଲିଥିଲା। ଏଥିରେ କେନ୍ଦ୍ରାଂଚଳର ୭ଟି ଜିଲ୍ଲା ପୁଲିସ ବେଆଇନ ଅସ୍ତ୍ରଶସ୍ତ୍ର, ବେଆଇନ ନିଶା ବେପାର, ଅପରାଧି, ବେଆଇନ ଗୋଚାଲାଣ, ନାକା ଚେକିଂ ପ୍ରଭୃତି କରାଯାଇଛି।

# ଦିଲ୍ଲୀପ ଦାଶଶର୍ମା ଉତ୍କଳ ସମ୍ମିଳନୀ ସହ ସଂପୃକ୍ତ ନାହାଁନ୍ତି

ଭୁବନେଶ୍ୱର, (ସବ୍ୟୁ): ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ସାଧାରଣ ସଂପାଦକ ଡ଼ା. ରାଧାନାଥ ପ୍ରହରାଜ ଜଣାଇଛନ୍ତି ଯେ, ଦିଲ୍ଲୀପ ଦାଶଶର୍ମାଙ୍କୁ ତାଙ୍କର ସମ୍ମିଳନୀ ବିରୋଧୀ କାର୍ଯ୍ୟ ପାଇଁ ବିଗତ ୨୪/୧୦/୨୦୧୦ ରିଖ ଠାରୁ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ବହୁ ସଂଖ୍ୟା ଗରିଷ୍ଠ ଭୋଟ୍ ନିଷ୍ପତ୍ତି କ୍ରମେ ବହିଷ୍କାର କରାଯାଇଛି । ଶ୍ରୀ ଦାଶଶର୍ମା ଏହାକୁ ଅମାନ୍ୟ କରି ନିଜକୁ ଉତ୍କଳ ସମ୍ମିଳନୀର ମଞ୍ଚେଶ୍ୱର ଶାଖା ସଭାପତି ବୋଲାଇ ପ୍ରାୟ ୧୫ବର୍ଷ ହେବ ସମ୍ମିଳନୀ ନିୟମାବଳୀ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ନିଜର ପ୍ରଚାର ଚଳାଇ ରଖିଛନ୍ତି। ଉକ୍ତ ନିୟମାବଳୀରେ କୌଣସି ଶାଖା ସଭାପତି ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟ ନିର୍ବାହୀ ସମିତିର ବିନା ଅନୁମତିରେ ଶାଖାର ପରିସୀମା ବାହାରେ କାର୍ଯ୍ୟ କରିବାର ବ୍ୟବସ୍ଥା ନଥିଲେ ମଧ ସେ ତାଙ୍କର ଚିରାଚରିତ ଅଭ୍ୟାସ ଓ ମାନସୀକତା ଛାଡି ନପାରି କାର୍ଯ୍ୟ କରି ଚାଲିଛନ୍ତି। ଯାହାକୁ ବିରୋଧ କରି ଉତ୍କଳ ସମ୍ମିଳନୀର ଦୁଇଜଣ ଆଜୀବନ ସଦସ୍ୟ ଭୁବନେଶ୍ୱର ସ୍ଥାନୀୟ ମାନ୍ୟବର ଦେୱାନି ବିଚାରପତିଙ୍କ ନିକଟରେ ମୋକଦ୍ଦମା ସଂଖ୍ୟା ୨୨୮ ୯/୨୦୨୨ ଦାୟାର କରିଛନ୍ତି, ଯାହା ବିଚାର ପାଇଁ ଗୃହିତ ହୋଇ ବର୍ତ୍ତମାନ ଚାଲିଛି ଏବଂ ସେ କୌଣସି ନ୍ୟାୟାଳୟରୁ ତାଙ୍କ ବହିଷ୍କାର ନିଷ୍ପତ୍ତି ବିରୁଦ୍ଧରେ ଆଦେଶ ପାଇନାହାଁନ୍ତି ।

ଆପଣଙ୍କ ଖବରକାଗଜରେ ପ୍ରକାଶିତ ସମ୍ବାଦଟି ସେ କେବଳ ନିଜର ପ୍ରଚାର ପାଇଁ ପ୍ରକାଶିତ କରାଇଛନ୍ତି। ଯଦିଓ ଭାଷା, ସାହିତ୍ୟ ଓ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମହୋଦୟଙ୍କ କାର୍ଯ୍ୟ ଯେ, ପ୍ରକୃତରେ ପ୍ରସଂଶନୀୟ ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ।

# ୧୨୧ ଲିଟର ମଦ ଜବତ : ଅଭିଯୁକ୍ତ କୋର୍ଟ ଚାଲାଣ

ସାକ୍ଷୀଗୋପାଳ , (ସବ୍ୟୁ): ସତ୍ୟବାଦୀରେ ବିପୁଳ ପରିମାଣର ମଦ ଜବତ । ଅଭିଯୁକ୍ତ ବ୍ୟବସାୟୀ ଗିରଫ ଓ କୋର୍ଟ ଚାଲାଣ । ସତ୍ୟବାଦୀ ଥାନାରେ ଅବକାରୀ ଆଇନ ଅନୁଯାୟୀ ୪୨୫/୨୫ ରେ ମାମଲା ରୁଜୁ ହୋଇଅଛି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସତ୍ୟବାଦୀ ପୋଲିସକୁ ସତ୍ୟବାଦୀ ଥାନା ଅନ୍ତର୍ଗତ ଶୁକଳ ଛକରେ ଏକ ଦୋକାନ ଘରେ ନିଶା କାରବାର ନେଇ ଖବର ମିଳିଥିଲା । ମିଳିଥିବା ଖବରକୁ ଗୁରୁତ୍ୱ ଦେଇ ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସ ଆଇ ସୁକାନ୍ତି ମୁର୍ମୁ ଓ ଏଏସଆଇ ବିଭୀଷଣ ମାଝୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଟିମ ଘଟଣା ସ୍ଥଳକୁ ଯାଇ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ସେଠାରେ ବିକ୍ରି ଉଦ୍ଦେଶ୍ୟ ରେ ଥିବା ବିଭିନ୍ନ ପ୍ରକାର ୧୨୧ ଲିଟର ୬୫୦ ଗ୍ରାମର ଗଛିତ ଥିବା ବିଦେଶୀ ଓ ଦେଶୀ ମଦ ଜବତ କରିଥିଲେ । ଏହି ବେଆଇନ ମଦ ବ୍ୟବସାୟ କରୁଥିବା ସତ୍ୟବାଦୀ ଥାନା ଅନ୍ତର୍ଗତ ଐସାନ୍ୟ ପଡା ଗ୍ରାମର ଅଭିଯୁକ୍ତ ବିଶ୍ୱ ପ୍ରଦୀପ ଷ୍ଟାଲନ ବିଶ୍ୱାଳ ( ୩୧ ) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ନାମରେ ପୂର୍ବରୁ ୬ ଟି ବିଭିନ୍ନ ଅପରାଧିକ ମାମଲା ରହିଛି ବୋଲି ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି ।

### ଚିତ୍ରଶିଳ୍ପୀ ବିନୋଦ ରାଉତରାୟଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ

# ଶିଳ୍ପୀଙ୍କ ଜୀବନ ଓ ଦର୍ଶନ କୁ ନେଇ ୨୫ଟି ଚିତ୍ର ପ୍ରଦର୍ଶିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟର



ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ବିନୋଦ ରାଉତରାୟଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ଚିତ୍ରଶିଳ୍ପୀ ବିନୋଦ ମହାରଣା,ମୁଖ୍ୟ ବକ୍ତା ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପ୍ରବୀର୍ ଦଳାଇ,ସମ୍ମାନିତ ଅତିଥି ଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା ଓ ଶିଳ୍ପୀଙ୍କ ସୁକନ୍ୟା ଡ.ବନଜା ରାଉତରାୟ ପ୍ରମୁଖ ଯୋଗଦେଇ ଶିଳ୍ପୀଙ୍କ ଜୀବନ ଚର୍ଯ୍ୟା ଓ ମହାନ୍ କୃତି ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ ।ବିନୋଦ ରାଉତରାୟଙ୍କ ଓଡ଼ିଶାର କଳା ଓ ସାହିତ୍ୟ ପ୍ରତି ବିଶେଷ ଅବଦାନ ରହିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ ।ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ଚନ୍ଦନ କୁମାର ସାମଲ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ୧୫ ଜଣ ଛାତ୍ରଛାତ୍ରୀ ନିଜ ନିଜ ଚିତ୍ରରେ ଶିଳ୍ପୀଙ୍କ ପ୍ରତିକୃତି ଓ କୃତିକୁ ନେଇ ଏବଂ ସାମାଜିକ କଥାବସ୍ତୁ ଉପରେ ସୁନ୍ଦର ସୁନ୍ଦର ଚିତ୍ର ଗୁଡ଼ିକ ଅଙ୍କନ କରିଥିଲେ ।ଏହି ଅବସରରେ କୃତିଶିଳ୍ପୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।କାର୍ଯ୍ୟକ୍ରମକୁ ଅଧ୍ୟାପିକା ଯାନିତା ପ୍ରିୟଦର୍ଶିନୀ,ଶରତ ସାମଲ ସୁନୀଲ ଡାକୁଆ ଓ ଲକ୍ଷ୍ମୀଧର ସ୍ୱାଇଁ ପରିଚାଳନା କରିଥିଲେ।

# ଅଚ୍ୟୁତ ସାମନ୍ତଙ୍କ ପୁସ୍ତକ 'ମୋ ମା ମୋ ପ୍ରେରଣା' ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ଶିକ୍ଷାବିତ୍ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ସଦ୍ୟତମ ପୁସ୍ତକ 'ମୋ ମା ମୋ ପ୍ରେରଣା' ସୋମବାର ଉନ୍ମୋଚିତ ହୋଇଯାଇଛି। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତଙ୍କ ଅନ୍ୟ ପାଞ୍ଚଟି ପୁସ୍ତକ ମଧ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଗଣେଶୀ ଲାଲ୍ ତାଙ୍କ ଭାଷଣରେ ଉପସ୍ଥିତ ସାହିତ୍ୟିକମାନଙ୍କୁ ଓଡ଼ିଶାରେ ତାଙ୍କର ପୂର୍ବ ସମୟ ଉପରେ ସ୍ମୃତିଚାରଣ କରି କହିଲେ, ଏଠାରେ ମୁଁ ପୂର୍ବ ଅପେକ୍ଷା ଅଧିକ ଗଭୀର ଭାବରେ ମା'ର ଅର୍ଥ ବୁଝିପାରିଲି।

ଶ୍ରୀ ସାମନ୍ତଙ୍କ ମା'ଙ୍କୁ ପ୍ରଶଂସା କରି ସେ କହିଲେ, ଅଚ୍ୟୁତଙ୍କ ମାଆ ଗଭୀର ତ୍ୟାଗ କରିଥିଲେ ଏବଂ ଦେବକୀଙ୍କ ପରି ଜଣେ ମା' ଭାବରେ ଯିଏ ଜଗତକୁ କୃଷ୍ଣ ଆଣିଥିଲେ। ମା' ଅପରିହାର୍ଯ୍ୟ। ଯଦି ଆପଣ ଈଶ୍ୱରଙ୍କ ପାଖରେ ପହଞ୍ଚିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ପ୍ରଥମେ ଆପଣଙ୍କ ମା'ଙ୍କୁ ସମ୍ମାନ କରିବାକୁ ପଡ଼ିବ। ଉତ୍ସବରେ ଭାଷଣ ଦେଇ ଶ୍ରୀ



ସାମନ୍ତ ଅତୀତର ଏକ ଭାବପ୍ରବଣ ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ। ସେ କହିଲେ, "ମୁଁ ମନେ ରଖିଛି ଯେତେବେଳେ ରାଜ୍ୟପାଳ ଭାବରେ ପ୍ରଫେସର ଗଣେଶୀ ଲାଲ ଥରେ ମୋର କାମ ଯୋଗୁଁ ଭିନ୍ନ ଗ୍ରହରୁ ଆସିଥିବା ବ୍ୟକ୍ତି ଭାବରେ ମୋତେ ବର୍ଣ୍ଣନା କରିଥିଲେ। ତାଙ୍କର ସ୍ନେହ ମୋତେ ସର୍ବଦା ଉତ୍ସାହିତ କରିଛି।

ଗୀତା ଜୟନ୍ତୀ ଓ ଏକାଦଶୀ ଅବସରରେ ଶ୍ରୀ ସାମନ୍ତ ଉଲ୍ଲେଖ କରି କହିଲେ, ଏହି ପୁସ୍ତକ ଭଗବଦ୍ ଗୀତା ଓ ଭଗବାନ କୃଷ୍ଣଙ୍କ ଦିବ୍ୟ ବାଛୁରୀ ରୂପରେ ଶିକ୍ଷା ସହିତ ପ୍ରତୀକାତ୍ମକ ସଂଯୋଗ ଆଙ୍କିଥାଏ। ଯଦିଓ ଓଡ଼ିଆ ସଂସ୍କରଣ ଇଂରାଜୀ ସଂସ୍କରଣର ଆକ୍ଷରିକ ଅନୁବାଦ ନୁହେଁ, ଏଥିରେ ଗଭୀର ପ୍ରତିଫଳନ ଏବଂ ତାଙ୍କ ଜୀବନ ଏବଂ ପ୍ରେରଣାର ଅତିରିକ୍ତ ଦିଗ ରହିଛି। "ମୁଁ ଲୋକଙ୍କ ପ୍ରେମ ଏବଂ ସ୍ନେହ ଯୋଗୁଁ କଠିନ ପରିଶ୍ରମ କରେ। ମୋ ମାଆ ମୋତେ ସବୁବେଳେ ଶିଖାଇଥିଲେ ଯେ ଯଦି ମୁଁ କୌଣସି ଭୁଲ କରିନାହିଁ, ତେବେ ମୁଁ କାହାକୁ ଭୟ କରିବା ଉଚିତ୍ ନୁହେଁ। ସେ ଆହୁରି କହିଲେ, କିଟ ଓ କିସ ହେଉଛି ଓଡ଼ିଶାର ସମ୍ପତ୍ତି ଏବଂ ସେ ହେଉଛନ୍ତି ଏହି ଅନୁଷ୍ଠାନର ରକ୍ଷକ।

ପ୍ରଫେସର ଶଶାଙ୍କ ଚୂଡାମଣି ତାଙ୍କ ସଭାପତିତ୍ୱ ଭାଷଣରେ ଅଚ୍ୟୁତ ସାମନ୍ତଙ୍କ ପ୍ରାରମ୍ଭିକ ସଂଘର୍ଷମୟ ଦିନଗୁଡ଼ିକ ବିଷୟରେ କହିଥିଲେ, ଯାହାକୁ ପୁସ୍ତକରେ ଉପଯୁକ୍ତ ଭାବରେ ଉପସ୍ଥାପନ କରାଯାଇଛି। ବରିଷ୍ଠ ଲେଖକ ରକ୍ଷକ ନାୟକ ପୁସ୍ତକଟିକୁ "ସାହସ ଏବଂ ପ୍ରେରଣାର କାହାଣୀରେ ପରିପୂର୍ଣ୍ଣ ଭଲ ଏବଂ କଷ୍ଟକର ସମୟର ମିଶ୍ରଣ' ଭାବରେ ବର୍ଣ୍ଣନା କରିଥିଲେ। ଶିକ୍ଷାବିତ୍ ପ୍ରଫେସର ହରେକୃଷ୍ଣ ଶତପଥୀ ପୁସ୍ତକଟିର ସମୀକ୍ଷା କରିଥିଲେ। ବିଶିଷ୍ଟ ସାମ୍ବାଦିକ ଓ ସମ୍ଭକାର ଉମାପଦ ବୋଷ ମଧ୍ୟ ପୁସ୍ତକ ବିଷୟରେ କହିଥିଲେ ଓ ମୋ ମା ମୋ ପ୍ରେରଣା ପ୍ରକାଶକ ବିଦ୍ୟାପୁରୀର ଜୀବାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଖରିଫ ଧାନ ସଂଗ୍ରହ ନିମନ୍ତେ ବାରିପଦାରେ ଗଡ଼ିଲା କୃଷକ ସଚେତନତା ରଥ



ବାରିପଦା, (ସବ୍ୟୁ) : "ଚାଷୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସର୍ବଦା ପ୍ରତିଶୃତିବଦ୍ଧ, ସରକାରଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଚଳିତ ବର୍ଷ ଡିସେମ୍ବର ୨୬ତାରିଖରୁ ଜିଲ୍ଲାରେ ୨୦୨୫ -୨୬ ବର୍ଷ ଖରିଫ ଋତୁ ପାଇଁ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବା ନେଇ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ଚାଷୀ ଭାଇ ଭଉଣୀ ମାନଙ୍କୁ ପ୍ରାକ୍ ସଚେତନ କରିବା ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାରିପଦା ନିୟନ୍ତ୍ରିତ ବଜାର କମିଟି ଓ ବେତନଟି ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଦୁଇଟି କୃଷକ ସଚେତନତା ରଥକୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।

ଉକ୍ତ ରଥକୁ ଶୁଭାରମ୍ଭ କରି ଜିଲ୍ଲାପାଳ ଶ୍ରୀ ସୟ କହିଥିଲେ ଯେ, ଉକ୍ତ ରଥ ପରିକ୍ରମାର ମୁଖ୍ୟ ଉଦେଶ୍ୟ ହେଉଛି ଜଣେ ପଞ୍ଜିକୃତ ଚାଷୀ ମଣ୍ଡିକୁ ତା'ଙ୍କର ଧାନ ବିକ୍ରୟ କରିବା ପାଇଁ ଆସିବା ପୂର୍ବରୁ କେତେକ ବିଷୟରେ ଜାଣିବା ନିତ୍ୟାନ୍ତ ଜରୁରୀ ଅଟେ । ଯେପରି କି, ବିକ୍ରି ପାଇଁ ଉର୍ଦ୍ଦିଷ୍ଟ ଧାନର ଗୁଣାତ୍ମକ ମାନ କିପରି ହେବା ଉଚିତ, ମଣ୍ଡିକୁ ଧାନ ଆଣିବା ପୂର୍ବରୁ କିପରି ସଫା ଓ ଶୁଖିଲା କରି ଆଣିବେ ଏବଂ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ତା'ଙ୍କୁ କେଉଁ କେଉଁ ନୀତି ନିୟମ ଅନୁସରଣ କରିବା ପାଇଁ ପଡିବ, ସେ ସମ୍ବନ୍ଧରେ ଚାଷୀ ଭାଇ ଭଉଣୀଙ୍କୁ ଅବଗତ କରାଇବା ଦ୍ୱାରା ଚାଷୀ ଭାଇଭଉଣୀ ମାନେ ମଣ୍ଡିକୁ ଆସି ବିନା କଟନି ଛଟନୀରେ ସେମାନଙ୍କ ଧାନ ବିକ୍ରୟ କରି ସେମାନଙ୍କ ଉଚିତ ପ୍ରାପ୍ୟ ପାଇ ପାରିବେ ।

ଉକ୍ତ ରଥ ଦୁଇଟି ବାରିପଦା ଉପଖଣ୍ଡର ୧୦ଟି ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତକୁ ପରିକ୍ରମାରେ ଯାଇ ଖରିଫ ଋତୁରେ ଧାନ ବିକ୍ରୟ ସମ୍ବନ୍ଧରେ ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କ ଅବଗତି ନିମନ୍ତେ ବିଭିନ୍ନ ସୂଚନା ପ୍ରଦାନ କରିବା ସହ ସଚେତନତା ବାର୍ତ୍ତା ପହଞ୍ଚାଇବ ଯଦ୍ୱାରା ପଞ୍ଜିକୃତ ଚାଷୀ ମାନେ ସେମାନଙ୍କର ଧାନ ବିକ୍ରି ପାଇଁ ମଣ୍ଡିକୁ ଆସି କୌଣସି ସମସ୍ୟାର ସମ୍ମୁଖୀନ ନହୋଇ ଅମଳ କରିଥିବା ଧାନକୁ ବାରିପଦା ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ନିକଟସ୍ଥ ଲ୍ୟାମ୍ପ/ମଣ୍ଡି ମାଧ୍ୟମରେ ଗୁଣାତ୍ମକ ମାନର ଧାନକୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମରେ ବ୍ୟବସ୍ଥିତ ଢଙ୍ଗରେ ବିକ୍ରୟ କରି ଧାନର ସହାୟକ ମୂଲ୍ୟ ନିଜ ନିଜ ବ୍ୟାଙ୍କ ଖାତା ଜରିଆରେ ପାଇ ପାରିବେ। ଧାନ ବିକ୍ରି ସମ୍ବନ୍ଧରେ ସବିଶେଷ ତଥ୍ୟ ପାଇବା ପାଇଁ ହେଲେ ଚାଷୀ ମାନେ ନିଜର ପଞ୍ଜିକୃତ ମୋବାଇଲ ନମ୍ବରରୁ ଦେୟ ମୁକ୍ତ ନମ୍ବର ୧୯୬୭କୁ ଯୋଗାଯୋଗ କରି ତଥ୍ୟ ପାଇ ପାରିବେ ।

ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ସହକାରୀ ନିମ୍ବନ୍ଧକ ତୁଷାର କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଏବଂ ବାରିପଦା ନିୟନ୍ତ୍ରିତ ବଜାର କମିଟିର ଉପସଭାପତି ମଳୟ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

# ଲୋଭ ଦେଖାଇ ଯୁବକଙ୍କ ୬ ଲକ୍ଷ ନେଇଗଲେ ସାଇବର ଗ୍ୟାଙ୍ଗ

ବ୍ରହ୍ମପୁର, (ସବ୍ୟୁ): ଚଞ୍ଚକତା କରି ସାଇବର ଠକମାନେ ବ୍ରହ୍ମପୁରର ଜଣେ ଯୁବକଙ୍କ ଠାରୁ ୬ ଲକ୍ଷ ଟଙ୍କା ଠକି ନେଇଛନ୍ତି । ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୯୬/୨୫ ରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଯେଉଁ ଆପ ଜରିଆରେ ଠକେଇ କରାଯାଇଥିଲା ଉକ୍ତ ଆପ୍ ଏବଂ ତାହାର ପରିଚାଳକଙ୍କ ବିଷୟରେ ଛାନଭିନ କରୁଛି । ପ୍ରକାଶ ଯେ, ବ୍ରହ୍ମପୁର କମାପଲ୍ଲୀ ଅଞ୍ଚଳରେ ରହୁଥିବା ଜଣେ ଯୁବକ କିଛି ମାସ ତଳେ ଅନଲାଇନରେ ଇନଭେଷ୍ଟମେଣ୍ଟ ବିଷୟରେ ଜାଣିବାକୁ ପାଇଥିଲେ । ଗୋଟିଏ ଆପରେ ଅନଲାଇନ ନିବେଶ କଲେ ୬ ମାସରେ ୫୦ ପ୍ରତିଶତ ବୋନସ ମିଳୁଛି ବୋଲି ତାଙ୍କୁ କୁହାଯାଇଥିଲା । ସେହିକ୍ରମରେ ଯୁବକ ଜଣଙ୍କ ଉକ୍ତ ଆପ ବିଷୟରେ ଯାଞ୍ଚ କରିଥିଲେ । ସେଥିରେ ହେଉଥିବା କାରବାର ଓ ମିଳୁଥିବା ବୋନସ ବିଷୟରେ କିଛି ଦିନ ଯାଞ୍ଚ କରିବା ପରେ ଯୁବକ ଜଣଙ୍କ ପ୍ରଥମେ କିଛି ଟଙ୍କା ନିବେଶ କରିଥିଲେ । ପରେ ଅଧିକ ଟଙ୍କା ଜମା କରିବାକୁ ଲାଗିଥିଲେ । କିଛି ଦିନ ଭିତରେ ସେ ୬ ଲକ୍ଷ ଟଙ୍କା ଜମା କରି ଦେଇଥିଲେ ।

ତେବେ ଯୁବକ ଜଣଙ୍କ ଯେତେବେଳେ ନିଜ ବୋନସ ଟଙ୍କାରୁ କିଛି ଉଠାଣ କରିବାକୁ ଉଦ୍ୟମ କରିଥିଲେ ସେତେବେଳେ ତାହା ସମ୍ଭବ ହୋଇପାରିନଥିଲା । ଏନେଇ ଯୁବକ ଜଣଙ୍କ ଉକ୍ତ ଆପ ତଥା କମ୍ପାନୀ ପରିଚାଳନା କରୁଥିବା ଆଡମିନ ଓ କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସେପଟୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା । ତେବେ ନିଜ ଟଙ୍କା ଉଠାଣ କରିବାରେ ଅସଫଳ ହେବା ସହ ଉକ୍ତ ଅନଲାଇନ ଇନଭେଷ୍ଟମେଣ୍ଟ ସଂସ୍ଥାରୁ ଯୋଗାଯୋଗ ବନ୍ଦ ହୋଇଯାଇଥିଲା । ଅଧିକ ଲାଭର ଲୋଭ ଦେଖାଇ ସାଇର ଠକମାନେ ତାଙ୍କର ୬ ଲକ୍ଷ ଠକି ନେଇଥିବା ଜାଣିବା ପରେ ଯୁବକ ଜଣଙ୍କ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିଲେ ।

# ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ଏଡିଏମ ସୁନିଲ କେର୍କେଟାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୁଗୁଡା ତହସିଲଦାର ତାପସ ରାଉତ, ଏବିଡ଼ିଓ ଧର୍ମରାଜ ପରିଡା, ସିଡିପିଓ ବବିତା କୁମାରୀ ପଣ୍ଡା ଓ ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ ଯୋଗ ଦେଇଥିଲେ । ମୋଟ ୧୧ ଗୋଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା । ସେଥି ମଧ୍ୟରୁ ୮ଟି ବ୍ୟକ୍ତିଗତ ଏବଂ ୩ଟି ଗୋଷ୍ଠୀଗତ ଅଭିଯୋଗ ହୋଇଥିଲାବେଳେ ୮ଟି ଅଭିଯୋଗର ତତ୍କ୍ଷଣାତ୍ ସମାଧାନ ହୋଇଥିଲା ।

# ଢଉଗାଁରେ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକର ଢ଼ଉଗାଁ ଶିବ ମନ୍ଦିର ନିକଟରେ ଶ୍ରୀଶ୍ରୀ ଭୁବନେଶ୍ୱର କଲ୍ୟାଣ ମଣ୍ଡପ ମଙ୍ଗଳବାର ଉଦଘାଟିତ ହୋଇଯାଇଛି ।

ଏହି ଅବସରରେ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଯୋଗଦେଇ ଏହାକୁ ଉଦଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସମ୍ମାନୀତ ଅତିଥି ଭାବରେ ସରପଞ୍ଚ ମନୁ ପାତ୍ର, ବି ଡି ଓ ସଂଗ୍ରାମ କେଶରୀ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ । ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତର ମିଳିତ ଅନୁଦାନ ପ୍ରାୟ ପଞ୍ଚତିରିଶି ଲକ୍ଷ ଟଙ୍କା ବ୍ୟୟରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି । ଢଉଗାଁ ଭଳି ଏକ ବୃହତ ଗାଁରେ ଏଭଳି ଏକ କଲ୍ୟାଣ ମଣ୍ଡପ ନିର୍ମାଣ ଦ୍ୱାରା ଏହା ବହୁମୁଖୀ କାର୍ଯ୍ୟରେ ବ୍ୟବହାର ହୋଇପାରିବ । ଏଣୁ ଅଞ୍ଚଳବାସୀ ବେଶ ଖୁସି ପ୍ରକଟ କରିଛନ୍ତି । କାର୍ଯ୍ୟକ୍ରମ ଶେଷରେ ପୂର୍ବତନ ସରପଞ୍ଚ ଦିଲିପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଫେଇ କର୍ମଚାରୀଙ୍କ ପାଇଁ ବଡାଖାନା କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକା ପକ୍ଷରୁ ପୌର କଲ୍ୟାଣ ମଣ୍ଡପ ଠାରେ ସଫେଇ କର୍ମଚାରୀ ମାନଙ୍କ ନିମିତ୍ତ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉପନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, କାଉନସିଲର ସୁକେଶିନୀ ସେଠି, ପୂଜା ତରେଇ, ପ୍ରଭାତୀ ପୃଷ୍ଟି, ମହେଶ ଭଞ୍ଜଦେଓ, ଦୀପ୍ତିରେଖା ପଟ୍ଟନାୟକ, ଦିଗବିଜୟ ହାଁସଦା, ସୁଧୀର ବେହେରା, ଅନନ୍ତ ଦାସ ଓ ଶିବଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ରହି ସଫେଇ କର୍ମଚାରୀ ମାନଙ୍କୁ ଖାଦ୍ୟ ପରିବେଷଣ କରିଥିଲେ । ସଫେଇ କର୍ମଚାରୀ ଆମ ସମାଜର ଏକ ଅପରିହାର୍ଯ୍ୟ ଅଙ୍ଗ ଅଟନ୍ତି । ବାରିପଦା ପୌରାଞ୍ଚଳର ସଫା ରାସ୍ତା, ଘାଟ, ନାଳ ନାର୍ଦ୍ଦମା, ଅଲୋଡ଼ା ବର୍ଜ୍ୟବସ୍ତୁ ସଫେଇ କରିବା ଆଦି ସବୁ ଶ୍ରେୟ ଉକ୍ତ ସଫେଇ କର୍ମଚାରୀ ମାନଙ୍କ ଅଟେ । ତାଙ୍କ କଥା କେହି ଚିନ୍ତା କରନ୍ତୁ କି ନକରନ୍ତୁ ବାରିପଦା ପୌରପାଳିକା ପକ୍ଷରୁ ତାଙ୍କ ଉଦ୍ଦେଶ୍ୟରେ ବଡାଖାନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ପୌରପାଳିକା ସଫେଇ କର୍ମଚାରୀ, ଟ୍ରାକଫର ଚାଳକ, ମଇଳା ଉଠା କର୍ମଚାରୀ, ଏଲସିଭି ଓ ବିଓଭି ଆଳିଆ ସଂଗ୍ରହ ଗାଡି କର୍ମଚାରୀ, ବାରିପଦା ପୌରପାଳିକା ଅନ୍ତର୍ଗତ ୬ଟି ଅଣୁ ଜୈବ୍ୟ ଖତ ପ୍ରସ୍ତୁତି କେନ୍ଦ୍ରରେ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ମଳ ବିଶୋଧନାଗାରରେ ନିୟୋଜିତ ଭଉଣୀ ମାନଙ୍କୁ ମିଶାଇ ପ୍ରାୟ ୭୦୦ଜଣ ସଫେଇ କର୍ମଚାରୀ ମାନେ ବଡାଖାନାରେ ଖାଦ୍ୟ ଗ୍ରହଣ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ପୌର ବିଶୋଧନା ନିରୀକ୍ଷକ କମଲ କୁମାର ବାସ୍କେ, ଦେବବ୍ରତ ଦାସ, ପୌର ବିଶୋଧନା ବିଶେଷଜ୍ଞ ଗୌରୀ ନାୟକ, ସାର୍ଥକ ପ୍ରୟାସ ପାତ୍ର, ରୂପକ କୁମାର ଦାସ, ସତ୍ୟଜିତ ପ୍ରଧାନ, ମୃତ୍ୟୁଞ୍ଜୟ ମହାନ୍ତି, ଦିବ୍ୟ ପ୍ରକାଶ କାନୁନଗୋ, ଚନ୍ଦନ ବିଶ୍ୱାଳ, ଅନିତା ମହାପାତ୍ର ଓ ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

## ଶହେ ତମ ଜନ୍ମଦିନକୁ ସ୍ମରଣୀୟ କରିବେ ଡାକ୍ତର ଲକ୍ଷ୍ମୀ ବାଈ

# ଭୁବନେଶ୍ୱର ଏମସ୍‌କୁ ଦେଲେ ୩. ୪୦ କୋଟି



ବ୍ରହ୍ମପୁର, (ସବ୍ୟୁ) : ଶହେ ବର୍ଷରେ ପଦାର୍ପଣ କରିବେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡା. ଲକ୍ଷ୍ମୀ ବାଇ । ଶହେ ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ଜୀବନବ୍ୟାପି ସଞ୍ଚିତ ପୁଞ୍ଜି ସ୍ୱାସ୍ଥ୍ୟସେବାର ବିକାଶରେ ବିନିଯୋଗ କରିବେ । ଶତବାର୍ଷିକୀ ପାଳନ ଅବସରରେ ସେ ଭୁବନେଶ୍ୱର ଏମସ୍‌କୁ ୩ କୋଟି ୪୦ ଲକ୍ଷ ଟଙ୍କା ଦେବେ । ଏହି ଅର୍ଥରେ ମହିଳା କର୍କଟ ରୋଗ ଚିକିତ୍ସା ଓ ଯନି କେନ୍ଦ୍ରରେ ବିନିଯୋଗ ହେବ । ଏଥିପାଇଁ ହସ୍ପିଟାଲ ସହ ତାଙ୍କର ସମସ୍ତ ଆଲୋଚନା ସରିବା ପରେ କାଗଜପତ୍ର ପ୍ରସ୍ତୁତ ହୋଇସାରିଛି ।

ପ୍ରଫେସର ଲକ୍ଷ୍ମୀ ବାଇ କଟକ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବ୍ୟାଚ୍ ଏମ୍ବିବିଏସ୍ ଛାତ୍ରୀ । ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଅବସର ନେବା ପରେ ବ୍ରହ୍ମପୁର ଭାବାନଗଡସ୍ଥିତ ଘରେ ରହୁଛନ୍ତି । ଆସନ୍ତା ୫ ତାରିଖରେ ସେ ଶତବାର୍ଷିକୀ ପାଳନରେ ଏହା ଘୋଷଣା କରିବେ । ଜୀବନବ୍ୟାପି ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବାରେ ବିନିଯୋଗ କରି ସେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଛନ୍ତି । ଡାକ୍ତର ଲକ୍ଷ୍ମୀ ବାଇ ମହିଳା କର୍କଟ ରୋଗ ଚିକିତ୍ସା ଓ ଯନି କେନ୍ଦ୍ର କରିବାକୁ ଏହି ଟଙ୍କା ସେ ଭୁବନେଶ୍ୱର ଏମ୍ସକୁ ଦାନ କରିଥିବା କହିଛନ୍ତି । ତାଙ୍କର ଛାତ୍ରୀ ତଥା ଜଣାଶୁଣା ପ୍ରସୁତି ଓ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ପି. ଭାରତୀ ଓ ଡା. ଭାରତୀ ମିଶ୍ର ଏହି କାର୍ଯ୍ୟର ତଦାରଖ କରୁଛନ୍ତି । ସ୍ୱାସ୍ଥ୍ୟ ସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଉଭୟ ବେଶ ଖୁସି ହେବା ସହ ତାଙ୍କ ଆଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ୧୯୨୬ ଡିସେମ୍ବର ୫ରେ ଡା. ଲକ୍ଷ୍ମୀ ବାଇଙ୍କ ଜନ୍ମ । ୧୯୪୫ରୁ ୧୯୫୦ ମଧ୍ୟରେ ସେ ଏସସିବି ମେଡିକାଲରେ ଏମ୍ବିବିଏସ୍ ପଢ଼ିବା ପରେ ୧୯୫୮ରେ ମାଡ୍ରାସ୍ ମେଡିକାଲ କଲେଜରେ ସ୍ତ୍ରୀ ଓ ପ୍ରସୂତି (ଡିପ୍ଲୋମା) ଓ ପରେ ଏମଡ଼ି କରିଥିଲେ । ୧୯୫୦ରେ ସୁନ୍ଦରଗଗଡ଼ ଜିଲ୍ଲା ହସ୍ପିଟାଲରୁ ଚାକରି ଜୀବନ ଆରମ୍ଭ କରି ୧୯୮୬ରେ ଏମକେସିଜିରୁ ଅବସର ନେଇଥିଲେ । ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ଭାରତଜ୍ୟୋତି ଆୱାର୍ଡ଼, ଇଣ୍ଟରନାସନାଲ ଫ୍ରେଣ୍ଡସିପ୍ ସୋସାଇଟି ଆୱାର୍ଡ଼ଏବଂ ବେଷ୍ଟ୍ ସିଟିଜେନ୍ ଅଫ୍ ଇଣ୍ଡିଆ ଆୱାର୍ଡ଼ ପାଇଛନ୍ତି ।

# ବିରୋଧି ଦଳର ନିର୍ବାଚିତ ଜନପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନର ଅଣଦେଖା ଅଭିଯୋଗ

ବୁଗୁଡ଼ା, (ସବ୍ୟୁ) : ଏକୋଇଶିଟି ପଞ୍ଚାୟତକୁ ନେଇ ଗଠିତ ବୁଗୁଡା ପଞ୍ଚାୟତ ସମିତିର ନିର୍ବାଚିତ ବିରୋଧୀ ଦଳର ଜନପ୍ରତିନିଧିଗଣ ପ୍ରଶାସନିକ ଅଣଦେଖାର ଶିକାର ହେଉଥିବା ନେଇ ଲିଖିତ ଅଭିଯୋଗ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ହୋଇଥିବା ଜଣାଯାଇଛି । ବିରୋଧୀ ଦଳର ଜନପ୍ରତିନିଧିମାନଙ୍କ ଲିଖିତ ଅଭିଯୋଗରୁ ପ୍ରକାଶଯେ, ଗତ ସାଧାରଣ ନିର୍ବାଚନ-୨୦୨୪ ପରଠୁ ବ୍ଲକର ଗ୍ରାମାଞ୍ଚଳରେ ଯେକୌଣସି ଉନ୍ନତିମୂଳକ କାର୍ଯ୍ୟ, ରାସନ କାର୍ଡ ପ୍ରଦାନ, ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ, ଅନ୍ତୋଦୟ ଗୃହ ଯୋଜନା କ୍ଷେତ୍ରରେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅନ୍ଧାରରେ ରଖି କିଛି ସରକାରୀ କର୍ମଚାରୀ ଏବଂ ଦଲାଲ ମନମୁଖୀ କାର୍ଯ୍ୟ କରିଆସୁଥିବା ବେଳେ ବିଭିନ୍ନ ପଞ୍ଚାୟତରେ ଦଲାଲମାନେ ରାସନ କାର୍ଡ ବଣ୍ଟନ କରୁଥିବା ଘଟଣା ଜନପ୍ରତିନିଧିଙ୍କ ନଜରକୁ ଆସିଛି । ଅନ୍ୟପକ୍ଷରେ ଯେଉଁ ପଞ୍ଚାୟତରେ ରାସନ କାର୍ଡ ବଣ୍ଟନ କରାଗଲା ସେହି ପଞ୍ଚାୟତର ସରପଞ୍ଚ ଏବଂ ପିଇଓ ଏହା ଜାଣିଛନ୍ତି କି ଏବଂ ଯଦି ଜାଣିଛନ୍ତି ତେବେ ଏକ୍ୟୁଟାନ୍ସ ରେଜିଷ୍ଟରରେ ସାଇନ୍ କରିଛନ୍ତି କି ବୋଲି ଜନପ୍ରତିନିଧିଗଣ ପ୍ରଶ୍ନମାନ ଉତଥାପନ କରିଛନ୍ତି ।

ଏଥି ସହ ବିଜିବିଓ, ମନରେଗା, ଜିଆଇଏ, ପିଏସଡିପି ଆଦି କାର୍ଯ୍ୟ ସମିତି ସଭ୍ୟଙ୍କ ଅଜାଣତରେ ହେଉଥିବା ଅଭିଯୋଗ ହୋଇଛି । ଉପଯୁକ୍ତ ଅଭିଯୋଗମାନଙ୍କୁ ଗୁରୁତ୍ୱ ଦେଇ ସକାରାତ୍ମକ ସମାଧାନ କରାଯିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି କରିବା ସହିତ ଯଦି ସମାଧାନ ନହୁଏ ତେବେ ନିର୍ବାଚିତ ଜନପ୍ରତିନିଧିଗଣ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଦେବା ନେଇ ସୂଚନା ଦେଇଛନ୍ତି । ଏନେଇ ଅଭିଯୋଗକାରୀଙ୍କ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଅବଗତ କରାଯାଇଛି । ଅନ୍ୟପକ୍ଷରେ ପୂର୍ବତନମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ସମେତ ଅଭିଯୋଗକାରୀ ଜନପ୍ରତିନିଧିଗଣ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନଙ୍କ କାର୍ଯ୍ୟାଳୟକୁ ଯାଇ ଦୃଢ ଅଭିଯୋଗ କରିଥିବା ଜଣାଯାଇଛି ।

## ଜିଲ୍ଲାସ୍ତରୀୟ ଯୁବୋତ୍ସବ ଉଦ୍‌ଯାପିତ

# ଉତ୍ତରସାହି ଛଉ ରାଜ୍ୟସ୍ତରକୁ ମନୋନୀତ



ବାରିପଦା, (ସବ୍ୟୁ) : ଓଡିଶା ସରକାରଙ୍କର କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ତଥା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ବିଭାଗର ମିଳିତ ଉଦ୍ୟମରେ ଜିଲ୍ଲା ସ୍ତରୀୟ ଯୁବୋତ୍ସବ ଉଦଯାପିତ ହୋଇଯାଇଛି। ସ୍ଥାନୀୟ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଲୋକନୃତ୍ୟରେ ଉତ୍ତରସାହି ଛଉ, ଲୋକଗୀତରେ ଗୁରୁଶିଷ୍ୟ ଦଳ, ବିଜ୍ଞାନ ମେଳାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, କବିତା ଲିଖନରେ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ସନ୍ଧ୍ୟାରାଣୀ ବେହେରା, ଗଳ୍ପ ଲିଖନରେ ଶ୍ରୀ ମାମହିଳା ମହାବିଦ୍ୟାଳୟର ସୁବର୍ଣ୍ଣ ବେହେରା, ବକ୍ତୃତା ପ୍ରତିଯୋଗିତାରେ ବେତନଟୀର ଅଭିଷେକ ମହାନ୍ତି, ଚିତ୍ରାଙ୍କନରେ ଟିଟିଇ, ତକତପୁରର ସଞ୍ଜୟ କୁମାର ମାର୍ଣ୍ଡି ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ତତ୍‌ସହିତ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ଦଳଗତ ପ୍ରତିଯୋଗିତାରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ୧୦ହଜାର, ସାଢେ ୭ହଜାର ଓ ୫ହଜାର ପ୍ରୋତ୍ସାହନ ରାଶି ସହ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବ୍ୟକ୍ତିଗତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩ହଜାର, ୨ହଜାର ଓ ୧ହଜାର ପ୍ରୋତ୍ସାହନ ରାଶି ସହ ଟ୍ରଫି ଓ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ଶୁଭକାମନା ଜଣାଇଥିଲେ। ଶିକ୍ଷକ ସୋମନାଥ ସିଂହ, ନାଦିଆ ଦାସ ଓ ହିମାନୀ ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ସୁନିଲ କୁମାର ମହାନ୍ତ, କୈଳାସ ମହାଳିକ, ପ୍ରଦୀପ ଚୌଧୁରୀ, ଦିବ୍ୟ ରଞ୍ଜନ ଦାସ, ତ୍ରିଲୋଚନ ଗିରି, ଶୁଭମ ପାତ୍ର, ନରେନ୍ଦ୍ର ମହାନ୍ତ, କ୍ରୀଡ଼ା ଛାତ୍ରାବାସର କର୍ମକର୍ତ୍ତା ଓ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ କାର୍ଯ୍ୟକ୍ରମର ସଫଳତା ପାଇଁ ବିଚାରକ ମଣ୍ଡଳୀ ଓ ଅନ୍ୟାନ୍ୟ ସମସ୍ତଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

BAJAJ FINANCE

**ଖବରକାଗଜରେ ପ୍ରକାଶିତ ସ୍ୱର୍ଣ୍ଣ ଅଳଙ୍କାର ନିଲାମ ସମ୍ପର୍କିତ ସାର୍ବଜନୀନ ବିଜ୍ଞପ୍ତି**
**ବଜାଜ ଫାଇନାନ୍ସ ଲିମିଟେଡ୍**
**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ୍, ଅକୁରଦି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ ସମସ୍ତ ସମ୍ପୃକ୍ତ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଏହା ସୂଚିତ କରାଯାଉଛି ଯେ, ଯେଉଁ ଋଣଗ୍ରହୀତାମାନେ ଗୋଲ୍ଡ ଲୋନ୍ ନେବା ସମୟରେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଜମା କରିଥିଲେ ଏବଂ ସେମାନେ ଲୋନ୍ ରାଶି ପରିଶୋଧ କରିପାରିନାହାନ୍ତି କିମ୍ବା ଆବଶ୍ୟକ ମାର୍ଜିନ ରାଶି ଜମା କରିପାରିନାହାନ୍ତି, ବାରମ୍ବାର ସୂଚନା ପରେ ମଧ୍ୟ ଯଦି ବିଫଳ ହୁଅନ୍ତି, ତେବେ ସେହି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ "ଯେମିତି ଅଛି, ସେହି ଅବସ୍ଥାରେ" ନିଲାମ ପାଇଁ ଉପସ୍ଥାପନ କରାଯିବ। ନିଲାମରେ ଅଂଶଗ୍ରହଣକାରୀମାନେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁସରଣ କରିବାକୁ ଅନୁରୋଧ ଜଣାଯାଉଛି:

(କ) ଏହି ସାର୍ବଜନୀନ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ (ଲୋନ୍, ଅଳଙ୍କାର, ମୋଟ ଓଜନ, ନିଲାମର ସ୍ଥାନ ଏବଂ ତାରିଖ) ଦେଖିବା ପାଇଁ ପାର୍ଶ୍ୱରେ ଥିବା QR କୋଡ୍ ସ୍କାନ୍ କରନ୍ତୁ।
(ଖ) ଏହି ସାର୍ବଜନୀନ ନିଲାମ ସହ ସମ୍ବନ୍ଧିତ ବିଡରମାନଙ୍କ ସମ୍ପୂର୍ଣ୍ଣ ସର୍ତ୍ତ ଓ ନିୟମାବଳୀ ("T&CS") ପଢିବା ପାଇଁ ନିମ୍ନଲିଖିତ ୱେବଲିଙ୍କକୁ ଭିଜିଟ୍ କରନ୍ତୁ: http://172.30.1.235:3000/?WOUB20G9WU
(ଗ) ସର୍ତ୍ତ ଓ ନିୟମାବଳୀ ବୁଝିବା ପରେ, ତାହା ଅନୁସାରେ ନିଲାମ ତାରିଖରେ କିମ୍ବା ତାହା ପୂର୍ବରୁ NEFT / RTGS / ବଜାଜ ଗୋଲ୍ଡ ଅକ୍ସନ୍ ଆପ୍ ମାଧ୍ୟମରେ ₹25,000 ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଜମା କରନ୍ତୁ।
(ଘ) ନିଲାମ ସ୍ଥଳରେ ସକାଳ 10ଟାରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହନ୍ତୁ; ଏବଂ
(ଙ) ନିଲାମ ସ୍ଥଳକୁ ବୈଧ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଆସିବା ଆବଶ୍ୟକ।
(ଚ) ନିଲାମ ତାରିଖରେ ମଧ୍ୟାହ୍ନ 12ଟା ପରେ କୌଣସି ବିଡରଙ୍କୁ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ।
(ଛ) ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଦେଇଥିଲେ ମଧ୍ୟ, ନିର୍ଦ୍ଦିଷ୍ଟ ସମୟ ସୀମାରେ ଅଂଶଗ୍ରହଣ ନକରିଥିବା ବିଡରମାନଙ୍କୁ ସ୍ୱୀକାର କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ଶାଖା ପରିଚାଳକ / ନିଲାମକାରୀଙ୍କ ପାଖରେ ରହିବ।

ସ୍କାନ୍ କରନ୍ତୁ

ନିଲାମର ସ୍ଥାନ ଏବଂ ତାରିଖରେ କୌଣସି ପରିବର୍ତ୍ତନ ହେଲେ, ସେହି ସୂଚନା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବାର ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। ଯେକୌଣସି ପ୍ରକାରର ଜିଜ୍ଞାସା କିମ୍ବା ସ୍ପଷ୍ଟୀକରଣ ପାଇଁ, ନିମ୍ନଲିଖିତ ଇମେଲ୍ ଠିକଣା ମାଧ୍ୟମରେ ଆମ ସହ ସମ୍ପର୍କ କରିପାରିବେ - gold.auction@bajajfinserv.in

(12-01-26) **ଆଠଗଡ଼ - ବୀରକିଶୋରପୁର:** PCQ8SGL14368907, 14397912, 14536554, 14554970, 14577277, 14740944, 14852918. **ବାଲେଶ୍ୱର - ପୋଲିସ୍ ଲାଇନ୍ ସ୍କୋୟାର୍:** PEI4SGL14375821, 14396179, 14395610, 14409357, 14436420, 14463076, 14599910, 14794468, 14870935, 14899370, 14920519. **ବାଲୁଗାଁ - ମେନ୍ ରୋଡ୍:** PCQ9SGL14373851, 14479964, 14628615, 14657907, 14866016. **ବରଗଡ଼ - ଖାରଜଟୀ କାଲା:** PGC3SGL14435265, 14445365, 14484150, 14626974, 14709145, 14730233, 14727736, 14757208, 14775050, 14793719, 14845577, 14855332, 14921398, 14921978. **ବାରିପଦା - KC ସର୍କଲ:** P4C7SGL14728727. **ବାସୁଦେବପୁର - AB କଲେଜ୍ ଚୌକ:** PJE1SGL14351079, 14393297, 14402507, 14553213, 14573515, 14754365, 14755672, 14840396. **ବ୍ରହ୍ମପୁର - ଗୋସାନୀ ନୁଆଗାଁ:** PMR7SGL14398944, 14459343, 14869676. (13-01-26) **ବ୍ରହ୍ମପୁର - କମାପଲ୍ଲି ଚକ୍:** PB63SGL14575858, 14628668, 14632734, 14900334. **ଭଦ୍ରକ - ଧାମନଗର:** PML4SGL14626005. **ଭଦ୍ରକ - ସାଲାଣ୍ଡି ବାଇପାସ୍:** PCR1SGL14354366, 14394871, 14495110, 14573342, 14705834, 14737024, 14755103, 14775504, 14832805, 14870326, 14872254. **ଭବାନୀପାଟଣା - BGL:** PU41SGL13475121, 14532863. **ଭୋଗରାଇ - ଥାନା ଚୌକ:** PLP3SGL14437566. **ଭୁବନେଶ୍ୱର - ଖଣ୍ଡଗିରି:** PER5SGL14530075, 14533824, 14573000, 14601465, 14658597, 14691925, 14820265, 14822597, 14842863. **ଭୁବନେଶ୍ୱର - BGL:** P423SGL14466760, 14474523, 14627462, 14686992, 14704526, 14705480, 14730612, 14823706, 14916800. **ବୁଗୁଡ଼ା - ମେନ୍ ରୋଡ୍:** PLH7SGL13534242, 13562678, 13595832, 14353375, 14352030, 14399957, 14396895, 14442541, 14463736, 14482468, 14516457, 14633229, 14630160, 14654374, 14680792, 14709152, 14742506, 14732755, 14816991, 14850813. (15-01-26) **ଚୌଦ୍ୱାର - କଳିଙ୍ଗ ଚକ୍:** PLE8SGL13587941, 14354779, 14392618. **କଟକ - ଲିଙ୍କ ରୋଡ୍:** PGG9SGL14495283, 14744565. **ଢେଙ୍କାନାଳ - ମହାବୀର ମନ୍ଦିର:** PMS4SGL14846402, 14852218. **ଗଞ୍ଜାମ - କଳିଙ୍ଗ ରୋଡ୍:** PMS5SGL14391963, 14754936, 14760924, 14908867. **ଗୁଣୁପୁର - ବାଇପାସ୍ ରୋଡ୍:** PL09SGL14514246, 14759149. **ଜଗତସିଂହପୁର - ଦୁର୍ଗାବାଜାର:** PU42SGL14444333, 14440004, 14475321, 14703764, 14708029, 14704317, 14762445. **ଜଗତସିଂହପୁର - ରହମା:** PML9SGL14512870, 14530581, 14558979, 14630076, 14660469, 14713956, 14824845. (16-01-26) **ଯାଜପୁର - ମଙ୍ଗଳପୁର:** PLF4SGL14446295, 14731712, 14797544, 14815881, 14889085. **ଯାଜପୁର - ସିଂହପୁର:** PLS4SGL14511393, 14743368. **ଯାଜପୁର - ଟାଉନ୍ ଶୀତଳେଶ୍ୱର:** PJU7SGL13735678, 14777910. **ଜଟଣୀ - ମେନ୍ ରୋଡ୍:** PCR2SGL13816592, 14575509, 14602446, 14764481, 14774402, 14819173, 14863941. **ଜୟପୁର - ଏମ୍.ଜି. ରୋଡ୍:** PGH2SGL14352911, 14445096, 14446144, 14476922, 14648638, 14688305, 14683906, 14738691, 14741517, 14846569, 14865951, 14892116. **ଝାରସୁଗୁଡ଼ା - ବେହାରମାଲ:** PG62SGL14414959, 14605959, 14606958, 14651088, 14733428. **କାକଟପୁର - ଚନ୍ଦନ ବଜାର:** PLE6SGL14372640. **କଣିହା - NTPC ବାଇପାସ୍ ରୋଡ୍:** PV26SGL14352116, 14584397, 14794215. (17-01-26) **କେନ୍ଦ୍ରାପଡ଼ା - କଲେଜ ସ୍କୋୟାର୍:** PGT6SGL14349102, 14839730, 14892776. **କେନ୍ଦୁଝର - ମାଇନିଂ ରୋଡ୍:** PCQ7SGL13744679, 14605230. **ଖୋର୍ଦ୍ଧା - ମେନ୍ ଟାଉନ୍:** PDA3SGL14755136, 14872314. **କୁଚିଣ୍ଡା - BGL:** P93KSGL14347940, 14396529, 14455040, 14521623, 14612418, 14638267, 14629755, 14624997, 14734130, 14728455, 14783360, 14782903, 14793508, 14792606, 14868085, 14908629. **ମଦନପୁର ରାମପୁର - ମେନ୍ ରୋଡ୍:** PLF2SGL14615713. **ନବରଙ୍ଗପୁର - ପଟେଲ ମାର୍ଗ:** PCR3SGL13508580, 14347755, 14510811, 14510960, 14563578, 14562638, 14572195, 14611977, 14690585, 14709710, 14707233, 14733783, 14735604, 14780157, 14776917, 14824080, 14846697, 14851762, 14841075, 14865948. **ନୟାଗଡ଼ - ଖଣ୍ଡପାଡ଼ା ରୋଡ୍:** PMR9SGL14445178, 14518871, 14632306, 14732054. (19-01-26) **ନିଆଳି - ମେନ୍ ରୋଡ୍:** PJD4SGL13625177, 14679716, 14818813. **ନୀଳଗିରି - ମେନ୍ ରୋଡ୍:** PL08SGL13736973, 14373092, 14706494, 14818894. **ନିମାପଡ଼ା - ଗଣେଶ ବଜାର:** PJE2SGL14353608, 14358919, 14376654, 14562202, 14557093, 14577171, 14625428, 14705013, 14779173, 14824112, 14847119, 14839323, 14870529, 14915724, 14911352, 14911367. **ନୂଆପଡ଼ା - ମେନ୍ ରୋଡ୍:** P86HSGL13505736, 14435964, 14493006, 14514386, 14534227, 14556755, 14610986, 14756464, 14848076, 14894437. **ଫୁଲବାଣୀ - BGL:** P93ASGL13757675, 13817573, 14351724, 14348605, 14392206, 14437812, 14456024, 14530458, 14659639, 14679542, 14687334, 14716703, 14717364, 14763001, 14763332, 14776299, 14819673, 14850205, 14867002, 14913959, 14910087, 14915010. **ପିପିଲି - ହାଟ ଚୌକ:** PGE1SGL14651783, 14728289. **ପୁରୀ - ଭି.ଆଇ.ପି ରୋଡ୍:** PEK3SGL14355283, 14369066, 14391651, 14515396, 14512962, 14561658, 14688914, 14919069. **ରାଜଗାଙ୍ଗପୁର - ମେନ୍ ରୋଡ୍:** P504SGL14456061, 14516767, 14555448, 14613172, 14786951, 14817861, 14868162. (20-01-26) **ରାଜନଗର - ମେନ୍ ରୋଡ୍:** PLJ3SGL14347661, 14475164, 14564110, 14581455, 14660518, 14752727, 14822703, 14840221, 14877281. **ରାୟଗଡ଼ - ପି.ଏସ୍.ଆର୍ ରୋଡ୍:** PCR4SGL13619102, 14448957, 14530128, 14561320, 14653317, 14738080, 14800927, 14850037, 14912754. **ରାଉରକେଲା - କୋଏଲ ନଗର:** PER3SGL14416489, 14416599, 14417577, 14494620, 14574681, 14745939, 14763803, 14757050, 14862532, 14922522. **ସାଲେପୁର - ମେନ୍ ରୋଡ୍:** PGN9SGL13590559, 14369024, 14390525, 14397388, 14714997, 14736434, 14727795, 14781211, 14827371, 14845060. **ସୁନ୍ଦରଗଡ଼ - ହସ୍ପିଟାଲ୍ ରୋଡ୍:** PJU9SGL14715030, 14706256. **ଟାଙ୍ଗୀ - ମେନ୍ ରୋଡ୍:** PG01SGL14529188, 14601967, 14630719, 14711503, 14737092, 14761608, 14779672, 14823215, 14830215, 14826956, 14908650. **ଉମରକୋଟ - ଗୁଲିପାଟଣା:** PJE3SGL14557955, 14706715, 14849117, 14870777, 14915277.

**ବଜାଜ ଫାଇନାନ୍ସ ଲିମିଟେଡ୍**

# ବିଷାକ୍ତ ପାନୀୟ ପିଇ ଜଣେ ମୃତ, ଦୁଇ ଗୁରୁତର



ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ଗାଁରେ ମଙ୍ଗଳବାର ମଧ୍ୟାହ୍ନରେ ବିଷାକ୍ତ ପାନୀୟ ପିଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇ ପାଟଣାଗଡ଼ ଉପଖଣ୍ଡ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମୃତକ ହେଲେ ଗାଁ ର ସୁରୁ ମାଝୀ (୬୦) ଓ ଗୁରୁତର ଦୁଇଜଣ ହେଲେ ହରି ମାଝୀ (୪୫) ଓ ଦୁର୍ଲଭ ନାଏକ (୪୭) ବୋଲି ଜଣାଯାଇଛି।

ସୁଚନା ଅନୁସାରେ ଗାଁ ରେ ଏକ କ୍ଷେତ ରେ ପୂଜା ପରେ ଭୋଜି ଅନୁଷ୍ଠିତ ହୋଇଥିଲାଛ ସେଠାରେ ଭୋଜି ସହିତ ମଦ୍ୟପାନ ମଧ ହୋଇଥିଲା। ହେଲେ ମଦ ଭାବି କିଛି ବିଷାକ୍ତ ପାନୀୟ ପିଇ ଦେଇଥିବାରୁ ତିନିଜଣ ଗୁରୁତର ହୋଇ ଥିଲେ। ଗୁରୁତର ମଧରୁ ସୁରୁ ମାଝୀ ଡ଼ାକ୍ତରଖାନା ନେବା ବାଟରେ ମୃତ୍ୟୁ ହୋଇଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଦୁଇଜଣ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଥିବା ବେଳେ ୧୭/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୁଚନା ଦେଇଛନ୍ତି। ପ୍ରଥମିକ ତଦନ୍ତ ରୁ ପିଇ ଥିବା ପାନୀୟ କୁକୁଡ଼ା ଫାର୍ମ ରେ ବ୍ୟବହୃତ କେମିକାଲ ବୋଲି ସୁଚନା ଦେଇଥିବା ବେଳେ କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାର ତଦନ୍ତ ଚାଲିଥିବା ଥାନା ଅଧିକାରୀ କହିଛନ୍ତି।

# କଳିକେଶ ଉଠାଇଲେ ମାନବ ଚାଲାଣ ପ୍ରସଙ୍ଗ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲାରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ବେଆଇନ ମାନବ ଚାଲାଣ ହେଉଛନ୍ତି । ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଉଛି । ତେବେ ଏହି ପ୍ରସଙ୍ଗକୁ ନେଇ ବିଜେଡି ବିଧାୟକ କଳିକେଶ ନାରାୟଣ ସିଂଦେଓ ବିଧାନସଭାରେ ଲିଖିତ ଭାବେ ଉଠାଇ ଗୃହବିଭାଗ ଦାୟୀତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି । ଏକ ଅଣତାରକା ପ୍ରଶ୍ନ-ୟୁଡି-୬୨୫ ମାଧ୍ୟମରେ ବଲାଙ୍ଗିର ଜିଲ୍ଲାରୁ ବେଆଇନ ମାନବ ଚାଲାଣ ହେଉଥିବା ଓ ଏହାକୁ ରୋକିବାକୁ ରାଜ୍ୟସରକାର କଣ ପଦକ୍ଷେପ ନେଉଛନ୍ତି ତଥା ଉଦ୍ଧାର ଶ୍ରମିକଙ୍କ ଥଇଥାନ ପାଇଁ କଣସବୁ ବ୍ୟବସ୍ଥା କରାଯାଇଛି ସେନେଇ ଲିଖିତ ପ୍ରଶ୍ନ କରିଛନ୍ତି ବିଧାୟକ କଳିକେଶ । ଗତ କିଛିଦିନ ତଳେ କଣ୍ଟାବାଞ୍ଜିର ଜଣେ ସର୍ଦ୍ଦାରଙ୍କ ଘରୁ ଚାଲାଣ ହେବାକୁଥିବା ୧୪ଜଣ ଶିଶୁ ସମେତ ୫୫ଜଣଙ୍କୁ ଉଦ୍ଧାର କରାଯାଇଥିଲା । ମୁଖ୍ୟତଃ ସେହି ପ୍ରସଙ୍ଗରେ ସରକାର କଣ ପଦକ୍ଷେପ ନେଇଛନ୍ତି ସେନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାର ଲିଖିତ ଉତ୍ତର ରଖି କହିଛନ୍ତି ଯେ,କଣ୍ଟାବାଞ୍ଜିର ଆନନ୍ଦନଗର ପଡାର ବ୍ରଜେସ ବେହେରା ଓ ତାଙ୍କ ଭାଇ ପ୍ରକାଶ ବେହେରାଙ୍କ ଘରେ ପୋଲିସ ଚଢାଉକରି ୧୪ଜଣ ଶିଶୁ ସମେତ ୫୫ଜଣ ଶ୍ରମିକଙ୍କୁ ଉଦ୍ଧାର କରିଥିଲା । ସେହି ଘଟଣାରେ ଉଭୟ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିବା ବେଳେ ତାଙ୍କ ଘରୁ ଅନେକ ଗୁଡିଏ ଶ୍ରମିକମାନଙ୍କ ଆଧାରକାର୍ଡ ,ଲାପଟପ ସହ ୧ଲକ୍ଷ ୬୭ ହଜାର ଟଙ୍କା ଜବତ କରାଯାଇଥିଲା । ଉଭୟେ ବେଆଇନ ଭାବରେ ଶ୍ରମିକ ଚାଲାଣ କରିବାକୁ ତାଙ୍କ ଘରେ ଶ୍ରମିକଙ୍କୁ ରଖିଥିବା ଜଣାପଡିଥିଲା । କଣ୍ଟାବାଞ୍ଜି ଥାନାରେ ମାମଲା ନମ୍ବର-୦୮/୨୦୨୫ ରୁଜୁ କରି ତଦନ୍ତ ଚାଲୁରହିଛି । ଅଭିଯୁକ୍ତମାନେ ହାଇକୋର୍ଟ ନିର୍ଦ୍ଦେଶ ବଳରେ ଜାମିନରେ ଅଛନ୍ତି ବୋଲି ଉତ୍ତର ରଖାଯାଇଛି । ତେବେ ଶ୍ରମ ବିଭାଗ,ମହିଳା ଶିଶୁକଲ୍ୟାଣବିଭାଗ, ପଞ୍ଚାୟତ ପ୍ରତିନିଧି ଓ ଏନଜିଓ ମାନଙ୍କ ମିଳିତ ପ୍ରୟାସରେ ଲୋକଙ୍କୁ ସଚେତନ କରାଯାଉଛି । ଜିଲ୍ଲା ସ୍ତରରେ ଡିଏସପି ଓ ଇନ୍ସପେକ୍ଟରଙ୍କୁ ନେଇ ଗଠିତ ବିଭାଗ ମାନବ ଓ ଶିଶୁଚାଲାଣ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ନେଉଛନ୍ତି । ଉଦ୍ଧାର ଶିଶୁ ଓ ଲୋକଙ୍କୁ ସର୍ଟ ଷ୍ଟେ ହୋମରେ ରଖାଯାଇ ଖାଦ୍ୟଦେବା ସହ କାଉନସେଲିଂ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଲିଖିତ ଉତ୍ତରରେ କହିଛନ୍ତି ।

## ନ୍ୟାସନାଲ ରୋଡ଼ ସାଇକ୍ଲିଙ୍ଗ ଚାମ୍ପିୟାନସିପ୍ ଉଦ୍‌ଘାଟିତ

# ପ୍ରଥମ ଦିନରେ ଓଡିଶାର ସ୍ୱସ୍ତି ସିଂଙ୍କୁ ରୌପ୍ୟ ପଦକ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଠାରେ ୩୦ତମ ନ୍ୟାସନାଲ ରୋଡ଼ ସାଇକ୍ଲିଙ୍ଗ ଚାମ୍ପିୟାନସିପ୍ ଉଦ୍ଘାଟିତ ହୋଇଯାଇଛି । ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ ମୁଖ୍ୟ ଅତିଥି, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସାଇକ୍ଲିଙ୍ଗ ଫେଡେରେସନ ଅଫ୍ ଇଣ୍ଡିଆର ସଚିବ ମନିନ୍ଦର ପାଲ ସିଂ, ଓଡିଶା ସାଇକ୍ଲିଙ୍ଗ ଆସୋସିଏସନ୍ ଅଧ୍ୟକ୍ଷା ମିନତୀ ମହାପାତ୍ର , ସମ୍ପାଦକ ପ୍ରସନ୍ନ କୁମାର ରାଉତ ଓ ସମ୍ବଲପୁର ମହାନଗର ନିଗମ କମିଶନର ରେହାନ କ୍ଷତ୍ରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିଲେ । ଏହି ଅବସରରେ ସାଇକ୍ଲିଂ ନାମକ ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ ବାର୍ତ୍ତା ମାଧ୍ୟମରେ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ତେବେ ପ୍ରଥମ ଦିନରେ ମହିଳା(ଡବ୍ଲ୍ୟୁଇ) ୩୦କିମିରେ ଓଡିଶାର ସ୍ୱସ୍ତି ସିଂ ରୌପ୍ୟ ପଦକ ହାସଲ କରିଛନ୍ତି ।

ସୁନ୍ଦର ସ୍ୱାସ୍ଥ୍ୟ, ପ୍ରଦୂଷଣ ମୁକ୍ତ ଓ ଅଲମ୍ପିକ ପାଇଁ ଖେଳାଳୀ ସୃଷ୍ଟି କରିବା ଲକ୍ଷ୍ୟରେ ସମ୍ବଲପୁର ଠାରେ ନ୍ୟାସନାଲ ରୋଡ଼ ସାଇକ୍ଲିଙ୍ଗ ଚାମ୍ପିୟାନସିପ୍ ଆୟୋଜିତ ହେଉଛି । ଏହା ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଚାଲିବ । ସାଇକ୍ଲିଙ୍ଗ ଫେଡେରେସନ୍ ଅଫ୍ ଇଣ୍ଡିଆର ଅଧିନରେ ଓଡିଶା ସାଇକ୍ଲିଙ୍ଗ ଆସୋସିଏସନ୍, ଓଡିଶା ସରକାର ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଚାମ୍ପିୟାନସିପ୍‌ରେ ୩୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରାୟ ୧ହଜାର ସାଇକ୍ଲିଷ୍ଟ ଭାଗ ନେଇଛନ୍ତି । ସେଥିମଧ୍ୟରୁ ପ୍ରାୟ ୪୦୦ଜଣ ଯୁବତୀ ପ୍ରତିଯୋଗୀ ଅଛନ୍ତି । ୫୫ ନମ୍ବର ଜାତୀୟ ରାଜପଥ ମାଁ ବାଟମଙ୍ଗଳା ଛକରୁ ମାନେଶ୍ୱର ପର୍ଯ୍ୟନ୍ତ ରାସ୍ତାରେ ପ୍ରତିଯୋଗିତା କରାଯାଉଛି । ପ୍ରଥମ ଦିନ ୨୩ବର୍ଷରୁ କମ୍ ପୁରୁଷ ବର୍ଗ ୪୦କିମି, ସବ୍ ଜୁନିୟର ବାଳକ ୨୦କିମି, ସବ୍ ଜୁନିୟର ବାଳିକା ୧୫କିମି, ମହିଳା(ଡବ୍ଲ୍ୟୁଇ) ୩୦କିମି, ପୁରୁଷ ବର୍ଗ ୪୦କିମି, ଯୁବ ବାଳକ ୧୫କିମି, ବାଳିକା ୟୁଥ୍ ଗର୍ଲ୍ସରେ ଟ୍ରାଇମ ଟାଇମ ୧୦କିମି ବର୍ଗରେ ପ୍ରତିଯୋଗିତା ହୋଇଥିଲା । ଓଡିଶାରେ ଏହି ପ୍ରତିଯୋଗିତା ୨ୟ ଥର ଆୟୋଜିତ ହେଉଥିବା ବେଳେ ଏହା ଆମ ପାଇଁ ବର୍ଗ ଓ ଗୌରବର ବିଷୟ ବୋଲି ପ୍ରଥମ ଅର୍ଜୁନ ପୁରସ୍କାର ପ୍ରାପ୍ତ ତଥା ଓଡିଶା ସାଇକ୍ଲିଙ୍ଗ ଆସୋସିଏସନ୍ ଅଧ୍ୟକ୍ଷା ମିନତୀ ମହାପାତ୍ର କହିଥିଲେ ।

# ଜାତୀୟ ସଂହତି ଶିବିରରେ ଓଡିଶାର ୧୦ଜଣିଆ ପ୍ରତିନିଧି ଦଳ




ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ଛନ୍ଦାଚରଣ ଖୁଣ୍ଟିଆ ଗୁଜୁରାଟରେ ଅନୁଷ୍ଠିତ ଜାତୀୟ ସଂହତି ଶିବିର ୨୦୨୫ରେ ଓଡିଶା ଟିମ ଲିଡର ଭାବେ ମନୋନୀତ ହୋଇଥିଲେ। ଶିବିରଟି ଗତ ନଭେମ୍ବର ୨୨ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଗୁଜୁରାଟ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବିଶ୍ୱବିଦ୍ୟାଳୟ,ବିଦ୍ୟାନଗର,ଆନନ୍ଦରେ ଆୟୋଜିତ ହୋଇଥିଲା। ଶିବିରରେ ଓଡ଼ିଶା ସମେତ ମୋଟ ୧୦ଟି ରାଜ୍ୟ ଅଂଶଗ୍ରହଣ କରିଥିଲେ। ସମୁଦାୟ ୨୦୦ରୁ ଅଧିକ ଏନଏସଏସ ସ୍ୱେଚ୍ଛାସେବୀ ଏଥିରେ ଭାଗ ନେଇଥିଲେ। ଓଡିଶା ଟିମରେ ୧୦ ଜଣ ସ୍ୱେଚ୍ଛାସେବୀ ଥିଲେ। ତନ ମଧ୍ୟରୁ ମୁରିବାହାଲ କଲେଜର ବାଣିଜ୍ୟ ବିଭାଗର ଛାତ୍ର ବିକାଶ ରଣା ମଧ ସାମିଲ ଥିଲେ। ଓଡିଶା ଟିମ୍ ନିଜର ସମୃଦ୍ଧ ସଂସ୍କୃତି ଓ ପାରମ୍ପରିକ ଐତିହ୍ୟକୁ ପରିଚୟ କରାଇବା ପାଇଁ 'ରଙ୍ଗବତୀ' ଏବଂ 'ଡାଲଖାଇ' ନୃତ୍ୟ ପ୍ରଦର୍ଶନ କରିଥିଲା। ଯାହା ସମସ୍ତଙ୍କର ହୃଦୟସ୍ପର୍ଶୀ ହୋଇଥିଲା। ଶିବିରରେ ସ୍ୱେଚ୍ଛାସେବୀମାନଙ୍କୁ ପଦଯାତ୍ରାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବା ସହିତ ବିଶ୍ୱର ସବୁଠୁ ଉଚ୍ଚ ପ୍ରତିମୂର୍ତ୍ତି ଷ୍ଟେଚ୍ୟୁ ଅଫ ୟୁନିଟି ପରିଦର୍ଶନ କରି ଅବିସ୍ମରଣୀୟ ଅନୁଭବ ସଂଗ୍ରହ କରିବାର ସୁଯୋଗ ମିଳିଥିଲା। ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯୁବକମାନଙ୍କ ମନରେ ଜାତୀୟତାବୋଧ ସ୍ଥାପିତ କରିବା,ଦେଶର ବିଭିନ୍ନ ରାଜ୍ୟର ଯୁବକମାନଙ୍କ ମଧ୍ୟରେ ଏକତା ଓ ବନ୍ଧୁତା ସୃଷ୍ଟି କରିବା ସହିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଷୟ ଉପରେ ଭିତ୍ତି କରି ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରିବା। ଏଥିପାଇଁ ଶ୍ରୀ ଖୁଣ୍ଟିଆ ଏନଏସଏସ ରିଜିଓନାଲ ଡାଇରେକ୍ଟର ଡଃ ସରିତା ପଟେଲ, ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ସରୋଜ କୁମାର ନାୟକ,ବଲାଙ୍ଗିର ଜିଲ୍ଲା ପ୍ରୋଗ୍ରାମ୍ କୋଓର୍ଡିନେଟର୍ ଡଃ ପ୍ରିୟଙ୍କା ଚକ୍ରବର୍ତ୍ତୀ ଏବଂ ଜିଲ୍ଲା ପ୍ରୋଗ୍ରାମ୍ ଅଫିସର୍ ଡଃ ଅଜିତ ଭୋଇଙ୍କୁ ତାଙ୍କର କୃତଜ୍ଞତା ଜଣାଇଛନ୍ତି।

# ବୁଢୀଦର ମଣ୍ଡିରେ ଗ୍ରାମୀଣ ସଚେତନତା ସମାବେଶ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ବୁଢୀଦର ମଣ୍ଡି ପରିସରରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ, ପ୍ରାଥମିକ କୃଷି ସମବାୟ ସମିତି ମୁଣ୍ଡୁରାଗୁଡା ଓ ମେସର୍ସ ମନୋହର ଲାଲ ଦେବୀ ପ୍ରସାଦଙ୍କ ମିଳିତ ଅନୁକୂଲ୍ୟରେ ସ୍ଥାନୀୟ ସରପଞ୍ଚ ଯାଜ୍ଞସେନୀ ପଣ୍ଡାଙ୍କ ସଭାପତିତ୍ୱରେ ଏକ ଗ୍ରାମୀଣ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶକୁ ବିଶିଷ୍ଟ ସମାଜସେବୀ ଇଂ ପୁରୁଷୋତ୍ତମ ଦାସ ଅଗ୍ରୱାଲ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ବାଙ୍କପଲାସ ସରପଞ୍ଚ ସଂଯୁକ୍ତା ମାଝୀ, ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ ବେହେରା, ବର୍ଷିଆନ ସମାଜସେବୀ ସୁଧାଂଶୁ ଶେଖର ନେଗୀ, ଚିନ୍ମୟ ବେହେରା, ସଂଗଠକ ପ୍ରଭାତ ଦାସ, ସଂଜୀବ କୁମାର ଠାକୁର, ସୁଧାଂଶୁ ଶେଖର ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ମାନସ ପଣ୍ଡା, ପେକ୍ସ ନିର୍ଦ୍ଦେଶକ ଦାମୋଦର ବେହେରା, ପ୍ରସନ୍ନ କୁମାର ଶବର, ସୁପ୍ରସନ୍ନ ଭୋଇ, ଉଦଯୋଗୀ ଚାଷୀ ରାଜେନ୍ଦ୍ର ମାଝୀ, ପଦ୍ମ କେଶରୀ ଶବର ଏ ପ୍ରକାଶ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ପେକ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୀତେନ୍ଦ୍ର ନାଏକ ସଂଯୋଜନା କରିଥିବା ବେଳେ ସୀମାଞ୍ଚଳ ବାଗ ଅତିଥି ପରିଚୟ ପ୍ରଦାନ ଓ ରିଷବ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁବ ସଂଗଠକ ଅବିନାଶ ମୁଣ୍ଡ, ଅବସର ପ୍ରାପ୍ତ ଶିକ୍ଷକ ସଂଜୟ କୁମାର ପଣ୍ଡା, ବିଘ୍ନରାଜ ମାଝୀ, ସୁରେନ୍ଦ୍ର ବାଗ ପ୍ରମୁଖ ସାଧନ କର୍ମୀ ଭାବେ ଯୋଗଦାନ କରି ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଅବଗତ କରିବା ସହ ସ୍ୱ ରୋଜଗାର ଓ ଆତ୍ମନିର୍ଭର ଭାରତ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବଡଟିକ୍ରାଗୁଡା, ତେନ୍ତୁଳି ପଡା, ଶଙ୍କର ପଡା, ବାଙ୍କପଲାସ, ରତନପଲା, ବଳରାମପୁର, କୋଏଲାମୁଣ୍ଡା ଓ ସାନଟିକ୍ରାଗୁଡା ଗ୍ରାମରୁ ଶତାଧିକ ଜନସାଧାରଣ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଗରୀବ ଅସହାୟ ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ଅମୃତ ମାତୃ ପିତୃ ସେବା ମାଧମରେ ଶୀତ ବସ୍ତ୍ର ଓ କମ୍ବଳ ପ୍ରଦାନ କରାଯାଇଥିଲା। ଏହାକୁ ଘନଶ୍ୟାମ ନାଏକ, କର୍ଣ୍ଣ ପତି ବାଗ, ଦିଲୀପ ଶବର, ରାଧାମୋହନ ଗହୀର, ବିଷ୍ଣୁ ଶବର, ପ୍ରମୋଦ ଶବର ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରି ସହଯୋଗ କରିଥିଲେ। ଶେଷରେ ରୋହିତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଦୋପାଲିରେ ନିର୍ମାଣ ହେବ ଐତିହ୍ୟ ବ୍ୟାଖ୍ୟାନ କେନ୍ଦ୍ର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ନିକଟସ୍ଥ କୁଦୋପାଲି ଠାରେ ଦେଶର ଐତିହ୍ୟ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ କରାଯିବ । ଏଠାରେ ୩୦ଡିସେମ୍ବର, ୧୮୫୭ରେ ବ୍ରିଟିଶମାନଙ୍କ ସହ ଲଢ଼େଇ କରି ବୀର ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳ ସାଏଙ୍କ ସମେତ ୫୩ ଜଣ ବିପ୍ଳବୀ ସହିଦ ହୋଇଥିଲେ । ଅନ୍ୟ ୫ ଜଣ ବନ୍ଦୀ ହୋଇ ଦେଶ ପାଇଁ ମୃତ୍ୟୁଦଣ୍ଡ ଭୋଗିଥିଲେ । ପାହାଡ଼ ଏବଂ ସବୁଜିମା ପରିପୂର୍ଣ୍ଣ କୁଦୋପାଲିର ଉନ୍ନତି ପାଇଁ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଇଛି । ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମୁମ୍ବାଇର ଜେ. ଜେ. ସ୍କୁଲ ଅଫ୍ ଆର୍ଟସ୍ ସହଯୋଗିତାରେ ଏହି ସ୍ଥଳର ବିକାଶ କରାଯିବାକୁ ଯୋଜନା କରାଯାଇଛି । ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବରୁ ଏଥିପାଇଁ ଗୁରୁତ୍ୱାରୋପ କରିଥିଲେ । ଏହି ପରିପ୍ରେକ୍ଷୀରେ ଜେ.ଜେ. ସ୍କୁଲ୍ ଅଫ୍ ଆର୍ଟସ୍‌ର ଏକ ଟିମ୍ ଏସ୍ଏମ୍ସି କମିଶନର ରିହାନ୍ କ୍ଷତ୍ରୀଙ୍କ ସହିତ କୁଦୋପାଲି ପରିଦର୍ଶନ କରିଥିଲେ । ଜେ.ଜେ. ସ୍କୁଲ ଅଫ୍ ଆର୍ଟସର ଅଭିଜ୍ଞତାକୁ ହାସଲ କରି କୁଦୋପାଲିରେ ସହିଦ ସ୍ମାରକୀ ଏବଂ ବିକାଶର ଯୋଜନା କରାଯିବ । ଐତିହାସିକ ମହତ୍ତ୍ୱ ରହିଥିବା କୁଦୋପାଲିର ବିକାଶ ପାଇଁ ଉଭୟ ସଂସ୍ଥା ପକ୍ଷରୁ ମିଳିତ ଭାବେ ବିକାଶ, ଦର୍ଶକ ଅନୁକୂଳ ସୁବିଧା ସଙ୍ଗେ ସଙ୍ଗେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସାହସ ଓ ତ୍ୟାଗକୁ ଆଧାର କରି ପ୍ରକଳ୍ପର ପରିକଳ୍ପନା କରାଯିବ । କୁଦୋପାଲିକୁ ଜାତୀୟସ୍ତରର ପ୍ରେରଣାସ୍ଥଳରେ ପରିଣତ କରିବା ପାଇଁ ଖୁବ୍ ଶୀଘ୍ର ରୂପରେଖ ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି। ଏଠାରେ ସ୍ଥାନୀୟ ସଂସ୍କୃତିର ଝଲକ୍ ମଧ୍ୟ ପ୍ରତିଫଳିତ ହେବ ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୧୧ଜୁଆଡ଼ି ଗିରଫ

କଣ୍ଟାବାଞ୍ଜି ,(ସବ୍ୟୁ): କଣ୍ଟାବାଞ୍ଜି ସହର ଠାରୁ ପ୍ରାୟ ୦୫ କିମି ଦୂର କଦୋବସାର ଶତନାମୀ ପଡାରେ ବିଶେଷ ସୂଚନା ମତେ ସୋମବାର ରାତି ପ୍ରାୟ ୧୧ଟାରେ ଜୁଆ ଖେଳ ଚାଲିଥିବା ଖବର ପାଇ ପୁଲିସ ଅତର୍କିତ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ଘଟଣା ସ୍ଥଳରୁ ୧୧ଜଣ ଜୁଆଡ଼ିଙ୍କୁ ଧରିବା ସହ, ସେମାନଙ୍କ ଠାରୁ ୬୪.୫୦୦ଟଙ୍କା, ୧୧ଟି ମୋବାଇଲ ସେଟ, ୦୩ମୁଠା ତାସ ବିଡା, ଗୋଟିଏ ଆକଟିଭା ବାଇକ ସହ ୦୩ଟି ମୋଟର ସାଇକେଲ, ୦୩ କଳା ରଙ୍ଗର ତାରପୋଲିନ ଓ ଇଲେକ୍ଟ୍ରି ତାର ଲଗା ହୋଲଡର ସହ ବଲ ଜବତ କରିଛି । ପୁଲିସ ଚଡାଉ ସମୟରେ ଘଟଣା ସ୍ଥଳରୁ ଜୁଆ ଖେଳୁଥିବା କିଛି ଜୁଆଡ଼ି ଫେରାର ହୋଇଯାଇଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି । ପୁଲିସ ଏକ ମାମଲା ରୁଜୁ କରି କେଶ ନଂ ୪୨୭/୨୫ଦଫା ୩ଓପିଜି ଆକ୍ଟରେ ମଙ୍ଗଳବାର ଅପରାହ୍ନରେ କଣ୍ଟାବାଞ୍ଜି ବିଚାର ବିଭାଗୀୟ କୋର୍ଟ ଚାଲାଣ କରିଛି। କୋର୍ଟ ଚାଲାଣ ହୋଇଥିବା ୧୧ଜଣଙ୍କ ମଧ୍ୟରୁ ୧୦ଜଣ କଣ୍ଟାବାଞ୍ଜି ଥାନା ଅଞ୍ଚଳର ଥିବା ବେଳେ ଜଣେ ଟିଟିଲାଗଡ଼ ଥାନା ଅଞ୍ଚଳର ଥିବା ପୁଲିସ ସୂତ୍ରରୁ ଜଣାପଡିଛି। ଚଡାଉରେ ପୁଲିସ ଇନ୍ସପେକ୍ଟର ତଥା ଥାନା ଭାରପ୍ରାପ୍ତ ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ, ଇନ୍ସପେକ୍ଟର ପୂର୍ଣ୍ଣିମା ସୋରେନ, ସହ ପୁଲିସ ଅଧିକାରୀ ସାମିଲ ଥିଲେ ।

# ମରଣଯନ୍ତା ପାଲଟିଛି ଗୋ-ଶାଳା, ଜିଲ୍ଲା ପ୍ରଶାସନର ନିଘା ନାହିଁ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ସହର ସ୍ଥିତ ଶ୍ରୀକୃଷ୍ଣ ଗୋଶାଳା ଗୋ' ବଂଶଙ୍କ ପାଇଁ ମରଣଯନ୍ତା ପାଲଟିଛି । ଗତ ସେପ୍ଟେମ୍ବର ୨୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝାରସୁଗୁଡ଼ା ଗସ୍ତକୁ ଦୃଷ୍ଟିରେ ରଖି ସହରରେ ବୁଲାବୁଲି କରୁଥିବା ୨୫୦ରୁ ଉର୍ଦ୍ଧ ଗାଈଗୋରୁଙ୍କୁ ପୌର ପରିଷଦ ପକ୍ଷରୁ ଉଦ୍ଧାର କରି ଗୋଶାଳାରେ ରଖିଥିଲା । ମିଳିଥିବା ତଥ୍ୟ ଅନୁସାରେ ଉଦ୍ଧାର ୨୫୦ ଗାଈଗୋରୁଙ୍କୁ ରଖିବା ପୂର୍ବରୁ ଗୋଶାଳାରେ ୪୯୦ ଟି ଗାଈଗୋରୁ ଥିବା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ଟଙ୍କାର ଗାଈ କ୍ଷୀର ଗୋଶାଳା କର୍ତ୍ତୃପକ୍ଷ ବିକ୍ରି କରୁଛନ୍ତି । ଗାଈଗୋରୁଙ୍କ ରକ୍ଷଣା ବେକ୍ଷଣ ପାଇଁ କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର । ହେଲେ ଗାଈଗୋରୁଙ୍କୁ ଖାଇବା ପାଇଁ ଦାନା ଦିଆଯାଉନଥିବାରୁ ଭୋକ ଉପାସରେ ରହି ପ୍ରତ୍ୟେକ ଦିନ ଗାଈଗୋରୁଙ୍କ ମୃତ୍ୟୁ ହେଉଛି । ଗାଈଗୋରୁଙ୍କ ମୃତ୍ୟୁ ପରେ ପୋତା ଯାଉନଥିବାରୁ ବୁଲା କୁକୁର ଗୋଶାଳାରେ ପଶି ଖାଇ ଯାଉଛନ୍ତି । ଅନ୍ୟପଟେ ଅସୁସ୍ଥ ଗାଈଗୋରୁଙ୍କୁ ଚିକିତ୍ସା ମିଳୁନଥିବାରୁ ଅକାଳରେ ଗାଈଗୋରୁଙ୍କ ମୃତ୍ୟୁ ଘଟୁଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେତେକ ଗୋ' ପ୍ରେମୀ ଏକାଧିକ ଥର ଗୋଶାଳା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ ହେଉନଥିବା ଅଭିଯୋଗ ହେଉଛି । ଗୋଟିଏ ପଟେ କ୍ଷୀର ବିକ୍ରିରୁ ମିଳୁଥିବା ଟଙ୍କା ଓ ଅନ୍ୟ ପଟେ ରାଜ୍ୟ ସରକାର ଯୋଗାଇ ଦେଉଥିବା କୋଟି କୋଟି ଟଙ୍କା କୁଆଡେ ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ମଙ୍ଗଳବାର ସକାଳେ ଦୁଇଟି ଗାଈଙ୍କ ମୃତ୍ୟୁ ହୋଇଥିବା ସୂଚନା ପାଇ କେତେକ ଗୋ' ସେବକ ମୃତ ଦୁଇଟି ଗାଈଙ୍କୁ ଆଣି ପୁରୁଣା ବସଷ୍ଟାଣ୍ଡ ନିକଟ ଗାନ୍ଧୀ ମୂର୍ତ୍ତୀ ନିକଟରେ ଅନଶନରେ ବସିଛନ୍ତି ।

# ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜସ୍ତରୀୟ କବାଡି, ନେସନାଲ କଲେଜ ଚାମ୍ପିଅନ



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସଦର ବ୍ଲକ ସିଲଦା ସ୍ଥିତ ନେସନାଲ କଲେଜ ନୂଆପଡା କ୍ରମାଗତ ଭାବେ ତୃତୀୟ ଥର ପାଇଁ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଆୟୋଜକ ଦଳକୁ ପରାସ୍ତ କରି ଚାମ୍ପିୟନ ଟ୍ରଫି କୁ କ୍ରମାଗତ ତୃତୀୟ ଥର ପାଇଁ କବଜା କରିଥିଲେ। ନେସନାଲ କଲେଜ ନୂଆପଡା ଏହି ପ୍ରତିଯୋଗିତା ପାଇଁ ଜୋରଦାର ଅଭ୍ୟାସ କରିଥିଲେ । ୧୦ ଦିନ ପୂର୍ବରୁ କବାଡି ମେଟ ରେ କବାଡି ପ୍ରଶିକ୍ଷକଙ୍କ ସହିତ ନିୟମିତ ଅଭ୍ୟାସ କରି ସଫଳ ହୋଇଥିଲେ। କଲେଜ୍ ଅଧକ୍ଷ ହିତେଶ କୁମାର ସାହୁଙ୍କ ମାର୍ଗଦର୍ଶନ ଓ କ୍ରୀଡ଼ା ଶିକ୍ଷକଙ୍କ ନେତୃତ୍ୱରେ ଦଳ ନିୟମିତ ଅଭ୍ୟାସ କରିଥିଲେ। ଉପରୋକ୍ତ କବାଡି ପ୍ରତିଯୋଗିତା ଟି ଗତ ୨୯ ନଭେମ୍ବର ୨୦୨୫ ଦିନ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ଭବାନିପାଟଣା, କଳାହାଣ୍ଡିରେ ୧୭ ଗୋଟି କଲେଜ ଦଳକୁ ନେଇ ଅନୁଷ୍ଠିତ ହୋଇଥିଲା। ନେସନାଲ କଲେଜ୍ ର ଖେଳାଳି ମାନେ କଲେଜ୍ ପହଞ୍ଚିବା ପରେ ତାଙ୍କୁ କଲେଜ୍ ଅଧକ୍ଷ, ଅଧ୍ୟାପକ ଅଧ୍ୟାପିକା ଓ କଲେଜର ସମସ୍ତ ଛାତ୍ର ଛାତ୍ରୀ ବିପୁଳ ସ୍ୱାଗତ,ସମ୍ବର୍ଦ୍ଧନା ପ୍ରଦାନ୍ କରିଥିଲେ। କଲେଜ୍ ପକ୍ଷରୁ କ୍ରୀଡ଼ା ଅଧ୍ୟାପକ ପ୍ରକାଶ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବାଡି ଦଳକୁ ଚାମ୍ପିୟନ କରିଥିବା ଖେଳାଳି ମାନେ ହେଲେ ହରିଶ୍ ମାଝୀ, ଗୌରବ ସାହୁ, ବସନ୍ତ ସାହୁ, ଦଶରଥ ରାଉତ, ନରେଶ ମାଝୀ, ଡୋଳାମଣି ମାଝୀ, ନରସିଂହ ମାଝୀ, ଆରିୟନ୍ ମାଝୀ, ମୁକେଶ ମାଝୀ,ପପ୍ପୁ ଶବର, ଡୀଗେସ ମାଝୀ, କାର୍ତ୍ତିକ ରାଉତ,ଧନରାଜ ଶବର ଓ କୋମଳ ମାଝି ପ୍ରମୁଖ । ସଭା ଶେଷରେ ଚାମ୍ପିୟନ ଦଳ ଖେଳାଳିମାନେ କଲେଜ ଅଧକ୍ଷ ଶ୍ରୀ ସାହୁଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

# ମା' ମାଣିକେଶ୍ୱରୀଙ୍କ ପୀଠରୁ ଚଇତି ୨୦୨୫ର ଶୁଭାରମ୍ଭ



ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି ଏବଂ ପରମ୍ପରାର ଗଣପର୍ବ ଚଇତି -୨୦୨୫ର ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧକ୍ଷତାରେ ମହା ଆଡ଼ମ୍ବରରେ ମାଁ ମାଣିକେଶ୍ୱରୀଙ୍କ ପୀଠରୁ ଶୁଭାରମ୍ଭ ହୋଇଯାଇଛି।

ରାଜତନ୍ତ୍ର ଶାସନ କାଳରୁ ରାଜା ଦ୍ୱିବେନ୍ଦୁ କୁମାର ଦେବଙ୍କ ଅଧିଷ୍ଠାତ୍ରୀ ଆରୋଧ ଦେବୀ ମାଁ ମାଣିକେଶ୍ୱରୀଙ୍କ ପୀଠ ଠାରୁ ଆଜ୍ଞାମାଳ ନେଇ ଜିଲ୍ଲାର ଲୋକ ମହୋତ୍ସବ ଚଇତି ଆରମ୍ଭ ହେଲା। ରାୟଗଡା ବିଧାୟକ କାଡ୍ରାକା ଆପଲସ୍ୱାମୀ, ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ମା ମାଣିକେଶ୍ୱରୀଙ୍କ ମନ୍ଦିର ପୂଜାର୍ଚ୍ଚନା କରିବା ପରେ ଆଜ୍ଞାମାଳ ସହ ପବିତ୍ର ଜଳ ଜିଲ୍ଲାର ୧୧ଟି ବ୍ଲକ ଓ ଗୋଟିଏ ଜିଲ୍ଲା ସଂସ୍କୃତି ପରିଷଦ ପାଇଁ ମୋଟ ୧୨ଟି ଚଇତି କଳସରେ ବିରାଟ ଶୋଭାଯାତ୍ରାରେ ଅଣାଯାଇଥିଲା। ସେଠାରୁ କାଶିପୁର ବ୍ଲକ ନିକଟସ୍ଥ ପଡିଆରେ ଚଇତି ମଞ୍ଚ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିମାନେ ଜିଲ୍ଲାର କଳା,ସଂସ୍କୃତି, ପରମ୍ପରା,ଐତିହ୍ୟର ମହାକୁମ୍ଭ ଚଇତି -୨୦୨୫ ଚଳିତ ମାସ ଡିସେମ୍ବର ୨୬ ତାରିଖରୁ ୩୦ ପର୍ଯ୍ୟନ୍ତ ୫ଦିନ ଧରି ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ହେଉଥିବାରୁ ସମସ୍ତେ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ କହିଥିଲେ । ପରେ ଅତିଥି ମାନଙ୍କ ଦ୍ୱାରା ଚଇତିର ପ୍ରଚାର ପ୍ରସାର ପାଇଁ ଚଇତି ରଥକୁ ଶୁଭାରମ୍ଭ କରାଯାଇଥିଲା । ସଭାସ୍ଥଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଭାଗୀୟ ଯୋଜନାର ସଚେତନତା ନିମନ୍ତେ ଷ୍ଟଲମାନ ଖୋଲାଯାଇଥିଲା। ଜିଲ୍ଲାସ୍ତରୀୟ ଚଇତି ପୂର୍ବରୁ ବ୍ଲକସ୍ତରୀୟ ଚଇତି - ୨୦୨୫ ପ୍ରଥମେ କାଶିପୁର ବ୍ଲକ ୨ ତାରିଖରୁ ଆରମ୍ଭ ହେଉଥିବା ବେଳେ ରାମାନଗୁଡ଼ା ୭ ତାରିଖ, କଲ୍ୟାଣସିଂହପୁର ୯ ତାରିଖ, କୋଲନରା ୧୧ ତାରିଖ, ରାୟଗଡା ୧୨ ତାରିଖ, ଗୁଡ଼ାରୀ ୧୨ ତାରିଖ, ମୁନିଗୁଡ଼ା ୧୩ ତାରିଖ ,ଚନ୍ଦ୍ରପୁର ୧୩ ତାରିଖ , ପଦ୍ମପୁର ୧୪ ତାରିଖ , ବିଷମକଟକ ୧୪ ତାରିଖ, ଗୁଣପୁର ୨୧ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ପୂର୍ବତନ ଜିଲ୍ଲାପାଳଙ୍କୁ ଆଉ ଏକ ଶକ୍ତ ଝଟକା

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଚୌକିରେ ଶିଶୁ ମଙ୍ଗଳ ଅଧକ୍ଷା



ରାୟଗଡା,(ସବ୍ୟୁ): ପୂର୍ବତନ ଜିଲ୍ଲାପାଳ ପାରୁଲ ପଟାୱାରୀଙ୍କୁ ଲାଗିଛି ଆଉ ଏକ ଶକ୍ତ ଝଟକା । ବାଜିଛି ହାଇକୋର୍ଟର ଦ୍ୱିତୀୟ ଛାଟ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୁନର୍ବାର ଚୌକିରେ ଅବସ୍ଥାପିତ ହେଲେ ସିଡ଼ବ୍ଲୁସି ଅଧକ୍ଷା ବିଦୁଲତା ହୁଇକା। ଏନେଇ ସତ୍ୟର ବିଜୟୀ ହୋଇଛି ବୋଲି ଶିଶୁ ମଙ୍ଗଳ ଅଧକ୍ଷା ଶ୍ରମତୀ ହୁଇକା କହିଛନ୍ତି।

ରାୟଗଡା ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିବା ପାରୁଲ ପଟାୱାରୀ ତାଙ୍କ ୧୧ ମାସର କାର୍ଯ୍ୟକାଳରେ ନିଜର ଭୂଲ ଲୁଚାଇବା ପାଇଁ ଶ୍ରୀମତୀ ହୁଇକାଙ୍କୁ ତାଙ୍କ ଆକ୍ରୋଶର ଶିକାର ହେବାକୁ ପଡିଥିଲା। ସିଡବ୍ଲୁସି କମିଟି ଭାଙ୍ଗିବା ପାଇଁ ସରକାରଙ୍କୁ ସୁପାରିଶ କରିଥିଲେ। ତାଙ୍କ ସୁପାରିଶକୁ ଭିତ୍ତି କରି ସରକାର ଦ୍ୱାରା କମିଟି ଭଙ୍ଗ କରାଯାଇଛି ଥିଲା। ଏହି ନିଷ୍ପତ୍ତି ବିରୋଧରେ ଅଧକ୍ଷା ହୁଇକା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଡବ୍ଲ୍ୟୁପିସି ମାମଲା ୧୪୭୫୬/୨୦୨୫ ଅନୁସାରେ ଆଡଭୋକେଟ ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ କ୍ରମେ ଶ୍ରୀମତୀ ହୁଇକାଙ୍କୁ ପୁଣି ଥରେ ତାଙ୍କ ପଦରେ ଅବସ୍ଥାପିତ କରିବାକୁ ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେନେଇ ବିଭାଗ ସୋମବାର ଶିଶୁ ମଙ୍ଗଳ କମିଟି ଅଧକ୍ଷାଙ୍କୁ ଇ ମେଲ ମାଧ୍ୟମରେ କାର୍ଯ୍ୟରେ ଯୋଗ ଦେବାକୁ ଚିଠି କରିଛନ୍ତି। ସରକାରଙ୍କ ଚିଠି ନମ୍ବର ୩୦୩୫୯ରେ ରାୟଗଡା ଜିଲ୍ଲାପାଳଙ୍କୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବତନ ଜିଲ୍ଲାପାଳଙ୍କ ଏକପାଖିଆ ନିଷ୍ପତ୍ତି ବିରୋଧରେ ଏହାକୁ ହାଇକୋର୍ଟଙ୍କର ଦ୍ୱିତୀୟ କଡ଼ା ଛାଟ ବୋଲି କୁହାଯାଇପାରିବ। ଚିଠିରେ ସ୍ପଷ୍ଟ କୁହାଯାଇଛି ଯେ ମାନ୍ୟବର ହାଇକୋର୍ଟଙ୍କ ଆଦେଶ ପାଳନ କ୍ରମେ ବିଦୁଲତା ହୁଇକାଙ୍କୁ ତାଙ୍କର କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସିଡବ୍ଲୁସି ଅଧକ୍ଷା ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦିଆଗଲା।

ସୂଚନା ଯୋଗ୍ୟ ଯେ ରାୟଗଡା ଜିଲ୍ଲା ଜେକେପୁର ଠାରେ ଗତ ବର୍ଷ ନଭେମ୍ବର ୧୧ ତାରିଖରେ ଜଣେ ଦମ୍ପତି ୨୦ ହଜାର ଟଙ୍କାରେ ଆନ୍ଧ୍ର ପ୍ରଦେଶର ମାନ୍ୟମ ଜିଲ୍ଲାରେ ଏକ ଦମ୍ପତିକୁ ୯ଦିନର ଶୁଶୁ କନ୍ୟାକୁ ବିକ୍ରୀ କରାଯାଇଥିଲା । ଏନେଇ ଜିଲ୍ଲା ପ୍ରଶାସନ ହରଡ଼ ଘଣାରେ ପଡି ମିଛ ରିପୋର୍ଟ ଦେବା ପାଇଁ ବାରମ୍ବାର ଶିଶୁ ମଙ୍ଗଳ କମିଟିକୁ ବାଧ କରିଥିଲା ଜିଲ୍ଲା ପ୍ରଶାସନ । କିନ୍ତୁ କମିଟି ସଠିକ ରିପୋର୍ଟ ଅର୍ଥାତ ୨୦ ହଜାର ଟଙ୍କା ଶିଶୁ ବିକ୍ରୀ ହୋଇଛି ବୋଲି ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ରାୟଗଡା ବିଧାୟକଙ୍କୁ ମଧ ରିପୋର୍ଟ ପ୍ରଦାନ କରିଥିଲେ। ଫଳ ସ୍ୱରୂପ ଶ୍ରୀମତୀ ହୁଇକାଙ୍କୁ ଜିଲ୍ଲାପାଳଙ୍କ ଆକ୍ରୋଶର ଶିକାର ହୋଇ ନିଜ ପଦ ହରେଇବାକୁ ପଡିଥିଲା। ଏହାର ସ୍ପଷ୍ଟୀକରଣରେ ଶ୍ରୀମତୀ ହୁଇକା ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଶିଶୁ ଉଦ୍ଧାର ଶିଶୁ ମଙ୍ଗଳ କମିଟିର କାମ ନୁହେଁ। ଉଦ୍ଧାର ପରେ ସିଡବ୍ଲୁସି ଆଗରେ ହାଜର ପରେ ଥଇଥାନ କରିବା ଆମ କାମ । ଅଧକ୍ଷା ଶ୍ରମତୀ ହୁଇକା କହିଛନ୍ତି ସତ୍ୟର ଜୟ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମୁଁ କାର୍ଯ୍ୟରେ ଯୋଗ ଦେଇଛି।

# ଖାଦ୍ୟ ଥାଳିରେ ଉପଲବ୍ଧ ହେବ ମିଲେଟ୍ ରେସିପି



ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ହୋଟେଲ ଆର୍ଯ୍ୟନାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାଶକ୍ତି ଫାଉଣ୍ଡେସନ୍, ଚିରସବୁଜ ଉତ୍ପାଦକ କମ୍ପାନୀ ଓ ହୋଟେଲ ଆର୍ଯ୍ୟନା ମଧ୍ୟରେ ଶ୍ରୀ ଅନ୍ନ ଅଭିଯାନ (ମିଲେଟ୍ ମିଶନ) ପ୍ରକଳ୍ପର ଆଞ୍ଚଳିକ ସଂଯୋଜକ ଓ ଜିଲ୍ଲା ସହ-ସଂଯୋଜକଙ୍କ ଉପସ୍ଥିତିରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇ ଯାଇଛି। ଏହି ଚୁକ୍ତି ଅନୁଯାୟୀ, ଚିରସବୁଜ ସ୍ଥାନୀୟ ମିଲେଟ୍ ଚାଷୀଙ୍କଠାରୁ ମାଣ୍ଡିଆ, ବାଜରା,ଜହ୍ନା,କାଂଗୁ,କୋଦ ଆଦି ସିଧାସଳଖ ସଂଗ୍ରହ କରି ହୋଟେଲ ଆର୍ଯ୍ୟନାକୁ ସୁଲଭ ମୂଲ୍ୟରେ ଓ ନିର୍ଦ୍ଧାରିତ ସମୟରେ ଯୋଗାଇ ଦେବ। ହୋଟେଲ ପକ୍ଷରୁ ମେନୁରେ ମିଲେଟ୍-ଭିତ୍ତିକ ବିଭିନ୍ନ ରେସିପି ଯଥା ମାଣ୍ଡିଆ କ୍ଷୀରି, ବାଜରା ରୁଟି, କାଙ୍ଗୁ ଖିରି ଆଦି ସ୍ଥାୟୀ ଭାବେ ସାମିଲ କରାଯିବ। ମହାଶକ୍ତି ଫାଉଣ୍ଡେସନ୍ ପୁରା ପ୍ରକଳ୍ପର ତଦାରଖ, ଶେଫ୍ଙ୍କୁ ପ୍ରଶିକ୍ଷଣ ଓ ପ୍ରଚାର କାର୍ଯ୍ୟ କରିବେ।

କାର୍ଯ୍ୟକ୍ରମରେ ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପର ମହାଶକ୍ତି ଫାଉଣ୍ଡେସନ ବ୍ଲକ୍ ପ୍ରକଳ୍ପ ସଂଯୋଜକ ଆକାଶ ସାହୁ ,ଚିରସବୁଜ ଉତ୍ପାଦକ କମ୍ପାନୀର ସିଇଓ ଆଶୁତୋଷ ଦ୍ୱିବେଦୀ, ଆରିୟାନା ରେଷ୍ଟୁରାଣ୍ଟର ସତ୍ତ୍ୱାଧିକାରୀ ସୌମ୍ୟରଞ୍ଜନ ପ୍ରଧାନଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

ଆଞ୍ଚଳିକ ସଂଯୋଜକ ନାୟକ ଏହା ରେଢ଼ାଖୋଲକୁ ମିଲେଟ୍ ହବ୍ ଓ ଚାଷୀଙ୍କ ଆୟ ବହୁଗୁଣିତ କରିବ ବୋଲି ମତ ବ୍ୟକ୍ତ କରିଥିବା ବେଳେ ଜିଲ୍ଲା ସହ ସଂଯୋଜକ ନୀରୋଦ ମେହେର ସମ୍ବଲପୁର ଜିଲ୍ଲାରେ ଏହା ଏକ ଆଦର୍ଶ ମଡେଲ ହେବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମିଲେଟ୍-ଭିତ୍ତିକ ବିଭିନ୍ନ ସୁସ୍ୱାଦୁ ପଦାର୍ଥ ପରିବେଷଣ କରାଯାଇ ଅତିଥିମାନେ ଉପଭୋଗ କରିଥିଲେ।

# କହ୍ନେଇ ପାଲି ହାଇସ୍କୁଲରେ ବନ ଓ ବନ୍ୟପ୍ରାଣୀ ସୁରକ୍ଷା ଶୀର୍ଷକ ଆଲୋଚନା

କୁଚିଣ୍ଡା ,(ସବ୍ୟୁ): କୁଚିଣ୍ଡା ବ୍ଲକ ସ୍ଥିତ ତ୍ରିଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟ , କହ୍ନେଇପାଲି ସ୍କୁଲ ପରିସରରେ ବନ ଓ ବନ୍ୟପ୍ରାଣୀ ସୁରକ୍ଷାର ଆବଶ୍ୟକତା ଶୀର୍ଷକ ଆଲୋଚନା ଚକ୍ର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ସ୍କୁଲ ପ୍ରଧାନଶିକ୍ଷକ ସୋଭାନେଟ୍ରି ରନବିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ ପରିବେଶବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବୈଜ୍ଞାନିକ ଦୃଷ୍ଟି କୋଣରୁ ତଥା ପୌରାଣିକ କାହାଣୀରେ ବନ ଓ ବନ୍ୟପ୍ରାଣୀ ସୁରକ୍ଷାର ଆବଶ୍ୟକତା କିପରି ରହିଛି , ତାହା ବୁଝାଇ ଥିଲେ । ଉଦ୍ୟାନ ବିଭାଗୀୟ ଅବସର କର୍ମଚାରୀ ରବିନ୍ଦ୍ର ଦାସ ବକ୍ତା ଭାବରେ ଯୋଗଦେଇ ଚାରା ରୋପଣର ପ୍ରଣାଳୀ ଓ ଜତ୍ନ ନେବାର ଆବଶ୍ୟକତା ଉପରେ କହିଥିଲେ । ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତୁଳସୀ ମଞ୍ଜରୀ ବହିଦାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ନିକଟରେ ଆୟୋଜିତ ଜାତୀୟ ସ୍ତରୀୟ କର୍ମଶାଳାରେ ରାଜ୍ୟପାଳ ଙ୍କ ହସ୍ତରୁ ପରିବେଶବିତ୍ ସୁବାସ ନାୟକ ପରିବେଶ ଯୋଦ୍ଧା ସମ୍ମାନ ଲାଭ କରିବା ଏବଂ ବନ୍ୟ ପ୍ରାଣୀ ସୁରକ୍ଷା ପାଇଁ ମୁଖ୍ୟ ମନ୍ତ୍ରୀ ପୁରସ୍କାର ପାଇ ଥିବାରୁ ସ୍କୁଲ ପକ୍ଷରୁ ଶ୍ରୀ ନାୟକଙ୍କୁ ମାନପତ୍ର ଓ ଉତ୍ତରୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମାନପତ୍ରକୁ ବରିଷ୍ଠ ଶିକ୍ଷକ ଦେବରାଜ ପ୍ରଧାନ ପାଠ କରିବା ସହ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ସହକାରୀ ଶିକ୍ଷୟିତ୍ରୀ ମିଲି ପଟେଲ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ର,ଛାତ୍ରୀ ଓ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଜ ଜନ୍ମ ଦିନ ଓ ସ୍ୱତନ୍ତ୍ର ଦିବସ ଗୁଡିକରେ ଚାରା ରୋପଣ କରି ତାର ଯତ୍ନ ନେବାକୁ ହାତ ଉଠାଇ ଶପଥ କରିଥିଲେ । ପରେ ସମସ୍ତେ ଗୋଟିଏ ଲେଖାଏଁ ଫଳ ଚାରା ରୋପଣ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ କଳ୍ପନା ଧାନ, ସୁଚିତ ଏକ୍କା,ସଞ୍ଜୁ ମରେଇ, କବିତା ପଧାନ ସହଯୋଗ କରିଥିଲେ ।

# ଇ-ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଆଲୋଚନାଚକ୍ର

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ବୁଢାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ ଏବଂ ଏନର୍ଜି କ୍ଲବ ପକ୍ଷରୁ ଇ-ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ବିଭାଗର ସହକାରୀ ପ୍ରଫେସର ଡ. ସତ୍ୟବ୍ରତ ଦାସ ଯୋଗ ଦେଇ ଇ-ବର୍ଜ୍ୟବସ୍ତୁ କଣ ଏବଂ ଏହାର ସଠିକ୍ ପରିଚାଳନା କିପରି କରାଯିବା ଆବଶ୍ୟକ ସେ ନେଇ ସଚେତନ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ପ୍ରଦୀପ କୁମାର ସାହୁ ସଭା ପରିଚାଳନା କରିଥିଲେ । ଶିକ୍ଷୟତ୍ରୀ ପ୍ରିନସ୍ମିତା ରାଣୀ ବିଶି ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳୀ ସାହୁ, ଅପର୍ଣ୍ଣା ପଣ୍ଡା ଓ ପଙ୍କଜିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ବଣାଇଁ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ବଣାଇଁ,(ସବ୍ୟୁ): ବଣାଇଁଗଡ ସହରର ବହୁମୁଖୀ ଖେଳପଡିଆରେ ଉପଖଣ୍ଡସ୍ତରୀୟ କୃଷିଯନ୍ତ୍ରପାତି ମେଳା ଉଦଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଅନ୍ୟତମ ଅତିଥି ଭାବେ ସୁନ୍ଦରଗଡ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ଜୟନ୍ତ କୁମାର ପତି, ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ ଡ.ଜିତାଂଶୁ ଶେଖର ମହାନ୍ତି, ସୁନ୍ଦରଗଡ କୃଷି ନିର୍ବାହୀଯନ୍ତ୍ରୀ ପରମାନନ୍ଦ ପ୍ରଧାନ, ବଣାଇଁ କୃଷି ଜିଲ୍ଲା ଅଧିକାରୀ ମନୋଜ କୁମାର ପ୍ରଧାନ, ସୁନ୍ଦରଗଡ ଜିଲ୍ଲା କୃଷି ବୈଜ୍ଞାନିକ ଡ.ସିଦ୍ଧାନ୍ତ ଜେନା। କୃଷି ଅଧିକାରୀ ସୁବୋଧ ପାଣିଗ୍ରାହୀ, ସହକାରୀ କୃଷି ଜିଲ୍ଲା ଅଧିକାରୀ ଦୀପ୍ତି ପଟେଲ, ରାଜଗାଙ୍ଗପୁର କୃଷି ଜିଲ୍ଲା ଅଧିକାରୀ ନରେଶ ମହାନନ୍ଦ, ପ୍ରମୁଖ ଉପସ୍ଥିତ ଥିଲେ। ବଣାଇଁଗଡ କୃଷି ଅଧିକାରୀ ଧନ୍ୟବାଦ ଦେଇଥିଲେ। ଅତିଥିମାନେ କୃଷିଯନ୍ତ୍ରପାତି ମେଳାକୁ ବୁଲି ଦେଖିଥିଲେ। ବଣାଇଁ ଉପଖଣ୍ଡର ୪ଜଣ ବ୍ଲକ କୃଷି ଅଧିକାରୀଙ୍କ ସମେତ ସହକାରୀ କୃଷି ଅଧିକାରୀ, ବଣାଇଁ କୃଷି ଜିଲ୍ଲାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମେଳାରେ ୪୦ଟି ବିଭାଗର କୃଷିଯନ୍ତ୍ରପାତି ପ୍ରଦର୍ଶନ କରାଯାଇଥିଲା।

## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No. RDM-LAA-MBJ-0012-2025-33655/R & DM, Dated. 09 SEP 2025**

**XII-26 :** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ ର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା-ପୁରୁଣାପାଣି, ଥାନା-ବୈଶିଙ୍ଗା, ନଂ. ୧୯୭, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୨.୨୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (**RFCTLAR & R Act. 2013**) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ ର କେଶୀରୀ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବାରିପଦା ।
୬. ଜମିର ବିବରଣୀ ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଚଂଳ / ସହରାଚଂଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ପୁରୁଣାପାଣି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୮.୫୧ | ଏ. ୨.୨୯ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୫୧ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୨, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ହରିପୁର ଡିଷ୍ଟ୍ରିବ୍ୟୁଟାରୀର ବର୍ତ୍ତନା ସବ୍ ମାଇନର
ମୌଜା- ବର୍ତ୍ତନା, ଥାନା-ବୈଶିଙ୍ଗା ନଂ-୧୧୮, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

ଭୂଅର୍ଜନ ମାମଲା ସଂଖ୍ୟା - ୬୫/୨୦୨୩
ଏ. ୨.୨୯ ଡି.

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬ | ୨୩ | ୧.୫୭ | ୦.୦୩ | ପତିତ | ଚନ୍ଦନ ମହାନ୍ତ, ପି. ଦୁଃଖି ମହାନ୍ତ, ଜା-କୁଡୁମି, ବା: ଚହଲା ପଦା |
| ୧୩ | ୩୩ | ୦.୯୨ | ୦.୦୧ | ଶାରଦ ତିନି | ଲମ୍ବୋଦ ମହାନ୍ତ, ରାମଚନ୍ଦ୍ର ମହାନ୍ତ, ମଞ୍ଜରୀ ମହାନ୍ତ, ମୁକ୍ତାମତି ମହାନ୍ତ, ପି : ଦଶରଥ ମହାନ୍ତ ମୁଲକଚାନ୍ଦ ମହାନ୍ତ, ସାଗରୀ ମହାନ୍ତ, ନରି ମହାନ୍ତ,, ବିରି ମହାନ୍ତ, ପି: ଦୁର୍ଗା ମହାନ୍ତ, ବୈକୁଣ୍ଠ ମହାନ୍ତ, ଦ୍ରୌପଦୀ ମହାନ୍ତ, ପି: ନରହରି ମହାନ୍ତ, ଶରତ ମହାନ୍ତ, ପି: ନିଳକଣ୍ଠ ମହାନ୍ତ, ଜାଗିରୀ ମହାନ୍ତ, ପି: ଦୁର୍ଗା ମହାନ୍ତ, ସଙ୍ଗୀମଣି ମହାନ୍ତ, ପି: ସୁମ ମହାନ୍ତ, ରମାକାନ୍ତ ମହାନ୍ତ, ରମାକାନ୍ତ ମହାନ୍ତ, ହେମଲତା ମହାନ୍ତ, ମୁଗମଣି ମହାନ୍ତ, ଚୁଙ୍ଗ ମହାନ୍ତ, ଚୂଡ଼ାମଣି ମହାନ୍ତ, ପି: ଗେଲ୍ହା ମହାନ୍ତ, ଛୁଟୁ ମହାନ୍ତ, ପି: ଲକ୍ଷ୍ମୀଧର ମହାନ୍ତ, ମୋଚିରାମ ମହାନ୍ତ, ରାମଚନ୍ଦ୍ର ମହାନ୍ତ, ହରେକୃଷ୍ଣ ମହାନ୍ତ, ସଜ ମହାନ୍ତ, ପିଙ୍କି ମହାନ୍ତ, ଝୁନପୁକି ମହାନ୍ତ, ଜନତା ମହାନ୍ତ, ରେବତୀ ମହାନ୍ତ, ପି: ପୁରସ୍ତମ ମହାନ୍ତ, ଜା: କୁଡୁମି, ବା: ଚହଲା ପଦା । |
| ୧୯ | ୩୨<br>୩୦<br>୩୧ | ୦.୬୭<br>୦.୨୩<br>୦.୩୧ | ୦.୩୩<br>୦.୧୮<br>୦.୦୩ | ଶାରଦ ତିନି<br>ପତିତ<br>ଡାହି ଦୁଇ | ନିରଞ୍ଜନ ମହାନ୍ତ, ପି: ହାଡି ରାମ ମହାନ୍ତ, ସୁର ମହାନ୍ତ, ସ୍ୱା : ହାଡି ରାମ ମହାନ୍ତ, ସମଭୁ ମହାନ୍ତ, ପି: କାଳି ରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୬ | ୬୨/୨୧୮<br>୬୨/୨୧୯ | ୦.୨୨<br>୦.୧୩ | ୦.୦୮<br>୦.୧୩ | ଶାରଦ ତିନି<br>ଶାରଦ ତିନି | ଭରତ ମହାନ୍ତ, ପି: ବିରେଶର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୦ | ୬୧ | ୦.୬୫ | ୦.୦୮ | ଶାରଦ ତିନି | ମୁଲକ ଚାନ୍ଦ ମହାନ୍ତ, ପି: କୃଷ୍ଣ ମହାନ୍ତ, ବିଷ୍ଣୁ ମହାନ୍ତ, ଶ୍ରୀନାଥ ମହାନ୍ତ, ପି: ସନାତନ ମହାନ୍ତ, ଶ୍ରୀମତୀ ମହାନ୍ତ, ମକରି ମହାନ୍ତ, ସୁଗା ମହାନ୍ତ, ବ୍ରହ୍ମ ମହାନ୍ତ, ଆକୁଲ ମହାନ୍ତ, ପି: ବୁଧି ରାମ ମହାନ୍ତ, ମୂକ ମହାନ୍ତ, ସ୍ୱା: ବୁଧି ରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୨ | ୬୮<br>୬୨ | ୦.୩୪<br>୦.୬୪ | ୦.୦୪<br>୦.୨୪ | ଶାରଦ ଦୁଇ<br>ଶାରଦ ତିନି | ତରୁଲତା ମହାନ୍ତ, ସ୍ୱା: ଶଡିସ ମହାନ୍ତ, ବୈକୁଣ୍ଠ ମହାନ୍ତ, ପି: ଶଡିସ ମହାନ୍ତ, ଜା: କୁଡୁମି, ବା: ପୁରୁଣାପାଣି |
| ୩୬ | ୮୭<br>୮୬ | ୦.୩୩<br>୦.୧୫ | ୦.୨୧<br>୦.୦୩ | ଶାଦ ଏକ<br>ଶାରଦ ଦୁଇ | ସହଦେବ ମହାନ୍ତ, ଯାଗିରି ମହାନ୍ତ, ସାଗିରି ମହାନ୍ତ, ପି: ବଡ ଗୋକୁଳ ମହାନ୍ତ, ଜା: କୁଡୁମି, ବା: କୁରାଡିକ |
| ୩୯ | ୭୯ | ୦.୧୬ | ୦.୦୯ | ଶାରଦ ଦୁଇ | ସିଙ୍ଗରାଇ ମାଝୀ, ପି: ଶାଗରୀ ମାଝୀ, ପାଣ୍ଡେ ମାଝୀ, ପି: ମକର ମାଝୀ, ସାଙ୍ଗ ମାଝୀ, ସୁନା ମାଝୀ, ଶାମ ମାଝୀ, ପାଣ୍ଡେ ମାଝୀ, ପି: ଶାଗରା ମାଝୀ, ସିଙ୍ଗରାଇ ମାଝୀ, ପି: ସୁନା ମାଝୀ, ନନ୍ଦରୁ ମାଝୀ, ପି: ସିଙ୍ଗରାଇ ମାଝୀ, ସିଙ୍ଗରାଇ ମାଝୀ ପି: ସାଉ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୨୪ | ୨୮ | ୧.୨୩ | ୦.୫୧ | ପତିତ | ରାମଚନ୍ଦ୍ର ମହାନ୍ତ, ହରେକୃଷ୍ଣ ମହାନ୍ତ, ମୋଚିରାମ ମହାନ୍ତ, ସଜ ମହାନ୍ତ, ପିଙ୍କି ମହାନ୍ତ, ଝୁନପୁକି ମହାନ୍ତ, ଜନତା ମହାନ୍ତ, ରେବତୀ ମହାନ୍ତ, ପି: ପୁରସ୍ତମ ମହାନ୍ତ, ଅପର୍ତି ମହାନ୍ତ, ଚକ୍ରଧର ମହାନ୍ତ, ଶଶଧର ମହାନ୍ତ, ପି: ଜର୍ମାନ ମହାନ୍ତ, ମଥୁରା ମୋହନ ମହାନ୍ତ, ଗୁରୁବାରି ମହାନ୍ତ, କର୍ମି ମହାନ୍ତ, ପି: ସୃଷ୍ଟିଧର ମହାନ୍ତ, ଜା: କୁଡୁମି, ବା: ଚହଲାପଦା |
| ମୋଟ | ୧୬ ପ୍ଲଟକୁ | ଏ ୯.୫୧ ଡେ.ମି. | ଏ.୨.୨୯ ଡେ.ମି. | | |

Sd/- AMIN
Bahalda Zone

Revenue Inspector
Bahalda Zone

Sd/- Zone Officer-cum-L.A. Collector
S.I.P., Bahalda Zone

Sd/- Spl. Land Acquisition Officer
S.I.P. Bahalda Zone

OIPR : 24001/14/0219/2526

## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No. RDM-LAB-GM-0029-2025- 29650 / R&DM, Dated. 07 AUG 2025**

**XII-20 :** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଲିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ମୌଜା-ଦୋଳବ, ଥାନା-ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ୩.୫୮୫ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (**RFCTLAR & R Act. 2013**) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR & R Act. 2013**)ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି, ଗଞ୍ଜାମ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କର ପତ୍ର ସଂଖ୍ୟା– ୩୩୭୫୬, ତାରିଖ ୦୧.୧୦.୨୦୨୪ରେ ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।
୬. ଜମିର ବିବରଣୀ ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ଦୋଳବ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୯.୯୨୧ | ଏ. ୩.୫୮୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା (ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

### ଦୋଳବ ଗ୍ରାମର ଜମିର ବିବରଣୀ

ମୌଜା- ଦୋଳବ, ତହସିଲ - ସାନଖେମୁଣ୍ଡି, ଜିଲ୍ଲା - ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ହେବାକୁ ଥିବା ଜମିର ପରିମାଣ | କିସମ | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ୨୦୧୮<br>୨୦୪୧ | ୦.୦୭୦<br>୦.୦୬୦ | ୦.୦୫୫<br>୦.୦୨୦ | ବିଲ ଅଣ ଜଳସେଚିତ ଦୁଇ | ଅନନ୍ତ ରାଉଳ, ପି: ଦଣ୍ଡିଆ ରାଉଳ ଜା: କୁରୁମ ବା: ନିଜଗାଁ | |
| ୨ | ୬ | ୨୧୩୨ | ୦.୩୨୦ | ୦.୧୭୫ | ପଦର | ଅରଖିତ ରାଉତ, ଦୟା ରାଉତ, କୁନ୍ଦନ ରାଉତ ପି: କୋରା ରାଉତ, ଶିରି ରାଉତ ସ୍ୱା: ଦୁଃଖା ରାଉତ, ଭଲି ରାଉତ, ହେମ ରାଉତ, ସତ୍ୟ ରାଉତ ପି: ଦଣ୍ଡିଆ ରାଉତ, ବାସୁ ରାଉତ ପି: ଅନାମ ରାଉତ, ମଧୁ ରାଉତ ପି: ଜଗା ରାଉତ, ବେନୁ ରାଉତ, ପୁନିଆଁ ରାଉତ ପି: ଇଶ୍ୱର ରାଉତ, ରଘୁ ରାଉତ ପି: କ୍ଷେତ୍ରି ରାଉତ, ତବତିଆ ରାଉତ ପି: ଶୁକ୍ର ରାଉତ, ଅର୍ଜ୍ଜୁନ ରାଉତ, ବୁଧି ରାଉତ ପି: ରାମ ରାଉତ, ଚେରୁ ରାଉତ ପି: ଭିମ ରାଉତ, ସାଇବାଣି ରାଉତ ସ୍ୱା: ଭିମ ରାଉତ, ସିପା ରାଉତ ପି: କଇ ରାଉତ, ଭିମ ରାଉତ, ହରି ରାଉତ, ଲିଙ୍ଗା ରାଉତ, ଗୋବିନ୍ଦ ରାଉତ ପି: ବାପାଣି ରାଉତ, ମୋଚିଆଣି ରାଉତ ପି: ମୋହନ ରାଉତ, ରଇବାରି ରାଉତ ସ୍ୱା: ଯଦୁ ରାଉତ, ନଟିଆ ରାଉତ ପି: ଭାଳର ରାଉତ ଜା: କୁରୁମ ବା: ନିଜଗାଁ | |
| ୩ | ୭ | ୨୦୨୮<br>୨୦୩୦<br>୨୦୪୦ | ୦.୦୮୫<br>୦.୦୫୨<br>୦.୦୫୫ | ୦.୦୭୫<br>୦.୦୩୫<br>୦.୦୫୦ | ବିଲ ଅଣଜଳସେଚିତ ଦୁଇ | ଆନନ୍ଦ ରାଉତ ପି: ଦଣ୍ଡିଆ ରାଉତ ଜା: କୁରୁମ ବା: ନିଜଗାଁ | |
| ୪ | ୧୩ | ୨୦୭୩ | ୦.୩୫୦ | ୦.୦୫୦ | ପଦର | ଉଜ୍ଜଳ ଗଉଡ଼ ପି: ମେହେଙ୍ଗାଳ ଗଉଡ଼ ବା: ଗଉଡ଼ ବା: ନିଜଗାଁ | |
| ୫ | ୩୫ | ୧୭୨୨ | ୦.୬୦୦ | ୦.୧୧୦ | ପଦର | କୋରା ପାତ୍ର ପି: ଚନ୍ଦରୁ ପାତ୍ର ଜା: କୁରୁମ ବା: ନିଜଗାଁ | |
| ୬ | ୩୯ | ୨୧୦୦ | ୦.୧୦୦ | ୦.୦୪୫ | ପଦର | ଗଦା ନାୟକ ପି: ବେଣିଆ ନାୟକ ଜା: କୁରୁମ ବା: ନିଜଗାଁ | |
| ୭ | ୪୫ | ୧୭୦୩ | ୦.୨୯୦ | ୦.୦୭୦ | ପଦର | ଗୋପିନାଥ ରଥ ପି: ବିନାୟକ ରଥ ଜା: ବ୍ରାହ୍ମଣ ବା: ନିଜଗାଁ | |
| ୮ | ୫୮ | ୨୧୧୪<br>୨୧୧୫<br>୨୧୧୮<br>୨୧୧୯<br>୨୧୨୩<br>୨୧୨୪ | ୦.୨୨୦<br>୦.୧୩୫<br>୦.୧୨୦<br>୦.୧୧୦<br>୦.୦୭୦<br>୦.୧୭୫ | ୦.୦୪୫<br>୦.୦୪୦<br>୦.୦୬୦<br>୦.୦୧୦<br>୦.୦୧୦<br>୦.୦୩୫ | ପଦର | ଜାଗିଲି ନାୟକ ପି: ଦଣ୍ଡ ନାୟକ, କୌତୁକି ନାୟକ ସ୍ୱା: ଦଣ୍ଡ ନାୟକ, ରଙ୍କ ନାୟକ, ବାବାଜି ନାୟକ ପି: ଭାଇଗ ନାୟକ, ଡଲି ନାୟକ, ଝୁମ୍ପା ନାୟକ ପି: ଭୋବନା ନାୟକ, ଚାମ୍ପା ନାୟକ ସ୍ୱା: ଭୋବନା ନାୟକ, ସୁମା ନାୟକ, ପରି ନାୟକ, ରବି ନାୟକ, ପି: ଅର୍ଜ୍ଜୁନ ନାୟକ, ଝରି ନାୟକ ସ୍ୱା: ଅର୍ଜୁନ ନାୟକ, ନଟବର ନାୟକ ପି: ନାଲୁ ନାୟକ, ତବତିଆ ନାୟକ, ସହଦେବ ନାୟକ, ସାବିତ୍ରି ନାୟକ ପି: ୟୁରିଆ ନାୟକ, କନ୍ତାରୁ ନାୟକ, ରଘୁନାଥ ନାୟକ, କୈବଲ ନାୟକ, ନକୁଳ ନାୟକ ପି: ବୈରାଗି ନାୟକ, ଉଲା ନାୟକ, ସେବାବତୀ ନାୟକ, ବିଷ୍ଣୁ ନାୟକ ପି: ଭୀମ ନାୟକ, ଝୁମ୍ପା ନାୟକ ସ୍ୱା: ଭୀମ ନାୟକ, ବୁଲି ନାୟକ ପି: ଅଧମ ନାୟକ, କୁମାରୀ ନାୟକ ସ୍ୱା: ଅଧମ ନାୟକ ଜା: କୁରୁମ ବା: ନିଜଗାଁ | |
| ୯ | ୫୯ | ୨୦୬୦ | ୦.୦୮୫ | ୦.୦୦୫ | ବି ଅଣ ଜଳସେଚିତ ଦୁଇ | ଜାଗିରି ନାୟକ ପି: ବେନୁ ନାୟକ ଜା: କୁରୁମ ବା: ନିଜଗାଁ | |
| ୧୦ | ୬୧ | ୨୦୮୫ | ୦.୧୦୫ | ୦.୦୨୦ | ପଦର | ଜାଗିଲି ପାତ୍ର, ପରି ପାତ୍ର, ପଙ୍କଜ ପାତ୍ର ପି: ବୃନ୍ଦା ପାତ୍ର, ସୀତା ପାତ୍ର ସ୍ୱା: ବୃନ୍ଦା ପାତ୍ର ଜା: କୁରୁମ ବା: ନିଜଗାଁ | |
| ୧୧ | ୭୨ | ୨୦୧୯<br>୨୦୨୦<br>୨୦୨୧ | ୦.୦୬୦<br>୦.୦୪୩<br>୦.୦୫୦ | ୦.୪୫<br>୦.୦୧୦<br>୦.୦୧୦ | ବିଲ ଅଣଜଳସେଚିତ ଦୁଇ | ଦଣ୍ଡିଆ ନାୟକ ପି: ନାଲୁ ନାୟକ, ଜା: କୁରୁମ ବା: ନିଜଗାଁ | |
| ୧୨ | ୮୩ | ୨୦୧୦<br>୨୦୧୭ | ୦.୫୧୫<br>୦.୯୦୦ | ୦.୧୧୫<br>୦.୦୦୫ | ପଦର<br>ବିଲ ଅଣଜଳ ସେଚିତ ଦୁଇ | ନଟବର ନାୟକ ପି: ନାଲୁ ନାୟକ, ଝରା ନାୟକ ସ୍ୱା: ନଟବର ନାୟକ ଜା: କୁରୁମ ବା: ନିଜଗାଁ | |
| ୧୩ | ୮୬ | ୧୫୯୧ | ୦.୧୯୦ | ୦.୦୬୦ | ବିଲ ଅଣଜଳ ସେଚିତ ଦୁଇ | ନରସିଂହ ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା ପି: ଭିକାରୀ ପଣ୍ଡା ଜା: ବ୍ରାହ୍ମଣ ବା: ଭୀଷ୍ମଗିରୀ | |
| ୧୪ | ୯୧ | ୧୭୧୦ | ୧.୦୦୦ | ୦.୨୩୦ | ପଦର | ପର୍ଶୁରାମ ନାୟକ, ବିଦ୍ୟାଧର ନାୟକ, ଅଲେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ, ପି: ଧନୁ ନାୟକ ଜା: କୁରୁମ ବା: ନିଜଗାଁ | |
| ୧୫ | ୧୦୩ | ୧୭୦୬<br>୨୧୦୬ | ୦.୧୦୫<br>୦.୨୦୦ | ୦.୦୧୫<br>୦.୦୫୦ | ପଦର | ବୀର ନାୟକ ପି: ପରମା ନାୟକ ଜା: କୁରୁମ ବା: ନିଜଗାଁ | |
| ୧୬ | ୧୦୭ | ୨୦୨୯<br>୨୦୩୧ | ୦.୦୭୫<br>୦.୦୫୫ | ୦.୦୫୦<br>୦.୦୧୦ | ବିଲ ଅଣଜଳସେଚିତ ଦୁଇ | ଭୀମ ରାଉଳ, ପି: ଦଣ୍ଡିଆ ରାଉଳ, ଜା: କୁରୁମ, ବା: ନିଜଗାଁ | |
| ୧୭ | ୧୦୮ | ୨୦୯୫<br>୨୧୦୯ | ୦.୦୮୫<br>୦.୦୩୫୦ | ୦.୦୭୫<br>୦.୦୫୦ | ପଦର<br>ବିଲ ଅଣଜଳସେଚିତ ଦୁଇ | ଭିଜା ପାତ୍ର, ପି: ଭଗିଆ ପାତ୍ର ଜାେ କୁରୁମ, ବା: ନିଜଗାଁ | |
| ୧୮ | ୧୧୨ | ୨୦୯୪ | ୦.୦୮୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | ମହନ୍ତର ପାତ୍ର, ପି: ବରଜ ପାତ୍ର, ଜା: ଭୁରୁମ, ବା: ନିଜଗାଁ | |
| ୧୯ | ୧୧୯ | ୨୦୮୨ | ୦.୩୦୦ | ୦.୦୪୫ | ପଦର | ମାଧବ ପାତ୍ର, ରମେଶ ପାତ୍ର, କଂଗ୍ରେସ ପାତ୍ର, ପି: ଦଣ୍ଡାସି ପାତ୍ର କ୍ଷିର ପାତ୍ର, ସ୍ୱା: ଦଣ୍ଡାସି ପାତ୍ର, ଜା: କୁରୁମ, ବା: ନିଜଗାଁ | |
| ୨୦ | ୧୨୨ | ୨୦୭୪ | ୦.୩୬୦ | ୦.୦୬୫ | ପଦର | ରଘୁ ଗଉଡ, ପି ମେହେଙ୍ଗାଳ ଗଉଡା, ଜା: ଗଉଡ, ବା: ନିଜଗାଁ | |
| ୨୧ | ୧୨୩ | ୨୦୬୧ | ୦.୩୧୦ | ୦.୨୨୫ | ବିଲ ଅଣଜଳସେଚିତ ଦୁଇ | ରଘୁ ଗଉଡ, ଭଲା ଗଉଡ, ପି: ଉଜ୍ଜ୍ୱଳ ଗଉଡ, ଜା: ଗଉଡ, ବା: ନିଜଗାଁ | |
| ୨୨ | ୧୩୭ | ୧୭୦୨ | ୦.୪୧୦ | ୦.୦୮୫ | ପଦର | ରାଜେନ୍ଦ୍ର ନାୟକ, ରବି ନାୟକ, କାମିନି ନାୟକ, ତନୁ ନାୟକ, ଝୁନୁ ନାୟକ, ପି: କାଶିଆ ନାୟକ, ଜା: କୁରୁମ, ବା: ନିଜଗାଁ | |
| ୨୩ | ୧୩୯ | ୧୭୨୧ | ୦.୬୦୦ | ୦.୧୦୦ | ପଦର | ରାଜୁ ପାତ୍ର, ପି: ରୁଷି ପାତ୍ର, ଜା: କୁରୁମ, ବା: ନିଜଗାଁ | |
| ୨୪ | ୧୫୦ | ୨୦୭୮ | ୦.୫୫୦ | ୦.୦୬୫ | ପଦର | ସନ୍ତୋଷ ପାତ୍ର, ପି: ଅର୍ଜ୍ଜୁନ ପାତ୍ର, ଲଲି ପାତ୍ର, ସ୍ୱା: ଅର୍ଜ୍ଜୁନ ପାତ୍ର, ଜା: କୁରୁମ, ବା: ନିଜଗାଁ | |
| ୨୫ | ୧୬୬ | ୨୦୮୩ | ୦.୩୦୦ | ୦.୦୪୦ | ପଦର | ସୁବୁଧି ପାତ୍ର, ପି: ବାଉରି ପାତ୍ର, ଜା: କୁରୁମ, ବା: ନିଜଗାଁ | |
| ୨୬ | ୧୭୨ | ୨୦୮୯ | ୦.୦୯୦ | ୦.୦୫୦ | ପଦର | ସୁଦର୍ଶନ ପାତ୍ର, ପି: ଭୀମ ପାତ୍ର, ଜା: କୁରୁମ, ବା: ନିଜଗାଁ | |
| ୨୭ | ୧୮୩ | ୧୬୦୮ | ୦.୭୮୦ | ୦.୧୫୫ | ପଦର | ଗ୍ରାମବାସୀଙ୍କ ତରଫେ ବା: ହେରମ୍ବ ନାୟକ, ବାଇ ନାୟକ, ରତନ ନାୟକ, ପି: କାଲୁ ନାୟକ, ଜାରିଲି ନାୟକ, ଗୋବିନ୍ଦ ନାୟକ, ପି: ବେନୁ ନାୟକ, ପାଠାଣି ନାୟକ, ରାମ ନାୟକ, ମୋଚିଆଣି ନାୟକ, ପି: ଲାଲୁ ନାୟକ, ପର୍ଶୁରାମ ନାୟକ, ବିଦ୍ୟାଧର ନାୟକ, ଅଶେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ, ତମାଳ ନାୟକ, ପି: ଧନୁ ନାୟକ, ଝୁମ୍ପା ନାୟକ, ସ୍ୱା: ଧନୁ ନାୟକ, ଜା: କୁରୁମ, ବା: ନିଜଗାଁ | |
| ୨୮ | ୧୮୫ | ୧୫୯୦<br>୧୫୯୫<br>୧୫୯୮<br>୧୫୯୯<br>୧୬୦୦<br>୧୬୦୧<br>୧୬୦୬<br>୨୦୧୧<br>୨୦୩୯<br>୨୦୫୭<br>୨୧୨୭<br>୨୧୩୦ | ୦.୧୨୦<br>୧.୮୫୦<br>୦.୦୬୫<br>୦.୦୮୫<br>୦.୪୬୦<br>୦.୩୦୦<br>୦.୪୮୫<br>୦.୨୪୫<br>୦.୩୮୦<br>୦.୧୮୫<br>୦.୫୨୦<br>୦.୬୮୦ | ୦.୦୪୦<br>୦.୦୧୦<br>୦.୦୧୦<br>୦.୦୧୦<br>୦.୦୧୦<br>୦.୦୧୦<br>୦.୦୧୦<br>୦.୦୧୦<br>୦.୦୧୦<br>୦.୦୧୦<br>୦.୦୧୦<br>୦.୨୦୦ | ବିଲ ଅଣଜଳସେଚିତ ଦୁଇ<br>ବିଲଅଣଜଳସେଚିତ ଦୋଫସଲି<br>ବିଲ ଅଣଜଳସେଚିତ ଦୁଇ<br>ବିଲ ଅଣଜଳସେଚିତ ଦୁଇ<br>ପଦର<br>ପଦର<br>ପଦର<br>ପଦର<br>ପଦର<br>ବିଲ ଅଣଜଳସେଚିତ ଦୁଇ<br>ପଦର<br>ପଦର | ହେରମ୍ବ ନାୟକ, ବାଇ ନାୟକ, ରତନ ନାୟକ, ପି: କାଲୁ ନାୟକ, ଜାରିଲି ନାୟକ, ଗୋବିନ୍ଦ ନାୟକ, ଭଲି ନାୟକ, ପି: ବେନୁ ନାୟକ, ପଠାଣି ନାୟକ, ରାମ ନାୟକ, ମୋଚିଆଣି ନାୟକ, ପି: ନାଲୁ ନାୟକ, ପର୍ଶୁରାମ ନାୟକ, ବିଦ୍ୟାଧର ନାୟକ, ଅଲେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ, ତମାଳ ନାୟକ, ପି: ଧନୁ ନାୟକ, ଝୁମ୍ପା ନାୟକ, ସ୍ୱା: ଧନୁ ନାୟକ, ଜା: କୁରୁମ, ବା: ନିଜଗାଁ | |
| ୨୯ | ୧୮୫/୫ | ୨୦୦୯ | ୦.୫୪୦ | ୦.୧୦୫ | ପଦର | ଚିତ୍ରସେନ ନାୟକ, ପି: ନଟବର ନାୟକ, ଜା: କୁରୁମ, ବା ଦୋଳବ | |
| ୩୦ | ୧୮୫/୧୧ | ୧୭୨୦ | ୧.୦୦୦ | ୦.୧୮୫ | ପଦର | ଗଣେଶ ନାୟକ, ପି: ହେରମ୍ବ ନାୟକ, ଜା: କୁରୁମ, ବା: ନିଜଗାଁ | |
| ୩୧ | ୧୮୫/୧୯ | ୨୧୦୮<br>୨୧୦୭<br>୧୭୦୫ | ୦.୧୩୦<br>୦.୧୩୦<br>୦.୧୩୦ | ୦.୦୧୦<br>୦.୦୦୫<br>୦.୦୯୦ | ପଦର | ବାବାଜୀ ନାୟକ, ପି: ବୀର ନାୟକ, ଜା: କୁରୁମ, ବା: ଦୋଳବ | |
| ୩୨ | ୧୮୫/୩୪ | ୨୦୭୯ | ୦.୪୬୦ | ୦.୦୭୦ | ପଦର | ସନ୍ତୋଷ ପାତ୍ର, ପି– ଅର୍ଜ୍ଜୁନ ପାତ୍ର, ଜା: କୁରୁମ, ବା: ନିଜଗାଁ | |
| ୩୩ | ୧୮୫/୮୫ | ୨୦୮୪ | ୦.୦୮୫ | ୦.୦୨୦ | ପଦର | ସୁମତି ମଣ୍ଡଳ, ସ୍ୱା: କୋରା ମଣ୍ଡଳ, ଜା: କୁରୁମ, ବା: ନିଜଗାଁ | |
| ୩୪ | ୧୮୫/୮୭ | ୨୦୭୨ | ୦.୮୭୦ | ୦.୧୦ | ପଦର | ନମିତା ପ୍ରଧାନ, ସ୍ୱା: ଭଗବାନ ପ୍ରଧାନ, ଜା: କରୁରୁମ, ବା: ତୁଣ୍ଡରା | |
| ୩୫ | ୧୮୫/୯୦ | ୨୦୨୨ | ୦.୧୪୦ | ୦.୦୦୫ | ବିଲ ଅଣଜଳସେଚିତ ଦୁଇ | ସୁଦର୍ଶନ ନାୟକ, ପି: ନଟବର ନାୟକ, ଜା: କୁରୁମ, ବା ନିଜଗାଁ | |
| ୩୬ | ୧୮୫/୯୧ | ୧୭୧୧ | ୦.୧୦୬ | ୦.୦୬୫ | ପଦର | ସିମାଞ୍ଚଳ ପାତ୍ର, ପି: କୋରା ପାତ୍ର, ଜା: କୁରୁମ, ବା: ନିଜଗାଁ | |
| ୩୭ | ୧୮୫/୧୨୩ | ୨୦୭୭ | ୦.୪୭୫ | ୦.୦୬୫ | ପଦର | ପୂର୍ଣ୍ଣବାସୀ ପ୍ରଧାନ, ସ୍ୱା: ବାସୁଦେବ ପ୍ରଧାନ, ଜା: କୁରୁମ, ବା ତୁଣ୍ଡରା | |

ମୋଟ – ୩.୫୮୫ ଏକର

Sd/- Spl. L.A. Cum-R & R.O. (M.I.P)
Mahendragada, (Gajapati)

OIPR : 24001/14/0226/2526

(ଶ୍ରୀମଦ୍ଭଗବଦ୍ ଗୀତା ୧/୨୭)

**ଅର୍ଜ୍ଜୁନ-ବିଷାଦଯୋଗଃ**

ସଞ୍ଜୟ ଉବାଚ

**ଶ୍ୱଶୁରାନ୍ ସୁହୃଦଶ୍ଚୈବ ସେନୟୋରୁଭୟୋରପି ।**
**ତାନ୍ ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବାନ୍ ବନ୍ଧୁନବସ୍ଥିତାନ୍ ॥ ୨୭ ॥**

ସଃ କୌନ୍ତେୟଃ ଅବସ୍ଥିତାନ୍ ତାନ୍ ସର୍ବାନ୍ ବନ୍ଧୁନ୍ ସମୀକ୍ଷ୍ୟ (ଅବଲୋକ୍ୟ) ପରୟା (ମହତ୍ୟା) କୃପୟା ଆବିଷ୍ଟଃ (ଯୁକ୍ତଃ) ବିଷୀଦନ୍ (ବିଷଣ୍ଣଃ ସନ୍) ଇଦଂ (ବକ୍ଷ୍ୟମାଣଂ ବଚନଂ) ଅବ୍ରବୀତ୍ ॥ ୨୭ ॥

# ସଙ୍କଟରେ ରାଜ୍ୟର ବଡ଼ ବିରୋଧୀ ଦଳ

ରାଜ୍ୟରେ ପ୍ରଥମ ଥର ଲାଗି ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଗଠନ କରିଛି । ହେଲେ ରାଜ୍ୟର ବିରୋଧୀ ଦଳ ଭାବେ ବିଜୁ ଜନତା ଦଳ ବା ବିଜେଡ଼ି ମାନ୍ୟତା ପାଇବା ସହିତ ଏହାର ନେତା ନବୀନ ପଟ୍ଟନାୟକଙ୍କୁ ବିରୋଧୀ ଦଳ ନେତା ଭାବେ ମାନ୍ୟତା ମିଳିଛି । ବିଜେଡ଼ିର ସଦସ୍ୟ ସଂଖ୍ୟା ବିଧାନସଭାରେ ଏବେ ୫୦ । ବିଜେପିର ୭୮ ଜଣ ସଦସ୍ୟ ଥିଲେ । ଗତ ନୂଆପଡା ଉପନିର୍ବାଚନରେ ନୂତନ ବିଧାୟକ ହେବାରୁ ଏହାର ସଦସ୍ୟଙ୍କ ସଂଖ୍ୟା ୭୯ ହୋଇଛି । ଏହାଛଡା ତିନି ଜଣ ସ୍ୱାଧୀନ ସଦସ୍ୟ ବିଜେପିକୁ ସମର୍ଥନ କରୁଥିବାରୁ ବିଜେପି ଓ ତାହାର ସହଯୋଗୀଙ୍କ ସଂଖ୍ୟା ଏବେ ୮୨ ହୋଲି କୁହାଯାଇ ପାରିବ । ସେହିପରି ବିଜେଡ଼ି ଗତ ୨୦୨୪ ସାଧାରଣ ନିର୍ବାଚନରେ ୫୧ଟି ଆସନ ହାତେଇ ଥିଲା । ଏବେ ଏହାର ସଦସ୍ୟ ସଂଖ୍ୟା ୫୦ । ରାଜ୍ୟର ଦ୍ୱିତୀୟ ବିରୋଧୀ ଦଳ କଂଗ୍ରେସର ସଦସ୍ୟଙ୍କ ସଂଖ୍ୟା ବିଧାନସଭାରେ ୧୪ ରହିଛି ।

ନୂଆପଡା ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଚାରରେ ଯାଇଥିଲା ବେଳେ ପ୍ରକାଶ କରିଥିଲେ ଯେ ତାଙ୍କ ଦଳର ପ୍ରାର୍ଥୀ ଜିତିବେ ଏବଂ ଦ୍ୱିତୀୟ ସ୍ଥାନରେ କଂଗ୍ରେସ ପ୍ରାର୍ଥୀ ଓ ତୃତୀୟ ସ୍ଥାନରେ ବିଜେଡ଼ି ପ୍ରାର୍ଥୀ ରହି ପରାଜୟ ବରଣ କରିବେ । ତାହା ହିଁ ହେଲା । ଉଭୟ ବିଜେଡ଼ି ଓ କଂଗ୍ରେସ ଦଳ ଦୁଇଟି ମଧ୍ୟରେ ଦ୍ୱିତୀୟ ସ୍ଥାନ ହାସଲ ଲାଗି ପ୍ରତିଦ୍ୱନ୍ଦିତା ଚାଲିଥିଲା ।

ଆମର କହିବା କଥା, ଦୀର୍ଘ ୨୪ ବର୍ଷ କାଳ ମୁଖ୍ୟମନ୍ତ୍ରୀ ରହି ଓ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ କେନ୍ଦ୍ରମନ୍ତ୍ରୀ ରହିଥିବା ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ସଭାପତି ଆସନରେ ମଧ୍ୟ ରହି ଆସିଛନ୍ତି । ମାତ୍ର ତାଙ୍କ ଦଳର ଏପରି ଅବସ୍ଥା କାହିଁକି ହେଲା ଯେ ନୂଆପଡା ଉପ ନିର୍ବାଚନରେ ତାଙ୍କ ଦଳ ମୁଖ୍ୟ ବିରୋଧୀ ଦଳ ହୋଇ ମଧ୍ୟ ତୃତୀୟ ସ୍ଥାନରେ ରହିଗଲା ? ଏଥିପାଇଁ ଦାୟୀ କିଏ, ସେ ନିଜେ ନା ଦଳର ଅନ୍ୟମାନେ?

ନବୀନ ବାବୁ ମୂଳରୁ ପ୍ରତ୍ୟକ୍ଷ ରାଜନୀତି ପ୍ରତି କୁଆଡେ ବୀତସ୍ପୃହ ଥିଲେ । ବାଧ୍ୟବାଧକତାରେ ଓଡ଼ିଶାର ପ୍ରତ୍ୟକ୍ଷ ରାଜନୀତିକୁ ଆସିଥିଲେ । ଅତୀତରେ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ, ତାଙ୍କର ସଚିବ ଥିବା ଅବସରପ୍ରାପ୍ତ ଆଇ.ଏ.ଏସ୍ ପ୍ୟାରୀମୋହନ ମହାପାତ୍ରଙ୍କ ସାହାଯ୍ୟରେ ମୁଖ୍ୟମନ୍ତ୍ରୀ ଆସନ ପରି ଗୁରୁ ଦାୟିତ୍ୱ ସମ୍ଭାଳିବାକୁ ନବୀନ ବାବୁଙ୍କ ମାତା ଜ୍ଞାନ ପଟ୍ଟନାୟକ କୁଆଡେ ତାଙ୍କୁ ପରାମର୍ଶ ଦେଇଥିଲେ । ସେ ଅନୁଯାୟୀ ମୁଖ୍ୟମନ୍ତ୍ରୀ ନବୀନ ବାବୁ ପ୍ୟାରୀବାବୁଙ୍କ ପରାମର୍ଶ ନେଇ ସବୁକିଛି କରୁଥିଲେ । ବିଜୁ ବାବୁଙ୍କ ଲୋକପ୍ରିୟତା ତାଙ୍କୁ ବିଜେଡି ଶାସନ କ୍ଷେତ୍ରରେ ସହାୟକ ହୋଇଥିଲା । ପ୍ୟାରୀମୋହନଙ୍କ ଉପରେ ରାଜନୀତିକ କାର୍ଯ୍ୟ ପାଇଁ ପରାମର୍ଶ ନେଉ ନେଉ ସେ ସ୍ୱାଧୀନ ଭାବେ ଅନେକ କିଛି ନିଷ୍ପତ୍ତି ମଧ୍ୟ ନେଉଥିଲେ । ଏହା ପରେ ତାଙ୍କ ଦଳରେ ପ୍ୟାରୀ ବାବୁଙ୍କୁ କେନ୍ଦ୍ର କରି କନ୍ଦଳ ଆରମ୍ଭ ହୋଇ ଯାଇଥିଲା । ସେ ପ୍ୟାରୀ ବାବୁଙ୍କୁ ଦଳରୁ ଦୂରେଇ ଦେଇଥିଲେ । ତାଙ୍କୁ ବେଇମାନ ବୋଲି ମଧ୍ୟ କହିବାକୁ ପଛେଇ ନଥିଲେ । ଏହା ପୂର୍ବରୁ ନିଜ ସରକାରରେ ବିଜେଡ଼ିର ସହଯୋଗୀ ଦଳ ଭାବେ ବିଜେପି ସହିତ ମଧ୍ୟ ନବୀନ ବାବୁଙ୍କ ସମ୍ପର୍କ ଛିନ୍ନ ହୋଇ ଯାଇଥିଲା । ୨୦୦୯ ପର ଠାରୁ ବିଜେଡ଼ି ନବୀନ ବାବୁଙ୍କ ନେତୃତ୍ୱରେ ଏକାକୀ ରାଜ୍ୟରେ ସରକାର ଗଢ଼ି ଥିଲା ଏବଂ କେନ୍ଦ୍ରରେ ଯେଉଁ ସରକାର ରହୁ ପଛେ ରାଜ୍ୟରେ ବିଜେଡ଼ି ସରକାର ହିଁ ନବୀନଙ୍କ ନେତୃତ୍ୱରେ ଏକ ନୂତନ ପତିଆରା ଲୋକଙ୍କ ମଧ୍ୟରେ ସୃଷ୍ଟି କରିଥିଲା । ରାଜ୍ୟର ଅମଲା ଓ ଅଧିକାରୀମାନେ ମଧ୍ୟ ନବୀନ ବାବୁ ଓ ତାଙ୍କ ଦଳ ଉପରେ ଭରସା ରଖିଥିଲେ । ନବୀନ ବାବୁ, ପ୍ୟାରୀ ବାବୁଙ୍କ ପରିବର୍ତ୍ତେ ତାଙ୍କର ବ୍ୟକ୍ତିଗତ ସଚିବ, ଆଇ.ଏ.ଏସ୍. ଭି କେ ପାଣ୍ଡିଆନଙ୍କ ଉପରେ କେବଳ ରାଜନୀତିକ କ୍ଷେତ୍ରରେ ନୁହେଁ, ସବୁ ସରକାରୀ କାର୍ଯ୍ୟ ପାଇଁ ଭରସା କରି ରହିବାରୁ ଅନେକ ଭଲ କାମ ହେଲା, ଅନେକ ଅସୁବିଧା ମଧ୍ୟ ସରକାରୀ କାର୍ଯ୍ୟରେ ଦେଖାଗଲା ।

ଆସିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱା । ଅଣଓଡ଼ିଆ ଅଫିସର ପାଣ୍ଡିଆନଙ୍କ ଉପରେ ସବୁବେଳେ ନିର୍ଭର କରି ଆସୁଥିବା ନବୀନ ବାବୁଙ୍କ ସରକାର ଗତ ୨୦୨୪ ସାଧାରଣ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ହରାଇ ସରକାର ଗଢ଼ି ପାରିଲା ନାହିଁ । ବିଜୁ ଜନତା ଦଳର ଗୁରୁତ୍ୱ ମଧ୍ୟ ହ୍ରାସ ପାଇଲା । ବଳିଷ୍ଠ ନେତୃତ୍ୱ ଅଭାବରୁ ଦଳୀୟ କନ୍ଦଳ ବୃଦ୍ଧି ପାଇଲା । ନବୀନ ବାବୁ ମଧ୍ୟ ଅସୁସ୍ଥ । ପାଣ୍ଡିଆନଙ୍କ ପକ୍ଷରେ ଅନେକ ଦଳୀୟ ନେତା ଓ କର୍ମୀ ଥିଲେ ମଧ୍ୟ ତାଙ୍କ ବିପକ୍ଷରେ ଅଧିକାଂଶ ଥିବା ପରି ମନେ ହେଉଛି । ପ୍ୟାରୀ ବାବୁଙ୍କ କ୍ଷେତ୍ରରେ ନବୀନ ବାବୁ ଯେପରି କଠୋର ହୋଇ ପାରୁଥିଲେ, ପାଣ୍ଡିଆନଙ୍କ କ୍ଷେତ୍ରରେ ସେପରି ସେ କଠୋର ହୋଇ ପାରୁ ନାହାନ୍ତି । କେବଳ ମୁଖ୍ୟ ବିରୋଧୀ ଦଳର ହୋଇଥିବାରୁ ଓ ନିଜର ଅସ୍ତିତ୍ୱ ଜାହିର କରିବା କାରଣରୁ ଅନେକ ବିଜେଡ଼ି ନେତା ତଡିତ୍ ଗଣମାଧ୍ୟମ ବା ସାମାଜିକ ଗଣମାଧ୍ୟମକୁ ହାତ କରି ନିଜ ନିଜ କଥା କହୁଥିଲେ ମଧ୍ୟ ଜନସାଧାରଣ ସେମାନଙ୍କୁ ଗୁରୁତ୍ୱ ଦେଉ ନାହାନ୍ତି । ଦେଖାଯାଉ, ଭବିଷ୍ୟତରେ ଏ ଦଳର ଗତି କେଉଁ ଆଡକୁ ଯାଉଛି ।

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
(ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ-ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆହ୍ୱାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର



**ପ୍ରହଲାଦ କୁମାର ସିଂହ**

ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ଭାବେ ସୃଷ୍ଟି ହୋଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଇତିମଧ୍ୟରେ ୧୦ବର୍ଷ ପୂରଣ କରିଛି । ତେବେ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବା ପୂର୍ବରୁ ଦେଶ ଓ ରାଜ୍ୟରେ ବିଭିନ୍ନ ସମୟରେ ଗୌରବ ବୃଦ୍ଧି କରିଥିବା ଏହି ଉଚ୍ଚ ଶିକ୍ଷାନୁଷ୍ଠାନର ଯାତ୍ରା କିନ୍ତୁ ୬୦ବର୍ଷରୁ ଅଧିକ । ୧୯୬୪ ମସିହାରେ ରାଜଧାନୀ ଭୁବନେଶ୍ୱରରେ ଏକ ସରକାରୀ ମହିଳା କଲେଜ ଆରମ୍ଭ ହୋଇଥିଲା ଶ୍ରୀୟା ଟକିଜ ନିକଟରେ ଥିବା ଶ୍ରମ ବିଭାଗ ଦପ୍ତରରେ ଏକ ଟିଣ ଘରୁ । ପରବର୍ତ୍ତୀ ସମୟରେ ୧୯୬୬ ମସିହାରେ ମହିଳା କଲେଜଟି ୟୁନିଟ୍-୧ ସ୍ଥିତ ଏକ ପୁରୁଣା ବିଦ୍ୟାଳୟ ଗୃହକୁ ସ୍ଥାନାନ୍ତରିତ ହୋଇଥିଲା । ଏହା ପରେ ଏହି ସରକାରୀ ମହିଳା କଲେଜ ପାଇଁ ରୁପାଲି ଛକ ନିକଟରେ ୨୮ ଏକର ଜମି ଚିହ୍ନଟ କରାଯାଇ ଗୃହ ନିର୍ମାଣ କାମ ଆରମ୍ଭ କରାଗଲା ଏବଂ ୧୯୬୯ର ନୂଆବର୍ଷରେ ଏହି ସୌଧକୁ ମହିଳା କଲେଜ ଅଧକ୍ଷାଙ୍କୁ ହସ୍ତାନ୍ତର କରାଯାଇଥିଲା ।

୧୯୬୯ରେ ସମଗ୍ର ବିଶ୍ୱ ପାଳନ କରୁଥିଲା ମହାତ୍ମା ଗାନ୍ଧିଙ୍କ ଜନ୍ମ ଶତବାର୍ଷିକୀ । ସେତେବେଳକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ଶିକ୍ଷାମନ୍ତ୍ରୀ ଥାଆନ୍ତି ବନମାଳି ପଟ୍ଟନାୟକ । ଗାନ୍ଧି ଜନ୍ମ ଶତବାର୍ଷିକୀ ଅବସରରେ ଏହି ମହିଳା କଲେଜ୍‌ଟିର ନାମ ଜଣେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମିତ କରିବା ଲାଗି ସେତେବେଳର ମୁଖ୍ୟମନ୍ତ୍ରୀ ଆଗ୍ରହ ପ୍ରକାଶ କଲେ । ଏଥିଲାଗି ବିଭିନ୍ନ ସ୍ତରରେ ବିଚାରବିମର୍ଶ ପରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସର୍ବୋଦୟ ନେତ୍ରୀ ମା'ରମାଦେବୀଙ୍କ ନାମରେ ଏହାକୁ ନାମିତ କରିବା ପାଇଁ । ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ମା'ରମାଦେବୀଙ୍କୁ ଏହି ପ୍ରସ୍ତାବ ଦେବାରେ ସେ ଏଡ଼ାଇ ଯାଇଥିଲେ । ଉଚ୍ଚଶିକ୍ଷା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଅନ୍ୟ କୌଣସି ମହିଳାଙ୍କ ନାମରେ ନାମିତ କରିବା ଲାଗି ସେ ପାଲଟା ପ୍ରସ୍ତାବ ଦେଲେ । ତେବେ ସେତେବେଳର ଶିକ୍ଷାମନ୍ତ୍ରୀ ବନମାଳି ପଟ୍ଟନାୟକ କିନ୍ତୁ ମା'ରମାଦେବୀଙ୍କ ନିକଟରେ ଜିଦ୍ ଧରି ବସିଲେ । ସ୍ୱାଧୀନତା ଆନ୍ଦୋଳନ କାଳରେ ବନମାଳି ପଟ୍ଟନାୟକଙ୍କ ସମେତ ବହୁ ଛାତ୍ର ମଦ ଦୋକାନରେ ଆଗରେ ପିକେଟିଂ କରି ବାରମ୍ବାର ପୁଲିସର ଲାଠିମାଡ଼ ଖାଉଥିଲେ । ମା'ରମାଦେବୀ, ମାଳତି ଚୌଧୁରୀ ଆଦି ଏମାନଙ୍କ କ୍ଷତର ଉପଚାର କରିବା ସହିତ ନିଜ ହାତରେ ସେମାନଙ୍କୁ ଖୁଆଇ ଦେଉଥିଲେ । ବସ୍ତୁତଃ ସ୍ୱାଧୀନତା ସଂଗ୍ରାମ ଓ ସମାଜ ସେବା କ୍ଷେତ୍ରରେ ମା'ରମାଦେବୀଙ୍କ ପରିବାରର ତ୍ୟାଗ ଅଭୂତପୂର୍ବ । ଏହି ପରିବାରରୁ ୮ଜଣରୁ ଅଧିକ ସଦସ୍ୟ ସ୍ୱାଧୀନତା ଆନ୍ଦୋଳନ କାଳରେ କାରାବରଣ କରିଥିଲେ । ବସ୍ତୁତଃ କଟକର ସନ୍‌ସାଇନ୍ ପଡ଼ିଆ ନିକଟବର୍ତ୍ତୀ ଚୌଧୁରୀ ନିବାସ ଥିଲା ସ୍ୱାଧୀନତା ସଂଗ୍ରାମର କେନ୍ଦ୍ରବିନ୍ଦୁ । ମା'ରମାଦେବୀ ଉତ୍କଳ ଗୌରବ ମଧୁସୂଦନଙ୍କ ଝିଆରୀ, ଖେରସର ଜମିଦାର ତଥା ପ୍ରଖ୍ୟାତ ଓକିଲ ଗୋକୁଳାନନ୍ଦ ଚୌଧୁରୀଙ୍କ ବୋହୂ, ଭୀମା ଭୂୟାଁ ଉପନ୍ୟାସର ସ୍ରଷ୍ଟା ଗୋପାଳବଲ୍ଲଭ ଦାସଙ୍କ କନ୍ୟା, ଧୂଳିମାଟିର ସନ୍ଥ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ସହଧର୍ମିଣୀ, ନବକୃଷ୍ଣ ଚୌଧୁରୀଙ୍କ ଭାଉଜ ଏବଂ ମନମୋହନ ଚୌଧୁରୀ ଓ ଅନ୍ନପୂର୍ଣ୍ଣା ମହାରଣାଙ୍କ ମାତା ।

ପିଲାଦିନରୁ ସେବା ଓ ତ୍ୟାଗର ସଂସ୍କାରରେ ବଢ଼ିଥିବା ରମାଦେବୀଙ୍କ ଜନ୍ମ ୧୮୯୯ ଡିସେମ୍ବର ୩ ତାରିଖରେ । ତାଙ୍କ ବାପା ଡେପୁଟି ମାଜିଷ୍ଟ୍ରେଟ୍ ଥିବାବେଳେ ୧୮ବର୍ଷର କ୍ରାନ୍ତିକାରୀ ଯୁବକ ଖୁଦିରାମ ବୋଷଙ୍କୁ ଫାଶୀ ଦିଆଯାଇଥିଲା ୧୯୦୮ ଅଗଷ୍ଟ ୧୧ ତାରିଖରେ ମୁଜାଫରପୁର ଜେଲ୍‌ରେ । ସେଦିନ ଫାଶୀ ସମୟରେ ତାଙ୍କ ବାପା ଗୋପାଳବଲ୍ଲଭ ଉପସ୍ଥିତ ରହିବା କଥା । କିନ୍ତୁ ୯ବର୍ଷର ଝିଅ ରମା ସୁନ୍ଦରୀଙ୍କ ଜିଦ୍ ଯୋଗୁଁ ସେ ଫାଶୀ ସ୍ଥଳକୁ ଯାଇନଥିଲେ ଏବଂ ତାଙ୍କ ଘରେ ସେଦିନ ଉପବାସ ପାଳନ କରାଯାଇଥିଲା। ଗାନ୍ଧିଜୀ ଖଦିର ପ୍ରଚାର ପ୍ରସାର କରିବା ପୂର୍ବରୁ ବଡ଼ବାପା ମଧୁସୂଦନଙ୍କ ପରାମର୍ଶକ୍ରମେ ସେ ଅରଟରେ ସୂତା କାଟୁଥିଲେ । ୧୯୨୧ରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ବେଳେ ରମାଦେବୀ ତାଙ୍କୁ ଭେଟି ଦେଇଥିଲେ ନିଜ ହାତ କଟା ସୂତା ଗୁଣ୍ଡିଟିଏ । ଓଡ଼ିଶା ଭିତରେ ଓ ବାହାରେ ସ୍ୱାଧୀନତା ସଂଗ୍ରାମ, ସମାଜସେବା, ଭୂଦାନ ଆନ୍ଦୋଳନ ଆଦିରେ ସେ ସଫଳ ନେତୃତ୍ୱ ନେବା ସହ ବରୀରେ ଆଶ୍ରମ ସ୍ଥାପନ କରି ଗ୍ରାମ ଉତ୍ଥାନ କାମରେ ଲାଗିଥିଲେ । ପ୍ରତ୍ୟକ୍ଷ ସଂପର୍କ ଦୃଷ୍ଟିରୁ ଶିକ୍ଷାମନ୍ତ୍ରୀ ବନମାଳି ପଟ୍ଟନାୟକ ଅଳି କରି ବସିବାରୁ ଶେଷରେ ମା'ରମାଦେବୀ ତାଙ୍କ ଜିଦ୍‌ରୁ ଓହରିଲେ ଓ 'ଭୁବନେଶ୍ୱର ସରକାରୀ ମହିଳା କଲେଜ'ର ନାମ 'ରମାଦେବୀ ମହିଳା ମହାବିଦ୍ୟାଳୟ' ହେଲା



ବୋଲି ନିଜେ ବନମାଳି ପଟ୍ଟନାୟକ ବହୁବାର କହିଛନ୍ତି । ଅବଶ୍ୟ ଏହା ପୂର୍ବରୁ କଟକରେ ଶୈଳବାଳା ମହିଳା ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଶୈଳବାଳା ମଧୁସୂଦନଙ୍କ ପୋଷ୍ୟା କନ୍ୟା ହୋଇଥିବାରୁ ସଂପର୍କରେ ସେ ମା'ରମାଦେବୀଙ୍କ ଭଉଣୀ ।

୧୯୬୯ ଫେବୃଆରୀ ମାସରେ ରାଜ୍ୟ ସରକାର ବିଧିବଦ୍ଧ ଭାବେ ନୂଆ ନାମ ରମାଦେବୀ ମହିଳା ମହାବିଦ୍ୟାଳୟ ଘୋଷଣା କଲେ ଏବଂ ରାଜ୍ୟ ସରକାରଙ୍କ ଏ ସଂକ୍ରାନ୍ତୀୟ ବିଜ୍ଞପ୍ତି ଉପରେ ଉତ୍କଳ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ସର୍ବସମ୍ମତ ପ୍ରସ୍ତାବ ପାରିତ କରିଥିଲେ । ୨୦୧୪ରେ ରମାଦେବୀ ମହିଳା କଲେଜ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଭାରତର ସେତେବେଳର ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଯୋଗ ଦେଇଥିଲେ । ୧୯୯୫ରେ ଏହି ମହିଳା କଲେଜରେ ସ୍ନାତକୋତ୍ତର ବିଭାଗ ଖୋଲିଥିଲା ଏବଂ ୧୯୯୯ରେ ଏହାକୁ ସ୍ୱୟଂଶାସିତ ମର୍ଯ୍ୟାଦା ମିଳିଥିଲା । ୨୦୦୪ ଓ ୨୦୧୫ରେ ଏହି ମହିଳା ଶିକ୍ଷାନୁଷ୍ଠାନକୁ ନ୍ୟାକ୍‌ର ଏ ଗ୍ରେଡ୍ ମିଳିଥିବାବେଳେ ୨୦୧୦ରେ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ ଏହାକୁ ସିପିଇ ଷ୍ଟାଟସ୍ ଦେଇଥିଲା । ୨୦୧୫ରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅନୁଷ୍ଠାନ ଯୋଜନାରେ ଏହି ମହାବିଦ୍ୟାଳୟ ଉନ୍ନୀତ ହୋଇଥିଲା ମହିଳା ବିଶ୍ୱବିଦ୍ୟାଳୟକୁ । ୨୦୧୫ ଡିସେମ୍ବର ୩ ତାରିଖ ମା' ରମାଦେବୀଙ୍କ ଜନ୍ମତିଥି ଅବସରରେ 'ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ' ଉଦ୍‌ଘାଟିତ ହୋଇଥିଲା । ଓଡ଼ିଶାର ଏହା ହେଉଛି ପ୍ରଥମ ମହିଳା ବିଶ୍ୱ ବିଦ୍ୟାଳୟ । ରାଜ୍ୟର ୯ଟି ଜିଲ୍ଲାର ଅନ୍ୟୁନ ୪୮ଟି ମହିଳା କଲେଜ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ । ରମାଦେବୀରେ ୨୮ଟି ବିଷୟରେ ସ୍ନାତକ, ୨୧ଟିରେ ସ୍ନାତକୋତ୍ତର ଓ ୧୩ଟି ବିଷୟରେ ପିଏଚ୍‌ଡି ପାଠ୍ୟକ୍ରମ ରହିଥିବାବେଳେ ଏହି ଗୌରବାବହ ଶିକ୍ଷାନୁଷ୍ଠାନଟି 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ମର୍ଯ୍ୟାଦା ମଧ୍ୟ ହାସଲ କରିଛି ।

ଏହି ଗୌରବାବହ ଶିକ୍ଷାନୁଷ୍ଠାନ ତାହାର ୬୧ବର୍ଷର ଦୀର୍ଘ ଯାତ୍ରା ମଧ୍ୟରେ ବହୁ କୃତି ଛାତ୍ରୀଙ୍କୁ ସୃଷ୍ଟି କରିଛି, ଯେଉଁମାନେ ରାଜନୀତି, ପ୍ରଶାସନ, ଅଧ୍ୟାପନା, ସମାଜସେବା, କଳା, ସଂସ୍କୃତି, ସାହିତ୍ୟ, କ୍ରୀଡ଼ା ସମେତ ବିଭିନ୍ନ କ୍ଷେତ୍ରରେ ସଫଳତା ସାଉଁଟିଛନ୍ତି। ଦିନେ ରମାଦେବୀ ମହିଳା କଲେଜ୍‌ର ଛାତ୍ରୀ ଥିବା ଦ୍ରୌପଦୀ ମୁର୍ମୁ ଏବେ ଦେଶର ରାଷ୍ଟ୍ରପତି । ଓଡ଼ିଶା ବିଧାନସଭାର ବାଚସ୍ପତି ଥିବା ସୁରମା ପାଢ଼ୀ ଏକଦା ଏହି ଗୌରବାବହ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିଲେ । ବହୁ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ଓ ଦପ୍ତରମାନଙ୍କୁ ଭୁବନେଶ୍ୱରରେ ସରକାରୀ ଜମି ଦିଆଯାଉଥିବାବେଳେ ୧୦ବର୍ଷ ଭିତରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପାଇଁ ଜମି ଖଣ୍ଡେ ବ୍ୟବସ୍ଥା ହୋଇପାରି ନାହିଁ । ଏବେ ଏଠାରେ ଛାତ୍ରୀମାନଙ୍କ ପାଇଁ ଖେଳ ପଡ଼ିଆ କିମ୍ବା କ୍ୟାଣ୍ଟିନ୍ ନାହିଁ । ଗୋଟିଏ କ୍ୟାମ୍ପସ୍‌ରେ ବିଶ୍ୱବିଦ୍ୟାଳୟ, ଡିଗ୍ରୀ କଲେଜ୍ ଓ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ ସମେତ ଛାତ୍ରୀ ନିବାସ, ପ୍ରଶାସନିକ ସୌଧ, ପ୍ରେକ୍ଷାଳୟ ଆଦି ରହିଛି । ବାରମ୍ବାର ଜମି ପ୍ରସଙ୍ଗ ଉଠୁଥିଲେ ବି ଜମି ଦିଆଯାଉ ନାହିଁ । ଏଠାରେ ଉଲ୍ଲେଖନୀୟ ଯେ ମା'ରମାଦେବୀଙ୍କ ପରିବାର ସେମାନଙ୍କ ଜମିଦାରୀକୁ ଚାଷୀମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ ଏବଂ ଭୂଦାନ ଯଜ୍ଞରେ ସକ୍ରିୟ ଅଂଶଗ୍ରହଣ କରି ଓଡ଼ିଶାରେ ୨ଲକ୍ଷ ଏକରରୁ ଅଧିକ ଜମି ଭୂମିହୀନଙ୍କ ପାଇଁ ସଂଗ୍ରହର ରେକର୍ଡ କରିଥିଲେ । ୧୪ବର୍ଷ ତଳେ ୨୦୧୧ ମସିହାରେ 'ରମାଦେବୀ ସ୍ୱୟଂଶାସିତ ମହିଳା କଲେଜ' ସମ୍ମୁଖରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ବହୁ ଆଡମ୍ବରରେ ଭିତ୍ତିପ୍ରସ୍ଥର ସ୍ଥାପନ କରାଯାଇଥିଲେ ବି ଏଯାବତ୍ ଏହାର ନିର୍ମାଣ କାମ ଆରମ୍ଭ ହୋଇନାହିଁ । ଏହି ବିଶ୍ୱବିଦ୍ୟାଳୟର ନିୟମିତ କୁଳପତି ଦୀର୍ଘଦିନ ଧରି ନାହାନ୍ତି । ଭାରପ୍ରାପ୍ତ କୁଳପତି ସମସ୍ତ ପ୍ରତିକୂଳ ପରିସ୍ଥିତି ଭିତରେ କାର୍ଯ୍ୟ ତୁଲାଉଛନ୍ତି । ଏହି ବିଶ୍ୱବିଦ୍ୟାଳୟ ପାଇଁ ଥିବା ୧୩୭ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀରୁ ଅଧାରୁ ଅଧିକ ଖାଲି ପଡିଥିବାବେଳେ ପାଖାପାଖି ୮୦ ପ୍ରତିଶତ ଅଣଶିକ୍ଷକ ପଦବୀ ମଧ୍ୟ ଖାଲି । ରାଜ୍ୟର ଏହି ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟକୁ ସ୍ୱୟଂ ସଂପୂର୍ଣ୍ଣ କରିବା ଦାୟିତ୍ୱ ଆମ ବ୍ୟବସ୍ଥାର ।


**ଗାନ୍ଧିଜୀ କହୁଥିଲେ ଚରିତ୍ର ବିହୀନ ଶିକ୍ଷା ଏକ ସାଙ୍ଘାତିକ ପାପ । ବିଦ୍ୟାଳୟର ସାର୍ଟିଫିକେଟ ହାସଲ କରିନଥିବା ମା' ରମାଦେବୀ ଥିଲେ ସେବା, ସଂଗ୍ରାମ, ସାଧନା, ସମର୍ପଣର ପ୍ରତୀକ । ଗାନ୍ଧି ଓ ଗୋପବନ୍ଧୁଙ୍କ ନିକଟବଳୟରେ ସେ କାମ କରି ଦେଶ ପାଇଁ ବାରମ୍ବାର କାରାବରଣ କରିଛନ୍ତି । ଓଡ଼ିଶାରେ ନାରୀ ଜାଗରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଇଛନ୍ତି । ଭୂଦାନ ଓ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସାରା ଦେଶରେ ସକ୍ରିୟ ନେତୃତ୍ୱ ଦେଇଛନ୍ତି । ସ୍ୱେଚ୍ଛାକୃତ ଦାରିଦ୍ର୍ୟ ବରଣ କରିଥିବା ଏହି ସାଧିକା କେବେ କ୍ଷମତା ରାଜନୀତିରେ ପଶିନଥିଲେ । ତାଙ୍କ ଉପରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ସମ୍ମାନ ସୂଚକ ଉପାଧି ଓ ଯମୁନାଲାଲ୍ ବଜାଜ୍ ଫାଉଣ୍ଡେସନ ଭଳି ସଂସ୍ଥାମାନେ ପ୍ରଶଂସା ଓ ପୁରସ୍କାରମାନ ଅଜାଡି ଦେଇଥିଲେ ବି ମା' ରମାଦେବୀ ଏଗୁଡିକୁ ଅତି ତୁଚ୍ଛ ମଣି ନିଜ ନାଁ ପୂର୍ବରୁ କେବେ ଡକ୍ଟର ଲେଖି ନାହାନ୍ତି । ଏକ ତଟରକ୍ଷୀ ଜାହାଜକୁ ତାଙ୍କ ନାମରେ କେନ୍ଦ୍ର ସରକାର ନାମିତ କରିଥିବାବେଳେ ସ୍ମାରକୀ ଡାକ ଟିକଟ ବି କାଢିଛନ୍ତି । ଏମିତି ତାଲିକା ଢେର ଲମ୍ବା ।**

ମା' ରମାଦେବୀ ମାତ୍ର ୨୧ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ଝାସଦେବା ବେଳକୁ ଓଡ଼ିଶାରେ ନାରୀ ଶିକ୍ଷାର କ୍ଷେତ୍ର ଅତି ସୀମିତ ଥିଲା । ଶହେ ବର୍ଷ ତଳେ ଆଇନ ପଢିଲେ ବି ଝିଅମାନେ ଜଜ୍ ହେବା ତ ଦୂରର କଥା ଓକିଲାତି ଲାଇସେନ୍ସ ମଧ୍ୟ ପାଉନଥିଲେ । ୧୯୨୧ରେ କଟକରେ ଅନୁଷ୍ଠିତ ଗାନ୍ଧିଜୀଙ୍କ ମହିଳା ସଭାରେ ୪୦ଜଣ ନାରୀ ବି ନଥିଲେ । ଦେଶ ଜନସଂଖ୍ୟାର ପ୍ରାୟ ଅଧା ମହିଳା ହୋଇଥିବାରୁ ଗାନ୍ଧିଜୀ ସ୍ୱାଧୀନତା ସଂଗ୍ରାମରେ ମହିଳାମାନଙ୍କ ସକ୍ରିୟ ସହଯୋଗ ପାଇଁ ମାତୃ ଜାତିର ଆଶୀର୍ବାଦ ଭିକ୍ଷା କରିଥିଲେ । ଯାହାର ଫଳସ୍ୱରୂପ ଲବଣ ସତ୍ୟାଗ୍ରହ, ଭାରତଛାଡ ଆନ୍ଦୋଳନ, ନିଶା ନିବାରଣ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ଝାସ ଦେଇଥିଲେ । ଓଡ଼ିଶାର ପରୀ ବେୱାଙ୍କ ଭଳି ଗ୍ରାମ୍ୟ ମହିଳା ଗୁଳି ଚୋଟରେ ଇରମ୍‌ରେ ଶହୀଦ ହୋଇଥିଲେ । ଗାନ୍ଧିଜୀ ଯେଉଁ ସ୍ୱାଧୀନତାର ନକ୍ସା ଆଙ୍କିଥିଲେ, ସେଥିରେ କୁହାଯାଇଥିଲା ଯେ ସ୍ୱରାଜ ଆସିଲେ ଜଣେ ମହିଳା ରାତି ଅଧରେ ବି କୌଣସି ସ୍ଥାନକୁ ଯାଇ ନିରାପଦରେ ଫେରି ଆସିପାରିବ । ମା' ରମାଦେବୀ କହୁଥିଲେ, ଯିଏ ତମକୁ ଭଲ ପାଉଛି, ତାକୁ ଭଲ ପାଇବା ଏକ ମାମୁଲି ଘଟଣା, କିନ୍ତୁ ଯିଏ ତୁମକୁ ଭୟ, ଘୃଣା, କ୍ରୋଧ, ଈର୍ଷା କରୁଛି ତାକୁ ଭଲ ପାଇବା ହେଉଛି ପ୍ରକୃତ ଅହିଂସା। ନିଜେ ବଡ଼ ହେଲେ ଦେଶ ବଡ଼ ହୋଇପାରିବ ନାହିଁ । ଦେଶ ଓ ସମାଜ ବଡ଼ ହେଲେ ନିଜେ ବଡ଼ ହୋଇପାରିବା । ସମାଜରେ ଅଜ୍ଞାନ ଓ ଦାରିଦ୍ର୍ୟ ଭଳି ସଂକ୍ରାମକ ବ୍ୟାଧି ପ୍ରବଳ ହେଉଥିବାର ଦୁରାଚାର, ଦୁଷ୍କର୍ମ, ଦୁଃଖ ଆଦି ବଢୁଛି । ଏହା ବିରୋଧରେ ଲଢ଼ିବା ପାଇଁ ମା'ରମାଦେବୀ ବାରମ୍ବାର ଚେତାଇ ଦେଇଛନ୍ତି ନୀତି ବିହୀନ ରାଜନୀତି ଓ ଚରିତ୍ର ବିହୀନ ଶିକ୍ଷା ବ୍ୟବସ୍ଥାରୁ ଦୂରେଇ ରହି ଏବଂ ନିର୍ଭୀକତା, ଶୃଙ୍ଖଳା ଓ ମିତବ୍ୟୟିତା ଆପଣେଇ ଗାନ୍ଧିଜୀଙ୍କ ପ୍ରଦର୍ଶିତ ଏକାଦଶ ବ୍ରତର ସଫଳ ସାଧକ/ସାଧିକା ହେବା ଲାଗି । ସବୁ ଛାତ୍ରଛାତ୍ରୀ ଯଦି ମା'ରମାଦେବୀଙ୍କ ଗୁଣ ଓ କର୍ମର ଉତ୍ତରାଧିକାରୀ ହୋଇପାରିବେ, ତେବେ ବ୍ୟକ୍ତି ଓ ରାଷ୍ଟ୍ର ଜୀବନରେ ଦେଖା ଦେଇଥିବା ବହୁ ସମସ୍ୟାର ସରଳ ସମାଧାନ ହୋଇପାରିବ । ଏଥିଲାଗି ଧନ ଅପେକ୍ଷା ଅଧିକ ଲୋଡ଼ା ପଡୁଛି ସଂକଳ୍ପବଦ୍ଧ ମନର ।

*(ବିଶିଷ୍ଟ ଗ୍ରନ୍ଥକାର ଓ ଗାନ୍ଧିବାଦୀ ଲେଖକ ଭାବେ ପରିଚିତ)*

**ମୋ-୯୪୩୭୦୧୭୩୯୫**
***E-mail: prahalladsinha@gmail.com***

# ଶ୍ରୀକୃଷ୍ଣଙ୍କ ବାଙ୍ମୟ ସତ୍ତା: ଶ୍ରୀମଦ୍ ଭଗବଦ୍‌ଗୀତା



**ଅନନ୍ତ ଗୋପାଳ ପଣ୍ଡା**

ପରମାତ୍ମା ପରମେଶ୍ୱର ନିଜର ନାଭିପଦ୍ମରୁ ସମ୍ଭୁତ ବ୍ରହ୍ମାଙ୍କ ଦ୍ୱାରା ମନୁଷ୍ୟମାନଙ୍କୁ ସୃଷ୍ଟି କରିବା ପରେ ସେମାନଙ୍କ ଜୀବନର ମାର୍ଗକୁ କୁସୁମିତ ତଥା ଜୀବନର ଲକ୍ଷ୍ୟକୁ ଚରିତାର୍ଥ କରିବା ନିମନ୍ତେ ସ୍ୱମୁଖରୁ ସୃଷ୍ଟି କରିଛନ୍ତି ଶ୍ରୀମଦ୍‌ଭାଗବତ ଓ ଶ୍ରୀମଦ୍ ଭଗବଦ୍‌ଗୀତା । ଏହି ଦୁଇ ଅମୂଲ୍ୟ ଗ୍ରନ୍ଥ ସନାତନ ଧର୍ମର ଅନନ୍ୟ ଉପାଦେୟ ଧର୍ମ ଶାସ୍ତ୍ର ଭାବେ ସର୍ବଜନ ସ୍ୱୀକୃତ ତଥା ଈଶ୍ୱର ସ୍ୱରୂପ ଭାବେ ପ୍ରତ୍ୟେକ ସନାତନୀଙ୍କ ଦ୍ୱାରା ହୁଅନ୍ତି ପୂଜିତ । ପରମ କଲ୍ୟାଣକାରିଣୀ, ତ୍ରିତାପହାରିଣୀ, ଅଭୟଦାୟିନୀ ଓ ମୋକ୍ଷ ପ୍ରଦାୟିନୀ ହେଉଛନ୍ତି ଶ୍ରୀମଦ୍ ଭଗବଦ୍‌ଗୀତା । ଶ୍ରୀମଦ୍ ଭାଗବତ ଓ ଶ୍ରୀମଦ୍ ଭଗବଦ୍‌ଗୀତା ଉଭୟ ଗ୍ରନ୍ଥ, ଭଗବାନଙ୍କର ବାଙ୍ମୟ ସତ୍ତା ରୂପେ ଅଭିହିତ ହୁଅନ୍ତି । ଗୀତା ମାହାତ୍ମ୍ୟରେ ରହିଛି ଏହାର ବର୍ଣ୍ଣନା । ଯଥା-'ଗୀତା ସୁଗୀତା କର୍ତ୍ତବ୍ୟା କିମନ୍ୟୈ ଶାସ୍ତ୍ର ବିସ୍ତରୈଃ, ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖ ପଦ୍ମାଦ୍ ବିନିଃସୃତା ।'

କର୍ମପ୍ରତି ବିମୁଖ ଭାବ ପୋଷଣ କରିଥିବା ଗାଣ୍ଡିବଧାରୀ ଅର୍ଜୁନଙ୍କ ମନ ମଧ୍ୟରୁ ବିଷାଦ ଦୂର କରିବା ସଙ୍ଗେ ସଙ୍ଗେ ଭବସାଗରରେ ନିପତିତ କଳିହତ ମାନବମାନଙ୍କ ମୋକ୍ଷପ୍ରାପ୍ତିର ପଥକୁ ସୁଗମ କରାଉଛନ୍ତି ଶ୍ରୀମଦ୍ ଭଗବଦ୍ ଗୀତା । ଗୋପାଳନନ୍ଦନ ଶ୍ରୀକୃଷ୍ଣ ନିଜକୁ ଗୀତାମୃତ ଦୋହନ କର୍ତ୍ତାଭାବେ ପ୍ରତିପାଦିତ କରି ସମସ୍ତ ବେଦ ଉପନିଷଦ ରୂପକ ଗାଭୀକୁ ଅର୍ଜୁନ ସମ ବତ୍ସ ମାଧ୍ୟମରେ ଦୋହନ କରାଇ ଉତ୍ପନ୍ନ ଗୀତାର ଅମୃତବାଣୀ ସ୍ୱରୂପ ଦୁଗ୍ଧର କିୟଦଂଶ ସଖା ପାର୍ଥଙ୍କୁ ପାନ କରିବାର ସୁଯୋଗ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅବଶିଷ୍ଟାଂଶକୁ ସୁଧୀସଜ୍ଜନ ତଥା କଳିଯୁଗର ନରନାରୀମାନଙ୍କୁ ପାନ କରିବାର ସୁଯୋଗ ପ୍ରଦାନ କରିଛନ୍ତି । ଏହି ଗୀତାମୃତ ଅଦ୍ୱୈତମୃତବର୍ଷିଣୀ, ଓ ପୁନଃର୍ଜନ୍ମନାଶକାରିଣୀ । ଏହି ପରମାନନ୍ଦଦାୟିନୀ, ବେଦତ୍ରୟରୂପିଣୀ, ତତ୍ତ୍ୱାର୍ଥ ଜ୍ଞାନସମ୍ପର୍ଣ୍ଣ। ଭଗବତୀସ୍ୱରୂପିଣୀ ଗୀତାର ମହତ୍ତ୍ୱକୁ ପ୍ରତିପାଦିତ କରିବାକୁ ଯାଇ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଛନ୍ତି, 'ଗୀତାଶ୍ରୟେଽହଂ ତିଷ୍ଠାମି ଗୀତାମେ ଚୋତ୍ତମଂ ଗୁହ୍ୟମ୍, ଗୀତାଜ୍ଞାନ ମୁପାଶ୍ରିତ୍ୟ ତ୍ରିନ୍‌ଲୋକାନ୍ ପାଳୟାମହମ୍ ।' ଅର୍ଥାତ୍ ମୁଁ ଗୀତାକୁ ଆଶ୍ରୟ କରି ଅବସ୍ଥାନ କରେ । ଗୀତା ମୋର ବାସସ୍ଥାନ । ଗୀତାର ଜ୍ଞାନ ସହାୟତାରେ ମୁଁ ତିନିଲୋକଙ୍କୁ ପାଳନ କରିଥାଏ । ତେଣୁ ଗୀତା ଭଗବନାଙ୍କର ସର୍ବଶ୍ରେଷ୍ଠ ବ୍ରହ୍ମ ବିଦ୍ୟା । ଏଣୁ ଯେଉଁ ବ୍ୟକ୍ତି ଏକାଗ୍ର ଚିତ୍ତରେ ପ୍ରତ୍ୟେହ ଗୀତା ପାଠ କରନ୍ତି ସେ ହୁଅନ୍ତି ଜ୍ଞାନସିଦ୍ଧ ଏବଂ ସେ ଜୀବନର ପରମ ଲକ୍ଷ୍ୟ ମୋକ୍ଷଲାଭ କରିଥାନ୍ତି ।

ଗୀତା ପାଠ ପୂର୍ବରୁ ସର୍ବପ୍ରଥମେ କରନ୍ୟାସ, ଅଙ୍ଗନ୍ୟାସ, ସହିତ ଧ୍ୟାନ କରିବା ଉଚିତ୍ । ଧ୍ୟାନର ପ୍ରାରମ୍ଭରେ ଭଗବତୀ ଗୀତାଙ୍କୁ, ଦ୍ୱିତୀୟରେ ସଂକଳନ କର୍ତ୍ତା ବ୍ୟାସଦେବଙ୍କୁ, ଯିଏ ପରମ ଜ୍ଞାନମୟ ପ୍ରଦୀପ ସଦୃଶ ଗୀତାକୁ ମହାଭାରତ ରୂପକ ତୈଳଦ୍ୱାରା ପ୍ରଜ୍ୱଳିତ କରାଇଛନ୍ତି । ତୃତୀୟରେ ଜଗତଗୁରୁ ଶ୍ରୀକୃଷ୍ଣଙ୍କୁ ଅନ୍ତର ମଧ୍ୟରେ ଧ୍ୟାନ କରିବା ଉଚିତ୍, କାରଣ ଗୀତାର ସୁଫଳ ପ୍ରାପ୍ତି ନିମନ୍ତେ ଗୋବିନ୍ଦଙ୍କର ଆଶୀର୍ବାଦ ଏକାନ୍ତ ଆବଶ୍ୟକ । ଭଗବାନ ଶ୍ରୀକୃଷ୍ଣଙ୍କୁ ଆଶ୍ରାକରି ପାଣ୍ଡବମାନେ ମହାଭାରତ ଯୁଦ୍ଧ ରୂପକ ଯେଉଁ ରଣନଦୀ ପାରିହୋଇ ବିଜୟ ଲାଭ କରିଥିଲେ ସେହି ନଦୀର ଦୁଇ ତଟ ଦେଶ ଥିଲେ ପିତାମହ ଭୀଷ୍ମ ଓ ଗୁରୁ ଦ୍ରୋଣାଚାର୍ଯ୍ୟ । ଜୟଦ୍ରଥ ଥିଲେ ଜଳ, ଧୃତରାଷ୍ଟ୍ରଙ୍କର ପୁତ୍ରଗଣ ନୀଳପଦ୍ମ ସଦୃଶ, ଶଲ୍ୟଥିଲେ କୁମ୍ଭୀର, କୃପାଚାର୍ଯ୍ୟ ସେ ଜଳର ପ୍ରବାହ, ମହାଦାନୀ କର୍ଣ୍ଣ ସେହି ନଦୀର ବେଳାଭୂମି, ଅଶ୍ୱତ୍ଥାମା ଓ ବିକର୍ଣ୍ଣ ସେ ନଦୀର ଦୁଇ ମକର, ଦୁର୍ଯ୍ୟୋଧନ ତହିଁରେ ଆବର୍ତ୍ତ ବା ଭଉଁରୀ ଏବଂ କେଶବ ହେଉଛନ୍ତି କୈବର୍ତ୍ତ ଅର୍ଥାତ୍ ପାରିହେବା ରୂପକ ତରଣୀର କର୍ଣ୍ଣଧାର । ତାଙ୍କର ଅହେତୁକୀ କୃପାବଳରେ ପଣ୍ଡୁସୁତମାନେ ରଣନଦୀକୁ ଅନାୟାସରେ ଅତିକ୍ରମ କରି ପାରିଥିଲେ । ତେଣୁ ଯେଉଁ ପ୍ରଭୁଙ୍କର କୃପା ମୂକକୁ ବାଚାଳ କରେ, ପଙ୍ଗୁକୁ ପର୍ବତ ଲଙ୍ଘନ କରିବା ଶକ୍ତି ପ୍ରଦାନ କରିଥାଏ, ସେହି ପରମାନନ୍ଦ ମାଧବଙ୍କୁ ବନ୍ଦନା କରି ଗୀତା ପାଠ କରିବା ଉଚିତ୍ ।

ମହାଭାରତର ଅଂଶସ୍ୱରୂପ ଭୀଷ୍ମ ପର୍ବ ଅନ୍ତର୍ଗତ ପଚିଶରୁ ବୟାଳିଶ ଅଧ୍ୟାୟ ପର୍ଯ୍ୟନ୍ତ ବିସ୍ତୃତ ଏହି ଶ୍ରୀମଦ୍ ଗୀତା ସମୁଦାୟ ସାତଶହ ଶ୍ଳୋକରେ ସନ୍ନିବେଶିତ ହୋଇଛନ୍ତି । ଏହି ପବିତ୍ର ଗ୍ରନ୍ଥ ଚାରିଗୋଟି ଉବାଚ ଆଧାରିତ । ସେମାନେ ହେଲେ ଧୃତରାଷ୍ଟ୍ର, ସଂଜୟ, ଅର୍ଜୁନ ଏବଂ ଭଗବାନ ଶ୍ରୀକୃଷ୍ଣ । ଧୃତରାଷ୍ଟ୍ର ଉବାଚ ଭାବେ ଗୋଟିଏ ଶ୍ଳୋକ, ସଂଜୟ ଉବାଚ ରୂପେ ୪୧ ଗୋଟି ଶ୍ଳୋକ, ଅର୍ଜୁନ ଉବାଚ ଭାବରେ ୮୪ ଶ୍ଳୋକ ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ବାଣୀ ରୂପରେ ୫୭୪ ଶ୍ଳୋକକୁ ନେଇ ଗୀତାର କଳେବର ହୋଇଛି ସମୃଦ୍ଧ । ଯଦିଓ ଶ୍ରୀମଦ୍ ଭଗବଦ୍‌ଗୀତା ଶ୍ରୀକୃଷ୍ଣଙ୍କ ମୁଖନଃସୃତ କିନ୍ତୁ ସର୍ବତ୍ର ଶ୍ରୀକୃଷ୍ଣ ଉବାଚ ପରିବର୍ତ୍ତେ ଶ୍ରୀଭଗବାନ ଉବାଚ ଭାବରେ ଗୀତାରେ ଉଲ୍ଲେଖ ହୋଇଅଛି । ଏହାର କାରଣ ହେଉଛି ଶ୍ରୀକୃଷ୍ଣ ଏକାଧାରରେ ହେଉଛନ୍ତି ଅବତାରୀ ଓ ଅବତାର । ଭଗବାନଙ୍କ ଅନ୍ୟ ଅବତାରମାନ ଷାଠିଏ କଳାର ଅଧିକାରୀ ହୋଇଥିବାବେଳେ ଶ୍ରୀକୃଷ୍ଣଙ୍କ ଠାରେ ଚଉଷଠି କଳା ପରିଦୃଷ୍ଟ ହୁଏ । ସବୁ ଅବତାରମାନଙ୍କୁ ଚାରିଗୋଟି କଳାରେ ଅତିକ୍ରମ କରିଛନ୍ତି ଯୋଗେଶ୍ୱର ଶ୍ରୀକୃଷ୍ଣ । ସେହି ଚାରି ଗୋଟି କଳାହେଲେ ଲୀଳା ମାଧୁରୀ, ପ୍ରେମ ମାଧୁରୀ, ରୂପ ମାଧୁରୀ, ଓ ବେଣୁ ମାଧୁରୀ । ସେଥିପାଇଁ ଶ୍ରମଦ୍ ଭାଗବତରେ କୁହାଯାଇଛି 'ଏତେ ଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟମ ।' (୧/୩/୨୮)

ଶ୍ରୀମଦ୍ ଭଗବଦ୍‌ଗୀତା ସୃଷ୍ଟିର ପୃଷ୍ଠଭୂମି ହେଉଛି ମହାଭାରତର ଯୁଦ୍ଧକ୍ଷେତ୍ର । ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କର ବିଷାଦ ଓ କର୍ମ ବିମୁଖ ମନୋଭାବକୁ ପରିବର୍ତ୍ତନ କରିବାଲାଗି ଭଗବାନ ଶ୍ରୀକୃଷ୍ଣଙ୍କ ଉପଦେଶ ହିଁ ହେଉଛି ଗୀତା । ଏହି ମହତ୍‌ବାଣୀଯେ କେବଳ ଅର୍ଜୁନଙ୍କ ପାଇଁ ଉଦ୍ଦିଷ୍ଟ ତା' ନୁହେଁ ଏହା ସମଗ୍ର ମାନବଜାତି ପାଇଁ ଅଭିପ୍ରେତ । ପ୍ରତ୍ୟେକ ମନୁଷ୍ୟର ଅନ୍ତଃକରଣରେ ସଦାସର୍ବଦା ଏହି ସମସ୍ୟା ଅନୁଭୂତ ହୁଏ । ଧର୍ମକ୍ଷେତ୍ର, କୁରୁକ୍ଷେତ୍ର ହେଉଛି ଏ ଶରୀର । ଏହି ଶରୀରରୂପୀ ଯୁଦ୍ଧ ଭୂମିରେ କୌରବମାନେ ହେଉଛନ୍ତି ମନର ପକ୍ଷଭୁକ୍ତ । ମନ ହେଉଛି ଦୃଷ୍ଟିହୀନରୂପୀ ଧୃତରାଷ୍ଟ୍ର । ଏହି ମନ ମଧ୍ୟ ପଞ୍ଚ କର୍ମେନ୍ଦ୍ରିୟ ଯଥା- ବାକ୍,ପାଣି, ପାଦ, ପାୟୁ, ଉପସ୍ଥ ଓ ପଞ୍ଚ ଜ୍ଞାନେନ୍ଦ୍ରିୟ ଯଥା- ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍‌ର ଅଧିଶ୍ୱର । ଅନ୍ୟ ପକ୍ଷରେ ପାଣ୍ଡବସେନା ହେଉଛନ୍ତି ଆତ୍ମ ପକ୍ଷଗଣ । ଏହି ଆତ୍ମ ପକ୍ଷରେ ରହିଛନ୍ତି ଶ୍ରୀକୃଷ୍ଣଙ୍କ ସଦୃଶ ଚିତ୍ତ ଓ ମହାଭୂତ ଅର୍ଥାତ୍ କ୍ଷିତି, ଆପ୍, ତେଜ, ମରୁତ ଓ ବ୍ୟୋମ ରୂପୀ ପଞ୍ଚପାଣ୍ଡବଗଣ । କ୍ଷିତି ହେଉଛନ୍ତି ସହଦେବ, ଆପତତ୍ତ୍ୱ ନକୁଳ, ତେଜ ତତ୍ତ୍ୱ ଅର୍ଜୁନ, ମରୁତ ତତ୍ତ୍ୱ ଭୀମ ଓ ବ୍ୟୋମ ହେଉଛନ୍ତି ଯୁଧିଷ୍ଠିର । ପଞ୍ଚ ମହାଭୂତ ଭଗବାନଙ୍କ ଠାରୁ ସୃଷ୍ଟି ହେବାପରି ପଞ୍ଚ ପାଣ୍ଡବ ମଧ୍ୟ ପଞ୍ଚ ଦେବତାଙ୍କ ଦିବ୍ୟ ତେଜରୁ ହୋଇଛନ୍ତି ଉଦ୍ଭବ । ପ୍ରତିଟି ସମୟରେ ଇନ୍ଦ୍ରିୟମାନଙ୍କର ଅଧିପତି ମନର ଗତିକୁ ଶିଥିଳ କରେ ଚିତ୍ତ । ମନକୁ ସତ୍‌ପଥରେ ପରିଚାଳିତ ହେବାପାଇଁ ଚିତ୍ତ ନିର୍ଦ୍ଦେଶ ଦେଇଥାଏ । ଅସଦ୍ ପଥର ଗତିକୁ କରେ ବାରଣ । ଏହି ଚିତ୍ତ ହେଉଛି ଦିବ୍ୟଦୃଷ୍ଟି ବା ଜ୍ଞାନଦୃଷ୍ଟି ଯୁକ୍ତ । ସଦାସର୍ବଦା ଚିତ୍ତ ଇନ୍ଦ୍ରିୟ ଏବଂ ଏମାନଙ୍କ ଅଧିପତି ମନର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିଥାଏ ।

'ବାସୁଦେବ ସର୍ବମ୍' ହେଉଛି ଗୀତାର ନିର୍ଯ୍ୟାସ ଅର୍ଥାତ୍ ଭଗବାନ ଶ୍ରୀକୃଷ୍ଣ ହିଁ ମୁଖ୍ୟ, ଅନ୍ୟ ସବୁ ଗୌଣ । ପରମାତ୍ମା ତତ୍ତ୍ୱ ବ୍ୟତୀତ ଦ୍ୱିତୀୟ ସତ୍ତାକୁ ସ୍ୱୀକୃତି ଦେଲେ ସୃଷ୍ଟି ହୁଏ ପ୍ରବୃତ୍ତି । ପ୍ରବୃତ୍ତି ନଷ୍ଟ ହେଲେ ସୃଷ୍ଟି ହୁଏ ନିବୃତ୍ତି । ପ୍ରବୃତ୍ତିର ଉପତ୍ତିକୁ କୁହାଯାଏ ଭୋଗ ଓ ନିବୃତ୍ତି ଦୃଢ଼ୀଭୂତ ହେବାକୁ କୁହାଯାଏ ଯୋଗ । ଗୀତାରେ ଅଷ୍ଟାଦଶ ଯୋଗର ଅବତାରଣା ହୋଇଥିଲେ ମଧ୍ୟ ତିନିଗୋଟି ହେଉଛି ମୁଖ୍ୟ ଯୋଗ । ଯଥା- କର୍ମ, ଜ୍ଞାନ ଓ ଭକ୍ତି । ଶରୀରକୁ ଆଧାର କରି କର୍ମ ଯୋଗ, ଶରୀରୀକୁ ଅବଲମ୍ବନକରି ଜ୍ଞାନଯୋଗ ଏବଂ ଶରୀର ଓ ଶରୀରୀ ଉଭୟର ଭର୍ତ୍ତା ଭଗବାନଙ୍କୁ ଆଧାର କରି ଭକ୍ତି ଯୋଗର ଅବତାରଣା କରାଯାଇଛି । ମନୁଷ୍ୟ କର୍ମଯୋଗ ଦ୍ୱାରା ସଂସାର ପାଇଁ, ଜ୍ଞାନ ଯୋଗ ଦ୍ୱାରା ନିଜପାଇଁ ଏବଂ ଭକ୍ତି ଯୋଗ ସହାୟତାରେ ଭଗବାନଙ୍କ ପାଇଁ ଉପଯୋଗୀ ହୁଏ । ମନୁଷ୍ୟର ଜନ୍ମ କର୍ମଯୋନିରେ । କର୍ମରେ କର୍ତ୍ତୃତ୍ୱ ଥିଲେ ମଧ୍ୟ କର୍ମ ଫଳରେ ତା'ର ଅଧିକାର ନାହିଁ । ତେଣୁ ସକାମ କର୍ମ ପ୍ରତି ଆସକ୍ତ ନହୋଇ ନିଷ୍କାମ କର୍ମରେ ଲିପ୍ତ ହେବା ଉଚିତ୍ । ଜ୍ଞାନ ଯୋଗ ବିବେକ ଶକ୍ତିକୁ ଜାଗ୍ରତ କରାଇବା ପୂର୍ବକ ବିଷୟ ବାସନାରୁ ନିବୃତ୍ତ କରାଇ ଈଶ୍ୱରାନୁରାଗୀ ହେବାର ପଥକୁ କୁସୁମିତ କରେ । ଭକ୍ତିଯୋଗ ଅର୍ଥ ପୂର୍ଣ୍ଣ ଶରଣାଗତି । ଭଗବାନଙ୍କ ଠାରେ ବିଶ୍ୱାସ ରଖି ନିଜକୁ ତାଙ୍କ ପାଦପଦ୍ମରେ ସମର୍ପଣ କରିବାହିଁ ଭକ୍ତି ଯୋଗ । ତେଣୁ ଗୀତା ପ୍ରଦର୍ଶିତ ମାର୍ଗରେ ନିଜକୁ ପରିଚାଳିତ କରାଇବା ସହିତ ନିଜକୁ ସମର୍ପିତ କଲେ ଭଗବାନ ହିଁ ଆଶ୍ରିତର ସମସ୍ତ ଦାୟିତ୍ୱ 'ଯୋଗକ୍ଷେମ ବହାମ୍ୟହମ୍' ପରି ବହନ କରିବା ପୂର୍ବକ ମୋକ୍ଷ ଯେ ପ୍ରଦାନ କରିବେ, ଏଥିରେ ଦ୍ୱିମତ ହେବାର ନାହିଁ ।

*(ଜଣେ ଆଧ୍ୟାତ୍ମିକ ସାହିତ୍ୟର ଲେଖକ ଭାବେ ଶ୍ରୀ ପଣ୍ଡା ପରିଚିତ)*

**ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର-୧୯**
**ମୋ-୯୮୬୧୪୭୦୧୯୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏସ୍ଆଇଆର...

କାରଣ ଲୋକଙ୍କର ବିଶ୍ୱାସ ଆପଣଙ୍କ ଉପରେ ନାହିଁ । ଏହି କ୍ରୋଧ ଗୃହରେ ପ୍ରକାଶ କରୁଛନ୍ତି, ଏହା ଠିକ୍ ନୁହେଁ । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍ଗେ କହିଛନ୍ତି ଯେ ଏସ୍ଆଇଆର ପ୍ରଭାବ ଯୋଗୁଁ ୨୮ ବିଏଲ୍ଓ କାର୍ଯ୍ୟଭାର ଯୋଗୁ ଆତ୍ମହତ୍ୟା କରିଛନ୍ତି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏହି ଆଲୋଚନାକୁ ପ୍ରଥମେ କରାଯାଉ । ଗଣତନ୍ତ୍ର ଓ ନାଗରିକଙ୍କ ସ୍ୱାର୍ଥ ଓ ଦେଶର ସ୍ୱାର୍ଥ ପାଇଁ ଏହି ଆଲୋଚନାକୁ ଅନୁମତି ଦିଆଯାଉ । ପୂର୍ବରୁ ବିରୋଧୀ ସଦସ୍ୟଙ୍କ ନାରାବାଜି ଓ ଗୃହ ମଧ୍ୟରେ ହଙ୍ଗାମା ଯୋଗୁ ଗୃହକୁ ମୁଲତବୀ କରାଯାଇଥିଲା । ଆଜି ଲୋକସଭାରେ ମଧ୍ୟ ମାତ୍ର ୧୫ ମିନିଟ୍ ଗୃହକାର୍ଯ୍ୟ ଚାଲିବା ପରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିଥିଲେ । ଫଳରେ ଗୃହକୁ ୧୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା । ବିରୋଧୀ ସାଂସଦମାନେ ସଂସଦର ମକରଦ୍ୱାର ସମ୍ମୁଖରେ ବିରୋଧାଭାସ ଜାରି ରଖିଛନ୍ତି ।

## ପିଏମ୍ଓରେ...

ଏବଂ ପରାମର୍ଶଗୁଡ଼ିକୁ ସହଜରେ କହିପାରିବେ ।

ତେବେ ସମାନ କମ୍ପେକ୍ସରେ ଥିବା 'ସେବା ତୀର୍ଥ-୨' ଏବଂ 'ସେବା ତୀର୍ଥ-୩' କୋଠାରେ କ୍ୟାବିନେଟ ସଚିବାଳୟ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଅଫିସ ରହିବ । ପୁରୁଣା ଅଫିସରୁ ନୂଆ ଅଫିସକୁ ସ୍ଥାନାନ୍ତର ଆରମ୍ଭ ହୋଇସାରିଛି । ଗତକାଲି ଅନେକ ରାଜ୍ୟର ରାଜଭବନ ନାଁ ବଦଳିଛି । ନୂଆ ନାଁ ହୋଇଛି ଲୋକଭବନ । ଖାଲି ପିଏମ୍ଓ ନାଁ ନୁହେଁ ଏହା ପୂର୍ବରୁ ମୋଦୀ ସରକାର ଦିଲ୍ଲୀରେ ରାଜପଥର ନାଁ ବି ପରିବର୍ତ୍ତନ କରିଥିଲେ । ଯାହାକୁ ରାଜପଥ ବଦଳରେ "କର୍ତ୍ତବ୍ୟ ପଥ" ବୋଲି ନାମିତ କରାଯାଇଥିଲା । ସେହିପରି ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ସରକାରୀ ଆବାସକୁ ସେଭେନ୍ ରେସକୋର୍ସ ରୋଡ୍ ବୋଲି କୁହାଯାଉଥିଲା । ହେଲେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ୨୦୧୬ରେ ଏହାର ମଧ୍ୟ ନାମ ପରିବର୍ତ୍ତନ କରିଥିଲେ । ସେଭେନ୍ ରେସକୋର୍ସ ରୋଡ୍ ବଦଳରେ ସେତେବେଳେ ଏହାକୁ "ଲୋକ କଲ୍ୟାଣ ମାର୍ଗ" ନାଁରେ ନାମିତ କରାଯାଇଥିଲା । ଯାହାର ଉଦ୍ଦେଶ୍ୟ ଥିଲା ଲୋକଙ୍କ ସେବା ଆଉ କଲ୍ୟାଣ ।

## ଓଡ଼ିଶା...

ଅତ୍ୟଧିକ କାର୍ଯ୍ୟାନୁଷ୍ଠାନର ବିଶ୍ଳେଷଣ କରାଯାଉଛି । ଏହା ଜନ ବିଶ୍ୱାସ ବିଲ୍ ଦ୍ୱାରା ଶାସନ ପରିଚାଳନା ସରଳ ହେବାସହ ଅନୁପାଳନ ବୋଝ ହ୍ରାସ ପାଇଥାଏ । ଏହା ନିବେଶ ଓ ଅଭିବୃଦ୍ଧିକୁ ମଧ୍ୟ ଉତ୍ସାହିତ କରିଥାଏ । ଜାତୀୟ ଦୃଷ୍ଟିକୋଣ ସହ ସମନ୍ୱୟ ରଖି ଓଡ଼ିଶା ଜନବିଶ୍ୱାସ ବିଲ୍ ୨୦୨୫ ପ୍ରସ୍ତୁତ କରାଯାଇଛି । ଗୁରୁତ୍ୱ ନଥିବା ଅପରାଧ ପାଇଁ ଦଣ୍ଡବିଧାନ ପରିବର୍ତ୍ତେ ଦେୱାନୀ ଦଣ୍ଡବିଧାନ ଲାଗୁ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଓଡ଼ିଶା ଜନବିଶ୍ୱାସ ବିଲ୍‌ରେ ୧୬ଟି ଆଇନ୍ ରହିଛି । ସେଗୁଡ଼ିକ ହେଲା ଓଡ଼ିଶା ନର୍ସ ଏବଂ ଧାତ୍ରୀ ପଞ୍ଜୀକରଣ ଆଇନ୍ । ଓଡ଼ିଶା ପୌର ଆଇନ୍ ୧୯୫୦, ଓଡ଼ିଶା କ୍ଷୁଧା ନିବାରଣ ଆଇନ୍ ୧୯୫୬, ଓଡ଼ିଶା କୃଷି ଉତ୍ପାଦ ବଜାର ଆଇନ୍ ୧୯୫୬, ଓଡ଼ିଶା ନଗର ଯୋଜନା ଏବଂ ଉନ୍ନତି ଟ୍ରଷ୍ଟ ଆଇନ୍ ୧୯୫୬, ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ଆଇନ୍ ୧୯୫୬, ଓଡ଼ିଶା ବିଦ୍ୟୁତ୍ ଶୁଳ୍କ ଆଇନ୍ ୧୯୬୧, ଓଡ଼ିଶା କେନ୍ଦୁପତ୍ର (ବାଣିଜ୍ୟ ନିୟନ୍ତ୍ରଣ) ଆଇନ୍ ୧୯୬୧, ଓଡ଼ିଶା ସମବାୟ ସମିତି ଆଇନ୍ ୧୯୬୨, ଓଡ଼ିଶା ଶିଳ୍ପ ପ୍ରତିଷ୍ଠାନ ଛୁଟିଦିନ ଆଇନ୍ ୧୯୬୯, ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍ ୧୯୮୨, ଓଡ଼ିଶା ଅଗ୍ନି ଓ ଜରୁରୀକାଳୀନ ସେବା ଆଇନ୍ ୧୯୯୩, ଓଡ଼ିଶା ପୌର ନିଗମ ଆଇନ୍ ୨୦୦୩, ଓଡ଼ିଶା ମୂଲ୍ୟଯୁକ୍ତ ଟିକସ ଆଇନ୍ ୨୦୦୪, ଓଡ଼ିଶା ଶ୍ରମିକ କଲ୍ୟାଣ ପାଣ୍ଠି ଆଇନ୍ ୨୦୦୫, ଓଡ଼ିଶା ଅବକାରୀ ଅଧିନିୟମ ଆଇନ୍ ୨୦୦୮ ରହିଛି । ୫୦ଟି କାରାଦଣ୍ଡ ବ୍ୟବସ୍ଥାର ସରଳ ଅପରାଧୀକରଣ ବ୍ୟବସ୍ଥା ସୁପାରିଶ କରାଯାଇଛି । ୧୧୧ଟି ଜରିମାନା ଧାର୍ଯ୍ୟ କରୁଥିବା ନ୍ୟାୟିକ ବ୍ୟବସ୍ଥାକୁ ଆର୍ଥିକ ଦଣ୍ଡ ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ସୁପାରିଶ କରାଯାଇଛି । ଏହାଦ୍ୱାରା ସମାଧାନରେ କମ୍ ସମୟ ଲାଗିବ ଓ ମୋକଦ୍ଦମା ଖର୍ଚ୍ଚ ହ୍ରାସ କରାଯାଇପାରିବ । ବିଲ୍‌ର ୪ଟି ପ୍ରମୁଖ ସଂଶୋଧନ ବ୍ୟବସ୍ଥା ରହିଛି । ଛୋଟ ଛୋଟ ଅପରାଧ ପାଇଁ କାରାଦଣ୍ଡ ବ୍ୟବସ୍ଥା ଉଚ୍ଛେଦ କରିବା ସହ ଦେୱାନୀ ଦଣ୍ଡ, ଛୋଟ ଛୋଟ ଉଲ୍ଲଂଘନର ତୁରନ୍ତ ସମାଧାନ ପାଇଁ ଏବଂ ଉପଯୁକ୍ତ ସମାଧାନ ପାଇଁ ପ୍ରଶାସନିକ ବିଚାର ବ୍ୟବସ୍ଥା, ଜରିମାନାକୁ ଦେୱାନୀ ଦଣ୍ଡରେ ପରିବର୍ତ୍ତନ କରିବା ଏବଂ ଆର୍ଥିକ ଦଣ୍ଡ ଯୌକ୍ତିକତା ପ୍ରତିପାଦନ, ଯାହାଦ୍ୱାରା ସମାନତା ସୁନିଶ୍ଚିତ ହେବାସହ ସମୟ ଉପଯୋଗୀ ସଂଶୋଧନ ହୋଇପାରିବ । ଏହାଦ୍ୱାରା ଫୌଜଦାରୀ ମାମଲାରେ ଥିବା ଜଟିଳତା ହ୍ରାସ ପାଇବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ । ଏହି ଆଲୋଚନାରେ ବିଧାୟିକା ସୋଫିଆ ଫିର୍ଦୋଶ, ବିଧାୟକ ଇରାଶିସ୍ ଆଚାର୍ଯ୍ୟ, ସନ୍ତୋଷ ଖଟୁଆ, ବାବୁ ସିଂହ, ଫକିର ମୋହନ ନାୟକ, ଗଣେଶ୍ୱର ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ୪ ଗିରଫ...

ଗୋଟିଏ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି ଜବତ କରିଛି । ସୂଚନା ଯୋଗ୍ୟ ଯେ

ଗତ ୨୦ ତାରିଖ ସକାଳେ ପୁରୀ - ଭୁବନେଶ୍ୱର ଜାତୀୟ ରାଜପଥ ସମାଯାଜପୁର ଓଭର ବ୍ରିଜ ନିକଟରେ ଏହି ଡକାୟତି ହୋଇଥିଲା । ଗିରଫ ଅଭିଯୁକ୍ତ ହେଉଛନ୍ତି ଚନ୍ଦନପୁର ବୀରନରସିଂହପୁରର ଟୁକୁ ନାୟକ, ପୁରୀ ଭିଆଇପି ରୋଡର ପ୍ରଶାନ୍ତ ପ୍ରଧାନ, ବିଶାଖାପାଟଣାର ଏମ୍.ଗୌତମ ଏବଂ ଭୁବନେଶ୍ୱରର ଜଣେ ଛାତ୍ର ଶୁଭ୍ରଜିତ୍ ମହାନ୍ତି । ଏହି ଡକାୟତି ଘଟଣାରେ ଟୁକୁ ଓ ପ୍ରଶାନ୍ତ ପ୍ରଧାନ ଓରଫ ବାପି ହେଉଛି ମାଷ୍ଟର ମାଇଣ୍ଡ । ସୁନା ଦୋକାନୀ ସଞ୍ଜୟ ଦାସଙ୍କ ଘର ପାଖରେ ରହୁଥିବା ଟୁକୁ ହିଁ ଏହି ଡକାୟତି ପାଇଁ ଯୋଜନା କରିଥିଲା । ଗତ ଏକ ମାସ ତଳେ ଏହି ଯୋଜନା ଆରମ୍ଭ ହୋଇଥିଲା । ଏଥିପାଇଁ ଟୁକୁ ପୁରୀ ଭିଆଇପି ରୋଡର ପ୍ରଶାନ୍ତ ପ୍ରଧାନକୁ ନିୟୋଜିତ କରିଥିଲା । ପରେ ବାପି ବିଭିନ୍ନ ଅପରାଧରେ ସଂପୃକ୍ତ ଥିବା ୫ ଜଣଙ୍କୁ ନିୟୋଜିତ କରିଥିଲା । ଘଟଣା ଦିନ ୪ ଜଣ ସ୍କୋଡା ଗାଡ଼ିରେ ଆଉ ବାକି ୩ ଜଣ ଏକ ବାଇକ୍ ରେ ଆସି ପୁରୀ - ଭୁବନେଶ୍ୱର ଜାତୀୟ ରାଜପଥର ସମାଯାଜପୁର ଓଭର ବ୍ରିଜ ନିକଟରେ ବନ୍ଧୁକ ଦେଖାଇ ଲୁଟ କରିଥିଲେ । ଏଥିପାଇଁ ୭ ଦିନ ପୂର୍ବରୁ ରେକି କରାଯାଇଥିଲା । ଡକାୟତି କେଉଁ ସ୍ଥାନରେ ହେବ, କିଭଳି ହେବ, କେଉଁ ବାଟ ଦେଇ ଆସିବେ ଓ କେଉଁ ବାଟ ଦେଇ ଯିବେ ତାର ସଂପୂର୍ଣ୍ଣ ଯୋଜନା କରାଯାଇ ଘଟଣାକୁ ରୂପ ଦିଆଯାଇଥିଲା । ପୁରୀ ଏସପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ଦୁଇଟି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା । ଚନ୍ଦନପୁର ଥାନା ପୋଲିସର ପ୍ରାଥମିକ ଲିଖିତ ରିପୋର୍ଟ ପରେ ପୋଲିସର ତଦନ୍ତ ଆରମ୍ଭ ହୋଇଥିଲା । ଏଥିପାଇଁ ଗଞ୍ଜାମ ଜିଲ୍ଲା ପୋଲିସ ସହ ରାଜ୍ୟ ପୋଲିସର ମଧ୍ୟ ସହାୟତା ନିଆଯାଇଥିଲା । ଘଟଣାସ୍ଥଳରୁ ସଂଗୃହିତ ତଥ୍ୟ, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ସିସିଟିଭି ଫୁଟେଜ, ମୋବାଇଲ ଟ୍ରାକିଂ, ବୈଷୟିକ ସହାୟତା ନିଆଯାଇ ୪ ଅଭିଯୁକ୍ତଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି । ଫେରାର ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ଗିରଫ ଟୁକୁ ଓ ବାପି ଡକାୟତି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ଟୁକୁ, ବାପି ସମେତ ଗିରଫ ଅଭିଯୁକ୍ତଙ୍କ ନାମରେ କେଉଁ କେଉଁ ଥାନାରେ କେତୋଟି ମାମଲା ରହିଛି, କେଉଁ ପ୍ରକାର ଅପରାଧରେ ଏମାନଙ୍କ ସଂପୃକ୍ତି ରହିଛି ତାର ଯାଞ୍ଚ ଚାଲିଛି ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଡିଆଇଜି ।

## ୪ ବର୍ଷରେ...

ଟେଲ୍ମା, ପାରାସିଟାମଲ ଭଳି ୮୦ ନକଲି ଔଷଧ ବଜାରରେ ରହିଛି । ୨୦୨୧ରୁ ୨୦୨୪-୨୫ ମଧ୍ୟରେ ୧୬୮ ନକଲି ମେଡିସିନ୍ ଚିହ୍ନଟ ହୋଇଥିବାବେଳେ ୩୮୮ ଟି ନିମ୍ନମାନର ମେଡିସିନ୍ ଯାହାକି ଆବଶ୍ୟକୀୟ ଗୁଣବତ୍ତା ଓ ପ୍ରଭାବଶାଳୀ ମାନଦଣ୍ଡ ପୂରଣ କରିବାରେ ବିଫଳ ଚିହ୍ନଟ କରାଯାଇଛି । ତେବେ ଏ ସମ୍ପର୍କରେ ମନ୍ତ୍ରୀ ଗୃହ ବାହାରେ ପ୍ରତିକ୍ରିୟାରେ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ବର୍ତ୍ତମାନ ଆକ୍ସନ ମୋଡରେ ରହିଛି । ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ କରାଯାଉଛି । ନକଲି ଔଷଧ ଜବତ ହେଉଛି ଓ ଆଗାମୀ ଦିନରେ ଏହାକୁ ସରକାର ବ୍ୟାପକ କରିବେ । ବିଭିନ୍ନ ସମୟରେ ନକଲି ଔଷଧ ବଜାରକୁ ଛାଡିବାକୁ ଚକ୍ରାନ୍ତ ହୋଇଥାଏ । ସ୍ୱାସ୍ଥ୍ୟ ବିଭାଗ, ଭେଷଜ ନିୟନ୍ତ୍ରକ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରୁଛନ୍ତି ।

## ଟଙ୍କା...

୨୪ବିଏଚ୍-୨୯୫୦ବି ନମ୍ବରରେ ରେଜିଷ୍ଟ୍ରିକୃତ । ସେହି ଗାଡିୟୁନିଅନ ବ୍ୟାଙ୍କରେ ବନ୍ଧକ ରହିଛି । ସେଲ୍ ଗାଡିକୁ ସେ ଚଳାଉଥିଲେ । ନଭେମ୍ବର ୨୮ ତାରିଖ ପୂର୍ବରୁ ଅଭିଯୁକ୍ତ ଦୀପକ କୁମାର ନିଜକୁ ୟୁନିଅନ ବ୍ୟାଙ୍କର ଜଣେ ଆଇନ ପରାମର୍ଶଦାତା ବୋଲି ମିଛ ପରିଚୟ ଦେଇ ଗାଡିର ଜରୁରୀ ଯାଞ୍ଚ ଆବଶ୍ୟକ ଥିବା ମାଲିକଙ୍କୁ ଜଣାଇଥିଲେ । ସେଥିରେ ବିଶ୍ୱାସ କରି ମାଲିକ ଅଭିଯୋଗକାରୀଙ୍କ ମାଧ୍ୟମରେ ଗାଡିକୁ ଭୁବନେଶ୍ୱର ପଠାଇଥିଲେ ।

ଭୁବନେଶ୍ୱରରେ ପହଞ୍ଚିବା ପରେ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଏନ୍ଏଚ୍-୧୬ ଜୟଦେବବିହାର ନିକଟସ୍ଥ ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ । ସେଠାରେ ଅଭିଯୁକ୍ତ ଇଏମ୍ଆଇ ଏବଂ ଜରିମାନା ଭାବରେ ମୋଟ ୩୮ ହଜାର ୨୦୦ ଟଙ୍କା ଦାବି କରିଥିଲେ । ଯାହା ମାଲିକଙ୍କ ପକ୍ଷରୁ ଦିଆଯାଇଥିଲା । ମାଲିକ ମନା କରିବାରୁ ସେ ଅଭିଯୋଗକାରୀଙ୍କୁ ଧମକ ଦେବା ସହ ଠେଲାପେଲା କରି ବଳପୂର୍ବକ ଗାଡିର ଚାବି ଛଡାଇ ନେଇଥିଲା । ତା'ସହ ଥିବା ଏକ ଧୂସର ରଙ୍ଗର ଗାଡିରେ ପଳାଇଥିଲା ।

ଅଭିଯୋଗକାରୀଙ୍କ ଦ୍ୱାରା ବ୍ୟାଙ୍କ ପରିଚାଳକ ଏବଂ ଅଭିଯୁକ୍ତଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅତିରିକ୍ତ ୩୦ ହଜାର ଟଙ୍କା ନଦେବା ପର୍ଯ୍ୟନ୍ତ ଗାଡି ଛଡାଯାଇପାରିବ ନାହିଁ ବୋଲି ସେ କହିଥିଲା । ଉପାୟଶୂନ୍ୟ ହୋଇ କୁଳଦୀପ ଥାନାକୁ ଆସି ଘଟଣା ବିଷୟରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଦୀପକ ହେପାଜତରୁ ଓଡି୦୨ବିଡି-୧୬୧୨ ନମ୍ବର ଥିବା ଗାଡି ଜବତ କରିଥିଲା । ପରେ ଚଢାଉ କରି ପୋଲିସ ଧଉଳି ଥାନା ଅନ୍ତର୍ଗତ ଭବ୍ୟ ଷ୍ଟକ୍ୟାର୍ଡ ଶିଶୁପାଳଗଡରୁ ଅପହୃତ ଗାଡି ୨୪ବିଏଚ୍-୨୯୫୦ ନମ୍ବର ଗାଡି ମଧ୍ୟ ଜବତ ହୋଇଥିଲା । ଅଭିଯୁକ୍ତ ରେପୋ ଏଜେଣ୍ଟ ଭାବେ କାର୍ଯ୍ୟ କରି ବ୍ୟାଙ୍କ ଅଧିକାରୀର ପରିଚୟ ଦେଇ ବେଆଇନ ଭାବରେ ଗାଡି ଜବତ କରିବା, ଟଙ୍କା ଆଦାୟ କରିବା, ମାଲିକ ତଥା ଡ୍ରାଇଭରଙ୍କୁ ରାସ୍ତାରେ ନିର୍ଯାତନା ଦେବା ଭଳି କାର୍ଯ୍ୟ କରୁଥିବା ଜଣାପଡିଥିଲା । ଅଭିଯୁକ୍ତ ଦୀପକ ବିରୋଧରେ ପୂର୍ବରୁ ମଧ୍ୟ ଏହିଭଳି ଅଭିଯୋଗ ରହିଥିବା ପୋଲିସ କହିଛି । ରେପୋ ଏଜେଣ୍ଟମାନେ ସୁପ୍ରିମ୍‌କୋର୍ଟ ଗାଇଡ୍‌ଲାଇନକୁ ନମାନି ମନଇଚ୍ଛା କାମ କରୁଛନ୍ତି । ଏପରିକି ବାଉନ୍ସରମାନଙ୍କୁ ନିଯୁକ୍ତି ଦେଇ ଲୋକଙ୍କୁ ନାହିଁ ନଥିବା ହୀନସ୍ତା କରୁଛନ୍ତି ।

ନିୟମ ରହିଛି ରେପୋ ଏଜେଣ୍ଟ ଓ ତାଙ୍କ ଅଧୀନରେ କାମ କରୁଥିବା ଯୁବକମାନେ ପରିଚୟ ଦେବା ସହ କେଉଁ ବ୍ୟାଙ୍କ ପାଇଁ କାମ କରୁଛନ୍ତି ତାହା ମଧ୍ୟ ଲୋନ୍ କରିଥିବା ବ୍ୟକ୍ତି ବା ଗାଡି ଚଳାଉଥିବା ଡ୍ରାଇଭରଙ୍କୁ ଦେଖାଇବା କଥା । ସେସବୁ ଗାଇଡ୍‌ଲାଇନ୍‌କୁ ନମାନି ରେପୋ ଏଜେଣ୍ଟମାନେ ବାଉନ୍ସରଙ୍କୁ ସାଙ୍ଗରେ ନେଇ ରାସ୍ତାରେ ଗୁଣ୍ଡାଗିରି କରୁଛନ୍ତି ବୋଲି ପୋଲିସ କହିଛି । ଏହି ମାମଲାରେ ରେପୋ ଗ୍ୟାଙ୍ଗ୍ ମୁଖ୍ୟ ଦୀପକ କୁମାର ବଳିୟାର ସିଂକୁ ମଙ୍ଗଳବାର ପୋଲିସ କୋର୍ଟଚାଲାଣ କରିବା ସହ ତା'ନିକଟରୁ ଦୁଇଟି ଗାଡି ଜବତ କରିଛି । ଜାମିନ ନାମଞ୍ଜୁର ହୋଇଯିବାରୁ ଦୀପକକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ୧୨୫ତମ ଜନ୍ମବାର୍ଷିକୀ ଉଦଯାପନୀ ଉତ୍ସବର ଦ୍ୱିତୀୟ ଦିନ

# ଦେଶ, ବ୍ୟକ୍ତିର ସେବାରେ ବୟସକୁ ହାର ମନାଇଥିଲେ ମା' ରମାଦେବୀ




ଭୁବନେଶ୍ୱର (ସବ୍ୟ) : ମା'ରମାଦେବୀ କେବଳ ମହିୟସୀ ମହିଳା ନଥିଲେ । ସେ ଜଣେ ସଂଗ୍ରାମୀ ଓ ସମ୍ବେଦନଶୀଳ ନେତ୍ରୀ ଥିଲେ । ଦେଶର ତଥା ସାଧାରଣ ଗରିବ ଓ ଅବହେଳିତ ଲୋକର ସେବା ପାଇଁ ସେ ନିଜର ବୟସକୁ ମଧ୍ୟ ହାର ମନାଇଥିଲେ । ତାଙ୍କ ଅଦମ୍ୟ ଇଚ୍ଛା ଶକ୍ତି ଓ ସାହସ ସମ୍ମୁଖରେ ବୟସହାର ମାନିଥିଲା ।

ମା'ରମାଦେବୀଙ୍କ ୧୨୫ତମ ଜନ୍ମ ବାର୍ଷିକୀର ଉଦଯାପନୀ ଉତ୍ସବରେ ଦ୍ୱିତୀୟ ଦିନରେ ସ୍ୱାଧୀନତା ସଂଗ୍ରାମ ଏବଂ ସର୍ବୋଦୟରେ ତାଙ୍କର ଅବଦାନକୁ ନେଇ ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ ବକ୍ତାମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ଗୁଣାତ୍ମକ ବୈଶିଷ୍ଟ୍ୟରେ ରମାଦେବୀଙ୍କ ବ୍ୟକ୍ତିତ୍ୱ ପୂର୍ଣ୍ଣତା ଲାଭ କରିଥିଲା ବୋଲି ଅତିଥିମାନେ କହିଛନ୍ତି ।

ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ମଙ୍ଗଳବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଲେଖିକା ତଥା ଗବେଷିକା ଡକ୍ଟର ନିବେଦିତା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇ ମା' ରମାଦେବୀଙ୍କ ସାମଗ୍ରୀକ ଜୀବନର ଗୁଣାତ୍ମକ ବୈଶିଷ୍ଟ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ । ମା' ରମାଦେବୀଙ୍କ ଜୀବନ ସଂଗ୍ରାମ ସମ୍ପର୍କରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁସ୍ତକ ପ୍ରକାଶନର ଆବଶ୍ୟକତା ଥିବା ସେ କହିଥିଲେ ।

ବିଶିଷ୍ଟ ଅତିଥିଭାବରେ ଯୋଗ ଦେଇ ଉତ୍କଳ ଗାନ୍ଧୀ ସ୍ମାରକନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି କିଭଳି ଭାବରେ ପୂଜ୍ୟ ଗୋପବନ୍ଧୁ ଚୌଧୁରୀ ଓ ମା'ରମାଦେବୀ ଦେଶ ପାଇଁ ଏକ ସଂଗ୍ରାମ ଭିତରେ ନିଜ ଜୀବନକୁ ତିଳ ତିଳ କରି ଉତ୍ସର୍ଗ କରିଥିଲେ ତାହା କହିଥିଲେ । ଅନ୍ୟତମ ବିଶିଷ୍ଟ ଅତିଥି କସ୍ତୁରବା ଟ୍ରଷ୍ଟର ଜାତୀୟ ଉପସଭାପତି ଗାୟତ୍ରୀ ଦାସ ମା'ରମାଦେବୀଙ୍କ ସେବା କାର୍ଯ୍ୟ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ ।

ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଲେଖିକା ତଥା ସମାଜସେବୀ ପ୍ରୀତିଛନ୍ଦା ଧଳ କହିଥିଲେ ଯେ, ସ୍ୱାଧୀନତା ଆନ୍ଦୋଳନରୁ ସର୍ବୋଦୟ ପର୍ଯ୍ୟନ୍ତ ମା' ରମାଦେବୀଙ୍କ ପ୍ରତ୍ୟେକଟି କାର୍ଯ୍ୟ ଓ ନେତୃତ୍ୱ ଆମ ସମସ୍ତ ଲାଗି ପ୍ରେରଣା । ଆଜିର ପିଢି ମା'ରମାଦେବୀଙ୍କ ସାହସ ଏବଂ ଦେଶପ୍ରେମକୁ ଆପଣାଇଲେ ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ସାମ୍ବାଦିକ ମିନତୀ ସିଂହ ଯୋଗ ଦେଇ ଜରୁରୀକାଳୀନ ପରିସ୍ଥିତି ସମୟରେ ଯେତେବେଳେ ସମଗ୍ର ଦେଶରେ ଗଣମାଧ୍ୟମର କଣ୍ଠରୋଧ କରାଯାଇଥିଲା ସେତେବେଳେ କିଭଳି ଭାବରେ ସାହସର ସହିତ ମା'ରମାଦେବୀ ସେ ଆଇନକୁ ସାମ୍ନା କରିଥିଲେ ଓ ଲୋକଙ୍କ ପାଖରେ ନିଜେ ଖବର ପହଞ୍ଚାଉଥିଲେ ତାହା କହିଥିଲେ ।

ଗ୍ରାମସେବକ ପ୍ରେସରୁ ସେତେବେଳେ ବୁଲେଟିନ ପ୍ରକାଶ କରି ମା' ରମାଦେବୀ ଜରୁରୀ କାଳୀନ ପରିସ୍ଥିତି ବିରୋଧରେ ପ୍ରଚାର ପ୍ରସାର ବଢାଇଥିଲେ । ଆଜିର ସାମ୍ବାଦିକମାନେ ସେମାନଙ୍କ କର୍ତ୍ତବ୍ୟରେ ସେହି ସାହସ ଓ ପ୍ରତିବଦ୍ଧତା ରଖିବାର ଆବଶ୍ୟକତା ଅଛି ବୋଲି ମୀନତି କହିଥିଲେ ।

ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମା'ରମାଦେବୀ ୧୨୫ ଜନ୍ମ ବାର୍ଷିକୀ କମିଟିର ଆବାହକ ଡାକ୍ତର ବିଶ୍ୱଜିତ ସଭା ସଞ୍ଚାଳନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଲେଖିକା ଯଶୋଧାରା ଦାସ ଏବଂ ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଉଦବୋଧନ ଦେଇଥିବା ବେଳେ ସାମ୍ବାଦିକା ବନୀତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଧନ୍ୟବାଦ ଦେଇଥିଲେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ।

**AFFIDAVIT**

I, Pabitra Mohan Sahoo, S/O- Ramakanta Sahoo, resident of AT- Puruna Pradhan, PO.- Sisilo, PS.- Balianta, Bhubaneswar, Odisha, Pin- 752100 declare by this affidavit No.- 30717, Dtd.- 01.12.2025 that, now onwards I shall be known as **Pabitra Sahoo** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 02/12/2025 I, Burra Srinivas Rao, Address At- Tanti Sahi Pata Pola, Buxi Bazar, Po- Cuttack G.P.O., Ps- Cantonment, Dist- Cuttack, Odisha, Pin- 753001 declare that I have changed my name from B. Srinibas to Burra Srinivas Rao. Henceforth, I shall be known as **Burra Srinivas Rao** for all purposes.

Burra Srinivas Rao

**AFFIDAVIT**

I, Amiya Kumar Dash, S/o- Lalit Mohan Das, Flat No-B-5/22, Mayapuri Apartment, Nageswar Tangi, Bhubaneswar-751002, Odisha Declare by this Affidavit No-58508, Dt-02.12.2025 That Now Onwards I Shall be Known as **Amiya Kumar Das** for All Future purposes.

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I: CUTTACK**
**GOVERNMENT OF ODISHA**
**('e' PROCUREMENT NOTICE)**
E-Mail I.D.-eepwdcuttack(5)qmail.com
Tel./FaxNo.(0671)-2304128

B-794

**1st. Corrigendum to Bid Identification No. S.E. CTCf R&B1-54 of 2025-26**

The Bid availability period and date of opening of the tenders have been modified due to unavoidable circumstances. The modified dates are as follows :-

| Sl. No. | Bid Identificaiton No. | Bid Availability period as per Notice | Revised Bid Availability period as per 1st. Corrigendum Notice | Bid Opening Date as per Notice | Revised Opening Date. as per 1st Corrigendum Notice |
|---|---|---|---|---|---|
| 1 | S.E.CTC (R&B)-54 of 2025-26 | 01.12.2025 to 5.00 P.M. of 10.12.2025 | 09.12.2025 to 5.00 P.M. of 18.12.2025 | 11.12.2025 at 11.00 A.M. | 19.12.2025 at 11.00 A.M. |

All other terms and conditions remain unchanged. Further details can be seen from the website http://www.tendersodisha.qov.in.

OIPR : 34091/11/0111/2526

Sd/- Superintending Engineer,
Cuttack (R&B) Divisional.

**OFFICE OF THE MUNICIPAL COUNCIL: JAGATSINGHPUR**
**NO. 7900 Dt.02.12.2025**
**1st Corrigendum to Bid Reference No. EO/JSPURM/W-02/2025-26 and Bid Identification No. 2025 ORULB 121600 1 to 13**

C-1653

The following Corrigendum is made for the works as listed in Tender invited vide Bid Reference No. EO/JSPURM/W-02/2025-26 and Bid Identification No 2025 ORULB 121600 1 to 13

Critical Dates :-

| Sl No. | Description | Critical Dates |
|---|---|---|
| 1 | Period of availability of tenders on-line | From 11.00 AM of 21 November 2025 to 02 December 2025 |
| 2 | Last Date & time of bidding on-line | 5.00 PM of 02 December 2025 |
| 3 | Date and.time of opening of Bid | 11.00 AM of 03 December 2025 |

May be read as

| Sl No. | Description | Critical Dates |
|---|---|---|
| 1 | Period of availability of tenders on-line | From 11.00 AM of 03 December 2025 to 12 Dec 2025 |
| 2 | Last Date & time of bidding on-line | 5.00 PM of 12 December 2025 |
| 3 | Date and time of opening of Bid | 11.00 AM of 15 December 2025 |

All other terms & conditions in the above tender call notice remain unchanged.

OIPR : 13087/11/0030/2526

Sd/- Executive Officer, Jagatsinghpur Municipality

e-mail ID: rw_rayagada@yahoo.co.in
**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RURAL WORKS DIVISION: RAYAGADA**
Letter No. 3815 Date : 1.12.2025

O-1669

**1st Corrigendum**

In continuation to this office Bid identification No. EERWRGD-Online-12/2025-26 this office letter No. 3725 dated 18.11.2025 partial modification of TCN has been made as follows.

Joint Venture For the work" Construction of rest shed building at Bissamcuttack for the year 2025-26" must be submitted

All other terms and conditions remain unchanged.

Yours faithfully
Executive Engineer
Rural Works Division, Rayagada

OIPR : 25072/11/0037/2526

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KHORDHA**
**Tel No (06755) 221502 E-mail: eemidkhurda@yahoo co in**
**Letter No. 5452 Dt. 29.11.202529.11.2026**
**Invitation for Bids**
**Bid Identification No. SEMIDKHD 15/2025-26**

A-1030

| | | | |
|---|---|---|---|
| 1 | The Superintending Engineer. Minor Irrigation Division. KhorJha, on behalf of the Governor of Odisha. invites Percentage Rate Bids in Single Cover system in Online Mode only for crvil works m Check Dams under Impl To Check Dam MIPs under ERM Scheme as detailed in the table below from the eligible Class of Contractors | | |
| 2 | Nature of Work | : | Civil works In Check dams under impt To Check Dams and MIPs under ERM Scheme in different Blocks of Khnrotm District |
| 3 | No of Works | : | 13 (Thirteen) Nos Only. |
| 4 | Esfmated Cost | : | Rs 5.08 to 42.35 Lakhs |
| 5 | Cost of Bid Document | : | Rs 4000/- & 6000/- through online only. |
| 6 | Class of Contractor | : | D Class, C and B Class as applicable |
| 7 | Availability of Bid Documents Online | : | 10 0OA MotDt 03 12 2025 to 5.30P.M of 01 -1 12 2020 |
| 8 | Last Date and Time for receipt of Bids in the Portal | : | 6.30 P.M of Dt. 11.12 2025 |
| 9 | Data of Opening of Bids | : | 11 30A Mof Dt 12 12.2025. |
| 10. | The Bidders shall have to participate in online bidding only. Further details can be seen from the website **https://tendersodisha.gov.in.** Any Addendum/Corrigendum/Cancellation of Bid can also be seen in the said website. The Autority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to infor the Bidder the ground for the same. | | |

OIPR : 32042/11/0025/2526

Sd/- Superintending Engineer
Minor Irrigation Division, Khordha

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER,**
**PHULBANI KENDU LEAF DIVISION**
**AT/PO/PS:- PHULBANI, e-mail id - dfoklplb@gmail.com**
**BID IDENTIFICATION No. F.E.&CC /PLB/01 (online)/2025-26**

MM - 331

**E-procurement notice**

**No. 01 Dated'01-12. 2025**

The Divisional Forest Officer, Phulbani K.L. Division, on behalf of Governor of Odisha, invites Percentage Rate bids in Single cover and Double cover System in ONLINE MODE.

1. Nature of work : Construction of Forest Guard Quarter at Phulbani Division Office Campus
2. Tender Cost : Rs.6000/-
3. Class of Contractor : "C" & "D" class Contractors
4. Availability of bid document in the website. : 18:00 Hours of 06.12.2025 to 17:30 Hours of 15.12.2025
5. Date of Opening offenders : 11:30 Hours on dt._16.12.2025
6. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/ cancellation of tender will be displayed in the website said only.

Sd/- Divisional Forest Officer
Phulbani K.L. Division

OIPR : 08069/11/0004/2526

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, HEAD WORKS DIVISION, SAMAL**
**INVITATION FOR BIDS (IFB) : Email ID- ee.hwd.samal@gmail.com**
**'e'-Procurement Notice No. SE HWD- 05/2025-26**

A-1044

The Superintending Engineer, Head Works Division, Samal on behalf of Governor of Odisha invites Percentage Rate bid in single cover system to be received in ONLINE MODE from eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD for execution of civil works mentioned as detailed below:

| | | | |
|---|---|---|---|
| 1 | No of works | : | 03 (Three) No. of civil work |
| 2. | Name of the work | : | 1. Renovation of canal lining at u/p and d/s of CR at RD 22.00km of LBC. 2. Repair and Maintenance of D-Type Quarters at Samal Barrage Township. 3. Renovation of Administrative building of Superintending Engineer. Head Works Division. Samal in the FY year 2025-26. |
| 3. | Estimated Cost | : | Approximately 5.42 lakhs to 16.15 lakhs |
| 4. | Cost of tender paper | : | Rs. 4000.00 to Rs. 6000.00 each (Non-refundable) |
| 5. | EMD/ Bid Security | : | Rs.5500.00 to Rs. 16200.00 (Refundable) |
| 6. | Class of Contractor | : | 'D' & 'C' Class |
| 7. | Period of Completion of work | : | 2 months to 6 months |
| 8. | Date and time of availability of bid Document in the website | : | From 10.00 A.M of Dt03.12.2025 to 5.00 P.M. of Dt.12.12.2025 in the website (www.tendersodisha.gov.in) |
| 9. | Date, time and place of opening of online tender | : | Dt.15.12.2025 at 11.30 A.M in O/o the Superintending Engineer., Head Works Division, Samal |
| 10. | Date, time and place for finalization of tender through Transparent Lottery System (if required) | : | Intimate later |
| 11. | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12. | Name and Address inviting Tender | : | Superintending Engineer, Head Works Division, Samal, AT/P.O. Samal Barrage Township Dist: Angul, Odisha, PIN-759037 Email ID- ee.hwd.samal@gmail.com |

The bidders have to participate in ONLINE bidding only further details can be seen from the e-Procurement Portal : **www..tendersodisha.gov.in.** Any addendum / corrigendum / cancellation of tender can also be seen in the said website.

OIPR : 32020/11/0022/2526

Sd/- Superintending Engineer
Head Works Division, Samal

**OFFICE OF THE CCSO-cum-DISTRICT MANAGER,**
**ODISHA STATE CIVIL SUPPLIES CORPORATION LIMITED,**
**KORAPUT,JEYPORE**
**No. 2370 // Dated. 01.12.2025**

CAD-2562

**Quotation/Tender Call Notice**

Sealed Quotation/Tenders are invited from the interested Travel Agencies/Tour Operators or Private Individuals for providing One (1) no. of BS-VI emission compliant vehicle having sitting capacity not more than Five (5) including driver for Office use and One (1) no. of BS-VI emission compliant vehicle having sitting capacity not more than Seven (7) including driver, which shall conform to the terms and conditions at Annexure-A for Supervision of Paddy Procurement use for the KMS-2025-26 for the official use at the Office of CCSO-cum-District Manager, OSCSC Limited, Jeypore, Koraput on monthly rent basis. The application form of Quotation/ Tender containing General bid information &. Terms and Conditions for hiring vehicles etc. will be available in the Office of CCSO-cum-District Manager, OSCSC Ltd., Jeypore, Koraput from 03.12.2025 to 09.12.0225 till 11.00 AM during Office Hours (Except Govt Holidays) .The Quotation completed in all respect should reach the undersigned on or before 09.12.2025 by 4.00 PM and shall be opened on 10.12.2025 at 11,30 AM in presence of the District Level Tender Committee members and bidders or their authorized representatives in the office Chamber of ADM (General), Koraput,

The interested bidders who have valid GST registration shall submit their tenders in a sealed envelope duiy super-scribing on the top of envelope i.e. "Tender for Hiring vehicles for Office Use" or "Tender for Hiring of vehicle for Supervision of Paddy Procurement use" along with Tender No. and date.

Sd/- CCSO-cum-District Manager
OSCSC Ltd., Jeypore

OIPR : 07038/11/0004/2526

Chilika

**CHILIKA DEVELOPMENT AUTHORITY**
**PLOT NO.493(P), PALASPALLI, POKHARIPUT ROAD,**
**BHUBANESWAR-751020,ODISHA**
**Phone: 91-674-2591544, Fax: 91-674-2590485 Email: - chilika@chilika.com**

CAD - 2551

**e- PROCUREMENT**

**Tender Call Notice No. 1750/CDA/2025 Dtd. 01.12.2025**

| | | | |
|---|---|---|---|
| 01 | Name of the Work | - | Repair of R.C.C. Jetty at village Gabakunda |
| 02 | Estimated Cost | - | Rs.11,05,500.00 (Excluding GST) |
| 03 | Period of completion | | 2 (Two) Calendar Months. |
| 04 | Date & Time of availability of Bid Document in the portal | - | 04.12.2025 at 11.00 A.M. to 18.12.2025 upto 5.00 P.M. |
| 05 | Last Date/Time for submission of Bids in the portal | - | 18.12.2025 upto 5.00 P.M |
| 06 | Date & Time of opening of Bids | - | 19 .12.2025 at 11.30 AM in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020. |
| 07 | Name and Address of the Officer Inviting Tender (O.I.T) | - | Addl. Chief Executive Chilika Development Authority, Odisha, Bhubaneswar Plot No.493(P), Pallaspalli, Pokhariput Road, Bhubaneswar-751020 |

Further information and other details are available for downloading from the e-procurement portal ""https:// tendersoddisha.gov.in" .Addendum/Corrigendum if required will be available only in the Website e-procurement portal "https://tendersodisha.gov.in"

Sd/- Addl. Chief Executive
Chilika Development Authority

OIPR : 08138/11/0010/2526

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ତ୍ରିଷ୍ଣା ଆକ୍ଟିଭିଟି ସେଣ୍ଟରର ବାର୍ଷିକୋତ୍ସବ




ଭୁବନେଶ୍ୱର,(ସବ୍ୟୁ) : କାନନ ବିହାରସ୍ଥ ତ୍ରିଷ୍ଣା ଆକ୍ଟିଭିଟି ସେଣ୍ଟରର ରଙ୍ଗାରଙ୍ଗ ବାର୍ଷିକୋତ୍ସବ ସ୍ଥାନୀୟ କେଳୁଚରଣ କେନ୍ଦ୍ରର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ମନସ୍ୱିତା ଖୁଣ୍ଟିଆ ଓ ସିନେ କଳାକାର ଶଙ୍କର୍ଷଣ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ନୃତ୍ୟ, ସଙ୍ଗୀତ କଳା ଓ ନାଟକ କ୍ଷେତ୍ରରେ ପ୍ରତିଭାମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ପୂର୍ବରୁ ପଟିଆ ସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ତ୍ରିଷ୍ଣା ସେଣ୍ଟର ପ୍ରତିଯୋଗିତାରେ ଶତାଧିକ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଭାଗ ନେଇ ଫାଇନାଲ ପର୍ଯ୍ୟାୟକୁ ମନୋନିତ ହୋଇଥିଲେ । ଶତାଧିକ ପ୍ରତିଯୋଗୀ ସେମାନଙ୍କ ଅଭିଭାବକ, କଳା ପ୍ରେମୀ, ଶୁଭେଚ୍ଛୁମାନଙ୍କ ଗହଣରେ ଏହି ବାର୍ଷିକ ଉତ୍ସବ ପ୍ରତିଭାମାନଙ୍କୁ ସାଧାରଣରେ ପରିଚିତ କରାଇ ପାରିଛି ବୋଲି ତ୍ରିଷ୍ଣା ଆକ୍ଟିଭିଟି ସେଣ୍ଟରର ଅଧ୍ୟକ୍ଷା ତନୁଜା ରାୟ ପ୍ରକାଶ କରିଛନ୍ତି ।

## ୨୦ ଫୁଟ ତଳକୁ ଖସିଲା ପିକଅପ୍ ଭ୍ୟାନ

ବାଲୁଗାଁ ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବାଇପାସ ୧୬ ନମ୍ବର ଜାତୀୟ ରାଜପଥର ସୁବୁଦ୍ଧିପାଟଣା ଛକ ନିକଟରେ ମଙ୍ଗଳବାର ଏକ ପିକ ଅପ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତାପାଶ୍ୱର୍ ପ୍ରାୟ ୨୦ ଫୁଟ ତଳକୁ ଖସି ଓଲଟି ପଡିଛି । ଫଳରେ ଗାଡି ଚାଳକ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଡ୍ରାଇଭର ଜଣଙ୍କ ବସନ୍ତ ଗୌଡ଼, ଘର ବ୍ରହ୍ମପୁର ନିକଟ ଇଚ୍ଛାପୁର ଗ୍ରାମ ବସନ୍ତ ଗୌଡ଼ ବୋଲି ଜଣାଯାଇଛି । କ ଓ ଡ଼ି ୦୨ ବି ଏମ ୭୮୬୮ ନମ୍ବର ବିଶିଷ୍ଟ ପିକଅପ ଭ୍ୟାନଟି ବ୍ରହ୍ମପୁରରୁ ମାଛ ନେଇ ବାଲେଶ୍ୱର ଯାଇଥିଲା । ମଙ୍ଗଳବାର ସକାଳେ ବ୍ରହ୍ମପୁର ଫେରୁଥିବା ସମୟରେ ବାଲୁଗାଁ ବାଇପାସ ସୁବୁଦ୍ଧି ପାଟଣା ଛକ ନିକଟରେ ଭାରସାମ୍ୟ ହରାଇ ଭ୍ୟାନଟି ରାସ୍ତାରୁ ପ୍ରାୟ ୨୦ ଫୁଟ ତଳକୁ ଖସି ଯାଇଥିଲା । ପରେ ଗୋଟିଏ ଗଛକୁ ଧକ୍କା ଦେଇ ଓଲଟି ପଡିଥିଲା ।

### ବେଦାନ୍ତ ବଦଳାଇ ଦେଲା ରଚନାଙ୍କ ଭାଗ୍ୟ

# କଳାହାଣ୍ଡିର କୃଷକଙ୍କ ଝିଅ ହେଲେ ଜାତୀୟ ସ୍ତରର ତୀରନ୍ଦାଜ

ଭୁବନେଶ୍ୱର, (ସବ୍ୟୁ): କଳାହାଣ୍ଡି ଜିଲ୍ଲାର ଚାନାଲିମା ଗାଁର ଶାନ୍ତ ପରିବେଶର ଆଦିବାସୀ ଝିଅ ରଚନା ଆଜି ଜାତୀୟ ସ୍ତରର କ୍ରୀଡାବିତ୍ । ଏକଦା ବିଦ୍ୟାଳୟ, ଘର କାମ ଏବଂ ତାଙ୍କ ମାଆଙ୍କୁ ସେମାନଙ୍କର ଛୋଟ ଚାଷଜମିରେ ସାହାଯ୍ୟ କରିବା ଚାରିପଟେ ଘୂରି ବୁଲୁଥିବା ଏହି ୧୭ ବର୍ଷୀୟା ରଚନା ରାଜ୍ୟର ସବୁଠାରୁ ପ୍ରତିଭାବାନ ଯୁବ ତୀରନ୍ଦାଜଙ୍କ ମଧ୍ୟରେ ଛିଡ଼ା ହୋଇଛନ୍ତି । ପିତା ସ୍ୱର୍ଗତ ନବୀନ ମାଝୀଙ୍କ ଦେହାନ୍ତ ପରେ ରଚନା ଏବଂ ତାଙ୍କ ବଡ଼ ଭଉଣୀଙ୍କୁ ସେମାନଙ୍କ ମା ଚମ୍ପା ମାଝୀ ଏକାକୀ ଲାଳନପାଳନ କରିଥିଲେ। ସୀମିତ ସାଧନ ଏବଂ କ୍ରୀଡ଼ା ପ୍ରତି କୌଣସି ଅଭିଜ୍ଞତା ନ ଥିବାରୁ ରଚନା କେବେ ବି ପାଠପଢା ଏବଂ ଚାଷ ବାହାରେ ଭବିଷ୍ୟତର କଳ୍ପନା କରିନଥିଲେ। ଏହା ୨୦୨୧ ରେ ବଦଳିଗଲା ଯେତେବେଳେ ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ ପଦକ୍ଷେପର ସଂଯୋଜକମାନେ ଲାଞ୍ଜିଗଡରେ ଥିବା ତାଙ୍କ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

ଏକ ଧନୁର ଦୃଶ୍ୟ ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ ଥିଲା, ତଥାପି ତୀରନ୍ଦାଜୀର ସଠିକତା ଏବଂ ଶାନ୍ତ




ଫୋକସ୍ ବିଷୟ ତାଙ୍କୁ ଆକର୍ଷିତ କରିଥିଲା । ସେ ଚେଷ୍ଟା କରିବାକୁ ନିଷ୍ପତ୍ତି ନେଲେ । ସେହି ନିଷ୍ପତ୍ତି ନୀରବରେ ଏକ ବଡ ପରିବର୍ତ୍ତନର ଆରମ୍ଭକୁ ଚିହ୍ନିତ କରିଥିଲା । ଥରେ ନାମ ଲେଖାଇବା ପରେ ରଚନା ଉପଯୁକ୍ତ ଉପକରଣ, ପୁଷ୍ଟିସାଧନ ସହାୟତା ଏବଂ ଗାଇଡେଡ୍ କୋଚିଂ ସୁବିଧା ସହିତ ଏକ ସଂରଚିତ ପରିବେଶରେ ପ୍ରବେଶ କରିଥିଲେ। ଚାପରେ ତାଙ୍କର ଶାନ୍ତି ଏବଂ ଦୃଢ଼ ଶିକ୍ଷଣ କ୍ଷମତା ତୁରନ୍ତ ଉଭା ହୋଇଥିଲା । ତାଙ୍କ ପ୍ରଶିକ୍ଷକ, ଶମ୍ଭୁ ନାଥ ପରିଡ଼ା କହିଛନ୍ତି, "ରଚନାଙ୍କର ଏକ ବିରଳ ପ୍ରତିଭା ଅଛି । ଏପରିକି ଯେତେବେଳେ ଚାପ ଅଧିକ ଥାଏ, ସେ ଶାନ୍ତ ରୁହନ୍ତି । ସେ ଶୀଘ୍ର ଶିଖନ୍ତି, ଶୀଘ୍ର ଖାପଖୁଆଇ ନିଅନ୍ତି, ଏବଂ ତାଙ୍କ ବୟସ ବାହାରେ ପରିପକ୍ୱତା ବହନ କରନ୍ତି ।

୨୦୨୨ ରେ, ସେ ଓପନ୍ ଷ୍ଟେଟ୍ ଚାମ୍ପିଅନସିପରେ ରୌପ୍ୟ ଜିତିଥିଲେ, ଯାହା ତାଙ୍କର ପ୍ରଥମ ପ୍ରମୁଖ ସଫଳତା । ୨୦୨୪ ସୁଦ୍ଧା, ସେ ବିଦ୍ୟାଳୟ ସ୍କୁଲ ଷ୍ଟେଟ୍ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଏବଂ ଓପନ୍ ଷ୍ଟେଟ୍ ଚାମ୍ପିଅନସିପରେ ଆଉ ଏକ ରୌପ୍ୟ ହାସଲ କରିଥିଲେ। ୨୦୨୫ ରେ, ସେ ଏସ୍.ଜି.ଏଫ୍. ଆଇ. ପରିଷଦ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ହାସଲ କରିଥିଲେ, ତା 'ପରେ ସବ୍-ଜୁନିଅର୍ ଜାତୀୟ ଚାମ୍ପିଅନସିପ୍ ପାଇଁ ଚୟନ କରାଯାଇଥିଲା, ଯାହା ଜାତୀୟ ମଞ୍ଚରେ ତାଙ୍କର ଆଗମନକୁ ଚିହ୍ନିତ କରିଥିଲା । ତାଙ୍କ ଗାଁ ପାଇଁ, ତାଙ୍କ ସଫଳତା ଗର୍ବର ଉତ୍ସ ହୋଇଗଲା । ରଚନାଙ୍କ ପାଇଁ, ସେମାନେ ପ୍ରମାଣ ଥିଲେ ଯେ ଶାନ୍ତ ସଂକଳ୍ପ ଅସାଧାରଣ ପଥ ତିଆରି କରିପାରେ।

### ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା

# ନିର୍ମାଣାଧିନ ନାଳରେ ପଡ଼ି ଯୁବକ ଗୁରୁତର

କଟକ,(ସବ୍ୟୁ): ଜଗତପୁର ଷ୍ଟେସନବଜାର ରାସ୍ତାର ନିର୍ମାଣାଧିନ ନାଳରେ ପଡି ଗୁରୁତର ଭାବେ ଆହତ ହୋଇଛନ୍ତି ସବ୍ୟସାଚୀ ଜେନା । କିଛି ଦିନ ପୂର୍ବେ ବାଇକ୍ ଯୋଗେ ଯାଉଥିବା ବେଳେ ଏକ ଗାଡି ତାଙ୍କୁ ସାଇଡ୍ ମାରିଥିଲା । ଭାରସାମ୍ୟ ହରାଇ ସବ୍ୟସାଚୀ ଖୋଲା ନାଳରେ ପଡ଼ି ଯାଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସବ୍ୟସାଚୀଙ୍କ ଘର ଭଦ୍ରକ ଜିଲ୍ଲା ଲାଙ୍ଗୁଡି ଅଞ୍ଚଳରେ । ଜଗତପୁରରେ ଥିବା ଏକ କେବୁଲ ସଂସ୍ଥାରେ ସେ କାମ କରୁଥିବା ଜଣାପଡ଼ିଛି । ଜଗତପୁର ଅଞ୍ଚଳରେ ଲକ୍ଷାଧିକ ଟଙ୍କାର ଡ୍ରେନ୍ କାମ ଚାଲିଛି । ଏକାଧିକ ଠିକାଦାରଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଜାରି ରହିଛି । ନାଳ କାମ ନିମନ୍ତେ ମୁଖ୍ୟରାସ୍ତାକୁ ଲାଗି ୩ଫୁଟ୍‌ର ଗାତ ଖୋଳାଯାଇଛି । ରାସ୍ତା କଡରେ ବାଲିମାଟି ବି ଗଦା ହୋଇଛି । କିନ୍ତୁ ଏହତ ରାସ୍ତାରେ ନିୟମିତ ହଜାର ହଜାର ଲୋକ ଯାତାୟତ କରୁଥିଲେ ମଧ ସେଠାରେ କୌଣସି ପ୍ରକାରର ସୁରକ୍ଷା ବାଡ ଦିଆଯାଇନଥିଲା । ଯଦ୍ୱାରା ସବ୍ୟସାଚୀ ନିର୍ମାଣାଧିନ ନଳାରେ ପଡି ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ପ୍ରକାଶଯୋଗ୍ୟ, ପୂର୍ତ୍ତ ବିଭାଗ ଦ୍ୱାରା ଜଗତପୁର ଷ୍ଟେସନ୍ ବଜାର ଅଞ୍ଚଳରେ ଡ୍ରେନ୍ ନିର୍ମାଣ କରାଯାଉଛି । ଜଗତପୁର ଗୋଲେଇ ଛକରୁ ଯୋବ୍ରା ବ୍ୟାରେଜ୍‌କୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ହେଉଛି ।

## ଯାତ୍ରୀବାହି ବସ୍ ନୂଆ ବସଷ୍ଟାଣ୍ଡ ଦେଇ ଯିବା ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ସଦର ମହକୁମା ହୋଇଥିବାରୁ ପ୍ରତ୍ୟେକ ଦିନ ବହୁ ସଂଖ୍ୟା ରେ ଯାତ୍ରୀ ଓ ସାଧାରଣ ଲୋକେ ଖୋର୍ଦ୍ଧା ଦେଇ ଦୂର ଦୁରାନ୍ତ କୁ ଯାତାୟାତ କରିଥାନ୍ତି। ମୁଖ୍ୟତଃ ଭୁବନେଶ୍ୱରରୁ ବ୍ରହ୍ମପୁର ଏବଂ ଗଞ୍ଜାମ ଅଭିମୁଖେ ଯାଉଥିବା ଯାତ୍ରୀବାହି ବସ ଗୁଡ଼ିକ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ କୁ ନଯାଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଓଭର ବ୍ରିଜ ଦେଇ ଯାଉଥିବାରୁଓଭର ବ୍ରିଜ ତଳେ ବସ କୁ ଅପେକ୍ଷା କରି ରହିଥିବା ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ସେମାନଙ୍କୁ ତୋଟାପଡା ଇସ୍କନ ମନ୍ଦିର ଏବଂ ଗଡ଼ଖୋର୍ଦ୍ଧା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ପାଖକୁ ଯିବାକୁ ପଡୁଛି। ପୁର୍ବରୁ ସମସ୍ତ ଯାତ୍ରୀବାହି ବସ ଗୁଡ଼ିକ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଦେଇ ଯିବା ଆସିବା କରୁଥିବା ବେଳେ ଏବେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏହି ସମସ୍ୟା ର ସମାଧାନ ନିମନ୍ତେ ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ(ଓ.ୟୁ.ଡ ବ୍ଲୁ.ଜେ) ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ ଙ୍କ ନେତୃତ୍ୱ ରେ ଏକ ପ୍ରତନିଧି ମଣ୍ଡଳୀ ଖୋର୍ଦ୍ଧା ଜିଲ୍ଲାପାଳ ଙ୍କ ଅନୁପସ୍ଥିତ ରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କୁ ଭେଟି ଏକ ଦାବୀପତ୍ର ପ୍ରଦାନ କରିଥଲେ। ଖୁବଶୀଘ୍ର ଏହି ସମସ୍ୟା ର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଉପ ସଭାପତି ସୟଦ ଲିୟାକତ ଅଲ୍ଲି, ଲଳିତ ମୋହନ ମହାପାତ୍ର, ରଞ୍ଜିତ ସାମନ୍ତରାୟ, ପ୍ରବୀଣ ଭଞ୍ଜ, ଶୁଭକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ତୈଳ ବୈଷୟିକ ତତ୍ତ୍ୱବିତ ସଂଘର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ମାଲେସିଆ ପାମ୍ ଅଏଲ୍ କାଉନସିଲ୍ (ଏମ୍‌ପିଓସି) ସହଯୋଗରେ ତୈଳ ବୈଷୟିକ ତତ୍ତ୍ୱବିତ୍ ସଂଘ, ପୂର୍ବ ଜୋନ୍ ଦ୍ୱାରା କୋଲକାତାର ରାମକୃଷ୍ଣ ମିଶନ୍ ସଂସ୍କୃତି ପ୍ରତିଷ୍ଠାନ (ଆର୍‌ଏମ୍‌ଆଇସି)ରେ ୮୦ତମ ବାର୍ଷିକ ସମ୍ମିଳନୀ ଗୋଲପାର୍କ ସ୍ଥିତ ରାମକୃଷ୍ଣ ମିଶନ୍ ସଂସ୍କୃତି ପ୍ରତିଷ୍ଠାନ (ଆର୍‌ଏମ୍‌ଆଇସିଁ) ରେ ଏକ ସେମିନାର ଅଧିବେଶନ ଆୟୋଜିତ ହୋଇଥିଲା । ଏହି ପଦକ୍ଷେପ ବୈଜ୍ଞାନିକ, ଶିଳ୍ପପତି, ଡାକ୍ତରୀ ବୃତିଧାରୀ, ନୀତି ନିର୍ମାତା, ସମ୍ପ୍ରଦାୟର ହିତାଧିକାରୀ ଏବଂ ସ୍ଥିରତା ଉଦ୍ଭାବକମାନଙ୍କୁ ଏକତ୍ରିତ କରି ପାମ୍ ତେଲର ଭବିଷ୍ୟତ ପାଇଁ ଏକ ସନ୍ତୁଳିତ, ସମାଧାନ-କେନ୍ଦ୍ରିତ ପଥ ପ୍ରସ୍ତୁତ କରିଥିଲା । ଏହି ପଦକ୍ଷେପର ମୂଳରେ ଅତ୍ୟାଧୁନିକ ଗବେଷଣା ଏବଂ ସ୍ୱଚ୍ଛ ଯୋଗାଯୋଗ ପାଇଁ ଏକ ପ୍ରତିବଦ୍ଧତା ଥିଲା । କୃଷି ବିଜ୍ଞାନ, ଜମି ବ୍ୟବହାର ପରିବର୍ତନ,



ଜୈବ ବିବିଧତା, ଜଳବାୟୁ ପ୍ରଭାବ ଏବଂ ଯୋଗାଣ-ଶୃଙ୍ଖଳା ଯାଚ୍ ଉପରେ ଆନ୍ତଃବିଭାଗୀୟ ଅଧ୍ୟୟନ ମାଧ୍ୟମରେ, ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା ତାଳ ତେଲ ଉତ୍ପାଦନ ଏବଂ ଏହାର ବିଶ୍ୱସ୍ତରୀୟ ପଦଚିହ୍ନ ପଛରେ ଥିବା ବିଜ୍ଞାନକୁ ସ୍ପଷ୍ଟ କରିବା । ଏହି ସେମିନାରର ଉଦ୍ଦେଶ୍ୟ ଥିଲା ଏକ ବୈଜ୍ଞାନିକ ଅଖଣ୍ଡତାକୁ ଆଗରେ ରଖିବା, ଏହା ସୁନିଶ୍ଚିତ କରିବା ଯେ ଆଲୋଚନା ଅନୁମାନ ଦ୍ୱାରା ନୁହେଁ, ତଥ୍ୟ ଦ୍ୱାରା ସୂଚିତ ହେବ । ତାଳ ତେଲ ଏସିଆ, ଆଫ୍ରିକା ଏବଂ ଲାଟିନ୍ ଆମେରିକାର ଲକ୍ଷ ଲକ୍ଷ କ୍ଷୁଦ୍ର ଚାଷୀଙ୍କ ଜୀବିକାକୁ ସମର୍ଥନ କରେ । ପାମ୍ ଅଏଲ ଉନ୍ମୋଚନ ଏହି ଶିଳ୍ପର ମାନବୀୟ ଦିଗକୁ ଆଲୋକିତ କରେ।

### ସୋଆ ରାଜ୍ୟସ୍ତରୀୟ ଆଞ୍ଚଳିକ ଏଆଇ ହାକାଥନ୍ -୨୦୨୫ ପାଇଁ

# କେନ୍ଦ୍ରୀୟ ଜୋନାଲ ନୋଡାଲ ସେଣ୍ଟର ମନୋନୀତ

ଭୁବନେଶ୍ୱର, (ସବ୍ୟୁ): ଓଡିଶା ରାଜ୍ୟସ୍ତରୀୟ ଏଆଇ ହାକାଥନ୍ ୨୦୨୫ ପାଇଁ କେନ୍ଦ୍ରାଂଚଳ ନୋଡାଲ ସେଂଟର ଭାବେ ଶିକ୍ଷା ଓ ଅନୁସନ୍ଧାନ ( ସୋଆ) ବିଶ୍ୱବିଦ୍ୟାଳୟକୁ ଚୟନ




କରିବା ସହିତ କୃତ୍ରିମ ବୁଦ୍ଧିମତା (ଇଓ) କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଶକ୍ତି କେନ୍ଦ୍ର ହୋଇ ଉଭା ହେବା ପାଇଁ ଓଡିଶାର ପ୍ରୟାସକୁ ଏକ ଶକ୍ତିଶାଳୀ ପ୍ରୋତ୍ସାହନ ମିଳିଛି। ଓଡ଼ିଶା ସୋସାଇଟି ଅଫ୍ ଦ ଆମେରିକାସ (ଓଏସ୍‌ଏ) ଏବଂ ଓଡ଼ିଶା ଏଆଇ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ହାକାଥନ୍ ଛାତ୍ରଛାତ୍ରୀ, ନବସୃଜନକାରୀ ଏବଂ ଯୁବଉଦ୍ୟୋଗୀ ମାନଙ୍କ ଠାରେ ସୃଜନଶୀଳତା ଏବଂ ସମସ୍ୟାକୁ ସମାଧାନ କରି ତାହାକୁ ପ୍ରୋତ୍ସାହିତ କରିବା ସହିତ ଓଡ଼ିଶାକୁ ବିଶ୍ୱସ୍ତରୀୟ ଏଆଇ ମାନଚିତ୍ରରେ ଦୃଢ଼ ଭାବରେ ସ୍ଥାନିତ କରିବାର ଲକ୍ଷ୍ୟ ରଖିଛି। ମନୋନୀତ ନୋଡାଲ୍ କେନ୍ଦ୍ର ଭାବରେ ସୋଆ କେନ୍ଦ୍ରୀୟ ଜୋନ୍, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଏବଂ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟକଳାପକୁ ସଂଯୋଗ କରିବ ଓ କେନ୍ଦ୍ରାଂଚଳ ପାଇଁ ହାକାଥନ ଆୟୋଜନ କରିବ।

ଏହି ହାକାଥନ୍ ଡିସେମ୍ବର ୧୮, ୨୦୨୫ରେ ଆୟୋଜିତ ହେବାକୁ ଥିବା ଓଡ଼ିଶା ଏଆଇ ସିମ୍ପୋସିୟମ୍ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଭାବେ ପରିଗଣିତ ହେବ। ଏହା ଅନ୍ୟମାନଙ୍କର ପ୍ରେରଣାର ଉତ୍ସ ହେବା ସହିତ ବିଭିନ୍ନ ଅଂଚଳରୁ ଲୋପ ପାଇଯାଇଥିବା ଅତ୍ୟାଧୁନିକ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାକୁ ଚେଷ୍ଟା କରାଯାଇପାରିବ। ଏଥିରେ ଅଂଶଗ୍ରହଣକାରୀ ମାନଙ୍କୁ ଏଆଇ ମାଧ୍ୟମରେ ସ୍ଥାନୀୟ ଆକାଂକ୍ଷାକୁ ପ୍ରତିଫଳିତ କରିବା ସହ ଆନ୍ତର୍ଜାତିକ ସ୍ତରରେ ଏହାର ବିକାଶ ନିମନ୍ତେ ଚେଷ୍ଟା କରିବା ନିମନ୍ତେ ଉତ୍ସାହିତ କରାଯାଉଛି। ଡିପ୍ଲୋମା, ସ୍ନାତକୋତର ଏବଂ ପିଏଚ୍‌ଡି ଛାତ୍ରଛାତ୍ରୀ, ବ୍ୟକ୍ତିଗତ ଉଦ୍ଭାବକ ଏବଂ ପଞ୍ଜିକୃତ, ଅଣପଞ୍ଜିକୃତ ଏବଂ ଷ୍ଟାର୍ଟ-ଅପ୍ ସମସ୍ତେ ଅଂଶଗ୍ରହଣ କରିପାରିବେ। ଏଥି ନିମନ୍ତେ ନିଜର ଧାରଣା ଦାଖଲର ଶେଷ ତାରିଖ ଡିସେମ୍ବର ୫, ୨୦୨୫ ରହିଛି।

## ନୁଭୋକୋ ଜିରୋ ଏମ୍ ଉନ୍ନତି ଆପ୍‌ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତର ବିଶ୍ୱସନୀୟ ନିର୍ମାଣ ସାମଗ୍ରୀ କମ୍ପାନୀ, ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଏହାର ନୁଭୋକୋ ଜିରୋ ଏମ୍ ଉନ୍ନତି ଆପ୍‌ର ଶୁଭାରମ୍ଭ କରିଛି। ଏହି ଆପ୍‌କୁ ଉତ୍ପାଦ ଗ୍ରହଣୀୟତା ଓ ଗ୍ରାହକ ଅନୁଭୂତିକୁ ପରିଚାଳନା କରି କମ୍ପାନୀର ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଇନଫ୍ଲୁଏନ୍ସରଙ୍କ ପାଇଁ ସ୍ୱତନ୍ତ୍ର ରୂପେ ଡ଼ିଜାଇନ କରାଯାଇଛି। ବିଶେଷକରି କଂଟ୍ରାକ୍ଟର, ୱାଟରପ୍ରୁଫିଂ ଆପ୍ଲିକେଟର, ଟାଇଲ ଆପ୍ଲିକେଟର, ମାସୋନ ଓ ପେଂଟରଙ୍କ ସମେତ ଇନ୍‌ଫ୍ଲୁଏନ୍ସର ସମୁଦାୟ ପାଇଁ ଏହା ଡିଜାଇନ କରାଯାଇଛି। ଡିଲର, ରିଟେଲର ଓ ଡିଷ୍ଟ୍ରିବ୍ୟୁଟରମାନେ ମଧ ନିଜର ସମ୍ବନ୍ଧିତ ପ୍ରୋଫାଇଲ ମାଧ୍ୟମରେ ଏହି ଆପ୍‌କୁ ଆକ୍‌ସେସ କରିପାରିବେ। ଏସମ୍ପର୍କରେ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ମାର୍କେଟିଂ, ଇନୋଭେଶନ ଓ ସେଲ୍‌ସ ଏକ୍ସିଲେନ୍ସ ବିଭାଗର ମୁଖ୍ୟ, ଚିରାଗ ଶାହ କହିଛନ୍ତି, "ଇନ୍‌ଫ୍ଲୁଏନ୍ସରମାନେ ଆମ ସଫଳତାର ଏକ ଅବିଚ୍ଛେଦ୍ୟ ଅଂଶ ଅଟନ୍ତି। ଏହି ପ୍ଲାଟଫର୍ମକୁ ସେମାନଙ୍କୁ ସୂଚନା, ସ୍ୱଚ୍ଛତା ଓ ରିଅଲ-ଟାଇମ ସପୋର୍ଟ ସହ ସଶକ୍ତ କରିବା ପାଇଁ ଡିଜାଇନ କରାଯାଇଛି। ରିୱାର୍ଡ, ଉତ୍ପାଦ ସୂଚନା ଓ ସହଯୋଗକୁ ଗୋଟିଏ ସ୍ଥାନରେ ଏକାଠିକରି ଆମେ ଏକ ବାସ୍ତବ ସଂଯୋଜିତ ଇକୋସିଷ୍ଟମ ନିର୍ମାଣ କରିଛୁ। ଯାହା ଉଦ୍ଭାବନ ଓ ଗ୍ରାହକ କେନ୍ଦ୍ରିକତା ପ୍ରତି ନୁଭୋକୋର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଏହି ଆପ୍ ସହଜ ରିୱାର୍ଡ ରିଡେମ୍ପସନ, ରିୱାର୍ଡ ପଏଂଟ, ଇନ୍‌ସେଂଟିଭ ଓ ପ୍ରଦର୍ଶନର ବାସ୍ତବ ସମୟ ଟ୍ରାକିଙ୍ଗ ସହ ଏକ ବିସ୍ତୃତ ଡିଜିଟାଲ ଅନୁଭୂତି ପ୍ରଦାନ କରୁଛି।

## ଜଟଣୀ ମହାବିଦ୍ୟାଳୟରେ ବିଶ୍ୱ ଏଡ଼ସ୍ ଦିବସ

ଜଟଣୀ, (ସବ୍ୟୁ): ବିଶ୍ୱ ଏଡ଼ସ୍ ଦିବସ ଉପଲକ୍ଷେ ଅଦ୍ୟ ଜଟଣୀ ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ଏଡ଼ସ୍ ଭୟାବହତା ସମ୍ପର୍କରେ ଅବଗତ କରାଇବା ପାଇଁ ଏକ ଆଲୋଚନା ଚକ୍ର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡ. ସ୍ୱପ୍ନା ମଲ୍ଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଜଟଣୀ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ଡ. ସସ୍ମିତା ପଣ୍ଡା ମହୋଦୟା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏଡ଼ସ୍‌ର କାରଣ ଓ ନିରାକରଣ ସହ ବିଶ୍ୱ ଏଡ଼ସ୍ ଦିବସର ପ୍ରସଙ୍ଗ 'ବିଘ୍ନ ଦୂର କରିବା ଏଡ଼ସ୍ ପ୍ରତିକ୍ରିୟାକୁ ରୂପାନ୍ତରିତ କରିବା' ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି




କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୟୁଥ ରେଡ଼କ୍ରସର କାଉଁସିଲର ଅଧ୍ୟାପିକା ପରିମିତା ପ୍ରହରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ କାଉଁସିଲର ଅଧ୍ୟାପକ ଡ. ଆଲୋକ କୁମାର ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ପୁଷ୍ପଲତା ସେଠୀ, ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ ଏବଂ ଅଧ୍ୟାପକ ଡ. ତପନ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବାରବାଟୀ ମୁକାବିଲାକୁ ଆଉ ୬ ଦିନ, ଆଜି ଟିକଟ କିଣିବେ ଅନୁବନ୍ଧିତ ୟୁନିଟ୍

# ଆରମ୍ଭ ହେଲା ଫ୍ଲଡଲାଇଟ୍ ପରୀକ୍ଷଣ

କଟକ,(ସବ୍ୟୁ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସହ ଅନୁବନ୍ଧିତ ୟୁନିଟ ଗୁଡିକ ବୁଧବାର ଟିକଟ କିଣିବେ । ବାରବାଟୀ ଷ୍ଟାଡିୟମ ପରିସରକୁ କଡା ସୁରକ୍ଷାବଳୟ ଭିତରକୁ ନିଆଯାଇଥିବା ବେଳେ ଓସିଏ ସମ୍ମିଳନୀ କକ୍ଷରେ ଟିକଟ ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଛି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଥର ଟିକଟ ବିକ୍ରି କରିବ । ଅନୁବନ୍ଧିତ ୟୁନିଟ ସଂଖ୍ୟା ୭୩ ଥିବା ବେଳେ ଓସିଏ କାର୍ଯ୍ୟାଳୟ ସଦସ୍ୟ ଟିକଟ କ୍ରୟରେ ସାମିଲ ହେବେ । ମୋଟ ୧୧ହଜାର ଟିକଟ ବୁଧବାର ବିକ୍ରି କରାଯିବ । ଅନ୍ୟପକ୍ଷରେ କିଛି କ୍ଲବ ସଦସ୍ୟଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି । ବିକ୍ରି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ମୋଟ୍ ଟିକଟ ଭିତରୁ ଓସିଏ ଗ୍ୟାଲେରୀ ଟିକଟ୍ ସଂଖ୍ୟାକୁ ପୂର୍ବାପେକ୍ଷା କମାଇ ଦେଇଥିବାରୁ କ୍ଲବ ସଦସ୍ୟ ଅସନ୍ତୋଷ ଜାହିର କରିଛନ୍ତି ।

ଭାରତ-ଦକ୍ଷିଣଆଫ୍ରିକା ଟି-୨୦କୁ ଆଉ ୬ଦିନ ବାକି । ଏଥି ପାଇଁ ଓସିଏର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଆଜିଠାରୁ ବାରବାଟୀର ସମସ୍ତ ଫ୍ଲଡ ଲାଇଟ୍ ଗୁଡିକ ପରୀକ୍ଷା କରାଯାଉଥିବା ନେଇ ସୂଚନା ମିଳିଛି । ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେୟାର ବ୍ୟବହାର କରାଯିବ । ବାରବାଟୀରେ ଫ୍ଲଡଲାଇଟ୍ ସଂଖ୍ୟା ୮ । ପ୍ରତ୍ୟେକ ଖୁଣ୍ଟିରେ ୪୮ଟି ଲାଇଟ୍‌କୁ ମିଶାଇ ସମୁଦାୟ ୩୮୪ଟି ଯାକ ଲାଇଟ୍‌କୁ ଏବେ ଯାଞ୍ଚ କରାଯାଉଛି । ତେବେ ପ୍ରତ୍ୟେକ ଖୁଣ୍ଟିକୁ ସଫ୍ଟୱେୟାର ଜରିଆରେ ମନିଟରିଂ କରାଯିବ ବୋଲି ପୂର୍ବରୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା । ସଫ୍ଟୱେୟାର ବ୍ୟବହାର ଦ୍ୱାରା ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ ତାହାର ସୂଚନା ଆଗୁଆ ମିଳିପାରିବ । ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଦ୍ୱାରା ସଫ୍ଟୱେୟାର ମନିଟରିଂ ପ୍ରକ୍ରିୟା ଖୁବଶୀଘ୍ର କରାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ଗତ ଫେବୃୟାରୀ ୯ ତାରିଖ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ ସମୟରେ ଟିକଟ ବିକ୍ରି ନେଇ ଉପୁଜିଥିବା ବିଶୃଙ୍ଖଳାକୁ ଏଡାଇବା ପାଇଁ ବ୍ୟାରିକେଡ ବ୍ୟବସ୍ଥାରେ ପରିବର୍ତ୍ତନ କରିଛି ଓସିଏ । ଗତଥର ଅଫଲାଇନ କାଉଣ୍ଟର ଗୁଡିକରେ ପ୍ରବେଶ ଏବଂ ପ୍ରସ୍ଥାନ ପଥ ଭିତରେ ସଂକୀର୍ଣ୍ଣ ରାସ୍ତା ଥିଲା । ଚଳିତଥର ଉଭୟ ପଥକୁ ପୃଥକ କରାଯାଇଛି ବୋଲି ଓସିଏ କନସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି ।

## ଗହଣା ଜବତ, ଲୁଟେରା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଏୟାରପୋର୍ଟ ଥାନା ପୋଲିସ ଲୁଟେରା ପ୍ରଭୁ ଆଚାର୍ଯ୍ୟ (୩୨) କୁ ଗିରଫ କରିବା ସହ ତା'ନିକଟରୁ ୮ଗ୍ରାମ୍‌ର ଲକେଟ ଥିବା ସୁନାଚେନ ଜବତ କରିଛି । ଗତ ମାସ ୨୬ ତାରିଖରେ ଅଭିଯୋଗକାରୀ ବିଜୟ କୁମାର ଦାସଙ୍କ ଭାଇ ତପନଙ୍କର ବିବାହ ଉତ୍ସବ ଗଙ୍ଗନଗର ବିଏମ୍‌ସି କମ୍ୟୁନିଟ୍ ହଲରେ ଆୟୋଜିତ ହୋଇଥିଲା । ବିବାହ ଉତ୍ସବରେ ଭିଡ ଥିବାରୁ ଅଭିଯୋଗକାରୀଙ୍କ ସୁନାଚେନ ଚୋରି ହୋଇଯାଇଥିଲା । ଖୋଜାଖୋଜି କରିବା ପରେ ନମିଳିବାରୁ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ସୁନାଚେନ ଜବତ କରିବା ସହ ପ୍ରଭୁ ଆଚାର୍ଯ୍ୟକୁ ଗିରଫ କରି କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବିଜେଇଏମ ସ୍କୁଲ-୨ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର (ସବ୍ୟୁ): ସତ୍ୟଭାମାପୁରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ -୨ ପରିସରରେ ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଗହଣରେ ସଭାପତି ରଘୁନାଥ ମିଶ୍ର, ଉପସଭାପତି ଡଃ ନିରଞ୍ଜନ ସାହୁ ,ପରିଚାଳକ ଶିଶିର ରାଓ, ବିଜେ ଶିକ୍ଷା ପରିଷଦର ସମ୍ପାଦକ ପ୍ରତାପ କୁମାର ଜେନା, ଅଧ୍ୟକ୍ଷ ବରଦା ପ୍ରସାଦ ପାଇକରାୟ, ଉପାଧ୍ୟକ୍ଷ ଡଃ ମନୋରଞ୍ଜନ ବେଜ ସମସ୍ତ ପ୍ରଶାସନିକ ପର୍ଯ୍ୟବେକ୍ଷକ ଏବଂ ବି.ଜେ. ଶିକ୍ଷା ପରିଷଦର ସଦସ୍ୟ ବୃନ୍ଦ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରି ଆନୁଷ୍ଠାନିକ ଭାବେକାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ତତ୍ ସହିତ ଯଜ୍ଞର ମଧ୍ୟ ଆୟୋଜନ କରାଯାଇଥିଲା।

ଶୁଭ ଅବସରରେ ଅଧ୍ୟକ୍ଷ ସ୍ୱାଗତ ଭାଷଣ ପ୍ରଦାନ କରି ବିଦ୍ୟାଳୟର ୧୯ ବର୍ଷର ସଫଳତାର କାହାଣୀ କହିଥିଲେ । ବି.ଜେ. ଶିକ୍ଷା ପରିଷଦର ସଂପାଦକ ପ୍ରତାପ କୁମାର ଜେନା ମହୋଦୟ ବିଦ୍ୟାଳୟର ଇତିହାସ ପୃଷ୍ଠା ଉନ୍ମୋଚନ ଉପସ୍ଥିତ ସଭାସଦ ମଣ୍ଡଳୀଙ୍କୁ ବେଶ




ଭାବପ୍ରବଣ କରିଥିଲା । ବିଦ୍ୟାଳୟର ସଭାପତି ମହୋଦୟ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ଶୁଭକାମନା ଜଣାଇବା ସହିତ ସମସ୍ତ କର୍ମକର୍ତ୍ତା ମାନଙ୍କର ଅବଦାନ ପାଇଁ ଭୂୟସୀ ପ୍ରଶଂସା କରିଥିଲେ। ତୃତୀୟ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ କୌତୁକ ମେଳା, ଖାଦ୍ୟ ମେଳା ଓ ଓଡ଼ିଶାର ପାରମ୍ପରିକ, ଐତିହ୍ୟ, ସଂସ୍କୃତି 'ହଜିଲା ଦିନର କଥା' ଆଧାରିତ ପ୍ରଦର୍ଶନୀ ବୁଲି ଦେଖିବା ସହ ଛାତ୍ରଛାତ୍ରୀ ମାନଙ୍କ ସୃଜନାତ୍ମକ ଚିନ୍ତାଧାରାକୁ ଅତିଥି ମାନେ ଭୂୟସୀ ପ୍ରଶଂସା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ପ୍ରସ୍ତୁତ ରଙ୍ଗାରଙ୍ଗ ନୃତ୍ୟ, ସଙ୍ଗୀତ ଓ ନାଟକ ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରି ଥିଲା। ପରିଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷ ଡଃ ମନୋରଞ୍ଜନ ବେଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିଲ୍ଲୀ ବିସ୍ଫୋରଣର ଖୁଲାସା

# ମିଳିଲା ହମାସ୍ ଲିଙ୍କ୍‌ର ପ୍ରମାଣ

ନୂଆଦିଲ୍ଲୀ: ଦିଲ୍ଲୀ ବିସ୍ଫୋରଣର ତଦନ୍ତ ସମୟରେ, ଆତଙ୍କବାଦୀ ଦାନିଶଙ୍କର ଫୋନରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି । ତାଙ୍କର ଡିଲିଟ ହୋଇଥିବା ହିଷ୍ଟ୍ରି, ଫଟୋ, ଭିଡିଓ ଏବଂ ଆପ୍ ଡାଟା ସ୍କାନ କରିବାରୁ ଜଣାପଡ଼ିଛି ଯେ, ସେ ନିରନ୍ତର ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଏବଂ ଅସ୍ତ୍ରଶସ୍ତ୍ର ଉପରେ କାମ କରୁଥିଲେ ।



ତଦନ୍ତକାରୀ ଅଧିକାରୀମାନେ ଦାନିଶ୍‌ଙ୍କ ମୋବାଇଲ୍ ଫୋନରୁ ବିଭିନ୍ନ ଡ୍ରୋନର ଫଟୋଗ୍ରାଫ୍ ପାଇଛନ୍ତି ।ଏଥିରେ ହମାସ୍ ଦ୍ୱାରା ବ୍ୟବହୃତ ଡ୍ରୋନର ଡିଜାଇନ୍ ମଧ୍ୟ ସାମିଲ ରହିଛି । ଏହି ଚିତ୍ରଗୁଡ଼ିକ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ, ଦାନିଶ୍ କିଛି ସମୟ ଧରି ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଅଧ୍ୟୟନ କରୁଥିଲେ ।

ପଚରାଉଚରା ସମୟରେ ଦାନିଶ୍ ମଧ୍ୟ ସ୍ୱୀକାର କରିଥିଲେ ଯେ, ସେ ଡ୍ରୋନ୍ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିଲେ । ସେ ପ୍ରାୟ ୨୫ କିଲୋମିଟର ପର୍ଯ୍ୟନ୍ତ ଉଡ଼ି ଆକ୍ରମଣ କରି ପାରୁଥିବା ଏପରି ହାଲୁକା ଡ୍ରୋନ୍ ବିକଶିତ କରିବାକୁ ଚେଷ୍ଟା କରୁଥିଲେ । ଡ୍ରୋନର ଫଟୋଗ୍ରାଫ୍ ସହିତ, ଫୋନରୁ ଏକ ରକେଟ୍ ଲଞ୍ଚରର ଅନେକ ଚିତ୍ର ଜବତ କରାଯାଇଛି । ଏହା ବ୍ୟତୀତ, ବହୁ ଭିଡିଓ ମିଳିଛି । ଯେଉଁଥିରେ ଡ୍ରୋନ୍ କିପରି ଏକତ୍ରିତ କରାଯାଏ ।ଏହାକୁ ପରିବର୍ତ୍ତନ କରାଯାଏ ଏବଂ ଏଥିରେ ବିସ୍ଫୋରକ ଫିଟ୍ କରାଯାଏ ତାହା ପ୍ରଦର୍ଶନ କରାଯାଇଛି । ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ,ଏହି ଭିଡିଓ ଏବଂ ସୂଚନା ଏକ ସ୍ୱତନ୍ତ୍ର ଆପ୍ ମାଧ୍ୟମରେ ଦାନିଶଙ୍କୁ ପଠାଯାଉଥିଲା । ଏହି ଆପରେ ଅନେକ ବିଦେଶୀ ଫୋନ୍ ନମ୍ବର ମଧ୍ୟ ମିଳିଛି ।ଯାହାର ତଦନ୍ତ ଏବେ ଏନଆଇଏ କରୁଛି । ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଅନୁସାରେ ଦାନିଶ୍ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ବିଷୟରେ ଭଲ ଭାବେ ଜ୍ଞାନ ହାସଲ କରିଥିଲେ ଏବଂ ଏକ ବଡ଼ ଷଡ଼ଯନ୍ତ୍ର ପାଇଁ ପ୍ରସ୍ତୁତ ହେଉଥିଲେ ।ତଦନ୍ତକାରୀ ଏଜେନ୍ସିଗୁଡ଼ିକ ତାଙ୍କର ନେଟୱାର୍କ ଏବଂ ବିଦେଶୀ ସଂଯୋଗର ତଦନ୍ତ କରୁଛନ୍ତି ।ପୂର୍ବରୁ, ଗତ ମାସରେ ଲାଲକିଲ୍ଲା ନିକଟରେ ହୋଇଥିବା କାର ବୋମା ବିସ୍ଫୋରଣର ତଦନ୍ତ ସ୍ୱରୂପ ଏନଆଇଏ ସୋମବାର ଜମ୍ମୁ-କଶ୍ମୀର ଏବଂ ଉତ୍ତର ପ୍ରଦେଶର ଅନେକ ସ୍ଥାନରେ ଚଢ଼ାଉ କରିଥିଲା ।ଏନଆଇଏ ଅନୁଯାୟୀ, ତଲାସୀ ସମୟରେ ଅନେକ ଡିଜିଟାଲ୍ ଡିଭାଇସ୍ ଏବଂ ଅପରାଧିକ ସାମଗ୍ରୀ ଜବତ କରାଯାଇଥିଲା । ତଲାସୀରେ ଜମ୍ମୁ-କଶ୍ମୀରର ଶୋପିଆନ୍, କୁଲଗାମ୍, ପୁଲଓ୍ୱାମା ଏବଂ ଅବନ୍ତିପୋରା ଜିଲ୍ଲାର ଆଠଟି ସ୍ଥାନ ଏବଂ ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌର ଗୋଟିଏ ସ୍ଥାନ ଅନ୍ତର୍ଭୁକ୍ତ ଥିଲା ।

## ରାଜସ୍ଥାନରେ ବିପୁଳ ପରିମାଣର ବିସ୍ଫୋରକ ଜବତ

ଜୟପୁର: ରାଜସ୍ଥାନର ନାଥଦ୍ୱାର ଶ୍ରୀନାଥଜୀ ପୁଲିସ ଷ୍ଟେସନକୁ ଏକ ବଡ଼ ସଫଳତା ମିଳିଛି । ସେମାନେ ବିସ୍ଫୋରକ ଭର୍ତ୍ତି ଏକ ପିକଅପ୍ ଟ୍ରକ୍ ଜବତ କରିଛନ୍ତି । ଏହି ବିସ୍ଫୋରକଗୁଡ଼ିକୁ ବେଆଇନ ଭାବେ ନିଆଯାଉଥିଲା ବୋଲି ପୁଲିସ କହିଛି । ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଆମେତ ଅଞ୍ଚଳରୁ ନାଥଦ୍ୱାରକୁ ବିପୁଳ ପରିମାଣର ବିସ୍ଫୋରକ ପରିବହନ କରାଯାଉଥିଲା । ପୁଲିସ ଡ୍ରାଇଭର ଏବଂ ଅନ୍ୟମାନଙ୍କୁ ପଚରାଉଚରା କରୁଛି । ସେମାନେ ବିସ୍ଫୋରକ କେଉଁଠାରୁ ଆସିଲା ଏବଂ କେଉଁଠାକୁ ପରିବହନ କରାଯାଉଥିଲା ତାହା ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଛି ।




ପୁଲିସ ଜବତ କରିଥିବା ଗାଡିରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଥିଲା । ଏହା ଅନୁମାନ କରାଯାଇପାରେ ଯେ ଏହି ବିସ୍ଫୋରକଗୁଡ଼ିକୁ ଯଦି ଗୋଟିଏ ଥରରେ ବିସ୍ଫୋରଣ କରାଯାଏ, ପ୍ରାୟ ୧୦ କିଲୋମିଟ ପରିମିତ ଅଂଚଳରେ ସବୁକିଛି ପାଉଁଶ ହୋଇଯିବ ।ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ପିକଅପ୍ ଟ୍ରକକୁ ଜବତ କରିନେଇଥିଲେ ଏବଂ ଭିତରେ ମିଳିଥିବା ବିସ୍ଫୋରକ ଗଣନା ଆରମ୍ଭ କରିଥିଲେ । ଅଧିକାରୀମାନେ ବିସ୍ଫୋରକର ପ୍ରକୃତି, ଏହାର ଉତ୍ସ ଏବଂ ଏହାର ଉଦ୍ଦେଶ୍ୟ ବିଷୟରେ ତଦନ୍ତ କରୁଛନ୍ତି । ପୁଲିସ ଏହି ସମସ୍ତ ଦିଗ ଉପରେ ବିସ୍ତୃତ ତଦନ୍ତ ଆରମ୍ଭ କରିଛି । କେଉଁ ଉଦ୍ଦେଶ୍ୟରେ ଏବଂ କାହା ଦ୍ୱାରା ଏହି ବିସ୍ଫୋରକ ସାମଗ୍ରୀ ପଠାଯାଉଥିଲା ତାହା ମଧ୍ୟ ପୁଲିସ ଜାଣିବାକୁ ଚେଷ୍ଟା କରୁଛି ।

## ପ୍ରେମ କୁମାର ବିହାର ବିଧାନସଭା ବାଚସ୍ପତି

ପାଟନା: ବିଜେପି ବିଧାୟକ ପ୍ରେମ କୁମାର ବିଧାନସଭାର ନୂତନ ବାଚସ୍ପତି ଭାବରେ ନିର୍ବାଚିତ ହୋଇଥିଲେ । ଆଜି ସେ ଶପଥ ନେଇଥିବାବେଳେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏବଂ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ତାଙ୍କୁ ବାଚସ୍ପତିଙ୍କ ଆସନ ପର୍ଯ୍ୟନ୍ତ ନେଇ ଯାଇଥିଲେ । ଏହା ଉଲ୍ଲେଖନୀୟ ଯେ ପ୍ରେମ କୁମାର ସୋମବାର (ଡିସେମ୍ବର ୧) ବାଚସ୍ପତି ପଦ ପାଇଁ ତାଙ୍କର ନାମାଙ୍କନ ଦାଖଲ କରିଥିଲେ, ଏବଂ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୌଣସି ବିରୋଧୀ ପ୍ରାର୍ଥୀ ନାମାଙ୍କନ ଦାଖଲ କରିନଥିଲେ । ଫଳସ୍ୱରୂପ, ପ୍ରେମ କୁମାର ନିଦ୍ୱନ୍ଦ୍ୱ ଭାବେ ନିର୍ବାଚିତ ହୋଇଛନ୍ତି ।

ବିହାରର ନୂତନ ରାଜନୈତିକ ଦୃଶ୍ୟପଟରେ ବିଜେପି ପାଇଁ ଏହି ବିଜୟ ବିଶେଷ ଗୁରୁତ୍ୱ ରଖେଛ ଏପର୍ଯ୍ୟନ୍ତ, ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଦଳ, ଜେଡିୟୁ, ମହାଗଠବନ୍ଧନ ସରକାରଗୁଡ଼ିକରେ ବଡ଼ ଭାଇ ଭୂମିକା ଗ୍ରହଣ କରିଥିଲା । ତଥାପି, ଏଥର, ବିଧାନସଭା ନିର୍ବାଚନରେ ପରିସ୍ଥିତି ପରିବର୍ତ୍ତନ ହେଲା - ବିଜେପି ୮୯ ଆସନ ଜିତି ସର୍ବବୃହତ ଦଳ ଭାବରେ ଉଭା ହୋଇଥିଲା, ଯେତେବେଳେ ଜେଡିୟୁ ୮୫ ଆସନ ସହିତ ପଛରେ ରହିଯାଇଥିଲା । ଫଳସ୍ୱରୂପ, ମେଣ୍ଟରେ ବିଜେପିର ଭୂମିକା ପୂର୍ବ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇଛି ।।

ନୀତୀଶ କୁମାର ଯଦିଓ ମୁଖ୍ୟମନ୍ତ୍ରୀ ଅଛନ୍ତି, କିନ୍ତୁ ବାକି ଗୁରୁତ୍ୱପୂର୍ଣ୍ଣ ପଦବୀ ବିଜେପି ପାଖରେ ଅଛି । ଦୁଇ ଉପମୁଖ୍ୟମନ୍ତ୍ରୀ ହେଉଛନ୍ତି ସମ୍ରାଟ ଚୌଧୁରୀ ଏବଂ ବିଜୟ କୁମାର ସିହ୍ନା । ଗୃହ ବିଭାଗ ମଧ୍ୟ ବିଜେପି ପାଖରେ ଅଛି ଏବଂ ଏବେ ବିଧାନସଭା ବାଚସ୍ପତି ମଧ୍ୟ ବିଜେପିରୁ ଆସିଛନ୍ତି ।

## ଏସ୍‌ଆଇଆର ଆବେଦନ ତାରିଖ ଘୁଞ୍ଚାଯାଉ

ନୂଆଦିଲ୍ଲୀ : କେରଳରେ ଚାଲୁଥିବା ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର)ର ଆବେଦନ ଫର୍ମ ଦାଖଲ କରିବାର ତାରିଖକୁ ଘୁଞ୍ଚାଇବା ଲାଗି କେରଳ ସରକାର ସୁପ୍ରିମ୍‌କୋର୍ଟଙ୍କୁ ଅନୁରୋଧ କରିଛନ୍ତି । କେରଳ ସରକାର ଦର୍ଶାଇଛନ୍ତି ଯେ କେରଳରେ ପଞ୍ଚାୟତ ଓ ପୌର ନିର୍ବାଚନ ଡିସେମ୍ବର ୯ ଓ ୧୧ରେ ହେବ । ଏହାର ଗଣତି ଡିସେମ୍ବର ୧୩ରେ କରାଯିବ । ଏହି ପରିପ୍ରେକ୍ଷୀରେ ଏସ୍‌ଆଇଆରରେ ଆବେଦନ ଲାଗି ଯେଉଁ ତାରିଖ ରହିଛି ତାହାକୁ ଘୁଞ୍ଚାଇ ଦିଆଯାଉ ।




ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ସୂଚନା ଦେଇଥିଲେ ଯେ ଏସ୍‌ଆଇଆରର ଡେଟ ଲାଇନ୍ ଡିସେମ୍ବର ୪ ଥିଲା ଓ ଏହାକୁ ୧୧କୁ ଘୁଞ୍ଚାଇ ଦିଆଯାଇଛି । କିନ୍ତୁ ରାଜ୍ୟ ସରକାର ଏଥିଲାଗି ଅଧିକ ସମୟ ଚାହୁଁଛନ୍ତି । କାରଣ ସରକାରୀ କର୍ମଚାରୀମାନେ ସ୍ଥାନୀୟ ସଂସ୍ଥାଗୁଡ଼ିକର ନିର୍ବାଚନରେ ବ୍ୟସ୍ତ ରହିବେ । ସିଜେଆଇ କହିଥିଲେ ଯେ ଯେଉଁ ଅନୁରୋଧ ଆମ ନିକଟରେ କରାଯାଇଛି ଏହା ବର୍ତ୍ତମାନ ପାଇଁ ସଠିକ୍ । ଆମେ କେରଳ ସରକାରଙ୍କ ପ୍ରସ୍ତାବକୁ ବିଚାର କରି ଗୋଟିଏ ସପ୍ତାହ ଏହାକୁ ଘୁଞ୍ଚାଇବା ଲାଗି ବିଚାର କରିବୁ । ଯଦି ତାରିଖ ଘୁଞ୍ଚାଇ ଦିଆଯାଏ ତେବେ ଅଧିକାଂଶ ଲୋକ କ'ଣ ସୁଯୋଗ ପାଇବେ ବୋଲି ପଚାରିବା ସହ ରାଜ୍ୟ ସରକାରଙ୍କର ଯେଉଁ ଅଧିକାରୀମାନେ ଏସ୍‌ଆଇଆରରେ କାମ କରୁଛନ୍ତି ସେମାନଙ୍କୁ ଏହାଦ୍ୱାରା ସୁଯୋଗ ମିଳିପାରିବ କି ବୋଲି ପ୍ରଶ୍ନ କରିଛନ୍ତି । ରାଜ୍ୟ ନିର୍ବାଚନ କମିଶନ ଯେ କି ସ୍ଥାନୀୟ ସଂସ୍ଥାଗୁଡ଼ିକରେ ନିର୍ବାଚନ କରିଥାଏ । ଏକ ସତ୍ୟପାଠ ଦାଖଲ କରି କେତେକ କର୍ମଚାରୀଙ୍କୁ ଏସ୍‌ଆଇଆର ଦାୟିତ୍ୱରୁ ମୁକ୍ତ କରିବା ପାଇଁ କହିଛନ୍ତି । ପ୍ରଧାନ ବିଚାରପତି କହିଥିଲେ ଯେ ସରକାରୀ କଳର ଏନେଇ କୌଣସି ଅସୁବିଧା ନାହିଁ, ମାତ୍ର ରାଜନୈତିକ ଦଳଗୁଡ଼ିକ ସମସ୍ୟା ସୃଷ୍ଟି କରୁଛନ୍ତି । ନିର୍ବାଚନ କମିଶନ ଉଲ୍ଲେଖ କରିଥିଲେ ଯେ ୧.୭୬ ଲକ୍ଷ କର୍ମଚାରୀଙ୍କୁ ନିର୍ବାଚନ କମିଶନ ନିର୍ବାଚନ ଦାୟିତ୍ୱ ଦେଇଥିବାବେଳେ ୨୫ ହଜାର ୪୬୮ଙ୍କୁ ଏସ୍‌ଆଇଆର ଦାୟିତ୍ୱ ଦେଇଛନ୍ତି ।

## ଶ୍ରୀଲଙ୍କାକୁ ଏକ୍ସପାୟାରୀ ଖାଦ୍ୟ ପଠାଇଲା ପାକିସ୍ତାନ

ନୂଆଦିଲ୍ଲୀ: ବନ୍ୟା ତଥା ଘୂର୍ଣ୍ଣିଝଡ଼ ଦିତ୍ୱାହ ଦ୍ୱାରା ପ୍ରଭାବିତ ଶ୍ରୀଲଙ୍କାକୁ ରିଲିଫ୍ ସାମଗ୍ରୀ ପଠାଉଥିବା ପାକିସ୍ତାନ ପୁଣି ଥରେ ଏକ ଘୃଣ୍ୟ କାର୍ଯ୍ୟ କରିଛି । ଶ୍ରୀଲଙ୍କାକୁ ମିଆଦ ଶେଷ(ଏକ୍ସପାୟାର) ହୋଇଯାଇଥିବା ରିଲିଫ୍ ସାମଗ୍ରୀ ପଠାଉଛି ପାକିସ୍ତାନ । ପାକିସ୍ତାନ ସୋସିଆଲ ମିଡିଆରେ ଏହି ସାମଗ୍ରୀର ଫଟୋ ପୋଷ୍ଟ କରି ପ୍ରଶଂସା ପାଇବାକୁ ଚେଷ୍ଟା କରୁଥିବା ବେଳେ ଫଟୋଗୁଡ଼ିକ ପାକିସ୍ତାନର ପୋଲ୍ ଖୋଲି ଦେଇଛି । ଶ୍ରୀଲଙ୍କାରେ ଥିବା ପାକିସ୍ତାନ ଦୂତାବାସ ଶ୍ରୀଲଙ୍କାକୁ ଯୋଗାଇ ଦିଆଯାଇଥିବା ରିଲିଫ୍ ସାମଗ୍ରୀର ଫଟୋ ପୋଷ୍ଟ କରି ଏକ୍ସରେ ଲେଖିଛି ଯେ, ପାକିସ୍ତାନ ସର୍ବଦା ଶ୍ରୀଲଙ୍କା ସହିତ ଛିଡ଼ା ହୋଇ ରହିଛି । ବାତ୍ୟା ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ବନ୍ୟା ହୋଇଛି । ବନ୍ୟାରେ ପ୍ରଭାବିତ ଶ୍ରୀଲଙ୍କାର ଆମର ଭାଇଭଉଣୀମାନଙ୍କୁ ସାହାଯ୍ୟ କରିବା ପାଇଁ ପାକିସ୍ତାନରୁ ଆସିଥିବା ରିଲିଫ୍ ପ୍ୟାକେଟ୍ ସଫଳତାର ସହ ବଣ୍ଟନ କରାଯାଇଛି, ଯାହା ଆମର ଦୃଢ଼ ଏକତାକୁ ଦର୍ଶାଉଛି । ପାକିସ୍ତାନ ଆଜି ଏବଂ ସବୁବେଳେ ଶ୍ରୀଲଙ୍କା ସହିତ ରହିଛି । ଏଭଳି ଲେଖି ପାକିସ୍ତାନୀ ଦୂତାବାସ ରିଲିଫ୍ ସାମଗ୍ରୀର ଫଟୋ ପୋଷ୍ଟ କରିଥିଲା । କିନ୍ତୁ ଏହି ଫଟୋଗୁଡ଼ିକୁ ଭଲ ଭାବରେ ଦେଖିବା ପରେ ପାକିସ୍ତାନର ଅସଲ ଚେହେରା ସାମ୍ନାକୁ ଆସିଛି । ହଳଦିଆ ପ୍ୟାକେଟରେ ପ୍ୟାକ୍ ହୋଇଥିବା ରିଲିଫ୍ ସାମଗ୍ରୀ ଅଗଷ୍ଟ ୨୦୨୨ରେ ପ୍ୟାକ୍ ହୋଇଥିବା ବେଳେ ଅଗଷ୍ଟ ୨୦୨୪ ପର୍ଯ୍ୟନ୍ତ ଏହା ବ୍ୟବହାର ମିଆଦ ଥିଲା । କିନ୍ତୁ ଏବେ ହେଲାଣି ଡିସେମ୍ବର ୨୦୨୫ । ଖାଦ୍ୟ ପ୍ୟାକେଟର ବ୍ୟବହାର ମିଆଦ ଶେଷ ହେବାର ବର୍ଷେରୁ ଅଧିକ ଦିନ ବିତିଥିବା ବେଳେ ଏହି ପ୍ୟାକେଟକୁ ଶ୍ରୀଲଙ୍କା ପଠାଇଛି ପାକିସ୍ତାନ । ସାହାଯ୍ୟ କରିବା ନାମରେ ପାକିସ୍ତାନର ଏଭଳି କାମ ପୁଣି ଥରେ ଦେଶର ଭାବମୂର୍ତ୍ତି ଖରାପ କରିଛି ।

## ସଞ୍ଚାର ସାଥୀ ଆପ୍ ବିବାଦ : ସରକାରଙ୍କ ୟୁଟର୍ଣ୍ଣ

ନୂଆଦିଲ୍ଲୀ: ଫୋନ୍ କମ୍ପାନିଗୁଡ଼ିକୁ ସଞ୍ଚାର ସାଥୀ ଆପ୍ ପ୍ରି-ଇନଷ୍ଟଲ କରିବାକୁ ନିର୍ଦ୍ଦେଶ ଦିଆଯିବା ପରେ ହୋଇଥିବା ବିରୋଧ ପ୍ରଦର୍ଶନ ଉପରେ ସରକାର ନିଜର ମତ ସ୍ପଷ୍ଟ କରିଛନ୍ତି । କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସଫେଇ ଦେଇ କହିଛନ୍ତି ଯେ, ବିରୋଧୀ ଦଳ ସଞ୍ଚାର ସାଥୀ ଆପ୍ ବିଷୟରେ ଲୋକଙ୍କୁ ଭ୍ରମିତ କରୁଛନ୍ତି ।







ଏହା ସମ୍ପୂର୍ଣ୍ଣ ଇଚ୍ଛାଧୀନ, ଲୋକେ ଏହାକୁ ରଖିବାକୁ ଚାହୁଁଛନ୍ତି କି ନାହିଁ ତାହା ସେମାନଙ୍କ ଉପରେ ନିର୍ଭର କରେ । ଏହାକୁ ହଟାଇ ମଧ୍ୟ ଦିଆଯାଇପାରିବ । ଏହା କୌଣସି ପ୍ରକାରେ ବାଧ୍ୟତାମୂଳକ ଆପ୍ ନୁହେଁ ।

ସିନ୍ଧିଆ କହିଛନ୍ତି, ଏହି ଆପ୍ କେବଳ ବ୍ୟବହାରକାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଲଞ୍ଚ କରାଯାଇଛି । ପୂର୍ବରୁ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଏହି ଆପPକୁ ଏକ ଗୁପ୍ତଚର ଆପ୍ ଭାବରେ ବର୍ଣ୍ଣନା କରି କହିଥିଲେ, ନାଗରିକମାନଙ୍କର ଗୋପନୀୟତାର ସାମ୍ବିଧାନିକ ଅଧିକାର ଅଛି । ସରକାରୀ ନଜର ବିନା ସମସ୍ତେ ପରିବାର ଏବଂ ବନ୍ଧୁମାନଙ୍କୁ ବାର୍ତ୍ତା ପଠାଇପାରିବେ ।

ଦୂରସଂଚାର ବିଭାଗ ମୋବାଇଲ୍ ହ୍ୟାଣ୍ଡସେଟ୍ ନିର୍ମାତା ଏବଂ ଆମଦାନିକାରୀମାନଙ୍କୁ ୯୦ଦିନ ମଧ୍ୟରେ ସମସ୍ତ ନୂତନ ଡିଭାଇସରେ ଠକେଇ ରିପୋର୍ଟିଂ ସଞ୍ଚାର ସାଥୀ ଆପ୍ ପ୍ରି-ଇନଷ୍ଟଲ୍ କରିବାକୁ ନିର୍ଦ୍ଦେଶ ଦେଇଛି । ଏହି ନିର୍ଦ୍ଦେଶ ନଭେମ୍ବର ୨୮ ତାରିଖରେ ଜାରି କରାଯାଇଥିଲା ।

ଏହାକୁ ବିରୋଧୀ ଦଳ ପକ୍ଷରୁ ସମାଲୋଚନା କରାଯାଇଥିଲା । ସିପିଆଇ-ଏମ ସାଂସଦ ଜନ୍ ବ୍ରିଟାସ୍ କହିଥିଲେ, ଯୋଗାଯୋଗ ସହଯୋଗୀ ଆପ୍ ଲୋକଙ୍କ ଗୋପନୀୟତାରେ ସିଧାସଳଖ ଅନୁପ୍ରବେଶ ଏବଂ ସୁପ୍ରିମକୋର୍ଟଙ୍କ ୨୦୧୭ ପୁଟ୍ଟାସ୍ୱାମୀ ରାୟକୁ ଉଲ୍ଲଂଘନ କରୁଛି ।

ସଞ୍ଚାର ସାଥୀ ପୋର୍ଟାଲ୍ ଏବଂ ଆପ୍ ନାଗରିକମାନଙ୍କୁ ମୋବାଇଲ୍ ଫୋନର ନମ୍ବର ବ୍ୟବହାର କରି ତାହାର ସତ୍ୟତା ଯାଞ୍ଚ କରିବାକୁ ଅନୁମତି ଦିଏ । ଡୁପ୍ଲିକେଟ୍ କିମ୍ବା ନକଲି ଫୋନ୍‌ଗୁଡ଼ିକ ଏକ ଗୁରୁତର ସାଇବର ସୁରକ୍ଷା ବିପଦ ସୃଷ୍ଟି କରେ । କେତେକ ସମୟରେ ସମାନ ଫୋନ୍ ଏକାଧିକ ଡିଭାଇସରେ ଏକକାଳୀନ ଦେଖାଯାଏ, ଯାହା କାର୍ଯ୍ୟ ଗ୍ରହଣ କରିବା କଷ୍ଟକର କରିଥାଏ ।

### ଜିଓ - ଏନଏଚଏଆଇ ମଧ୍ୟରେ ଏମଓୟୁ

## ଏନ୍‌ଏଚ୍‌ରେ ମୋବାଇଲରେ ମିଳିବ ସୁରକ୍ଷା ଆଲର୍ଟ

ନୂଆଦିଲ୍ଲୀ, ଡିସେମ୍ବର ୨, ୨୦୨୫: ଜାତୀୟ ରାଜପଥରେ ଯାତ୍ରୀଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଯାତ୍ରା ଅନୁଭୂତିକୁ ଅଧିକ ସୁଗମ କରିବା ପାଇଁ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ରିଲାଏନ୍ସ ଜିଓ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏହି ସହଭାଗୀତା ଅଧୀନରେ, ୫୦ କୋଟିରୁ ଅଧିକ ଜିଓ ଗ୍ରାହକଙ୍କ ପାଇଁ ସମଗ୍ର ଜାତୀୟ ରାଜପଥ ନେଟୱାର୍କରେ ଏକ ଟେଲିକମ୍-ଆଧାରିତ ସୁରକ୍ଷା ସତର୍କତା ବ୍ୟବସ୍ଥା ଆରମ୍ଭ କରାଯିବ ।




ଜିଓର ୪ଜି-୫ଜି ନେଟୱାର୍କ ମାଧ୍ୟମରେ, ଚାଳକମାନେ ସେମାନଙ୍କ ମୋବାଇଲ୍ ଫୋନରେ ଦୁର୍ଘଟଣା ପ୍ରବଣ ଅଞ୍ଚଳ, କୁହୁଡ଼ି ଘେରା ଅଞ୍ଚଳ, ବୁଲା ପଶୁ ଅଞ୍ଚଳ ଏବଂ ଜରୁରୀକାଳୀନ ଡାଇଭର୍ସନ ବିଷୟରେ ଆଗୁଆ ସୂଚନା ପାଇବେ । ସୁରକ୍ଷା ବାର୍ତ୍ତା ଚାଳକ ଓ ଯାତ୍ରୀମାନଙ୍କ ପାଖରେ ଏସଏମଏସ, ହ୍ୱାଟ୍ସଅପ ଏବଂ ହାଇ-ପ୍ରାୟୋରିଟି କଲ୍ ମାଧ୍ୟମରେ ପହଞ୍ଚିବ । ଏହି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ବ୍ୟବସ୍ଥା ଜାତୀୟ ରାଜପଥରେ ଏବଂ ନିକଟସ୍ଥ ଅଞ୍ଚଳରେ ଜିଓ ମୋବାଇଲ୍ ବ୍ୟବହାରକାରୀଙ୍କ ପାଇଁ କାର୍ଯ୍ୟ କରିବ ଏବଂ କୌଣସି ଅତିରିକ୍ତ ରାସ୍ତାପାଶ୍ୱର୍ ହାଡୱେର ଆବଶ୍ୟକ ନକରି ଏହା ପୂର୍ବରୁ ରହିଥିବା ଟେଲିକମ୍ ଟାୱାର ଜରିଆରେ କାର୍ଯ୍ୟ କରିବ ।

ଏନଏଚଏଆଇ ଅଧ୍ୟକ୍ଷ ସନ୍ତୋଷ କୁମାର ଯାଦବ କହିଛନ୍ତି ଯେ ଏହି ପଦକ୍ଷେପ ଯାତ୍ରୀମାନଙ୍କୁ ସମୟୋଚିତ ଏବଂ ସଠିକ୍ ସୂଚନା ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାଦ୍ୱାରା ସେମାନେ ପୂର୍ବରୁ ହିଁ ଅଧିକ ସତର୍କ ହୋଇ ସୁରକ୍ଷିତ ଭାବରେ ଗାଡ଼ି ଚଲାଇପାରିବେ । ସେ ଆଶା ପ୍ରକାଶ କରିଛନ୍ତି ଯେ ଏହି ପଦକ୍ଷେପ ପ୍ରଯୁକ୍ତି-ଆଧାରିତ ସଡ଼କ ସୁରକ୍ଷା ପରିଚାଳନା କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ । ରିଲାଏନ୍ସ ଜିଓର ସଭାପତି ଜ୍ୟୋତିନ୍ଦ୍ର ଠକ୍କର କହିଛନ୍ତି ଯେ ଏହି ପଦକ୍ଷେପ ଜିଓର ବିସ୍ତୃତ ଟେଲିକମ୍ ନେଟୱାର୍କର ଶକ୍ତିକୁ ଉପଯୋଗ କରି ସୁରକ୍ଷା ସତର୍କତା ପ୍ରଦାନ କରିବାରେ ସକ୍ଷମ ହେବ ଏବଂ ଏହାଦ୍ୱାରା ଜାତୀୟ ରାଜପଥରେ ଯାତ୍ରା ଆହୁରି ଅଧିକ ସୁରକ୍ଷିତ ରହିବ । ସୁରକ୍ଷା ସତର୍କତା ସୂଚନା ବ୍ୟବସ୍ଥାକୁ ପର୍ଯ୍ୟାୟକ୍ରମେ ରାଜମାର୍ଗ ଯାତ୍ରା ଆପ୍ ଏବଂ ୧୦୩୩ ହେଲ୍ପ-ଲାଇନ୍ ସହିତ ସଂଯୁକ୍ତ କରାଯିବ । ଏହାର ପାଇଲଟ୍ ପ୍ରକଳ୍ପ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆରମ୍ଭ ହେବ ଏବଂ ପରବର୍ତ୍ତୀ ସମୟରେ ଦେଶବ୍ୟାପୀ ସମ୍ପ୍ରସାରିତ ହେବ ।

## ପାକିସ୍ତାନ ମିଛର ପର୍ଦ୍ଦାଫାଶ କଲା ଭାରତ

ନୂଆଦିଲ୍ଲୀ : ମଙ୍ଗଳବାର ଭାରତର ବୈଦେଶିକ ମନ୍ତ୍ରଣାଳୟ ଶ୍ରୀଲଙ୍କାକୁ ରିଲିଫ୍ ସାମଗ୍ରୀ ନେଇ ଯାଉଥିବା ବିମାନ ପାଇଁ ଉଡ଼ାଣ ମଞ୍ଜୁରୀରେ ବିଳମ୍ବ ସମ୍ପର୍କରେ ପାକିସ୍ତାନର ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି । ଭାରତ ସ୍ପଷ୍ଟ କରିଛି ଯେ ଏହା ତୁରନ୍ତ ଏବଂ ସ୍ୱଚ୍ଛ ଭାବରେ ପାକିସ୍ତାନର ଅନୁରୋଧକୁ ଗ୍ରହଣ କରିଥିଲା । ପାକିସ୍ତାନ ଅଭିଯୋଗ କରିଛି ଯେ ଭାରତ ଶ୍ରୀଲଙ୍କାକୁ ମାନବିକ ସହାୟତା ପଠାଇବା ପାଇଁ ବିମାନଗୁଡ଼ିକୁ ତାର ବାୟୁମଣ୍ଡଳ ଦେଇ ଉଡ଼ାଣ କରିବାକୁ ଅନୁମତି ଦେଇନାହିଁ ।



ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ପାକିସ୍ତାନ ଜନସାଧାରଣଙ୍କୁ ଭ୍ରମିତ କରିବା ଏବଂ ଭାରତର କାର୍ଯ୍ୟକୁ ଭୁଲ ଭାବରେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ଏହି ବିବୃତ୍ତି ଦେଇଛି । ସେ କହିଛନ୍ତି, "ଆମେ ପାକିସ୍ତାନର ବାୟୁସେନା ଦ୍ୱାରା ଦିଆଯାଇଥିବା ହାସ୍ୟାସ୍ପଦ ବିବୃତ୍ତିକୁ ପ୍ରତ୍ୟାଖ୍ୟାନ କରୁଛୁ, ଯାହା ଭାରତ ବିରୋଧୀ ପ୍ରଚାରର ଆଉ ଏକ ପ୍ରୟାସ ।"

ସେ ସ୍ପଷ୍ଟ କରିଛନ୍ତି ଯେ ଭାରତ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ପାକିସ୍ତାନର ଅନୁରୋଧ ପାଇଥିଲା ଏବଂ କିଛି ଘଣ୍ଟା ମଧ୍ୟରେ ନିଷ୍ପତ୍ତି ନେଇଥିଲା । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି, "ପାକିସ୍ତାନର ଆନୁଷ୍ଠାନିକ ଅନୁରୋଧ ଡିସେମ୍ବର ୧, ୨୦୨୫ ଦିନ ପ୍ରାୟ ୧ଟାରେ ଇସଲାମାବାଦସ୍ଥିତ ଭାରତୀୟ ଉଚ୍ଚାୟୋଗ ପାଇଥିଲା । ଏହାକୁ ଏକ ମାନବିକ ଜରୁରୀକାଳୀନ ପରିସ୍ଥିତି ବୋଲି ବିଚାର କରି ସରକାର ସେହି ଦିନ ସନ୍ଧ୍ୟା ୫:୩୦ ମିନିଟରେ ଅନୁମୋଦନ ଜାରି କରିଥିଲେ ।

## ମୁଣ୍ଡ ନୁଆଁଇଲା ପାକିସ୍ତାନ : ଇମ୍ରାନଙ୍କୁ ଜେଲରେ ଭେଟିଲେ ଭଉଣୀ

ଇସଲାମାବାଦ: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ଅନେକ ପ୍ରକାର ଖବର ସୋସିଆଲ ମିଡିଆରେ ଘୁରି ବୁଲୁଥିଲା । ପରିବାରଲୋକ ବି ଇମ୍ରାନଙ୍କୁ ଗତ ଏକମାସ ହେବ ଭେଟି ପାରୁ ନଥିବା ଅଭିଯୋଗ କରିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସମର୍ଥକମାନେ ଏହି କାରଣରୁ କ୍ରମାଗତ ଭାବେ ପ୍ରଦର୍ଶନ ଜାରି ରଖିଥିଲେ ଓ ରଖିଛନ୍ତି ମଧ୍ୟ । ଆଦିଆଲା ଜେଲ ବାହାରେ ଇମ୍ରାନଙ୍କ ସମର୍ଥକମାନେ ବିରୋଧ ପ୍ରଦର୍ଶନ କରିବା ପରେ ଶେଷରେ ପାକିସ୍ତାନ ସରକାର ମୁଣ୍ଡ ନୁଆଁଇଛନ୍ତି । ମଙ୍ଗଳବାର ଭଉଣୀ ଡ. ଉଜମା ଖାନଙ୍କୁ ଭାଇ ଇମ୍ରାନଙ୍କ ସହିତ ଭେଟିବା ପାଇଁ ଅନୁମତି ମିଳିବା ପରେ ଜେଲ ପ୍ରଶାସନ ଭିତରକୁ ଡାକିଥିଲେ । ଇମ୍ରାନଙ୍କ ଅନ୍ୟ ଭଉଣୀ ନୋରିନୀ ନିଆଜୀ, ଆଲୀମା ଖାନ ମଧ୍ୟ ସକାଳ ୧୧.୩୦ରେ ଜେଲରେ ପହଞ୍ଚିଥିଲେ । ଦୀର୍ଘ ୨୫ ଦିନର ଛକାପଞ୍ଝା ପରେ ଆଜି ଜେଲ ଭିତରୁ ଯାଇ ଇମ୍ରାନଙ୍କୁ ଭେଟିଛନ୍ତି ତାଙ୍କ ଭଉଣୀ ଡା ଉଜମା ଖାନୁମ । ଜେଲରେ ଇମ୍ରାନ ଜୀବିତ ଓ ସୁରକ୍ଷିତ ରହିଛନ୍ତି । କିନ୍ତୁ ତାଙ୍କୁ ସେଠାରେ ମାନସିକ ଦିର୍ଯାତନା ମିଳୁଛି । ଜେଲ ଭିତରେ ଭାଇଙ୍କୁ ଭେଟିବା ପରେ ଏପରି ସୂଚନା ଦେଇଛନ୍ତି ଉଜମା ।



ମଧ୍ୟାହ୍ନ ସମୟରେ ତାଙ୍କୁ ଇମ୍ରାନଙ୍କୁ ଭେଟିବା ପାଇଁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଜେଲ ଭିତରକୁ ନିଆଯାଇଥିଲା । ସେଠାରେ ସେ ଇମ୍ରାନଙ୍କୁ ଭେଟିବା ସହ ବେଶ କିଛି ସମୟ କଥା ହେଇଥିଲେ ।ଏହାପରେ ସେ ବାହାରକୁ ଆସି ଇମ୍ରାନ ସୁସ୍ଥ ଓ ସୁରକ୍ଷିତ ଥିବା ସମସ୍ତଙ୍କୁ ଜଣାଇଛନ୍ତି ।



କଲମ୍ବୋରେ ଅନୁଷ୍ଠିତ ଆନ୍ତର୍ଜାତିକ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟି-୨୦ ବିଶ୍ୱ କପ ମ୍ୟାଚରେ ବିଜୟୀ ଭାରତୀୟ ଦଳରେ ଅଂଶଗ୍ରହଣ କରିଥିବା ଚାରି ଓଡ଼ିଆ ମହିଳା କ୍ରିକେଟ ଖେଳାଳିଙ୍କୁ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କରେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଫୁଟବଲରେ ଇତିହାସ ରଚିଲା ଭାରତ

ନୂଆଦିଲ୍ଲୀ, ୨।୧୨(ଏଜେନ୍ସି) : ୧୭ ବର୍ଷରୁ କମ୍ ଏସିଆ କପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟ ଫାଇନାଲରେ ଭାରତୀୟ ଫୁଟବଲ ଦଳ ଇତିହାସ ରଚିଛି । ଏସିଆର ସର୍ବଶ୍ରେଷ୍ଠ ଦଳ ଇରାନକୁ ୨-୧ ଗୋଲରେ ପରାସ୍ତ କରି ଇତିହାସ ରଚିଛି । ଜମାଣିଆ ବିଜୟ ସହ ଭାରତ ସାଉଦିଆରବରେ ହେବାକୁ ଥିବା ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି ।

ସର୍ବଭାରତୀୟ ଫୁଟବଲ ମହାସଂଘ ଘୋଷଣା କରିଥିବା ୨୩ ଜଣିଆ ଦଳରେ ମଣିପୁରର ୯ ଜଣ ଖେଳାଳି ଅଛନ୍ତି । ଏମାନଙ୍କ ମଧ୍ୟରେ ୭ ଜଣ ମୈତେୟୀ ଓ ଦୁଇଜଣ କୁକି ସମ୍ପ୍ରଦାୟର । ରବିବାର ସଫଳତା ପରେ ଭାରତ ଗତ ୨୦ ବର୍ଷ ମଧ୍ୟରେ ତୃତୀୟ ଥର ପାଇଁ ଏଫ୍‌ସି ୧୭ ବର୍ଷରୁ କମ୍ ଏସିଆ କପ୍ ଫାଇନାଲ ଯୋଗ୍ୟତା ଅର୍ଜନ କରିଛି । ସାଇଦିରେ ଅନୁଷ୍ଠିତ ଫାଇନାଲ୍ସରେ ଯଦି ଭାରତ ଶ୍ରେଷ୍ଠ ୪ ମଧ୍ୟରେ ରହିବ ତାହାହେଲେ ୨୦୨୭ ଫିଫା ୧୭ ବର୍ଷରୁ କମ୍ ବିଶ୍ୱ କପ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବ ।

## ଆଇପିଏଲ୍ ନିଲାମରୁ ଓହରିଲେ ମ୍ୟାକ୍ସୱେଲ୍

ନୂଆଦିଲ୍ଲୀ, ୨।୧୨(ଏଜେନ୍ସି) : ୨୦୨୬ ଆଇପିଏଲ୍ ମିନି ନିଲାମ ହେବାକୁ ଯାଉଛି । ଏହା ପୂର୍ବରୁ ଅଷ୍ଟ୍ରେଲିଆର ତାରକା ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ୍ ଓହରି ଯାଇଛନ୍ତି । ଅର୍ଥାତ୍ ସେ ଆଇପିଏଲ୍‌ରେ ନିଜର ଶେଷ ମ୍ୟାଚ୍ ଖେଳିସାରିଥିବା ସଂକେତ ଦେଇଛନ୍ତି । ମ୍ୟାକ୍ସୱେଲଙ୍କ ଏପରି ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି । ପୂର୍ବରୁ ଆନ୍ଦ୍ରେ ରସେଲ ଓ ଫାପଡୁପ୍ଲେସିସ୍ ମଧ୍ୟ ମିନି ନିଲାମରୁ ନିଜ ନାଁ ପ୍ରତ୍ୟାହାର କରିନେଇଥିଲେ । ଅଗାମୀ ୧୬ ତାରିଖରେ ଆଇପିଏଲର ମିନି ନିଲାମ ଆବୁଧାବିରେ ହେବ । ଏହାପୂର୍ବରୁ ମ୍ୟାକ୍ସୱେଲ ବିଧିବଦ୍ଧ ଭାବେ ଓହରି ଯାଇଥିବା ନେଇ ଘୋଷଣା କରିଛନ୍ତି ।

## ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ପଦ ଛାଡିଲେ ହରେନ୍ଦ୍ର

ନୂଆଦିଲ୍ଲୀ, ୨।୧୨(ଏଜେନ୍ସି) : ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ ପଦରୁ ହରେନ୍ଦ୍ର ସିଂ ହଠାତ୍ ଇସ୍ତଫା ଦେଇଛନ୍ତି । ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିବା ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି । ଆମେରିକାରେ ହକି ଦଳର କୋଚ୍ ଥିବା ହରେନ୍ଦ୍ର ସିଂ ଏପ୍ରିଲ ୨୦୨୪ରେ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ ହୋଇଥିଲେ । ଆଶା କରାଯାଉଥିଲା ସେ ୨୦୨୮ ଅଲମ୍ପିକ୍ସ ପର୍ଯ୍ୟନ୍ତ ଭାରତୀୟ ଦଳ ସହ ରହିବେ । କିନ୍ତୁ ସେ ମଝିରୁ ପଦ ଛାଡିଛନ୍ତି । ପୂର୍ବରୁ ସେ ଲକ୍ଷ୍ନୌ ବିଶ୍ୱ କପ୍ ୨୦୧୬ ଜୁନିଅର ହକି ଦଳର ପ୍ରଶିକ୍ଷକ ଥିଲେ । ମାରିନ୍ ଭାରତୀୟ ମହିଳା ଦଳର ପ୍ରଶିକ୍ଷକ ପଦକୁ ଫେରିପାରନ୍ତି । ମାରିନ୍‌ଙ୍କ ମାର୍ଗ ଦର୍ଶନରେ ଭାରତୀୟ ଦଳ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ରହିଥିଲା । ମାରିନ୍ ଅଗଷ୍ଟ ୨୦୨୧ରେ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଥିଲେ ।

### ଆଇପିଏଲ୍ ମିନି ଅକ୍ସନ

## ୧୩୫୫ ଖେଳାଳି, କିଣାହେବେ ୭୭

ନୂଆଦିଲ୍ଲୀ, ୨।୧୨(ଏଜେନ୍ସି) : ଆଇପିଏଲ୍ ମିନି ନିଲାମ ଡିସେମ୍ବର ୧୬ରେ ଆବୁଧାବିରେ ହେବ । ଏହି ନିଲାମ ପାଇଁ ଖେଳାଳି ତାଲିକା ଜାରି କରାଯାଇଛି । ମୋଟ୍ ୧୩୫୫ ଜଣ ଖେଳାଳି ନାମ ପଞ୍ଜିକରଣ କରିଛନ୍ତି । ଆଇପିଏଲ୍ ସମସ୍ତ ୧୦ ଫ୍ରାଞ୍ଚାଇଜ୍ ମୋଟ ୭୭ ଜଣ ଖେଳାଳିଙ୍କୁ କିଣିବେ । ଏହା ମଧ୍ୟରୁ ୩୧ ଜଣ ବିଦେଶୀ ଖେଳାଳିଙ୍କ ପାଇଁ ସ୍ଥାନ ଖାଲି ରହିଛି । ଗତ ୩୦ ତାରିଖରେ ପଞ୍ଜିକରଣ ବନ୍ଦ ହେବା ପରେ ଚୂଡାନ୍ତ ତାଲିକା ଜାରି କରାଯାଇଛି । ଏହି ତାଲିକରେ ୪୫ ଜଣ ଖେଳାଳି ସବୁଠୁ ଅଧିକ ଦୁଇ କୋଟି ଟଙ୍କାର ବେଶ୍ ପ୍ରାଇସ୍ ରଖିଛନ୍ତି । ସବୁ ଟିମ୍ ପାଖରେ ମୋଟ ୨୩୭.୫୫ କୋଟି ଟଙ୍କା ରହିଛି । ଏକାଧିକ ଫ୍ରାଞ୍ଚାଇଜ୍ ପାଖରେ ବଡ ଖେଳାଳିଙ୍କ ପାଇଁ ସ୍ଥାନ ଖାଲି ରହିଛି । ଡିସେମ୍ବର ୫ ସୁଦ୍ଧା ନିଜର ସକ୍ଷିପ୍ତ ତାଲିକା ପଠାଇବେ । ଏହା ପରେ ଚୂଡାନ୍ତ ଖେଳାଳି ପୁଲ୍ ପ୍ରସ୍ତୁତ କରାଯିବ ।

### ବାରବାଟୀ ଟି -୨୦

## ନାଲି ମାଟି ପିଚ୍‌ରେ ଭାରତ -ଦ. ଆଫ୍ରିକା ମ୍ୟାଚ୍

ଭୁବନେଶ୍ୱର, ୨।୧୨(ସବ୍ୟୁ) : ବାରବାଟୀ ଟି -୨୦ ମ୍ୟାଚ୍‌କୁ ଆଉ ସପ୍ତାହେ ରହିଲା । ପିଚ୍‌ଠୁ ଗ୍ୟାଲେରୀ ସବୁ ପ୍ରକାର ପ୍ରସ୍ତୁତି ଜୋରସୋରରେ ଚାଲିଛି । ଅନ୍ତର୍ଜାତୀୟ ମ୍ୟାଚ୍ ସକାସେ ୪ଟି ପିଚ୍ ପ୍ରସ୍ତୁତି କରାଯାଇଛି । କେଉଁ ପିଚ୍‌ରେ ମ୍ୟାଚ୍ ଖେଳାଯିବ ତାହାକୁ ନେଇ କଳ୍ପନାଜଳ୍ପନା ଲାଗି



ରହିଛି । ଭାରତ - ଦ.ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଟି -୨୦ ମ୍ୟାଚ୍ ରେଡ୍ ପିଚରେ ଖେଳାଯିବ ବୋଲି ବାରବାଟୀ କ୍ରିକେଟଙ୍କ ସୂଚନା ପରେ ସବୁ କଳ୍ପନା ଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡିଛି ।

ଭାରତ - ଦ.ଆଫ୍ରିକା ଟି -୨୦ ମ୍ୟାଚ ପାଇଁ ମଙ୍ଗଳବାର ପିଚ୍ ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି ବିସିସିଆଇ କ୍ୟୁରେଟର ଆଶିଷ ଭୌମିକ । ପ୍ରାୟ ଅଢେଇ ଘଣ୍ଟା ଧରି ପିଚ୍ ଅନୁଧ୍ୟାନ କରିବା ସହ ଗ୍ରାଉଣ୍ଡ ଷ୍ଟାଫଙ୍କ ସହ ଆଲୋଚନା କରିଥିଲେ । ବାରବାଟୀରେ କଳା ଓ ଲାଲ୍ ମାଟିରେ ମୋଟି ୪ ଟି ପିଚ୍ ରହିଛି । ଲାଲ୍ ମାଟିରେ ତିଆରି ପିଚ୍‌ରେ ଖେଳା ହେଲେ ମ୍ୟାଚ୍ ହାଇ ସ୍କୋରିଂ ହେବ । ତେବେ ପିଚ୍ କ୍ୟୁରେଟର ଲାଲ୍ ମାଟି ପିଚ୍ ଉପରେ ଖେଳ ହେବ ବୋଲି କହିଛନ୍ତି । ମ୍ୟାଚ ହାଇସ୍କୋରିଂ ହେବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଥିବା ଓସିଏ କ୍ୟୁରେଟର କହିଛନ୍ତି ।

# ଆଜି ଭାରତ - ଦ.ଆଫ୍ରିକା ଦ୍ୱିତୀୟ ଦିନିକିଆ

ରାୟପୁର, ୨।୧୨(ସବ୍ୟୁ) : ଭାରତ ଓ ଦ.ଆଫ୍ରିକା ମଧ୍ୟରେ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ବୁଧବାର ରାୟପୁରରେ ଖେଳାଯିବ । ରାଞ୍ଚି ରୋମାଞ୍ଚ ପରେ ଦର୍ଶକ ରାୟପୁରରେ ମଧ୍ୟ ରୋକୋ ମ୍ୟାଜିକ୍ ଦେଖିବାକୁ ଅପେକ୍ଷାରତ ଅଛନ୍ତି । ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ ଜିତି ଭାରତ ୧-୦ରେ ଅଗ୍ରଣୀ ରହିଛି । ତେଣୁ ରାୟପୁରରେ କେଏଲ୍ ରାହୁଲଙ୍କ ନେତୃତ୍ୱାଧୀନ ଭାରତ ବିଜୟ ଧ୍ୱଜା ଉଡାଇ ଆଗୁଆ ଶୃଙ୍ଖଳା କବ୍‌ଜା କରିବା ଲକ୍ଷ୍ୟରେ ରହିବ । ପ୍ରଥମ ମ୍ୟାଚରେ ବିରାଟ କୋହଲି ୧୩୫ ରନ୍‌ର ଜମାଣିଆ ଇନିଂସ ଖେଳିଥିଲେ । ଏଥିରେ ୧୧ ଟି ଚୌକା ଓ ୭ ଟି ଛକା ରହିଥିଲା । ସେ କ୍ୟାରିୟରର ୫୨ ତମ ଶତକ ହାସଲ କରି ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଥିଲେ । ଏହି ମ୍ୟାଚରେ ଭାରତ ୩୪୯ ରନ୍‌ର ବିଶାଳ



ସ୍କୋର କରିଥିଲା । ଜବାବ୍‌ରେ ଦ, ଆଫ୍ରିକା ଶେଷ ପର୍ଯ୍ୟନ୍ତ ସଂଘର୍ଷ କରି ୩୩୨ ରନ୍ କରିବାକୁ ସକ୍ଷମ ହୋଇଥିଲା । ରୋହିତ ଶର୍ମା ମଧ୍ୟ ଏହି ମ୍ୟାଚ ଅର୍ଦ୍ଧଶତକୀୟ ଇନିଂସ ଖେଳି ନିଜେ ଫିଟ୍ ଥିବା ତଥା ଲୟରେ ଥିବା ସ୍ପଷ୍ଟ କରିଛନ୍ତି । ଏହି ଦୁଇ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ଭାରତୀୟ ଦଳକୁ ସୁଦୃଢ ଓ ସୁସଂଗଠିତ କରିଛି । ସମାନ ଖେଳାଳି, ସମାନ ଏକତା, ଏକାଗ୍ରତା ଓ ଖେଳୁଆଡ ମନୋଭାବ ନେଇ ଭାରତୀୟ ଦଳ ରାୟପୁରରେ ରଣାଙ୍ଗନକୁ ଓହ୍ଲାଇବ ।

ସମ୍ଭାବ୍ୟ ଭାରତୀୟ ଦଳ : ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ବିରାଟ କୋହଲି, ଋତୁରାଜ ଗାଇକ୍ୱାଡ/ରିଷଭ ପନ୍ତ, ଲୋକେଶ ରାହୁଲ, ୱାଶିଂଟନ୍ ସୁନ୍ଦର, ରବିନ୍ଦ୍ର ଜାଡେଜା, ହର୍ଷିତ ରାଣା, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରୀଷ୍ଣା ।

ସମ୍ଭାବ୍ୟ ଦ. ଆଫ୍ରିକା ଦଳ : ଆଦିନ ମାର୍କାମ୍, କୁଇଣ୍ଟନ ଡିକକ୍ , ତେମ୍ବା ବଭୁମା, ମାଥ୍ୟୁ ବ୍ରିଟକେ, ଟୋନି ଡି ଜୋରିଜ, ଦେବଲ ବ୍ରେଭିସ୍, ମାର୍କୋ ଜନସେନ୍, କର୍ବିନ ବୋଷ୍ଟ, କେଶବ ମହାରାଜ, ନାନଦ୍ରୀ ବର୍ଗର, ଅଟନିଲ ବାର୍ଟମ୍ୟାନ୍ ।

## ଶତକବୀର ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ, ୨।୧୨(ଏଜେନ୍ସି) : ୧୪ ବର୍ଷୀୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ପୁଣି ଚର୍ଚ୍ଚାରେ ରହିଛନ୍ତି । ସୟଦ ମୁସ୍ତାକଅଲି ଟ୍ରଫିରେ ସୂର୍ଯ୍ୟବଂଶୀ ଇତିହାସ ରଚିଛନ୍ତି । ଭାରତର ଏହି ଘରୋଇ ଟି -୨୦ ଟୁର୍ଣ୍ଣାମେଣ୍ଟରେ ବିହାର ପାଇଁ ଖେଳୁଥିବା ବୈଭବ ସୂର୍ଯ୍ୟବଂଶୀ ମହାରାଷ୍ଟ୍ର ବିପକ୍ଷରେ ୬୧ ବଲରୁ ୧୦୮ ରନ୍‌ର ଇନିଂସ ଖେଳିଥିଲେ । ଏଥିରେ ୭ ଟି ଲେଖାଏଁ ଚୌକା ଓ ଛକା ରହିଛି । ଏହା ସୂର୍ଯ୍ୟବଂଶୀଙ୍କ ତୃତୀୟ ଟି -୨୦ ଶତକ । ଏଯାଏଁ ୧୬ ଟି ପେସାଦାର ଟି -୨୦ ମ୍ୟାଚ୍ ଖେଳିଥିବା ବୈଭବ ୩ ଟି ଶତକ ମାରିଲେଣି । କୋଲକାତାରେ ଐତିହାସିକ ଇଡେନ୍ ଗାର୍ଡେନ୍ସରେ ସୂର୍ଯ୍ୟବଂଶୀଙ୍କ ଶତକ ଯୋଗୁଁ ବିହାର ନିର୍ଦ୍ଧାରିକ ୨୦ ଓଭରରେ ୧୭୬ ରନ୍ କରିଥିଲା । ପୃଥ୍ୱୀ ଶ ଙ୍କ



ନେତୃତ୍ୱାଧିନ ମହାରାଷ୍ଟ୍ରର ବୋଲିଂ ଆକ୍ରମଣ ସୂର୍ଯ୍ୟବଂଶୀଙ୍କ ଆଗରେ ଧରାସାୟୀ ହୋଇଥିଲା । ତେବେ ମହାରାଷ୍ଟ୍ର ୧୭୭ ରନର ବିଜୟ ଲକ୍ଷ୍ୟକୁ ୫ ଟି ବଲ ପୂର୍ବରୁ ଆସଲ କରିନେଇଥିଲା । ପୃଥ୍ୱୀ ଶ ୩୦ ବଲରେ ବିସ୍ଫୋରକ ୭୬ ରନ୍‌ର ଇନିଂସ ଖେଳିଥିଲେ ।

ମହାରାଷ୍ଟ୍ର ବିପକ୍ଷରେ ଶତକ ହାସଲ କରିବା ପରେ ସୂର୍ଯ୍ୟବଂଶୀ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି । ସୟଦ ମୁସ୍ତାକ ଅଲି ଟ୍ରଫିର ସବୁଠାରୁ ଯୁବ ଖେଳାଳି ଭାବେ ଶତକ ହାସଲ କରିବାର କୀର୍ତ୍ତିମାନ ନିଜ ନାଁରେ କରିଛନ୍ତି । ମହାରାଷ୍ଟ୍ର ବିପକ୍ଷରେ ସୂର୍ଯ୍ୟବଂଶୀ ଧର୍ଯ୍ୟର ସହ ଖେଳିଥିଲେ । ସେ ୫୮ ବଲରେ ଶତକ ହାସଲ କରିଥିଲେ । ଏହା ପୂର୍ବରୁ ସେ ହାସଲ କରିଥିବା ଦୁଇଟି ଶତକ କମ୍ ବଲରେ ଆସିଥିଲା । ଏସିଆ କପ୍ ରାଇଜିଂ ଷ୍ଟାର୍କସ୍ ୨୦୨୫ ଟୁର୍ଣ୍ଣାମେଣ୍ଟରେ ସୂର୍ଯ୍ୟବଂଶୀ ୟୁଏଇ ବିପକ୍ଷରେ ମାତ୍ର ୪୨ ବଲରେ ୧୪୪ ରନର ଇନିଂସ ଖେଳିଥିଲେ । ସେହିପରି ୨୦୨୫ ଆଇପିଏଲରେ ସେ ଗୁଜରାଟ ବିପକ୍ଷ ମ୍ୟାଚରେ ୩୫ ବଲରୁ ଶତକ ମାରିଥିଲେ ।

## ଓଡିଶା ଗ୍ରାମୀଣ ବ୍ୟାଙ୍କ ଆନୁକୂଲ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

କେନ୍ଦୁଝର, (ସବ୍ୟୁ) ଓଡିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ଆନୁକୂଲ୍ୟରେ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ପ୍ରିମିଅର କ୍ରିକେଟ ଲିଗର ତୃତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ନିୟନ୍ତ୍ରଣ ାଧୀନ ସମସ୍ତ ଶାଖା, ସମ୍ପୃକ୍ତ କାର୍ଯ୍ୟାଳୟ ଓ ନିରୀକ୍ଷଣ କକ୍ଷର ସମସ୍ତ ଅଧିକାରୀ ସମସ୍ତ ଅଧିକାରୀ ତଥା କର୍ମଚାରୀ ଗଣ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କମିଟିରେ ଥିବା କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର କାର୍ଯ୍ୟ ସମ୍ପାଦନ ବିଭାଗ ମୁଖ୍ୟ ସୁଧାଂଶୁ ଶେଖର ସେଠି, ଧରଣୀଧର କଲେଜ ଶାଖାର ଶାଖା ପରିଚାଳକ ଶୁଭେନ୍ଦୁ ବାରିକ ଓ ନିରୀକ୍ଷଣ କକ୍ଷର ନିରୀକ୍ଷକ ସତ୍ୟଜିତ ବେହେରା ପ୍ରମୁଖ ମୁଖ୍ୟ ଦାୟିତ୍ୱ ବହନ କରିଥିଲେ । ଏହି ପ୍ରତିଯୋଗିତାରେ ଚାରୋଟି ଦଳ ଯଥା ଈଗଲ ଏକାଦଶ, ମାଭେରିକ ଏକାଦଶ, ଟାଇଟନ ଏକାଦଶ ଓ ଓ୍ୱାଇଲଡ ଲାଇଫ ଏକାଦଶ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାଟି କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପରିଚାଳକ ସତ୍ୟବ୍ରତ ନନ୍ଦ ଓ ନିରୀକ୍ଷଣ କକ୍ଷ ମୁଖ୍ୟ ନିରୀକ୍ଷାକ ସୌମ୍ୟା ମହାନ୍ତିଙ୍କ ଦ୍ୱାରା ପୂର୍ବାହ୍ନରେ ଉଦଘାଟିତ ହୋଇଥିଲା । ମାଭେରିକ୍ସ ଏକାଦଶ ଓ ଟାଇଟନ ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଖେଳା ଯାଇଥିଲା । ଟାଇଟନ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ବିନିମୟରେ ୬୯ ରନ ସଂଗ୍ରହ କରିଥିଲେ । ମାଭେରିକ୍ସ ଏକାଦଶ ୭୦ ରନର ବିଜୟର ଲକ୍ଷକୁ ଅତିକ୍ରମ କରି ପାରିନଥିଲେ ଏବଂ ଟାଇଟନ ଏକାଦଶ ୧୨ ରନରେ ବିଜୟୀ ହୋଇଥିଲେ । ଖେଳ ଶେଷରେ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ସତ୍ୟବ୍ରତ ନନ୍ଦ ବିଜୟୀ ଟାଇଟନ ଏକାଦଶକୁ ଟ୍ରଫି ଏବଂ ମ୍ୟାନ ଅଫ ଦି ଫାଇନାଲ ଏବଂ ମ୍ୟାନ ଅଫ ସିରିଜ ଭାବେ ବିବେଚିତ ରୋଶନଙ୍କୁ ପୁରସ୍କୃତ କରିଥିଲେ ।

### ସବ ଜୁନିଅର ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

## ପ୍ରି-କ୍ୱାର୍ଟରରେ ଓଡ଼ିଆ ଖେଳାଳି ତନଭି ପତ୍ରି

ଭୁବନେଶ୍ୱର, ୨।୧୨(ସବ୍ୟୁ) : ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମ ପରିସରସ୍ଥ ଡାଲମିଆ ଭାରତ ଗୋପିଚାନ୍ଦ ବେଡ଼ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ) ରେ ଆୟୋଜିତ ୩୭ତମ ଜାତୀୟ ସବ ଜୁନିଅର ବେଡ଼ମିଣ୍ଟନ ଚମ୍ପିୟାନସିପର ଦ୍ୱିତୀୟ ଦିନରେ ସର୍ବମୋଟ ୧୫୯ ଟି ମେଚ ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ଦିନର ଖେଳରେ ଓଡ଼ିଆ ଖେଳାଳି, ଟାଇଟଲ ଦାବିଦାର ତନଭି ପତ୍ରି ୧୫ ବର୍ଷରୁ କମ ସିଙ୍ଗଲ ବିଭାଗ ରେ ନିଜ ପ୍ରତିଦ୍ୱନ୍ଦୀ ଗୁଜରାଟ ଖେଳାଳି ଅନଭି ପଟେଲଙ୍କୁ ୨୧-୧୧,୨୧-୫ ଦୁଇଟି ଗେମରେ ପରାସ୍ତ କରି ପ୍ରତିଯୋଗୀତାର ପ୍ରି- କ୍ୱାଟର ରାଉଣ୍ଡରେ ପ୍ରବେଶ କରିଛନ୍ତି । ସେହିପରି ଓଡ଼ିଆ ଖେଳାଳି ବାପୁନ ରାଉତ ୧୭ ବର୍ଷରୁ କମ ସିଙ୍ଗଲ ବାଳକ ବିଭାଗରେ ରାଜସ୍ଥାନର ଅଂଶୁମାନ ଚୌଧୁରୀଙ୍କୁ ୨୧-୧୯, ୧୯-୨୧ ଓ ୨୧-୧୧ ର ତିନୋଟି ସଂଘର୍ଷ ପୂର୍ଣ ଗେମରେ ପରାଜିତ କରି ପରବର୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଏହି ବୟସ ବର୍ଗରେ ଟପ ସିଡ ପଞ୍ଜାବ ଜଗଶେର ସିଙ୍ଗଗୁରା, ଦିଲ୍ଲୀର ଇଆନ ଚୋପ୍ରା, ଆସାମର ବର୍ଣ୍ଣିଲ ଆକାଶ ଚେଙ୍ଗମାଇ, ମଧ୍ୟପ୍ରଦେଶ ର ସୌର୍ଯ୍ୟ ମିଶ୍ର, ଉତ୍ତର ପ୍ରଦେଶର ସାର୍ଥକ ସୋମ କର୍ଣ୍ଣାଟକର ହାର୍ଦ୍ଦିକ ଦିବଂଶ ନିଜ ନିଜ ପ୍ରତିଦ୍ୱନ୍ଦୀଙ୍କୁ ହରାଇ ରାଉଣ୍ଡ ୩୨ରେ ପହଞ୍ଚି ଯାଇଛନ୍ତି । ବାଳକ ୧୫ ବର୍ଷରୁ କମ ବର୍ଗରେ ଟପ ସିଡ ପଞ୍ଜାବର



ଓ୍ୱାଜିର ସିଂ,ଦିଲ୍ଲୀର ସଂଚିତ ଜଂଗ୍ରା ମହାରାଷ୍ଟ୍ରର ମୟୂରକ୍ଷ ଭୁତକି ତେଲେଙ୍ଗାନାର ଶ୍ରୀଚେତନ ସୌର୍ଯ୍ୟ ଓ ଗୁଜରାଟ ଖେଳାଳୀ ମୋହମଦଶେହେରିକ ନିଜ ନିଜ ପ୍ରତିଦ୍ୱନ୍ଦୀଙ୍କୁ ହରାଇ ପ୍ରି କ୍ୱାଟର ରାଉଣ୍ଡରେ ପହଂଚଛନ୍ତି । ୧୫ ବର୍ଷରୁ କମ ବାଳିକା ବର୍ଗରେ ତନଭି ପତ୍ରିଙ୍କ ସହ କର୍ଣ୍ଣାଟକର ସାଇନା ମଣିପୁଥୁ,ତାମିଲନାଡୁର ଜି. ଏସ. ଅନୁଶ୍ରୀ, ହିମାଚଳ ପ୍ରଦେଶର ତାଶଭି ଗୁପ୍ତା, ରାଜସ୍ଥାନର ଅନଭି ରାଠୋର, ତେଲେଙ୍ଗାନାର ହମସିନୀ ଚନ୍ଦରମ ନିଜ ନିଜ ପ୍ରତିଦ୍ୱନ୍ଦୀଙ୍କୁ ହରାଇ ପ୍ରି କ୍ୱାର୍ଟର ରାଉଣ୍ଡରେ ପହଞ୍ଚିଛନ୍ତି । ଡିସେମ୍ବର ୧ ତାରିଖ ରୁ ଆରମ୍ଭ ହୋଇ ଥିବା ଏହି ଜାତୀୟ ସବଜୁନିଅର ବେଡ଼ମୀଣ୍ଟନ ଚାମ୍ପିୟନସିପର ମୁଖ୍ୟ ରେଫରୀ ଭାବେ ପି. ରାମ କ୍ରିଷ୍ଣୟା ଡେପୁଟି ରେଫରୀ ଭାବେ ଓଡିଶାର ବିଜୟ ବାଗ ଓ ମନୋଜ ସାବତ ପରିଚାଳନା କରୁଛନ୍ତି ।

## ୪ ଓଡିଆ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କଲେ ସୋଆ ପ୍ରତିଷ୍ଠାତା ସଭାପତି

ଭୁବନେଶ୍ୱର, ୨/୧୨(ସବ୍ୟୁ) : ବିଶ୍ୱକପ୍‌ରେ ଚାମ୍ପିଅନ୍ ଦୃଷ୍ଟିବାଧିତ ଭାରତୀୟ ମହିଳା ଟି- ୨୦ କ୍ରିକେଟ୍ ଟିମ୍‌ର ୪ ଓଡିଆ ଖେଳାଳିଙ୍କୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକ ମଙ୍ଗଳବାର ସମ୍ବର୍ଦ୍ଧିତ କରିଛନ୍ତି ।

ଦୃଷ୍ଟିବାଧିତ ମହିଳା କ୍ରିକେଟ ଟିମ୍ ଚାମ୍ପିଅନ୍ ଟାଇଟଲ୍ ହାସଲ କରିବା ପରେ ଏହି ଟିମ୍‌ର ଫେରି ଆସିଥିବା ୪ ଓଡିଆ ଖେଳାଳିଙ୍କୁ ସୋଆ ପ୍ରତିଷ୍ଠାତା ସଭାପତି ସମ୍ବର୍ଦ୍ଧିତ ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି ।



ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ଟିମ୍ ମଙ୍ଗ ଧରିଥିବା ୪ ଓଡିଆ ଖେଳାଳୀ ହେଉଛନ୍ତି । ଫୁଲ ସାରେନ୍, ବାସ"ୀ ହାଁସଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାରାଣ୍ଡି । ଏହି ଚାମ୍ପିଅନ୍ ଟିମ୍ ସୋମବାର ଓଡିଶା ଫେରିଛନ୍ତି । ସେମାନଙ୍କ ସହ ତାଙ୍କ ମେଣ୍ଟର ଜାଫର ଇକବାଲ୍ ମଧ୍ୟ ପ୍ରଫେସର ନାୟକଙ୍କୁ ସାକ୍ଷାତ କରିଛନ୍ତି ।

ପ୍ରଫେସର ନାୟକ ଏହି ଖେଳାଳୀମାନଙ୍କୁ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଆହୁରି ଉତରୋତର ଉନ୍ନତି କାମନା କରିଛନ୍ତି ।

ସୋଆ ଦ୍ୱାରା ଏପରି ସମ୍ବର୍ଦ୍ଧନା ଏବଂ ଆର୍ଥିକ ପୁରସ୍କାର ପ୍ରଦାନ ସେମାନଙ୍କ ମନରେ ଆନନ୍ଦ ସୃଷ୍ଟି କରିଛି ବୋଲି ଖେଳାଳୀମାନେ କହିଛନ୍ତି । ଏଥି ନିମନ୍ତେ ଖେଳାଳୀ ଓ ତାଙ୍କ ମେଂଟର ପ୍ରଫେସର ନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

## ଖୋ ଖୋ'ରେ ବ୍ରୋଞ୍ଜ୍ ଜିତିଲେ ଦିଶାନ

ବୁର୍ଲା, ୨।୧୨(ସବ୍ୟୁ) : ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍), ଲକ୍ଷ୍ନୌ ସ୍ଥିତ ଟ୍ରଷ୍ଟ ଅଫ୍ ପିପୁଲ (ଟପ୍) ଏନଜିଓର ସହଭାଗୀତାରେ ପଶ୍ଚିମ ଓଡ଼ିଶାର ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରୋତ୍ସାହନକୁ ଦ୍ରୁତଗତିରେ ଅଗ୍ରସର କରୁଅଛି । ଏହି ପଦକ୍ଷପର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀ ତଥା ଯୁବପିଢ଼ିଙ୍କ ମଧ୍ୟରେ ଫିଟନେସ୍, ଶୃଙ୍ଖଳା ଏବଂ ଦଳଗତ କାର୍ଯ୍ୟର ସଂସ୍କୃତି ଗଠନ କରିବା । ଏହି ପ୍ରଚେଷ୍ଟାର ଅଂଶାସ୍ୱରୂପ ଟିପିଡବ୍ଲୁଓଡିଏଲ୍ ସମର୍ଥିତ ୭ ଜଣ ଯୁବ ଖେଳାଳି ଗତ ୨୩ ନଭେମ୍ବର ୨୦୨୫ ଦିନ ସୁନ୍ଦରଗଡ଼ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ସୁନ୍ଦରଗଡ଼ ଜିଲ୍ଲା ସ୍ତରୀୟ ଖୋ-ଖୋ



ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସେମାନେ ହେଲେ ଶୁଭମ ଖଡିଆ (୧୧), ପ୍ରିତି ମୁଣ୍ଡା (୧୫), ସନ୍ତୋଷିନୀ ମୁଣ୍ଡା (୧୪), ରୁଦ୍ର ଖଡିଆ (୧୩), ଦୀପକ ଡିଲା (୧୩), ସୋହନ କାଲୋ (୧୪) ଏବଂ ଦିଶାନ ବୁଢ଼ା (୧୪) । ତେବେ ସେମାନଙ୍କ ମଧ୍ୟରୁ ପୁରୀରେ ଅନୁଷ୍ଠିତ ହୋଇଥିବା ୧୩ ତମ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ଖୋ-ଖୋ ଚାମ୍ପିଅନସିପ ପାଇଁ ଦୁଇ ଜଣ ଖେଳାଳି ସନ୍ତୋଷିନୀ ମୁଣ୍ଡା ଏବଂ ଦିଶାନ ବୁଢା ଯୋଗ୍ୟତା ହାସଲ କରିଥିଲେ । ଯେଉଁଠାରେ ସୁନ୍ଦରଗଡ଼ ଜିଲ୍ଲା ନୂଆଡିହି ସ୍ଥିତ ଟଙ୍କଧର ହାଇସ୍କୁଲର ୯ମ ଶ୍ରେଣୀର ଛାତ୍ର ଦିଶାନ ବୁଢ଼ା ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି ।

ଏହି ସଫଳତାରେ ଖୁସି ବ୍ୟକ୍ତ କରି କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି ଯେ, "ଏହି ପଦକ କେବଳ ଛାତ୍ରଙ୍କ ପାଇଁ ନୁହେଁ ବରଂ ସମଗ୍ର ସୁନ୍ଦରଗଡ଼ ଜିଲ୍ଲା ପାଇଁ ଗର୍ବର ମୁହୂର୍ତ୍ତ । କମ୍ପାନୀ ତାର ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ କ୍ରୀଡ଼ା କ୍ଷେତ୍ରରେ ଗ୍ରାମୀଣ ପ୍ରତିଭାକୁ ଚିହ୍ନଟ ଏବଂ ପ୍ରୋତ୍ସାହିତ କରି ସେମାନଙ୍କୁ ଉଚ୍ଚ ମଞ୍ଚରେ ଉତ୍କର୍ଷ ହାସଲ କରିବାର ସମସ୍ତ ସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ।

# ପରିସ୍ଥିତି ଭଲ ନାହିଁ, ଯୋଜନା ବଦଳାଇଲା ବିସିସିଆଇ

ନୂଆଦିଲ୍ଲୀ, ୨।୧୨(ଏଜେନ୍ସି) : ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭବିଷ୍ୟତକୁ ନେଇ ଆଲୋଚନା, ଚର୍ଚ୍ଚା ଓ ଦ୍ୱନ୍ଦ୍ୱ ଲାଗି ରହିଛି । ଦ.ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳାକୁ ବିରାଟ ଓ ରୋହିତ ଫେରିବା ପରେ ଦୁହେଁ ୨୦୨୭ ବିଶ୍ୱକପ୍ ଯାଏଁ ଦଳରେ ରହିବେ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି । ଫର୍ମ ଓ ଫିଟନେସକୁ ଦେଖିଲେ ଉଭୟ ସବୁଠୁ ଶୀର୍ଷରେ ଅଛନ୍ତି । ଗତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ରୋହିତ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିଲେ । ସେହିଭଳି ଦ.ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ବିରାଟ ଶତକ ମାରି ମ୍ୟାନ ଅଫ୍ ଦ ମ୍ୟାଚ୍ ହୋଇଥିଲେ । ରୋହିତ ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ । ଏ ସବୁ ଭିତରେ ରୋହିତ ଓ କୋହଲିଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଜାରି ରହିଛି । ଏହା ଭିତରେ ବିରାଟ କୋହଲି ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ମଧ୍ୟରେ ସବୁକିଛି ଠିକ୍‌ଠାକ୍ ନାହିଁ ବୋଲି କୁହାଯାଉଛି । ବର୍ତ୍ତମାନ ଭାରତୀୟ ଦଳର ସ୍ଥିତି ଆଦୌ ଭଲ ନାହିଁ । କିଛି ରିପୋର୍ଟରେ କୁହାଯାଇଛି ବିସିସିଆଇର ବରିଷ୍ଠ ଅଧିକାରୀ ଓ ଭାରତୀୟ ଦଳ ମ୍ୟାନେଜମେଣ୍ଟ ମଧ୍ୟରେ ଦ୍ୱିତୀୟ ଦିନିକିଆ ବୈଠକ ବସିବ । ଏହି ବୈଠକରେ ଡ୍ରେସିଂ ରୁମ୍ ବିଭାଗ ସମ୍ପର୍କରେ ଆଲୋଚନା ହେବ । ବିରାଟ ଓ ରୋହିତଙ୍କ ଭବିଷ୍ୟତକୁ ନଜରରେ ରଖି ବିସିସିଆଇ ବଡ ନିଷ୍ପତ୍ତି ନେଇପାରେ । ବିରାଟ ଓ ଗମ୍ଭୀରଙ୍କ ମଧ୍ୟରେ ଚାଲିଥିବା ବିବାଦର ସମାଧାନ କରିବାକୁ ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଦାୟିତ୍ୱ ଦେଇଥିଲା । ଅଗରକର ମଧ୍ୟ ବିରାଟଙ୍କୁ ରାୟପୁର ଦିନିକିଆ ବେଳେ ଭେଟିବାର ଥିଲା । କିନ୍ତୁ ସ୍ଥିତି ଭଲ ନଥିବାରୁ ବିସିସିଆଇ ଯୋଜନା ବଦଳାଇଛି । ଅଗରକରଙ୍କ ବଦଳରେ ଅନ୍ୟତମ ଚୟନକର୍ତ୍ତା ପ୍ରଜ୍ଞାନ ଓଝାଙ୍କୁ ମଧ୍ୟସ୍ଥି କରିଛି ବିସିସିଆଇ । ରାୟପୁର ଯିବା ପୂର୍ବରୁ ଏୟାରପୋର୍ଟରେ ଓଝା ଓ କୋହଲି ବେଶ୍ ଗୁରୁତର ସହ କୌଣସି ପ୍ରଶଙ୍ଗରେ ଆଲୋଚନା କରୁଥିବାର ଭିଡିଓ ସାମ୍ନାକୁ ଆସିଛି । ସମ୍ଭବତଃ ଓଝା ପୂରା ବିବାଦ ପ୍ରସଙ୍ଗରେ ବିରାଟଙ୍କ ସହ କଥା ହୋଇଛନ୍ତି । ଆଉ ଏକ ଭିଡିଓ ରେ ଓଝା ଅନ୍ୟତମ ଭେଟେରାନ୍ ରୋହିତ ଶର୍ମାଙ୍କ ସହ କଥା ହେଉଥିବା ନଜର ଆସିଛନ୍ତି । ଏହି ଆଲୋଚନାରେ ବିରାଟ ନଥିଲେ । ଏହି ସବୁ ଭିଡିଓ ଭାରତୀୟ ଡ୍ରେସିଂ ରୁମରେ ସବୁକିଛି ଠିକ ନାହିଁ ଓ ବରିଷ୍ଠ ଖେଳାଳିଙ୍କ ସହ କୋଚଙ୍କ ସମ୍ପର୍କ ଭଲ ନଥିବା ସ୍ପଷ୍ଟ ହେଉଛି । ପ୍ରଥମ ଦିନିକିଆ ବେଳେ ରୋହିତ ଓ କୋହଲିଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା । ବିରାଟ କିନ୍ତୁ ଗମ୍ଭୀରଙ୍କୁ ଅଣଦେଖା କରୁଥିବା ଭିଡିଓ ସାମ୍ନାକୁ ଆସିଥିଲା ।

SALE FOR RESTAURANT
Immediate
Sale of running Restaurant
Located in District Centre
Chandrasekharpur, Bhubaneswar
Plot No.326/12400
Contact : 9937132242,9861062664
ରେଷ୍ଟୁରାଣ୍ଟ ବିକ୍ରୟ ହେବ
ଯୋଗାଯୋଗ : ୯୯୩୭୧୩୨୨୪୨ / ୯୮୬୧୦୬୨୬୬୪
ପ୍ଲଟ୍ ନଂ. ୩୨୬/୧୨୪୦୦
ଡିଷ୍ଟ୍ରିକ୍ଟ ସେଣ୍ଟର ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି